# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୯/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 19/2023 | Page 16 | ₹ 7.00

୪୯ଶ ଭାଗ ୩୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 353 | ମୂଲ୍ୟ ₹୭/-




## ଡୋପ୍ ଟେଷ୍ଟରେ ବିଫଳ ହେଲେ ନୀରଜ

ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସ ସ୍ୱର୍ଣ୍ଣ ବିଜେତା ନୀରଜ ଯାଦବ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି ।

୧୬

୧୦

## ସ୍ୱାମୀଙ୍କଠାରୁ କ୍ୟାଟ୍ରିନା ଅଧିକ ସମ୍ପତ୍ତିର ମାଲିକାଣୀ

ଅଭିନେତା ଭିକ୍କି କୌଶଳଙ୍କଠାରୁ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସମ୍ପତ୍ତି ଅଧିକ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି।



# ଡିସେମ୍ବର ୩୧ରେ ଅବସର ନେବେ ସୁନୀଲ ବଂଶଲ

### ଡିଜିପି ଦୌଡ଼ରେ ୭ ଆଇପିଏସ୍ ଅଫିସର



ସୁନୀଲ କୁମାର ବଂଶଲ

**ଭୁବନେଶ୍ୱର,୧୮।୧୧(ଅନିଲ ଦାସ)**

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲ ଡିସେମ୍ବର ୩୧ରେ ସରକାରୀ ଚାକିରିରୁ ଅବସର ନେବେ। ଏଥିପାଇଁ ରାଜ୍ୟ ସରକାର ତାଙ୍କୁ ଅନୁମତି ଦେଇଛନ୍ତି। ବଂଶଲଙ୍କ ଅବସର ଅନୁମତି ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାପରେ ରାଜ୍ୟରେ ନୂଆ ଡିଜିପି ନିଯୁକ୍ତି ପାଇବା ନେଇ ଚିତ୍ର ପ୍ରାୟତଃ ସ୍ପଷ୍ଟ ହୋଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**କେବଳ ନକଲ**

# ଆଜି ମହାମୁକାବିଲା

**ଅହମଦାବାଦ,୧୮।୧୧(ପି.ଟି.)**

ରବିବାର ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ। ସୁପର ସନ୍‌ଡେରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବ ମହାମୁକାବିଲା। ୫ ଥରର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ନିଜର ପୂର୍ବ ଐତିହ୍ୟ ପାଇଁ ଲଢେଇ କରୁଥିବା ବେଳେ ୨୦୦୩ ଦିନିକିଆ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ପାଇଁ ପଡିଆକୁ ଓହ୍ଲାଇବ ଭାରତ। ଅଷ୍ଟ୍ରେଲିଆ ଅଷ୍ଟମ ଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତର ଏହା ଚତୁର୍ଥ ପ୍ରୟାସ। ଭାରତୀୟ ଦଳରେ ଥିବା ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱିନ ପୂର୍ବରୁ ବିଶ୍ୱକପ୍ ଜିତି ସାରିଛନ୍ତି। ଅନ୍ୟ ସମସ୍ତ ଖେଳାଳିଙ୍କ ପାଇଁ ଏହା ଏକ ନୂତନ ଅଭିଜ୍ଞତା ହେବ। ଅନ୍ୟପକ୍ଷରେ ଅଧିନାୟକ ରୋହିତ ଶର୍ମା ଟି୨୦ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିଲେ ମଧ୍ୟ ଦିନିକିଆ ବିଶ୍ୱକପ୍‌ରେ ଏହା ତାଙ୍କର ପ୍ରଥମ ଫାଇନାଲ। ତେଣୁ ରବିବାର ଏକ ଚମତ୍କାର ଲଢେଇ ଦେଖିବାକୁ ମିଳିବ। ବାହ୍ୟ ଖବର ଦ୍ୱାରା ଭାରତୀୟ ଦଳ ପ୍ରଭାବିତ ହେଉ ନ ଥିବା ନେଇ



ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ପୂର୍ବରୁ ଅହମଦାବାଦରେ ଶନିବାର ଟ୍ରଫି ନିକଟରେ ଦୁଇ ଦଳର ଅଧିନାୟକ ରୋହିତ ଶର୍ମା ଓ ପ୍ୟାଟ୍ କୁମିନ୍ସ।

**ଦିନିକିଆ କ୍ରିକେଟ୍ ବିଶ୍ୱକପ୍**

**ଭାରତ ବନାମ ଅଷ୍ଟ୍ରେଲିଆ**

କହୁଥିଲେ ମଧ୍ୟ ରବିବାରର ଫାଇନାଲ ମୁକାବିଲାକୁ ନେଇ ଦଳ ଉପରେ ସାମାନ୍ୟ ଚାପ ରହିବ। ଭାରତରେ କ୍ରିକେଟରମାନଙ୍କୁ ସେଲିବ୍ରିଟି ଭାବେ ବିବେଚନା କରାଯାଉଥିବା ବେଳେ ୧୪୦ କୋଟି ଦେଶବାସୀଙ୍କ ଆଶା ଓ ଭରସାକୁ ବଜାୟ ରଖିବାକୁ ପ୍ରୟାସ କରିବ ରୋହିତ ଶର୍ମାଙ୍କ ଦଳ। ୧୯୮୩ରେ କପିଳ ଦେବ ଓ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ପରେ ତୃତୀୟ ଭାରତୀୟ ଅଧିନାୟକ ଭାବେ ରୋହିତ ଶର୍ମାଙ୍କ ନିକଟରେ ବିଶ୍ୱକପ୍ ଟ୍ରଫି ଉଠାଇବାର ସୁଯୋଗ ରହିଛି। ରୋହିତଙ୍କ ନେତୃତ୍ୱରେ ଭାରତ ୧୦ ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ବିଶ୍ୱକପ୍‌ରେ ସର୍ବାଧିକ କ୍ରମାଗତ ବିଜୟ ରେକର୍ଡ ଅଷ୍ଟ୍ରେଲିଆ(୨୦୦୩ ଓ ୨୦୦୭) ନାମରେ ରହିଛି। ରବିବାର ରୋହିତ ଏହି ରେକର୍ଡର ସମକକ୍ଷ ହେବାକୁ ପ୍ରୟାସ କରିବେ। ଏହାବ୍ୟତୀତ ଦିନିକିଆ କ୍ରିକେଟର ଲୋକପ୍ରିୟତା ହ୍ରାସ ପାଉଥିବା ବେଳେ ☞ପୃଷ୍ଠା–୪

# ଓପନ୍‌ଏଆଇ ସିଇଓ ପଦରୁ ସାମ୍ ଅଲ୍ଟମ୍ୟାନ୍ ବିଦା

### ମୀରା ମୂରତି ଅନ୍ତରୀଣ ମୁଖ୍ୟ



ସାମ୍ ଅଲ୍ଟମ୍ୟାନ୍



ମୀରା ମୂରତି

**ୱାଶିଂଟନ,୧୮।୧୧**

ଲୋକପ୍ରିୟ ଚାଟ୍‌ବୋଟ୍ ଚାଟ୍ ଜିପିଟିର ସ୍ରଷ୍ଟା ଓପନ୍‌ଏଆଇ ସିଇଓ ପଦରୁ ସାମ୍ ଅଲ୍ଟମ୍ୟାନ୍‌ଙ୍କୁ ବହିଷ୍କାର କରାଯାଇଛି। ଶୁକ୍ରବାର କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକ ବସି ଅଲ୍ଟମ୍ୟାନ୍‌ଙ୍କୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓପନ୍‌ଏଆଇର ମୁଖ୍ୟ ପ୍ରଯୁକ୍ତି ଅଫିସର ମୀରା ମୂରତିଙ୍କୁ ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତ କରାଯାଇଛି। ଏହି ଘୋଷଣାର କିଛି ଘଣ୍ଟା ପରେ କମ୍ପାନୀର ଅଧ୍ୟକ୍ଷ ତଥା ସହପ୍ରତିଷ୍ଠାତା ପଦରୁ ଗ୍ରେଗ୍ ବ୍ରୋକ୍‌ମ୍ୟାନ୍ ଇସ୍ତଫା ଦେଇଛନ୍ତି।

ଓପନ୍‌ଏଆଇ ପକ୍ଷରୁ ଏକ ବ୍ଲଗ୍‌ପୋଷ୍ଟରେ କୁହାଯାଇଛି, କମ୍ପାନୀର ପ୍ରତିଷ୍ଠା ଏବଂ ଅଭିବୃଦ୍ଧିରେ ଅଲ୍ଟମ୍ୟାନ୍‌ଙ୍କ ଅବଦାନ ପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ କମ୍ପାନୀ ଆଗକୁ ବଢୁଥିବାରୁ ନୂଆ ନେତୃତ୍ୱର ଆବଶ୍ୟକତା ଜରୁରୀ ବୋଲି ଆମେ ବିଶ୍ୱାସ କରୁଛୁ। କମ୍ପାନୀର ଗବେଷଣା, ଉତ୍ପାଦନ ଓ ନିରାପତ୍ତା କାର୍ଯ୍ୟରେ ନେତୃତ୍ୱ ନେଇଥିବା ମୀରାଙ୍କୁ ଅନ୍ତରୀଣ ସିଇଓ ଭୂମିକା ନେବା ପାଇଁ ଯଥେଷ୍ଟ ଯୋଗ୍ୟ ବୋଲି ଏଥିରେ କୁହାଯାଇଛି। ☞ପୃଷ୍ଠା–୪






ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)ର ତେଲଙ୍ଗାନା ବିଧାନ ପରିଷଦ ସଦସ୍ୟ କେ. କବିତା ଶନିବାର ଇଟିକ୍ୟାଲଠାରେ ଏକ ରୋଡ୍ ଶୋ'ରେ ଭାଗ ନେଇଥିବାବେଳେ ମୂର୍ଚ୍ଛା ଯାଇଥିଲେ। ଶରୀରରେ ଜଳୀୟ ଅଂଶ କମିଯିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ତାଙ୍କ ଟିମ୍ ପକ୍ଷରୁ କୁହାଯାଇଛି। ରୋଡ୍ ଶୋ' କିଛି ସମୟ ବନ୍ଦ ରହିବା ପରେ ପୁଣିଥରେ ଆରମ୍ଭ ହୋଇଥିଲା। ଆସନ୍ତା ୩୦ ତାରିଖରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ହେବାକୁ ଯାଉଛି।

## ସଂକ୍ଷେପରେ

### ଦୁର୍ଦ୍ଧର୍ଷ ଅପରାଧୀ ରଶିଦ୍ କାଲିଆ ନିହତ

**ଲକ୍ଷ୍ନୌ,୧୮।୧୧:** ଉତ୍ତରପ୍ରଦେଶର ଝାନ୍ସୀ ଜିଲାରେ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍ଟିଏଫ୍)ର ଏନ୍କାଉଣ୍ଟରରେ ଶନିବାର ସକାଳେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ରଶିଦ କାଲିଆ ନିହତ ହୋଇଛନ୍ତି। ତାଙ୍କ ବିରୋଧରେ ୪୦ଟି ହତ୍ୟା ମାମଲା, ହତ୍ୟା ଉଦ୍ୟମ, ଅପହରଣ, ଠକେଇ ଓ ଧମକ ଦେବା ଭଳି ମାମଲା ରହିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧,୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ସୁପାରି ନେଇ ହତ୍ୟା କରିବା ପାଇଁ ସେ ଝାନ୍ସିର ମୌରାନିପୁର ଆସିଥିବାବେଳେ ଏସ୍ଟିଏଫ୍ର ଅଧିକାରୀମାନେ ଉକ୍ତ ଅଞ୍ଚଳକୁ ଘେରାଉ କରଥିଲେ। ଗୁଳି ବିନିମୟ ବେଳେ ଆହତ କାଲିଆଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଶ୍ମୀରୱାଲା ସମ୍ପାଦକଙ୍କୁ ଜାମିନ


ଫହାଦ ଶାହ

**ଶ୍ରୀନଗର,୧୮।୧୧:** ଆତଙ୍କବାଦ ଷଡ଼ଯନ୍ତ୍ର ଅଭିଯୋଗରେ ଦି କଶ୍ମୀରୱାଲାର ସମ୍ପାଦକ ଫହାଦ ଶାହ ୨୧ ମାସ ଜେଲ୍ରେ ରହିବା ପରେ ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଅଣାଯାଇଥିବା ଅଧିକାଂଶ ଅଭିଯୋଗକୁ ଅଦାଲତ ଖାରଜ କରିଦେଇଛନ୍ତି। ଶାହଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନର ଧାରା ୧୮ (ଆତଙ୍କବାଦ ଷଡ଼ଯନ୍ତ୍ର), ଧାରା ୧୨୧(ଦେଶ ବିରୋଧରେ ଯୁଦ୍ଧ ଡାକରା) ସମେତ ଆଇପିସିର ଧାରା ୧୫୩ବି ଲଗାଯାଇଥିଲା। ଉଚ୍ଚ ଅଦାଲତ ସେଗୁଡ଼ିକୁ ଖାରଜ କରିଦେଇଛନ୍ତି। ତେବେ ଆଉ କେତେକ ଅଭିଯୋଗରେ ଶାହଙ୍କୁ ବିଚାରର ସମ୍ମୁଖୀନ ହେବାକୁପଡ଼ିବ ବୋଲି ତାଙ୍କ ଓକିଲ କହିଛନ୍ତି।

### ସୈନ୍ୟ ଫେରାଇନେବାକୁ ଭାରତକୁ କହିଲା ମାଳଦ୍ୱୀପ


ଡ. ମହମ୍ମଦ ମୁଇଜ୍ଜୁ

**ନୂଆଦିଲ୍ଲୀ,୧୮।୧୧:** ମାଳଦ୍ୱୀପରୁ ଭାରତ ଏହାର ସୈନ୍ୟଙ୍କୁ ପ୍ରତ୍ୟାହାର କରିନେବା ଲାଗି ସେଠାର ନୂଆ ସରକାର ଆନୁଷ୍ଠାନିକ ଭାବେ କହିଛି। ମାଳଦ୍ୱୀପ ରାଷ୍ଟ୍ରପତି ଡ. ମହମ୍ମଦ ମୁଇଜ୍ଜୁ ଭାରତର ଭୂବିଜ୍ଞାନ ମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ଭେଟିବା ଅବସରରେ ଏଭଳି ଅନୁରୋଧ କରିଛନ୍ତି। ଭାରତ ମହାସାଗର ଅଞ୍ଚଳରେ ମାଳଦ୍ୱୀପ ହେଉଛି ଭାରତର ଅନ୍ୟତମ ମୁଖ୍ୟ ସାମୁଦ୍ରିକ ପଡୋଶୀ। ଏହି ଦେଶ ସହ ଭାରତର ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ରହିଆସିଛି। ତେବେ ଏହି ଦ୍ୱୀପପୁଞ୍ଜରୁ ଭାରତୀୟ ସୈନ୍ୟଙ୍କୁ ହଟାଇବା ପାଇଁ ମୁଇଜ୍ଜୁ ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିଲେ। ଗତ ମାସରେ ହୋଇଥିବା ମାଳଦ୍ୱୀପ ନିର୍ବାଚନରେ ମୁଇଜ୍ଜୁ ପୂର୍ବତନ ରାଷ୍ଟ୍ରପତି ଇବ୍ରାହିମ୍ ସୋଲିହଙ୍କୁ ପରାସ୍ତ କରିଥିଲେ।



ଗାଜାରେ ତୁରନ୍ତ ଯୁଦ୍ଧ ବନ୍ଦ କରିବା ଦାବିରେ ୱାଶିଂଟନ୍ରେ ପାଲେଷ୍ଟିନୀୟ ସପକ୍ଷବାଦୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# କ୍ୟାଟ୍ କୋଭିଡ୍ ଭାରିଆଣ୍ଟ ବ୍ରିଟେନ୍ରୁ ଚିହ୍ନଟ

### ସାଇପ୍ରସ୍ରେ ୮ ହଜାର ବିରାଡ଼ି ମଲେଣି

**ଲଣ୍ଡନ,୧୮।୧୧**

ସାଇପ୍ରସ୍ରେ ୮ ହଜାର ବିରାଡ଼ି ଜୀବନ ନେଇଥିବା କୋଭିଡ୍ର ଏକ ନୂଆ ଭାରିଆଣ୍ଟ ଏବେ ବ୍ରିଟେନ୍ରେ ଚିହ୍ନଟ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହା କୋଭିଡ୍ର ଅତ୍ୟନ୍ତ ସଂକ୍ରାମକ ଭାରିଆଣ୍ଟ। ଏକ ଭୂମଧ୍ୟସାଗରୀୟ ଦ୍ୱୀପରୁ ଏହି ଭୂତାଣୁ ବିରାଡ଼ି ଜରିଆରେ ବ୍ରିଟେନ୍ରେ ପ୍ରବେଶ କରିଛି। ବିରାଡ଼ି ସଦୃଶ ଏକ ପ୍ରାଣୀକୁ ପରୀକ୍ଷା କରାଯିବା ପରେ ତାହା ଉକ୍ତ ଭୂତାଣୁରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ତା'ଠାରେ କେତେକ ଭିନ୍ନ ଲକ୍ଷଣ ଦେଖାଦେଇଛି।



କୋଭିଡ୍ର ଏହି ନୂଆ ଭାରିଆଣ୍ଟକୁ ବୈଜ୍ଞାନିକମାନେ ଏଫ୍-କୋଭ୍-୨୩ ଭାବେ ନାମିତ କରିଛନ୍ତି। ଏହାର ସଂକ୍ରମଣରେ ବିରାଡ଼ିଙ୍କଠାରେ ତରଳ ଝାଡ଼ା, ଥକ୍କାପଣ ଦେଖାଯାଇଥାଏ। ତେବେ ଅଧିକାଂଶ ବିରାଡ଼ିଠାରେ ଆଦୌ ଲକ୍ଷଣ ଦେଖାଯାଉ ନ ଥିବାରୁ ଚିକିତ୍ସା କଷ୍ଟକର ହେଉଥିବା କୁହାଯାଇଛି।

# ଅଲ୍ ଶିଫା ହସ୍ପିଟାଲ ଖାଲିହେଲା

**ଖାନ୍ ୟୁନିସ୍,୧୮।୧୧**

ଇସ୍ରାଏଲ୍ ସୈନ୍ୟଙ୍କ ଦଖଲରେ ଥିବା ଗାଜାର ସର୍ବବୃହତ୍ ହସ୍ପିଟାଲ ଅଲ୍-ଶିଫାରୁ ରୋଗୀ, ମେଡିକାଲ କର୍ମଚାରୀ ଓ ସେଠାରେ ଆଶ୍ରୟ ନେଇଥିବା ଲୋକମାନେ ପଳାୟନ କରିଛନ୍ତି। ଘଣ୍ଟାଏ ମଧ୍ୟରେ ହସ୍ପିଟାଲ ଖାଲି କରିବାକୁ ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଥିଲା ବୋଲି ପାଲେଷ୍ଟିନୀୟ ଅଧିକାରୀମାନେ କହୁଥିବାବେଳେ ଏହାକୁ ଜେରୁଜେଲମ୍ ଖଣ୍ଡନ କରିଛି। ଶନିବାର ସକାଳେ ଇସ୍ରାଏଲ୍ ସେନା ହସ୍ପିଟାଲ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲା ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି। ତେବେ ଯେଉଁମାନେ ହସ୍ପିଟାଲ ଛାଡ଼ିବାକୁ ଆଶା କରୁଛନ୍ତି ସେମାନଙ୍କୁ ନିରାପଦରେ ପଳାଇଯିବା ପାଇଁ ସୁଯୋଗ ଦିଆଯାଇଥିଲା ବୋଲି ସେନା କହିଛି। ସେଠାରେ ଗୁରୁତର ରୋଗୀଙ୍କଠାରୁ ଆରମ୍ଭ କରି ହଜାର ହଜାର ଲୋକ ରହିଥିଲେ।

ଗାଜା ଷ୍ଟ୍ରିପ୍ରେ ଦୀର୍ଘଦିନ ଟେଲି ଯୋଗାଯୋଗ ବନ୍ଦ ରହିବା ପରେ ଶନିବାର ଇଣ୍ଟରନେଟ୍ ଓ ଫୋନ୍ ସେବା ଆଂଶିକ କାର୍ଯ୍ୟକ୍ଷମ ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବାରୁ ଗାଜାକୁ ମାନବୀୟ ସହାୟତା ପହଞ୍ଚାଇବା ବନ୍ଦ ହୋଇଯାଇଥିଲା। ପୂର୍ବରୁ ଗାଜାର ସାଧାରଣ ନାଗରିକମାନଙ୍କୁ ଉତ୍ତର ଗାଜା ଛାଡ଼ି ପଳାଇଯିବାକୁ ଇସ୍ରାଏଲ୍ ସୈନ୍ୟବାହିନୀ ପକ୍ଷରୁ କୁହାଯାଇଥିଲା। ଏବେ ଦକ୍ଷିଣ ଭାଗରେ ମଧ୍ୟ ଇସ୍ରାଏଲ୍ ଆକାଶମାର୍ଗରୁ ବୋମାବର୍ଷଣ କରୁଛି। ଉତ୍ତର ଭାଗରେ ଆକ୍ରମଣ ଜାରି ରହିଥିବାବେଳେ ଏବେ ଦକ୍ଷିଣ ଗାଜାରେ ଆକ୍ରମଣ ଆରମ୍ଭ ହୋଇଯାଇଛି। ଅଲ୍-ଶିଫା ହସ୍ପିଟାଲକୁ ହମାସ୍ ଆତଙ୍କବାଦୀମାନେ କମାଣ୍ଡ ସେଣ୍ଟର ଭାବେ ବ୍ୟବହାର କରୁଥିଲେ ବୋଲି ଇସ୍ରାଏଲ୍ ଦାବି କରିଆସିବା ସହ ସେଠାରେ ଆତଙ୍କବାଦୀଙ୍କୁ ଖୋଜିବା କାର୍ଯ୍ୟ ଜାରି ରଖିଛି।

ଯୁଦ୍ଧକୁ ୭ ସପ୍ତାହ ହୋଇଥିବାବେଳେ ଏଥିରେ ୧୧,୪୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା ଓ ଛୋଟ ପିଲା। ଅନ୍ୟ ୨,୭୦୦ ଲୋକ ନିଖୋଜ ଅଛନ୍ତି। ସେମାନେ ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳେ ରହିଯାଇଥିବା ବିଶ୍ୱାସ କରାଯାଉଛି। ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୪୦ ଜଣଙ୍କୁ ପଣବନ୍ଦୀ କରିନେଇଯାଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା।


ଜଣେ ପାଲେଷ୍ଟିନୀୟ ତାଙ୍କ ଶିଶୁକୁ ଧରି ଉତ୍ତର ଗାଜାରୁ ଦକ୍ଷିଣକୁ ପଳାୟନ କରୁଛନ୍ତି।

## ଦକ୍ଷିଣ ଗାଜାରେ ଆକ୍ରମଣ: ୩୨ ନିହତ

ଇସ୍ରାଏଲ୍ ସୈନ୍ୟ ଉତ୍ତର ଗାଜାରେ ଆକ୍ରମଣ ଜାରି ରଖିଥିବାବେଳେ ଦକ୍ଷିଣ ଭାଗରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଶନିବାର ଦକ୍ଷିଣ ଗାଜାରେ ଇସ୍ରାଏଲ୍ର ଏୟାର ଷ୍ଟ୍ରାଇକ୍ରେ ୩୨ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏବେ ଦକ୍ଷିଣ ଗାଜାରେ ଥିବା ହମାସ୍ ଆଡ୍ଡାସ୍ଥଳ ଉପରେ ଆକ୍ରମଣ ହେବାକୁ ଥିବାରୁ ପାଲେଷ୍ଟିନୀୟମାନଙ୍କୁ ଅନ୍ୟତ୍ର ପଳାଇଯିବାକୁ କୁହାଯାଉଛି। ତେଣୁ ଯେଉଁ ଲକ୍ଷ ଲକ୍ଷ ପାଲେଷ୍ଟିନୀୟ ଉତ୍ତର ଗାଜା ଛାଡ଼ି ଦକ୍ଷିଣକୁ ଯାଇଥିଲେ, ସେମାନେ ପୁନର୍ବାର ପୂର୍ବ ସ୍ଥାନକୁ ଫେରିବାକୁ ବାଧ ହେବେ। ଅକ୍ଟୋବର ୭ ଆକ୍ରମଣ ପରେ ହମାସ୍ ଆତଙ୍କବାଦୀଙ୍କୁ ମୂଳପୋଛ କରିବାକୁ ଇସ୍ରାଏଲ୍ ସଂକଳ୍ପ ନେଇଛି।

## ଲେବାନନ୍ର ଆଲୁମିନିୟମ ପ୍ଲାଣ୍ଟ ଉପରେ ଇସ୍ରାଏଲ୍ର କ୍ଷେପଣାସ୍ତ୍ର ମାଡ଼

**ବେରୁଟ୍,୧୮।୧୧**

ଦକ୍ଷିଣ ଲେବାନନ୍ର ନାବାଟିୟେ ସହରରେ ଥିବା ଆଲୁମିନିୟମ୍ କାରଖାନା ଉପରେ ଶନିବାର ଭୋର ସମୟରେ ଏକ ଇସ୍ରାଏଲୀ ଡ୍ରୋନ୍ରୁ ଦୁଇଟି କ୍ଷେପଣାସ୍ତ୍ର ମାଡ଼ ହୋଇଛି। ଫଳରେ କାରଖାନା ପରିସରରେ ନିଆଁ ଲାଗିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨୦୦୬ରେ ଇସ୍ରାଏଲ୍ ଏବଂ ଲେବାନନ୍ର ଆତଙ୍କବାଦୀ ସଂଗଠନ ହେଜବୋଲ୍ଲା ମଧ୍ୟରେ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଇସ୍ରାଏଲ୍ ଉକ୍ତ ଅଞ୍ଚଳ ଉପରେ ଆକ୍ରମଣ କରିଛି। ମିଶାଇଲ ମାଡ଼ ଜନିତ କ୍ଷୟକ୍ଷତିର ସବିଶେଷ ତଥ୍ୟ ଦିଆଯାଇ ନାହିଁ। ତେବେ ଇସ୍ରାଏଲୀ ସେନା ହେଜବୋଲ୍ଲା ସଦସ୍ୟଙ୍କୁ ଟାର୍ଗେଟ କରୁଥିବା କୁହାଯାଇଛି। ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ପରେ ହେଜ୍ବୋଲ୍ଲା ଲେବାନନ୍ ସୀମାରୁ ଇସ୍ରାଏଲୀ ଘାଟିଗୁଡ଼ିକ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହାର ଜବାବରେ ଇସ୍ରାଏଲ୍ ଲେବାନନ୍ରେ ପଶି ଶେଲିଂ ଓ ଏୟାର ଷ୍ଟ୍ରାଇକ୍ କରିଆସୁଛି।

## ତାମିଲନାଡୁ ରାଜ୍ୟପାଳ ଫେରାଇଥିବା ବିଲ୍ ପୁଣି ଗୃହୀତ


ଏମ୍.କେ. ଷ୍ଟାଲିନ୍

**ଚେନ୍ନାଇ,୧୮।୧୧**

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଫେରାଇ ଦେଇଥିବା ୧୦ଟି ବିଲ୍ ରାଜ୍ୟ ବିଧାନସଭାରେ ଶନିବାର ପୁନର୍ବାର ଗୃହୀତ ହୋଇଛି। ଗତ ୧୩ ତାରିଖରେ ରାଜ୍ୟପାଳ କୌଣସି କାରଣ ନ ଦର୍ଶାଇ ବିଲ୍ଗୁଡ଼ିକୁ ଅନୁମୋଦନ ନ କରି ଫେରାଇଦେବା ପରେ ବାଚସ୍ପତି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ଉକ୍ତ ଅଧିବେଶନରେ ଆଇନ, କୃଷି, ଉଚ୍ଚଶିକ୍ଷା ଆଦି ବିଭାଗର ବିଲ୍ଗୁଡ଼ିକ ଗୃହୀତ ହୋଇଯାଇଛି। ତେବେ ଅଧିବେଶନ ଚାଲିଥିବାବେଳେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍କେ ଏବଂ ଭାଜପା କକ୍ଷତ୍ୟାଗ କରିଥିଲେ। ଅଧିବେଶନ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗୃହରେ ପୂର୍ବରୁ ଗୃହୀତ ହୋଇଥିବା ୧୦ଟି ବିଲ୍ ଉପରେ ପୁନର୍ବିଚାର ପାଇଁ ପ୍ରସ୍ତାବ ଆଣିଥିଲେ। ଉକ୍ତ ବିଲ୍ ମଧ୍ୟରୁ ୨ଟି ୨୦୨୦ରେ ଏବଂ ଅନ୍ୟ ଦୁଇଟି ଚଳିତ ବର୍ଷ ଗୃହୀତ ହୋଇଥିବାବେଳେ ୬ଟି ବିଲ୍ ଗତବର୍ଷ ବିଧାନସଭାରେ ପାରିତ ହୋଇଥିଲା।

## ୟୁପିରେ ହଲାଲ୍-ସାର୍ଟିଫାଏଡ୍ ଉତ୍ପାଦ ନିଷିଦ୍ଧ

**ଲକ୍ଷ୍ନୌ,୧୮।୧୧**

ଉତ୍ତରପ୍ରଦେଶ ସରକାର ହଲାଲ୍ ଟ୍ୟାଗ୍ ଥିବା ଖାଦ୍ୟ ସାମଗ୍ରୀ ବିକ୍ରିକୁ ଶନିବାର ବେଆଇନ ଘୋଷଣା କରିଛନ୍ତି। ଏହି ଘୋଷଣାନାମା ତତ୍କାଳ ଲାଗୁ ହୋଇଛି। ଏଭଳି ଖାଦ୍ୟ ସାମଗ୍ରୀର ଉତ୍ପାଦନ, ଷ୍ଟୋରେଜ୍, ଯୋଗାଣ ଓ ବିକ୍ରି ଉପରେ ନିଷେଧାଦେଶ ଜାରି ହେଲା ବୋଲି ଖାଦ୍ୟ ଆୟୋଗ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ହଲାଲ୍ ସାର୍ଟିଫିକେଟଯୁକ୍ତ ଖାଦ୍ୟ ସାମଗ୍ରୀକୁ ରପ୍ତାନି କରାଯାଇପାରିବ। ଖାଦ୍ୟ ସାମଗ୍ରୀର ହଲାଲ ସାର୍ଟିଫିକେଶନ ହେଉଛି ଏକ ସମାନ୍ତରାଳ ବ୍ୟବସ୍ଥା ଯାହା ଖାଦ୍ୟ ସାମଗ୍ରୀଗୁଡ଼ିକର ମାନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ଖାଦ୍ୟ ସୁରକ୍ଷା ଓ ମାନଦଣ୍ଡ ଆଇନର ଧାରା ୮୯ ଅନୁଯାୟୀ ଏହା ଗ୍ରହଣୀୟ ନୁହେଁ। ଜାଲ୍ ହଲାଲ ସାର୍ଟିଫିକେଟ୍ ବଳରେ ବିକ୍ରି ବଢ଼ାଇବା ପାଇଁ ଲୋକଙ୍କ ଧର୍ମୀୟ ଭାବାବେଗର ଲାଭ ଉଠାଯାଉଥିବା ଅଭିଯୋଗରେ ପୋଲିସ ଏକ କମ୍ପାନୀ ଓ କେତେକ ସଂଗଠନ ବିରୋଧରେ ମାମଲା ରୁଜୁ କରିବା ପରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ହଲାଲ ଇଣ୍ଡିଆ ପ୍ରା.ଲିଃ ଚେନ୍ନାଇ, ଜମାଏତ୍ ଉଲମା-ଇ-ହିନ୍ଦ୍ ହଲାଲ ଟ୍ରଷ୍ଟ ଦିଲ୍ଲୀ, ହଲାଲ କାଉନସିଲ୍ ଅଫ୍ ଇଣ୍ଡିଆ ମୁମ୍ବାଇ, ଜମାଏତ୍ ଉଲମା ମହାରାଷ୍ଟ୍ର ଓ ଅନ୍ୟ କେତେକ ସଂଗଠନ ବିରୋଧରେ ମାମଲା ରୁଜୁ ହୋଇଛି।

## ଲୋକ ସଭାରେ ୭୧୩ ପ୍ରାଇଭେଟ୍ ମେମ୍ବର୍ସ ବିଲ୍

**ନୂଆଦିଲ୍ଲୀ,୧୮।୧୧(ପି.ଟି.)**

ଲୋକ ସଭାରେ ୭୦୦ରୁ ଅଧିକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ବିତର୍କ ଅପେକ୍ଷାରେ ପଡ଼ିରହିଛି। ସେଥିରୁ ଅଧିକାଂଶ ବିଲ୍ରେ ଦଣ୍ଡ ବ୍ୟବସ୍ଥା ଏବଂ ନିର୍ବାଚନୀ ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି। ଅଧିକାଂଶ ବିଲ୍ ୨୦୧୯ ଜୁନ୍ରେ ଆଗତ ହୋଇଥିବାବେଳେ ଗତ ଅଗଷ୍ଟରେ ଅନୁଷ୍ଠିତ ମୌସୁମୀ ଅଧିବେଶନ ବେଳେ କେତେକ ଉପସ୍ଥାପନ କରାଯାଇଥିଲା। ଏମ୍ପିମାନେ ସେମାନଙ୍କ ବ୍ୟକ୍ତିଗତ କ୍ଷମତା ବଳରେ ପ୍ରାଇଭେଟ୍ ମେମ୍ବର ବିଲ୍ ଆଣିଥାନ୍ତି। ଶୁକ୍ରବାର ଜାରି ହୋଇଥିବା ଲୋକ ସଭା ବୁଲେଟିନ୍ ଅନୁଯାୟୀ ପାର୍ଲାମେଣ୍ଟ ନିମ୍ନ ସଦନରେ ୭୧୩ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ପଡ଼ିରହିଛି।

## ବିଶାଳ ରକେଟ ଲଞ୍ଚ୍ କଲା ସ୍ପେସ୍ଏକ୍ସ

**ୱାଶିଂଟନ,୧୮।୧୧**

ଆମେରିକାର ଘରୋଇ ମହାକାଶ ସଂସ୍ଥା ସ୍ପେସ୍ଏକ୍ସ ଶନିବାର ଏହାର ବିଶାଳ ରକେଟ୍ ଷ୍ଟାର୍ଶିପ୍କୁ ମହାକାଶକୁ ପଠାଇଛି। ଏଲନ୍ ମସ୍କଙ୍କ କମ୍ପାନୀର ଏହା ଥିଲା ଦ୍ୱିତୀୟ ଉତ୍କ୍ଷେପଣ। ଗତ ଏପ୍ରିଲରେ ପ୍ରଥମ ପରୀକ୍ଷା ବେଳେ ଷ୍ଟାର୍ଶିପ୍ରେ ବିସ୍ଫୋରଣ ହୋଇଥିଲା। ଉକ୍ତ ରକେଟ ଚନ୍ଦ୍ର ଓ ଏହା ବାହାରକୁ ମାନବ ପ୍ରେରଣ କରିପାରିବ। ଶନିବାର ଏହା ମହାକାଶରେ ପହଞ୍ଚିବାର ୮ ମିନିଟ୍ ପରେ ସାଉଥ୍ ଟେକ୍ସାସ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତେଣୁ ରକେଟ୍ ଉତ୍କ୍ଷେପଣ ବିଫଳ ହେଲା ବୋଲି ସ୍ପେସ୍ଏକ୍ସ ଘୋଷଣା କରିଛି। ରକେଟ୍କୁ ପୃଥିବୀ କୈନ୍ଦ୍ରିକ ପଥରେ ରଖିବା ପାଇଁ ଇଞ୍ଜିନ ଫାୟାର କରାଗଲା ବେଳେ ସମସ୍ୟା ଦେଖାଦେଇଥିଲା। ୪୦୦ ଫୁଟ୍ ଲମ୍ବ ବିଶିଷ୍ଟ ଷ୍ଟାର୍ଶିପ୍ ବର୍ତ୍ତମାନ ସୁଦ୍ଧା ନିର୍ମିତ ସର୍ବବୃହତ୍ ଓ ସବୁଠୁ ଶକ୍ତିଶାଳୀ ରକେଟ୍।



## ବିଦେଶରେ ବନ୍ଦର ନେଟ୍ୱର୍କ ବଢ଼ାଉଛି ଚାଇନା

**ନୂଆଦିଲ୍ଲୀ,୧୮।୧୧**

ଚାଇନା ଏହାର ଆର୍ଥିକ କ୍ଷମତା ବୃଦ୍ଧି ସହ ନୌସାମର୍ଥ୍ୟର ଉପସ୍ଥିତି ବଢ଼ାଇବା ପାଇଁ ବିଭିନ୍ନ ଦେଶରେ ବାଣିଜ୍ୟିକ ବନ୍ଦରର ଏକ ବିଶାଳ ନେଟ୍ୱର୍କ ଦ୍ରୁତ ଗତିରେ ନିର୍ମାଣ କରିଚାଲିଛି। ଦରିଆପାରି ବନ୍ଦରଗୁଡ଼ିକ ଉପରେ ଚାଇନାର ନିୟନ୍ତ୍ରଣକୁ ଚିହ୍ନଟ କରିଥିବା ଏକ ରିପୋର୍ଟ କାଉନ୍ସିଲ୍ ଅନ୍ ଫରେନ୍ ରିଲେଶନ୍ସ (ସିଏଫ୍ଆର୍) ପ୍ରକାଶ କରିଛି। ସେଥିରୁ କେତେକ ବନ୍ଦରରେ ନୌସେନା ଘାଟିକୁ ଦ୍ୱିଗୁଣିତ କରିବା ସାମର୍ଥ୍ୟ ରହିଛି। ଆଣ୍ଟାର୍କଟିକାକୁ ବାଦ୍ ଦେଲେ ପ୍ରତି ମହାଦେଶରେ ବେଜିଂ ଅନ୍ୟୂନ ଗୋଟିଏ ବନ୍ଦର ପରିଚାଳନା କରୁଛି କିମ୍ବା ଏହାର ମାଲିକାନାରେ ରହିଛି। ଗତ ସେପ୍ଟେମ୍ବରରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଚାଇନା ୧୦୧ଟି ବନ୍ଦର ପ୍ରକଳ୍ପ ସହ ସମ୍ପୃକ୍ତ ରହିଛି। ସେଥିରୁ ବର୍ତ୍ତମାନ ୯୨ଟି କାର୍ଯ୍ୟକ୍ଷମ ରହିଛି। ୨୦୧୩ରେ ଚାଇନା ଏହାର ମହତ୍ତ୍ୱାକାଂକ୍ଷୀ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ଆରମ୍ଭ କରିବା ପରେ ବନ୍ଦର ନେଟ୍ୱର୍କ ବଢ଼ାଇଚାଲିଛି। ବେଜିଂ ଏପର୍ଯ୍ୟନ୍ତ ୬୬ଟି ଦେଶ ଓ ଅଞ୍ଚଳ ସହ ୭୦ଟି ଦ୍ୱିପାକ୍ଷିକ ଏବଂ ଆଞ୍ଚଳିକ ଜାହାଜ ଚଳାଚଳ ଚୁକ୍ତିନାମା ସ୍ୱାକ୍ଷର କରିଛି। ଆମେରିକା ଭଳି ଚାଇନା ନୌସେନା ସୁପରପାୱାର ହୋଇ ନ ଥିଲେ ମଧ୍ୟ ଏକ ବ୍ୟବସାୟିକ ମହାଶକ୍ତି ହେବା ଉପରେ ଗୁରୁତ୍ୱ ଦେଉଛି। ତେବେ ଏହି ଦରିଆପାରି ବନ୍ଦର ମଧ୍ୟରୁ କେତେକକୁ ବେଜିଂ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରିପାରେ କି ବୋଲି ପ୍ରଶ୍ନ ଉଠିଛି।



## ସୁଡ଼ଙ୍ଗରେ ପହଞ୍ଚିବାକୁ ଅନ୍ୟତ୍ର ଡ୍ରିଲିଂ ଯୋଜନା

**ଉତ୍ତରକାଶୀ,୧୮।୧୧:** ଉତ୍ତରାଖଣ୍ଡର ଉତ୍ତରକାଶୀରେ ଥିବା ସିଲ୍କ୍ୟାରା ସୁଡ଼ଙ୍ଗ ଭୁଶୁଡ଼ି ଏହା ତଳେ ୪୧ ଶ୍ରମିକ ୭ ଦିନ ହେଲା ଫସିରହିଥିବାବେଳେ ଉଦ୍ଧାର କାର୍ଯ୍ୟ ବିଶେଷ ଅଗ୍ରଗତି କରିପାରୁ ନାହିଁ। ଫଳରେ ଶ୍ରମିକ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଶୁକ୍ରବାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ପ୍ରଚଣ୍ଡ ଶବ୍ଦ ଶୁଣିବାରୁ କାମ ବନ୍ଦ କରିଥିଲେ। ପରେ ଖନନ କାର୍ଯ୍ୟରେ ନିୟୋଜିତ ଥିବା ଆମେରିକା ନିର୍ମିତ ଔଗେର ମେଶିନରେ ତ୍ରୁଟି ଦେଖାଦେବାରୁ କାମ ପୁଣିଥରେ ସ୍ଥଗିତ ରହିଥିଲା। ମଧ୍ୟପ୍ରଦେଶର ଇନ୍ଦୋରରୁ ଆଉ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଡ୍ରିଲିଂ ମେଶିନକୁ ବାୟୁସେନା ବିମାନ ଯୋଗେ ଅଣାଯିବା ପରେ ଶନିବାର ପୁଣିଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ସୁଡ଼ଙ୍ଗ ଭିତରେ ୪୦ ଶ୍ରମିକ ଫସିଥିବା ପୂର୍ବରୁ କୁହାଯାଉଥିବାବେଳେ ବିହାର ମୁଜାଫରପୁର ଜିଲାର ଅନ୍ୟ ଜଣେ ଶ୍ରମିକ ଦୀପକ କୁମାର ମଧ୍ୟ ସେମାନଙ୍କ ସହ ରହିଥିବା ଜଣାପଡ଼ିଛି। ସୁଡ଼ଙ୍ଗର ୬୦ ମିଟର ଭିତରେ ଶ୍ରମିକମାନେ ରହିଥିବାବେଳେ ଶୁକ୍ରବାର ଅପରାହ୍ନ ସୁଦ୍ଧା ୨୪ ମିଟର ପର୍ଯ୍ୟନ୍ତ ପାଇପ୍ ଭର୍ତ୍ତି କରାଯାଇଥିଲା। ଶ୍ରମିକମାନଙ୍କ ପାଖରେ ଶୀଘ୍ର ପହଞ୍ଚିବା ପାଇଁ ଭୂଲମ୍ବରେ ଆଉ ଏକ ଡ୍ରିଲିଂ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପାହାଡ଼ ଶୀର୍ଷରୁ ଏହି ଖନନ କରିବାକୁ ଯୋଜନା ହେଉଛି। ସୀମାନ୍ତ ସଡ଼କ ସଂଗଠନ (ବିଆର୍ଓ) ରବିବାର ଅପରାହ୍ନ ସୁଦ୍ଧା ସୁଡ଼ଙ୍ଗ ସ୍ଥଳକୁ ଏକ ବିକଳ୍ପ ରାସ୍ତା ନିର୍ମାଣ କରିବ ବୋଲି ଆଶା କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ବସି ବିଭିନ୍ନ ଯୋଜନା ସମ୍ପର୍କରେ ବିଚାର ବିମର୍ଶ କରାଯାଇଥିଲା। ଉପଯୁକ୍ତ ଉଦ୍ୟମ ଦ୍ୱାରା ୪/୫ ଦିନ ମଧ୍ୟରେ ଭଲ ଫଳାଫଳ ମିଳିବ ବୋଲି ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ଉପଦେଷ୍ଟା ତଥା ବର୍ତ୍ତମାନ ଉତ୍ତରାଖଣ୍ଡ ସରକାରଙ୍କ ଓଏସ୍ଡି ଭାସ୍କର ଖୁଲ୍ବେ କହିଛନ୍ତି।





ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱତନ୍ତ୍ର କୋଶଲ ରାଜ୍ୟ ସମର୍ଥକମାନେ ପ୍ରତିବାଦ ସଭାରେ ବସିଛନ୍ତି।

# 'କୋଶଲ' ଦାବିରେ ୧୨ ଘଣ୍ଟା ବନ୍ଦ

## ୮ ଜିଲାରେ ଜୀବନଯାତ୍ରା ବ୍ୟାହତ

- ବନ୍ଦବେଳେ ବଲାଙ୍ଗୀରରେ ଭଙ୍ଗାରୁଜା, ୮ ଅଟକ
- ସମ୍ବଲପୁର, ଦେବଗଡ଼ ଜିଲାରେ ବନ୍ଦର ପ୍ରଭାବ ନାହିଁ

ବରଗଡ଼/ବଲାଙ୍ଗୀର/ସୋନପୁର/ନୂଆପଡ଼ା/ଭବାନୀପାଟଣା/ବୌଦ୍ଧ/ସୁନ୍ଦରଗଡ଼, ୧୮।୧୧ (ପ୍ରେମାନନ୍ଦ ଖମାରୀ/ବୀରେନ୍ଦ୍ର ଝାଙ୍କର/ ମୃତ୍ୟୁଞ୍ଜୟ ଶତପଥୀ/ମକାରୁ ବେମାଲ/ ଉତ୍ତମ କୁମାର ଦାଶ/ଅଜିତ୍ କୁମାର ବାରିକ/ ଜୟନାରାୟଣ ମେଣ୍ଡୁଲି)

ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ଦାବିରେ ଶନିବାର ଆହୂତ ୧୨ ଘଣ୍ଟିଆ ବନ୍ଦ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଦେବଗଡ଼ ଜିଲା ବ୍ୟତୀତ ଅନ୍ୟ ୮ଟି ଜିଲାରେ ଅନୁଭୂତ ହୋଇଛି। କୋଶଲ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନକୁ ଲୋକଙ୍କ ସମର୍ଥନ ମିଳିଛି। କୋଶଲ ରାଜ୍ୟ ଗଠନକୁ ନେଇ ହୀରାଖଣ୍ଡ ସାମ୍ମୁଖ୍ୟର ଅସହମତି ପରେ ସମ୍ବଲପୁରରେ ବନ୍ଦର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା। ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଏହିସବୁ ଜିଲାରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯାଇଥିଲା। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। କୋଶଲ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ସକାଳ ୬ଟାରୁ ବିଭିନ୍ନ ସ୍ଥାନରେ ପିକେଟିଂ, ସଭା, ଶୋଭାଯାତ୍ରା କରିଥିଲେ। ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର କୋଶଲ ରାଜ୍ୟ ଦାବିକୁ ସେମାନେ ଯଥାର୍ଥ ବୋଲି କହିଥିଲେ। ଏହାକୁ ସରକାର ତୁରନ୍ତ ପୂରଣ କରିବା ଉଚିତ ବୋଲି ଧାରଣା ସଭାରେ ଆନ୍ଦୋଳନକାରୀ ଦାବି କରିଥିଲେ।

ବନ୍ଦର ପ୍ରଭାବ ବରଗଡ଼ ଜିଲାର ଗାଁଠାରୁ ସହର ସବୁଆଡ଼େ ପଡ଼ିଥିଲା। ସକାଳ ୬ରୁ ଦୋକାନ, ବଜାରକୁ ଲୋକେ ସ୍ୱତଃସ୍ଫୂର୍ତ୍ତ ବନ୍ଦ କରିଦେଇଥିଲେ। ସରକାରୀ, ବେସରକାରୀ ଦପ୍ତର, ସ୍କୁଲ, କଲେଜ ମଧ୍ୟ ବନ୍ଦ ରହିଥିଲା। ବଲାଙ୍ଗୀର ଜିଲା ସଦର ମହକୁମା ସମେତ ସହରାଞ୍ଚଳ ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି, ତୁଷରା, ସମସ୍ତ ୧୪ ବ୍ଲକ୍ ମହକୁମା ଓ ଗ୍ରାମାଞ୍ଚଳରେ କୋଶଲ ମହାବନ୍ଦର ତାତି ଅନୁଭୂତ ହୋଇଥିଲା। ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭା ଏବଂ ବିକ୍ଷୋଭ ସମାବେଶରେ ଶତାଧିକ କୋଶଲବାଦୀ ସଙ୍ଗଠନ, ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ସଙ୍ଗଠନ, ଜାତି ସମାଜ ଏବଂ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଆନ୍ଦୋଳନକାରୀ ବଲାଙ୍ଗୀର ପଞ୍ଚାୟତ ସାଧନ କେନ୍ଦ୍ରରେ ଚାଲିଥିବା ଏକ ଟ୍ରେନିଂ କାର୍ଯ୍ୟକ୍ରମକୁ ବିରୋଧକରି ଭଙ୍ଗାରୁଜା କରିଥିଲେ। ଡେଲିମାର୍କେଟ ଏବଂ ଟିକ୍ରାପଡ଼ା ରେଳଷ୍ଟେଶନ ରାସ୍ତାରେ ଖୋଲାଥିବା କେତେଜଣ ଦୋକାନୀଙ୍କୁ ଆନ୍ଦୋଳନକାରୀ ଧମକ ଦେଇଥିଲେ। ଏହାସହିତ ଲିଟିଲ୍ ଫ୍ଲାୱାର ସ୍କୁଲ, ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଭଙ୍ଗାରୁଜା କରିଥିଲେ। ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ୮ ଆନ୍ଦୋଳନକାରୀଙ୍କୁ ଟାଉନ୍ ଥାନାକୁ ଆଣି ଅଟକ ରଖିଥିଲା। ସେମାନଙ୍କୁ ରଖାଯିବା ଖବର ପ୍ରଚାରିତ ହେବା ପରେ ଅନ୍ୟ ଆନ୍ଦୋଳନକାରୀ ଟାଉନ୍ ଥାନା ସମ୍ମୁଖକୁ ଆସି ନାରାବାଜି କରିଥିଲେ। ଏସ୍‌ଡିପିଓ ତୋଫାନ୍ ବାଗ ଏବଂ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ଘେରିଯାଇ ତୁରନ୍ତ ଆନ୍ଦୋଳନକାରୀଙ୍କୁ ଛାଡ଼ିଦେବା ପାଇଁ କହିଥିଲେ। କିଛି ସମୟ ପରେ ସମସ୍ତ ୮ ଜଣ ଅଟକ ଆନ୍ଦୋଳନକାରୀଙ୍କୁ ଛାଡି ଦିଆଯାଇଥିଲା।

ମହାବନ୍ଦ ପ୍ରଭାବରେ ସୁବର୍ଣ୍ଣପୁର ଜିଲା ସଦର ମହକୁମା ସମେତ ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି, ବିନିକା ଓ ତରଭା ଅଞ୍ଚଳରେ ଅନୁଭୂତ ହୋଇଥିଲା। କୋଶଲ ମୁକ୍ତିମୋର୍ଚ୍ଚା ରାଜ୍ୟ ସଭାପତି ସାଗର ଦାସଙ୍କ ନିର୍ଦ୍ଦେଶରେ କୋମନାଠାରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶାହରୁଖ ଖାନ୍ ଓ ପାଶା ମହାନନ୍ଦଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ନୂଆପଡ଼ାରେ କେଶବ ବେହେରାଙ୍କ ନେତୃତ୍ୱରେ ଶତାଧିକ କୋଶଳ କର୍ମୀ ଜିଲା ସଦର ମହକୁମାକୁ ବନ୍ଦ କରିଥିଲେ। କଳାହାଣ୍ଡି ଜିଲାର ଭବାନୀପାଟଣା, କେସିଙ୍ଗା, ଧର୍ମଗଡ଼, ନର୍ଲା, ଥୁଆମୂଳ ରାମପୁର, କର୍ଲାମୁଣ୍ଡା ଆଦି ବ୍ଲକରେ ଦୋକାନବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଅନେକ ସ୍ଥାନରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ରାସ୍ତା ଅବରୋଧ କରିଥିଲେ। ରାଜ୍ୟ କୋଶଳ ମୁକ୍ତିମୋର୍ଚ୍ଚାର ସଭାପତି ସାଗର ଚରଣ ଦାସଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ବୌଦ୍ଧ ସହର, ବୌଦ୍ଧ ବ୍ଲକ ଓ କଣ୍ଟାମାଳ ବ୍ଲକରେ ବନ୍ଦ ସଫଳ ହୋଇଥିବା ବେଳେ ହରଭଙ୍ଗା ବ୍ଲକରେ ବନ୍ଦର ପ୍ରଭାବ ଆଦୌ ପଡ଼ି ନ ଥିଲା। ବୌଦ୍ଧ ସହରରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଦୋକାନବଜାର, ବିଦ୍ୟାଳୟ, ସରକାରୀ ଅନୁଷ୍ଠାନ, ବ୍ୟାଙ୍କଗୁଡ଼ିକ ବନ୍ଦ ରହିଥିବା ବେଳେ କୋର୍ଟକାର୍ଯ୍ୟ ସ୍ୱାଭାବିକ ରହିଥିଲା।

ସୁନ୍ଦରଗଡ଼ ରାଜ୍ୟ ରାଜପଥର ପତ୍ରାପାଲି ଛକରେ କୋଶଳ ସମାଜ ସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା। କୋଶଳ ସମାଜର ମହିଳା ସଚିବ ପଦ୍ମା ଦେବୀ, ସାବିତ୍ରୀ ପଟେଲ, ସଂକୀର୍ତ୍ତନ କେର୍‌କେଟା, ସଦାନନ୍ଦ ପ୍ରଧାନ, ଗୀତା ସେଠ୍, ଅନିଲ ସିଂ ପ୍ରମୁଖ ଏଥିରେ ସାମିଲ ଥିଲେ। ଇବ୍ ସେତୁଠାରେ କୋଶଲ ରାଜ୍ୟ ସମନ୍ୱୟ ସମିତି ଏବଂ କୋଶଳ କ୍ରାନ୍ତି ଦଳ ପକ୍ଷରୁ ଜିଲା ସଂଗଠକ ଅଶୋକ ନାଏକ, ଅର୍ଜୁନ ପଟେଲ, ରୁନୁ ନାଏକ, ଅମିତ ନାଏକ, ଯଦୁମଣି ପଟେଲ, ହରି ମାଝି ପ୍ରମୁଖ ରାସ୍ତାରୋକୋ କରିଥିଲେ।

# ବଲାଙ୍ଗୀରରେ ହେବ ୨ ନଦୀଗର୍ଭ ଜଳାଶୟ

- ଅନୁମୋଦନ ଦେଲେ ମୁଖ୍ୟମନ୍ତ୍ରୀ
- ଖର୍ଚ୍ଚ ହେବ ୨୯୬.୫୦ କୋଟି

ଭୁବନେଶ୍ୱର,୧୮।୧୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲା ପାଇଁ ୨ ନଦୀଗର୍ଭ ଜଳାଶୟ ପ୍ରକଳ୍ପ (ରିଭର ଇନ୍‌ଷ୍ଟ୍ରିମ୍ ପ୍ରୋଜେକ୍ଟ)କୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୨୯୬.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ୨ ପ୍ରକଳ୍ପ ହେଲା ସୁନଗଡ଼ ନଦୀରେ ସିକୁଆଁ/ସିଲେଟକଣି ନଦୀଗର୍ଭ ଜଳାଶୟ ଏବଂ ଅଙ୍ଗ ନଦୀରେ କୁଟସିଙ୍ଘା ନଦୀଗର୍ଭ ଜଳାଶୟ। ସିକୁଆଁ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୪୯ କୋଟି ଏବଂ କୁଟସିଙ୍ଘା ପ୍ରକଳ୍ପ ପାଇଁ ୨୪୭.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବଲାଙ୍ଗୀର ଜିଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଏହି ୨ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୪ ବ୍ଲକର ଲୋକେ ଉପକୃତ ହେବେ। ଭୂତଳ ଜଳ ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛଚାଷ, ପଶୁପାଳନ ଆଦି କ୍ଷେତ୍ରରେ ବିଶେଷ ସୁଫଳ ମିଳିବ। ସିକୁଆଁ ପ୍ରକଳ୍ପ ଦ୍ୱାରା ଦେଓଗାଁ ଓ ବଲାଙ୍ଗୀର ବ୍ଲକର ଜନସାଧାରଣ ଏବଂ କୁଟସିଙ୍ଘା ପ୍ରକଳ୍ପ ଦ୍ୱାରା ଡୁଙ୍ଗୁରିପାଲି ଓ ଆଗଲପୁର ବ୍ଲକର ଲୋକେ ଉପକାର ପାଇବେ।

# ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ଉଦ୍‌ଘାଟିତ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଜଳସମ୍ପଦ ବିଭାଗରେ ଓଡ଼ିଶା ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର (ଓଡ଼ିଶା ଷ୍ଟେଟ୍ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର)ର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏବଂ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ପାଣିପାଗ ତଥ୍ୟର ବିଶ୍ଳେଷଣ ହେବ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟ ଜଳସମ୍ପଦ ବିଭାଗରେ ଓଡ଼ିଶା ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର(ଓଡ଼ିଶା ଷ୍ଟେଟ୍ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର)ର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଜଳସମ୍ପଦର ସୁପରିଚାଳନା ପାଇଁ ପାଣିପାଗଜନିତ ତଥ୍ୟର ବୈଜ୍ଞାନିକ ବିଶ୍ଳେଷଣ କରାଯିବ। ବର୍ଷା, ନଦୀଜଳ ଓ ଜଳାଶୟଗୁଡ଼ିକର ଜଳଧାରଣ କ୍ଷମତାର ଠିକ୍ ସମୟାନୁକ୍ରମିକ ତଥ୍ୟ ସଂଗ୍ରହ କରାଯାଇ ଏହାର ବୈଜ୍ଞାନିକ ବିଶ୍ଳେଷଣ କରାଯିବ। ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ଦ୍ୱାରା ଜଳସମ୍ପଦ ବିଭାଗର ଦକ୍ଷତା ଯଥେଷ୍ଟ ପରିମାଣରେ ବୃଦ୍ଧିପାଇବ। ରାଜ୍ୟ ଜଳବିଜ୍ଞାନ କେନ୍ଦ୍ରର ପରିଚାଳନା, ବିଭାଗର ତୃଣମୂଳ ସ୍ତର ତଥା ଆନ୍ତଃ ବିଭାଗୀୟ ସମନ୍ୱୟ ରକ୍ଷା, ବନ୍ୟା ବିପର୍ଯ୍ୟୟ ସମୟରେ ୨୪ ଘଣ୍ଟିଆ ତଦାରଖ ଓ ନିର୍ଦ୍ଦେଶନା କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସମନ୍ୱିତ ନିର୍ଦ୍ଦେଶ ନିୟନ୍ତ୍ରଣ କେନ୍ଦ୍ର (ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର) ମଧ୍ୟ ଗଠନ କରାଯାଇଛି। ଜଳସମ୍ପଦ ବିଭାଗର ସୂଚନା ଓ ଜଳବିଜ୍ଞାନରେ ବିଶେଷ ରୁଚି ରଖିଥିବା ଯନ୍ତ୍ରୀମାନେ ଏଥିରେ ନିୟୋଜିତ ହୋଇଛନ୍ତି। ଜଳସମ୍ପଦ ବିଭାଗ(ରାଜୀବ ଭବନ)ର ୮ମ ମହଲାରେ ଆନୁଷଙ୍ଗିକ ସୁବିଧା ସହ ଏହି ତଥ୍ୟ କେନ୍ଦ୍ର ଅବସ୍ଥାପିତ ହୋଇଛି। ସୂଚନାଯୋଗ୍ୟ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ପାଇଁ ଜଳସମ୍ପଦର ବିକାଶ ସହିତ ଜଳ ସୁପରିଚାଳନାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି। ୫-ଟି ଉପକ୍ରମର ପ୍ରୟୋଗରେ ଜଳସମ୍ପଦ ବିଭାଗ ଏହି ଆହ୍ୱାନକୁ ମୁକାବିଲା କରିବାକୁ ଅନେକାଂଶରେ ସକ୍ଷମ ହୋଇପାରିଛି।

ଦୈନନ୍ଦିନ ଏବଂ ବର୍ଷାଋତୁରେ ଘଣ୍ଟା ପ୍ରତି ସଂଗୃହୀତ ଏହି ତଥ୍ୟ ସମୂହରୁ ଜଳଉତ୍ସଗୁଡ଼ିକର ମୂଲ୍ୟାଙ୍କନ, ବର୍ଷା ପୂର୍ବାନୁମାନ, ବର୍ଷାଜନିତ ବିପର୍ଯ୍ୟୟ ପରିଚାଳନା, କୃଷି ପାଇଁ କେନାଲ ମାଧ୍ୟମରେ ଜଳ ଯୋଗାଣ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଜଳଭଣ୍ଡାରଗୁଡ଼ିକର ପରିଚାଳନା ଆଦି କାର୍ଯ୍ୟ ଏହି ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ମାଧ୍ୟମରେ କରାଯିବ। ଏହାଛଡ଼ା କୃଷି ଓ କୃଷକ ସଶକ୍ତୀକରଣ,ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆଦି ଆନ୍ତଃ ବିଭାଗୀୟ ବ୍ୟବହାର ଓ ବିଶ୍ଳେଷଣ ପାଇଁ ଜଳବିଜ୍ଞାନ କେନ୍ଦ୍ରରୁ ତଥ୍ୟ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ ଏବଂ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ତାମିଲନାଡୁରେ କୋରାପୁଟ ଯୁବକଙ୍କ ମୃତ୍ୟୁ

ଦଶମନ୍ତପୁର,୧୮।୧୧( ଅରବିନ୍ଦ ନାୟକ): ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡ଼ା ପଞ୍ଚାୟତ ମାଛରାଝୋଲାଗୁଡା ଗ୍ରାମର ଟିମ୍ପୁ ମାଝୀ (୨୨)ଙ୍କ ମୃତ୍ୟୁ ଘଟିଛି। ଟିମ୍ପୁ ଗତ ୧୬ ତାରିଖରେ କାମରୁ ଆସି କେତେଜଣ ସାଙ୍ଗଙ୍କ ସହ ଖାଇସାରି ଶୋଇଥିଲେ। ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ତାଙ୍କ ନିକଟରେ ରହୁଥିବା ପଡୋଶୀ ଗ୍ରାମର ଜଣେ ଯୁବକ ଦଶମନ୍ତପୁରର ମାଛରାଝୋଲାଗୁଡାରେ ରହୁଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ଟିମ୍ପୁଙ୍କ କେଉଁ କାରଣରୁ ମୃତ୍ୟୁ ହୋଇଛି ତାର କାରଣ ସ୍ପଷ୍ଟ ହୋଇନାହିଁ।

DADLS-53



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ
(ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ)
ତାରିଖ: ୧୯.୧୧.୨୦୨୩ ସ୍ଥାନ: ଜୟଦେବ ଭବନ
କାର୍ଯ୍ୟକ୍ରମ: ସନ୍ଧ୍ୟା ୬.୦୦ ଘଟିକା - ସାଧାରଣ ସଭା
ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା
ମାନ୍ୟବର ମନ୍ତ୍ରୀ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ
ସମ୍ମାନନୀୟ ଅତିଥି:
ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ
ମାନ୍ୟବର ବିଧାୟକ (ଜଟଣୀ) ତଥା ସଭାପତି,
ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱର
ମୁଖ୍ୟବକ୍ତା:
ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର
ବିଶିଷ୍ଟ ଶିକ୍ଷାବିତ୍
ବିଶିଷ୍ଟ ପାଲା ଗାୟକ ଶ୍ରୀଯୁକ୍ତ ଖଗେଶ୍ୱର ମାର୍ଥା ଏବଂ ସାଥୀଙ୍କ ଦ୍ୱାରା
ଜାତୀୟ ସଂହତି ଉପରେ ଆଧାରିତ ପାଲା ପରିବେଷଣ
କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର
ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
OIPR-15001/13/0196/2324

DADLS - 52
Government of Odisha
iitf 2023
ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୩
ଓଡ଼ିଶା ରାଜ୍ୟ ଦିବସ ସମାରୋହ
୧୯ ନଭେମ୍ବର | ସମୟ: ଅପରାହ୍ନ ୩.୦୦ରୁ ୪.୩୦
ଆମ୍ଫିଥିଏଟର-୧, ପ୍ରଗତି ମଇଦାନ, ନୂଆଦିଲ୍ଲୀ
ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ
ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ସୂଚନା ଓ ଲୋକସମ୍ପର୍କ, ଓଡ଼ିଶା ସରକାର
ସଦୟ ଉପସ୍ଥିତି
ଶ୍ରୀ ମାନସ ରଞ୍ଜନ ମଙ୍ଗରାଜ
ମାନ୍ୟବର ସାଂସଦ
ଶ୍ରୀ ସଞ୍ଜୟ କୁମାର ସିଂ, ଆଇ.ଏ.ଏସ୍.
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଡ. ଲେନିନ୍ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ
କସ୍ତୁରୀ ମହାପାତ୍ର
ସମ୍ପାଦିକା, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'
ସାଂସ୍କୃତିକ କାର୍ଯ୍ୟକ୍ରମ


ଓଡ଼ିଶୀ ନୃତ୍ୟ
ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର


ବିର୍ଲି ନୃତ୍ୟ
ଆଦର୍ଶ ଆଦିବାସୀ ନୃତ୍ୟ କଳା
ସୋରିଷପଦର, ବୈପାରିଗୁଡା
କୋରାପୁଟ


ଡାଲଖାଇ ନୃତ୍ୟ
ବଉଳ ଝୁପା ସାଂସ୍କୃତିକ ଅନୁଷ୍ଠାନ
ବରଗଡ଼


ଭକ୍ତି ସଙ୍ଗୀତ ପରିବେଷଣ
ଅଭିଲିପ୍ସା ପଣ୍ଡା, ଓଡ଼ିଶା
ପ୍ରସିଦ୍ଧ 'ହରହର ଶମ୍ଭୁ'ର ଗାୟିକା

ସମାରୋହରେ ଯୋଗଦେବା ପାଇଁ ସାଦର ଆମନ୍ତ୍ରଣ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/13/0195/2324

**ଆଜିର ମନ୍ତବ୍ୟ**

ଧନୀଙ୍କୁ ଅଧିକ ଧନୀ ଏବଂ ଗରିବଙ୍କୁ ଅଧିକ ଗରିବ କରାଇବା ଦିଗରେ ଭାଜପା କାମ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେ ଉଦ୍ୟମ କଲେ ମଧ୍ୟ ରାଜସ୍ଥାନରେ କଂଗ୍ରେସ କ୍ଷମତା ବଜାୟ ରଖିବ । **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି ତେଲ ଗଲେ ମିଳି,**
**ପିଡ଼ିଆକୁ ଦେଲେ ଅଲଗା କରି।**

ତେଲ ସାଙ୍ଗରେ ପିଡ଼ିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲିସଫା କରିବାହାର କରେ, ସେତେବେଳେ ପିଡ଼ିଆ ଅଲଗା ହୋଇଯାଏ। ପରୋକ୍ଷରେ ସଭା, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ, ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡରକିଲା କୁଆ।**
**ଶହେ ବରଷ ଜିଏଁ।**

ଯିଏ ଯେତେ ସତର୍କ ସିଏ ସେତେ ବିପଦମୁକ୍ତ। ହୁସିଆର ବା ସାବଧାନ ସହକାରେ ଚଳୁଥିବା ବ୍ୟକ୍ତି ସହଜରେ କୌଣସି ବିପଦରେ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜି ଆଇସିସି ବିଶ୍ୱକପ ଫାଇନାଲ




# ମୁଣ୍ଡ, ହାତ ନ ଥିବା ଶିଶୁ ଜନ୍ମ



ଠାକୁରମୁଣ୍ଡା,୧୮।୧୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଜଣେ ଗର୍ଭବତୀ ୨ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି। ଜନ୍ମିତ ଶିଶୁଙ୍କ ମଧ୍ୟରୁ ଗୋଟିଏ ଶିଶୁ କନ୍ୟାର ମୁଣ୍ଡ ଓ ଗୋଡ଼ ନ ଥିବା ଦେଖାଯାଇଛି। ଖବର ପ୍ରଚାର ପରେ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସୀମାନ୍ତ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ପଣସଡ଼ିହା ପଞ୍ଚାୟତ ରାଉତ ମୁଦୟାଙ୍କ ସ୍ତ୍ରୀ ସଦୁଗାମଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ତାଙ୍କୁ ଡାକ୍ତରଖାନା ଆଣିବା ବାଟରେ ଆମ୍ବୁଲାନ୍ସରେ ଗୋଟିଏ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ପରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦିନ ପ୍ରାୟ ୪.୧୫ ମିନିଟ୍ ସମୟରେ ମୃତ ଅବସ୍ଥାରେ ଆଉ ଏକ ମୁଣ୍ଡ ହାତ ନ ଥିବା ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ସୁଦଗାମଙ୍କ ଏହା ୪ ର୍ଥ ଗର୍ଭରୁ ୨ ଶିଶୁ ଜନ୍ମଲାଭ କରିଥିବା ଜଣାପଡ଼ିଛି। ଅନ୍ୟ ଶିଶୁର ଅବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ତାଙ୍କର ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ମଡ୍ୟୁଲାର ଓଟି

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୧୧(ଅସମାପିକା ସାହୁ)

ପିଜିଆଇଏମ୍ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲରେ ରାଜ୍ୟର ପ୍ରଥମ ଅତ୍ୟାଧୁନିକ ମଡ୍ୟୁଲାର ଅପରେଶନ ଥିଏଟର (ଓଟି) କମ୍ପ୍ଲେକ୍ସ ସ୍ଥାପନ କରାଯାଇଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିଛନ୍ତି। ଗୁରୁତର ରୋଗୀ ଏଠାରେ ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ବୋଲି ସେ କହିଛନ୍ତି। ମଡ୍ୟୁଲାର ଓଟିରେ ଅତ୍ୟାଧୁନିକ ଚିକିତ୍ସା ସରଞ୍ଜାମର ବ୍ୟବସ୍ଥା ରହିଛି। ଏକା ସାଙ୍ଗରେ ୮ ଜଣଙ୍କର ଅସ୍ତ୍ରୋପଚାର ହୋଇପାରିବ। ଏହି ଓଟି ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି ୧୬.୭୬ କୋଟି ଟଙ୍କା। ରାଜ୍ୟ ସରକାର ୧୫.୩୪ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ବିମାନବନ୍ଦର ପ୍ରାଧିକରଣ ଔଦୋଗୀୟ ସାମାଜିକ କର୍ତ୍ତବ୍ୟ ପାଣ୍ଠିରୁ ୧.୪୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ୧ ମହଲାବିଶିଷ୍ଟ ଏହି କୋଠାରେ ୮ଟି ଗୃହ ରହିଛି। ଏଥିମଧ୍ୟରୁ ୫ଟି ଗୃହରେ ଓଟିର ବ୍ୟବସ୍ଥା ରହିଥିବାବେଳେ ବାକି ଦୁଇଟିରେ ରୋଗୀଙ୍କ ପାଇଁ ଶଯ୍ୟା ରହିଛି। ଏବେ ଜଟିଳ ଅସ୍ତ୍ରୋପଚାର ପାଇଁ ଆସୁଥିବା ରୋଗୀଙ୍କୁ ଆଉ ଅନ୍ୟ ହସ୍ପିଟାଲକୁ ରେଫର କରାଯିବ ନାହିଁ। ଏହାଦ୍ୱାରା ରେଫେରାଲ ସଂଖ୍ୟା ମଧ୍ୟ ହ୍ରାସ ପାଇବ। ବିଶେଷ କରି ଅସ୍ଥିଶଲ୍ୟ ଓ ହୃଦରୋଗ ବିଭାଗର ଅସ୍ତ୍ରୋପଚାର ସୁବିଧାରେ ହୋଇପାରିବା ସହ ସାଧାରଣ ରୋଗୀ ଅଧିକରୁ ଅଧିକ ଉପକୃତ ହୋଇପାରିବେ। ଓଟି ଉଦ୍‌ଘାଟନ ଉତ୍ସବରେ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ୍, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ଓ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ପରେ ମଡ୍ୟୁଲାର ଓଟି କମ୍ପ୍ଲେକ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାହାଙ୍ଗା ଡବଲ ମର୍ଡର: ପ୍ରତାପ ଜେନାଙ୍କ ଶୁଣାଣି ଘୁଞ୍ଚିଲା

ମାହାଙ୍ଗା/ନିଶ୍ଚିନ୍ତକୋଇଲି,୧୮।୧୧
(ଯଯାତି ସିଂ/ଅଶୋକ ମହାପାତ୍ର)

ସାଲେପୁର ଜେଏମ୍ଏଫ୍ସି (ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ)ରେ ମାହାଙ୍ଗା ଡବଲ ମର୍ଡର ମାମଲାର ଶୁଣାଣି ଶନିବାର ଘୁଞ୍ଚିଛି। ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବା ଦର୍ଶାଇ ବିଧାୟକ ପ୍ରତାପ ଜେନାଙ୍କ ଓକିଲ ଅଧିକ ସମୟ ମାଗିଛନ୍ତି। ସିଆର୍‌ପିସି ୨୦୫ ଓ ପ୍ରତିପକ୍ଷଙ୍କ ୨୧୦ ଆବେଦନ ଆଧାରରେ ପ୍ରତାପଙ୍କ ବ୍ୟକ୍ତିଗତ ହାଜିରା ଉପରେ ଶୁଣାଣି ହେବାର ଥିଲା। ଏହି ମାମଲାରେ ବିଧାୟକ ଜେନାଙ୍କୁ ହତ୍ୟା ଅଭିଯୁକ୍ତ ଭାବେ ମାମଲା ଚାଲୁ ରଖିବାକୁ ସାଲେପୁର ଜେଏମ୍ଏଫ୍ସି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରିକି ତାଙ୍କୁ ଅକ୍ଟୋବର ୩୧ ସୁଦ୍ଧା ବ୍ୟକ୍ତିଗତଭାବେ କୋର୍ଟରେ ହାଜିର ହେବା ପାଇଁ ସମନ ଜାରି କରିଥିଲେ। ଏହାପରେ ବିଧାୟକ ଜେନାଙ୍କ ଅଡୁଆ ବଢ଼ିଥିଲା। ସେ ଅସୁସ୍ଥତା ଥିବା ଦର୍ଶାଇ କୋର୍ଟରେ ହାଜର ନ ହୋଇ ନିଜର ଓକିଲଙ୍କ ସହାୟତାରେ ୨ ସପ୍ତାହ ପାଇଁ ସାଲେପୁର ଜେଏମ୍ଏଫ୍ସି କୋର୍ଟକୁ ସମୟ ମାଗିଥିଲେ। ଏଥିସହ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

# ବିଧାୟକଙ୍କ ମାତୃ ବିୟୋଗ

ବାରିପଦା,୧୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ସୀତାମଣି ସୋରେନ

ମୟୂରଭଞ୍ଜ ଜିଲା ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ମା' ସୀତାମଣି ସୋରେନ(୮୦)ଙ୍କ ଶନିବାର ଅପରାହ୍ନରେ ନିଜ ବାସଭବନ ନୟାବ୍ରଜନନ୍ଦନପୁର ଠାରେ ପରଲୋକ ହୋଇଛି। କିଛିଦିନ ତଳେ ବାସଭବନରେ ତାଙ୍କର ମୁଣ୍ଡ ବୁଲାବାରୁ ପଡ଼ିଯାଇ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଘରକୁ ଫେରିବାର ତିନିଦିନ ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆଜି ମହାମୁକାବିଲା...

ଭାରତୀୟ ଦଳ ଟ୍ରଫି ଜିତିବା ଦ୍ୱାରା ଏହାକୁ ପୁନର୍ବାର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇବାରେ ସାହାଯ୍ୟ କରିବ।

ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଚଳିତ ବିଶ୍ୱକପ୍‌ରେ ସମ୍ମୁଖ ଭାଗରୁ ଆକ୍ରମଣ କରିଛନ୍ତି। ୧୨୪ର ଷ୍ଟ୍ରାଇକରେଟ୍ ସହିତ ସେ ୫୫୦ ରନ୍ ସ୍କୋର କରିଥିବାବେଳେ କୋହଲି ସ୍କୋର କରିଛନ୍ତି ୭୧୧ ରନ୍। ଉଭୟ ଖେଳାଳି ଭାରତ ପାଇଁ ରନ୍ ମେଶିନ ରହିଛନ୍ତି। ଡେଙ୍ଗୁରୁ ଆରୋଗ୍ୟ ଲାଭ କରିଥିବା ଶୁବମନ ଗିଲ୍ ଚମତ୍କାର ଫର୍ମରେ ରହିଛନ୍ତି। ଶର୍ଟବଲ ଦୁର୍ବଳତାକୁ ଦୂରେଇ ଫାଇନାଲ ମ୍ୟାଚ୍ ପୂର୍ବରୁ ଲଗାତର ଦୁଇଟି ଶତକ ହାସଲ କରିଛନ୍ତି ଶ୍ରେୟସ ଆୟର। ତେବେ ଭାରତୀୟ ମଧ୍ୟକ୍ରମକୁ ସବୁଠାରୁ ଅଧିକ ଦୃଢ଼ କରୁଛି ଲୋକେଶ ରାହୁଲଙ୍କ ଉପସ୍ଥିତି। ତେବେ ଦଳର ଟ୍ରମ୍ପକାର୍ଡ ରହିଛନ୍ତି ମହମ୍ମଦ ଶାମି। ଅମରୋହା ଏକ୍ସପ୍ରେସ୍ ନାମରେ ପରିଚିତ ଏହି ସ୍ପିଡ୍‌ଷ୍ଟର ଜଣକ ୬ ମ୍ୟାଚରୁ ୨୩ ଉଇକେଟ ନେଇଛନ୍ତି। ଏହାବ୍ୟତୀତ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ମଧ୍ୟ ବଲ୍ ଜରିଆରେ ଉପଯୋଗୀ ଅବଦାନ ଦେବାରେ ସମର୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ଭାରତ ପରି ବିପଜ୍ଜନକ ମନେହେଉନାହିଁ। ତେବେ ବଡ ଟୁର୍ନାମେଣ୍ଟରେ ଏହାର ପୂର୍ବ ପ୍ରଦର୍ଶନ ଓ ଦଳର ଲଢୁଆ ମନୋଭାବ ହିଁ ଏହାକୁ ଅଧିକ ବିପଜ୍ଜନକ ଭାବେ ପ୍ରତିପାଦିତ କରୁଛି। ବଡ ମ୍ୟାଚ୍‌ରେ ପ୍ରଦର୍ଶନ କରିବାର କଳାରେ ଅଷ୍ଟ୍ରେଲିଆର ଖେଳାଳିମାନେ ସିଦ୍ଧହସ୍ତ। ଏହା ସହିତ ପ୍ରଥମ ଲିଗ୍ ମ୍ୟାଚରେ ବିରାଟ କୋହଲିଙ୍କ କ୍ୟାଚ୍ ଡ୍ରପ୍ କରିବାରୁ ମ୍ୟାଚ୍ ହାରିଥିବା ନେଇ ସ୍ୱୀକାର କରିଛନ୍ତି ଅଧିନାୟକ ପ୍ୟାଟ କମିନ୍ସ। ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମାନ ଭୁଲ ଦୋହରାଇବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ ୩୦ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ଏକ ଗର୍ବର ବିଷୟ। ଭାରତକୁ ଅଧିକ ସମର୍ଥନ ମିଳିବ । ତେବେ ଏହା ପୂର୍ବରୁ ଭାରତରେ ଆମେ ଏକ ଦିନିକିଆ ସିରିଜ ଜିତିଥିଲୁ ବୋଲି କମିନ୍ସ କହିଛନ୍ତି। ଦଳରେ ଏକାଧିକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳ ନିକଟରେ ଆଡାମ ଜାମ୍ପାଙ୍କୁ ବାଦ୍ ଦେଲେ ଭଲ ସ୍ପିନର ନାହାନ୍ତି। ଫାଇନାଲ ପାଇଁ ଯଦି ସ୍ପିନିଂ ଟ୍ରାକ୍ ରୁହେ ତେବେ ଅଷ୍ଟ୍ରେଲିଆ ପଛରେ ପଡିବାର ସମ୍ଭାବନା ଅଧିକ।

## ଓପନ୍‌ଏଆଇ ସିଇଓ ପଦରୁ ...

୨୦୧୫ରେ ଆରମ୍ଭ ହୋଇଥିବା ଓପନ୍‌ଏଆଇ ୨୦୨୨ ନଭେମ୍ବର ୩୦ରେ ଚାଟ୍‌ଜିପିଟି ଶୁଭାରମ୍ଭ କରିଥିଲା। ଏହି ଚାଟ୍‌ବୋଟ୍ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ସଫ୍ଟୱେର ଆପ୍ଲିକେଶନରେ ପରିଣତ ହୋଇଛି।

### ଅଲ୍ଟମ୍ୟାନ୍ ବହିଷ୍କୃତ ହେଲେ କାହିଁକି?

ବୋର୍ଡ ଜାଣିଶୁଣି ଏକ ସମୀକ୍ଷା ପ୍ରକ୍ରିୟା ଜରିଆରେ ଅଲ୍ଟମ୍ୟାନ୍‌ଙ୍କୁ ଓପନ୍‌ଏଆଇରୁ ବହିଷ୍କାର କରିଥିବା କୁହାଯାଉଛି। ବୋର୍ଡ ସହ ତାଙ୍କର ସମ୍ପର୍କ କ୍ରମାଗତ ଭାବେ ଅସ୍ୱଚ୍ଛ ରହିଆସିଥିଲା। ଦାୟିତ୍ୱ କାର୍ଯ୍ୟକାରୀ କରିବାରେ କମ୍ପାନୀର ସାମର୍ଥ୍ୟକୁ ଲୁଚାଇ ରଖାଯାଉଥିଲା। ତେଣୁ କମ୍ପାନୀର ନେତୃତ୍ୱ ବଜାୟ ରଖିବାରେ ଅଲ୍ଟମ୍ୟାନ୍‌ଙ୍କ ସାମର୍ଥ୍ୟ ଉପରେ ବୋର୍ଡର ଭରସା ନ ଥିଲା ବୋଲି ଓପନ୍‌ଏଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷରେ ବୋର୍ଡ ନିଷ୍ପତ୍ତିରେ ଅଲ୍ଟମ୍ୟାନ୍ ଏବଂ ମୁଁ ମର୍ମାହତ ଓ ଦୁଃଖିତ ବୋଲି ବ୍ରୋକ୍‌ମ୍ୟାନ୍ ଏକ୍ସ'ରେ ପୋଷ୍ଟ କରିଛନ୍ତି। ପ୍ରକୃତରେ କ'ଣ ପାଇଁ ସିଇଓ ପଦରୁ ଅଲ୍ଟମ୍ୟାନ୍‌ଙ୍କୁ ବାହାର କରାଗଲା, ତାହା ଜାଣିବା ପାଇଁ ଆମେ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି।

### ମୀରା ମୂରତି କିଏ

ମୀରା ମୂରତି(୩୪) ଜଣେ ଆଲବାନୀୟ ମେକାନିକାଲ ଇଞ୍ଜିନିୟର ତଥା ବିଜ୍‌ନେସ୍ ଏକ୍ସିକ୍ୟୁଟିଭ୍। ସେ ୨୦୧୮ରେ ଓପନ୍‌ଏଆଇରେ ଯୋଗଦେଇ କମ୍ପାନୀର ମୁଖ୍ୟ ପ୍ରଯୁକ୍ତି ଅଫିସର (ସିଟିଓ) ଭାବେ କାର୍ଯ୍ୟ କରୁଥିଲେ। ସାମ୍ ଅଲ୍ଟମ୍ୟାନ୍‌ଙ୍କ ସ୍ଥାନରେ ତାଙ୍କୁ ଓପନ୍‌ଏଆଇର ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତି ଦିଆଯାଇଛି। ସେ ଚାଟ୍‌ଜିପିଟି ଏବଂ ଡାଲ୍-ଇର ବିକାଶ ଉପରେ କାର୍ଯ୍ୟ କରୁଥିବାବେଳେ ଗତବର୍ଷ ଏହାର ସିଟିଓ ହୋଇଥିଲେ। ଓପନ୍‌ଏଆଇରେ ଯୋଗଦେବା ପୂର୍ବରୁ ମୀରା ଟେସ୍‌ଲା କମ୍ପାନୀରେ କାମ କରୁଥିଲେ। ମଡେଲ୍ ଏକ୍ସ କାର୍ ବିକାଶରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ହାତ ଏବଂ ଆଙ୍ଗୁଠିର ଗତିଶୀଳତାକୁ ଟ୍ରାକ୍ କରିବା ପାଇଁ କମ୍ପ୍ୟୁଟିଂ ସିଷ୍ଟମ୍‌ର ବିକାଶ କରିଥିବା ଲିପ୍ ମୋଶନ ନାମକ ଷ୍ଟାର୍ଟଅପ୍‌ରେ ମଧ୍ୟ ତାଙ୍କର ମୁଖ୍ୟ ଭୂମିକା ଥିଲା। ୧୯୮୮ ଡିସେମ୍ବରରେ ଆଲବାନିଆର ଭ୍ଲୋର୍‌ରେ ଜନ୍ମିତ ମୀରାଙ୍କ ମାଆବାପା ଭାରତୀୟ ବଂଶୋଦ୍ଭବ ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ସେ ଡାର୍ଟମାଉଥ କଲେଜ, ପିଅର୍ସନ କଲେଜ୍ ୟୁଡବ୍ଲ୍ୟୁସି, ୟୁନାଇଟେଡ୍ ୱାର୍ଲ୍ଡ କଲେଜରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଉପରେ ଶିକ୍ଷା ଗ୍ରହଣ କରିଥିଲେ।

## ଡିସେମ୍ବର ୩୧ରେ ...

ନୂଆବର୍ଷରେ ରାଜ୍ୟକୁ ନୂଆ ପୋଲିସ ଡିଜି ମିଳିବେ। ଡିଜିପି ଦୌଡ଼ରେ ୭ ଜଣ ବରିଷ୍ଠ ଆଇପିଏସ୍ ଅଫିସର ରହିଛନ୍ତି। ସେମାନେ ହେଲେ ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ ରାୟ, ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି. ରାଧିକା, ଏ.ଏମ୍. ପ୍ରସାଦ, ଏସ୍.ଏମ୍. ନରୱଣେ, ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ.ବି. ଖୁରାନିଆ, ଅରୁଣ କୁମାର ଷଡ଼ଙ୍ଗୀ ଏବଂ ସୁଧାଂଶୁ ଷଡ଼ଙ୍ଗୀ। ନୂଆ ଡିଜିପି ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ଏହି ୭ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମକୁ ୟୁନିୟନ ପବ୍ଲିକ ସର୍ଭିସ କମିଶନ(ୟୁପିଏସ୍‌ସି)କୁ ସୁପାରିସ କରିଥିବା କୁହାଯାଉଛି। ମାତ୍ର ବି. ରାଧିକାଙ୍କ ନାଁ ଏହି ଦୌଡ଼ରେ ସବୁଠୁ ଆଗରେ ରହିଛି। ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ସରକାର ଜଣେ ମହିଳା ଆଇପିଏସ୍ ଅଫିସରଙ୍କୁ ପୋଲିସ ବିଭାଗର ସର୍ବୋଚ୍ଚ ପଦବୀରେ ବସାଇବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ନିର୍ବାଚିତ ହେବା ପରେ ପୋଲିସ ମହାନିର୍ଦ୍ଦେଶକ ପଦରେ ମଧ୍ୟ ଜଣେ ମହିଳା ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବା ନେଇ ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି।
ଯଦି ବି. ରାଧିକା ପୋଲିସ ବିଭାଗର ସର୍ବୋଚ୍ଚ ପଦରେ ନିଯୁକ୍ତି ହୁଅନ୍ତି ପ୍ରଥମ ଥର ପାଇଁ ଓଡ଼ିଶା ମହିଳା ଡିଜିପି ଦେଖିବାକୁ ପାଇବ । ୧୯୮୯ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସେହିପରି ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ୱାଇ. ବି. ଖୁରାନିଆ ଏବେ ଇଷ୍ଟର୍ନ କମାଣ୍ଡ ବିଏସ୍‌ଏଫ୍‌ର ସ୍ପେଶାଲ ଡିଜି ଥିବାବେଳେ ଅରୁଣ ଷଡ଼ଙ୍ଗୀ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ, ସୁଧାଂଶୁ ଷଡ଼ଙ୍ଗୀ ହୋମ୍‌ଗାର୍ଡ ଡିଜି ଏବଂ ଏ.ଏମ୍. ପ୍ରସାଦ ଜେଲ୍ ଡିଜି ଅଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ସୁନୀଲ ବଂଶଲ ମୟୂରଭଞ୍ଜ ଏସ୍‌ପି ଥିଲେ। ତେବେ ୧୯୯୪ରେ ସେ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ । ଓଡ଼ିଶା ଫେରିବା ପରେ ୨୦୨୧ ଡିସେମ୍ବର ୩୧ ତାରିଖରେ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଅନ୍ୟମନସ୍କ କାରଣରୁ କର୍ମକ୍ଷେତ୍ରରେ ତିରସ୍କୃତ ହୋଇପାରନ୍ତି। ଜମିଜମା କାରବାର କୌଣସି ପ୍ରତିବନ୍ଧକରୁ ବାଧାପ୍ରାପ୍ତ ହେବ। କ୍ରୀଡ଼ା, ଚଳଚ୍ଚିତ୍ର, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ଶୁଭଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେଇପାରେ।

**ବୃଷ** - ଆଜିର ପ୍ରତ୍ୟୁଷ ଯାତ୍ରା ନିରର୍ଥକ ହେବ ନାହିଁ। ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିବା କାରଣରୁ ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବାର ବହୁତ ସମ୍ଭାବନା ରହିଛି। ପରିବାରରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଜମିଜମା କାରବାର, ମାଲି ମକଦ୍ଦମା କ୍ଷେତ୍ରରୁ ଲାଭବାନ୍ ହେବେ।

**ମିଥୁନ** - କୌଶଳ ପ୍ରୟୋଗ କରି କାମ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ। ନିଜ ଗୃହ ସମସ୍ୟାକୁ ସଜାଡିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** - କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିବା ସକାଶେ ଅର୍ଥ ଲାଭର ଯୋଜନା କରିପାରନ୍ତି। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତତା ପ୍ରକାଶ କରିବାକୁ ପଡ଼ିବ। କଚେରି ମାମଲାର ଆଶୁ ଶୁଣାଣି ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ସିଂହ** - ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ଆଜିର ଯାତ୍ରାରେ ସଫଳତା ମିଳିବା ସକାଶେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କୁହନ୍ତୁ। କାମର ଚାପ ବହୁତ ବଢ଼ିଯିବା କାରଣରୁ କୌଣସି କଥା ଭଲ ଲାଗିବ ନାହିଁ। ନିର୍ମାଣ, ଯୋଗାଯୋଗ, ପ୍ଲଟିଂ କାରବାର ପାଇଁ ଦିନଟି ମନ୍ଦ ହେବନି।

**କନ୍ୟା** - ମତପାର୍ଥକ୍ୟ ଘଟିବା କାରଣରୁ ପରିବାରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବ। ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ନିଜ ପରିସରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିରେ ସହାୟକ ହେବ। ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ।

**ତୁଳା** - ଆଜିର କର୍ମକ୍ଷେତ୍ରରେ ଆପଣ ଅନେକ କାମ ହାତକୁ ନେଇ ବ୍ୟଥିତ ହେବେ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ତିକ୍ତତା ବୃଦ୍ଧି ପାଇବ। ଆଜିର ଯାତ୍ରାରେ ସଫଳତା ପାଇବେ ଏବଂ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** - ଭୁଲ୍ ବୁଝାମଣା ହେତୁ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ଅନ୍ୟକୁ ଆପଣେଇ ନେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କର୍ମାରମ୍ଭ, କଳା ଓ ସାହିତ୍ୟ, ଏଜେନ୍‌ସିପ୍ ପ୍ରଭୃତିରୁ ସୁଫଳ ପାଇବେ। ଜମିଜମା କାରବାର, ସାଂସ୍କୃତିକ କାର୍ଯ୍ୟ ଓ ନୂତନ ଯୋଜନା କ୍ଷେତ୍ରରେ ସମସ୍ୟା ଆସିପାରେ।

**ଧନୁ** - ଆଜିର କର୍ମକ୍ଷେତ୍ରରେ ସହକର୍ମୀ, ପରିବାରରେ ଭାଇ ଭଉଣୀ କିମ୍ବା ପଡ଼ୋଶୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। କିନ୍ତୁ କଥାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ସାୟାହ୍ନେ ସତ୍‌ସଙ୍ଗ ପ୍ରତି ମନ ବଳିବ ଓ ଶାନ୍ତି ପାଇବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର** - ଅପରାହ୍ନରେ ଜଗିରଖି ନ ଚଳିଲେ ଅସୁବିଧାରେ ପଡ଼ିବେ। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସଂଭାବନା ପୂର୍ଣ୍ଣମାତ୍ରାରେ ରହିଛି। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ।

**କୁମ୍ଭ** - ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ମାନସିକ ସ୍ଥିରତା ଆସିବ। ସାଙ୍ଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**ମୀନ** - ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ । ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି । ଆର୍ଥିକ ଦିଗ ଭଲ ରହିବ।

ଆଜି ଜାତୀୟ ସଂହତି ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ମୁକ୍ତିମଣ୍ଡପର ଷୋଳଶାସନ ଭୋଗ, କାର୍ତ୍ତିକ ଶୁକ୍ଳ ସପ୍ତମୀ ରବିବାର, ନଭେମ୍ବର ୧୯ ତାରିଖ, ରାଶିନକ୍ଷତ୍ର-ଶ୍ରବଣା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪. ଗତେ ଘ.୦୮।୫୭ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

## ହାତୀ ଆକ୍ରମଣରେ ଜଣେ ମୃତ

ବାଉଁଶୁଣୀ,୧୮।୧୧(ଦେବାଶିଷ ନେପାକ): ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ତିଲପଙ୍ଗା ବିଟ ଅଞ୍ଚଳର ମାର୍ଦ୍ଦିସୁକା ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାର୍ଦ୍ଦିସୁକା ଗ୍ରାମର ପାତ୍ର କହଁର (୪୨)। ମିଳିଥିବା ସୂଚନା ଅନୁଯାୟୀ, ପାତ୍ର ଗ୍ରାମଠାରୁ ଦୂରରେ ଏକ ଝାଟିମାଟି ଘର କରି ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେ ଘରଠାରୁ ଅଳ୍ପ ଦୂରକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀ ତାଙ୍କୁ ଦଳି ଦେବା ଯୋଗୁ ମୃତ୍ୟୁ ଘଟିଥିବା ଜଣାଯାଇଛି। ଶନିବାର ଗ୍ରାମବାସୀ ମୃତଦେହ ପଡିଥିବା ଦେଖିବା ପରେ ଅନ୍ୟ ଗ୍ରାମରେ ରହୁଥିବା ପାତ୍ରଙ୍କ ଭାଇମାନଙ୍କୁ ଖବର ଦେଇଥିଲେ। ଖବର ପାଇ ଅପରାହ୍ନରେ ବନ ବିଭାଗ କର୍ମଚାରୀ ଓ ମନମୁଣ୍ଡା ପୋଲିସ ମୃତଦେହ ଜବତ କରିଛି।

## ଷ୍ଟାଡିୟମ ବାହାରେ ବ୍ରାଉନସୁଗାର ବିକି ୩ ଗିରଫ

ଭୁବନେଶ୍ୱର,୧୮।୧୧(ସୂର୍ଯ୍ୟକାନ୍ତ ବେହେରା)

କଳିଙ୍ଗ ଷ୍ଟାଡିୟମ ବାହାରେ ଦର୍ଶକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ୩ଜଣ ନିଶା ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକର ମନୁଆ ମହାରଣା, ରମେଶ ମଲ୍ଲିକ ଓ ନାଣ୍ଟୁ ଜେନା। ସେମାନଙ୍କଠାରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୨ ଲକ୍ଷରୁ ଅଧିକ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ବ୍ରାଉନସୁଗାର କେଉଁଠାରୁ ଆଣୁଥିଲେ, ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେସବୁ ତଥ୍ୟ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

## ମୀନକେତନ ଟାମଡା ଅଧ୍ୟକ୍ଷ



ମୀନକେତନ ଅମାନ୍ତ

ଅନୁଗୋଳ,୧୮।୧୧ (ଅମିତ କୁମାର ସାମଲ)

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ(ଟାମଡା) ଅଧ୍ୟକ୍ଷ ଭାବେ ମୀନକେତନ ଅମାନ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବତନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରଠାରୁ ଏହି ପଦବୀ ଖାଲି ପଡିଥିଲା। ଟାମଡା ଅଧ୍ୟକ୍ଷ ପଦ ପାଇଁ ମୀନକେତନଙ୍କ ନାମକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ ଶୁକ୍ରବାର ହାଉସିଂ ଓ ଅର୍ବାନ ଡିପାର୍ଟମେଣ୍ଟ ତରଫରୁ ଏହି ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି।

## ପଞ୍ଚୁପଲ୍ଲୀରେ କଲରାପତରିଆ



ଘସିପୁରା, ୧୮।୧୧(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ପ୍ରବାହିତ ବୈତରଣୀ ନଦୀତଟ ଘସିପୁରା ଥାନା ଅଧୀନ ପଞ୍ଚୁପଲ୍ଲୀ ଗାଁ ମୁଣ୍ଡରେ କଲରାପତରିଆ ବାଘ ବୁଲୁଛି। ଏହାର ଭିଡିଓ ଭାଇରାଲ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ପାଦଚିହ୍ନ ଯାଞ୍ଚ ପରେ ବାଘ ଥିବା ସ୍ପଷ୍ଟ ହୋଇଛି। ଏନେଇ ଗ୍ରାମରେ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ବନ ବିଭାଗ କର୍ମଚାରୀମାନେ ଅଞ୍ଚଳରେ ଅନୁଧ୍ୟାନ କରିବା ସହ ଗ୍ରାମରେ ସଚେତନ କରୁଛନ୍ତି।





ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ଶନିବାର ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଭେଟୁଛନ୍ତି।

# ମଧ୍ୟାହ୍ନଭୋଜନରେ ଝିଟିପିଟି

### ୧୧ ଅଙ୍ଗନୱାଡି ଛାତ୍ରୀଛାତ୍ର ଅସୁସ୍ଥ

ଡେରାବିଶ,୧୮।୧୧ (ବେବର୍ତ୍ତା ଅଜୟ ଦାସ)

୩ରୁ ୬ ବର୍ଷ ଯାଏ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ପ୍ରଦାନ ସହିତ ଖେଳକୌତୁକ ମାଧ୍ୟମରେ ଶିକ୍ଷାଦାନ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ପିଲାଙ୍କ ଯତ୍ନ ପାଇଁ କେନ୍ଦ୍ରରେ ଅବସ୍ଥାପିତ ଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକା ସମ୍ପୂର୍ଣ୍ଣ ଭାବେ ତତ୍ପର ରହିଥାନ୍ତି। ଏଥିପାଇଁ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷାଦାନ ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ତେବେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ବାହାରିବା ଓ ସେହି ଖାଦ୍ୟ ଖାଇ ୧୧ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା ଶନିବାର କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ୍ ଅଧୀନ ନରସିଂହପୁର ପଞ୍ଚାୟତ ମୁଣ୍ଡିଲୋ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ୧୭ ଜଣ ପିଲାଙ୍କ ଉପସ୍ଥାନ ଥିଲା। ସେମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଭାତ ଡାଲମା ପ୍ରସ୍ତୁତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପିଲାମାନେ ଖାଇବା ପାଇଁ ବସିଥିଲେ। ହେଲେ ଖାଇବା ସମୟରେ ଡାଲମାରେ ଏକ ଝିଟିପିଟି ମୁଣ୍ଡ ବାହାରିବା ପିଲାମାନେ ଦେଖିଥିଲେ। ଏହାପରେ ସେହି ଖାଦ୍ୟ ଖାଇଥିବା ୧୧ ଜଣ ପିଲା ଅସୁସ୍ଥ ହୋଇପଡ଼ିଥିଲେ। ସେଥିମଧ୍ୟରୁ ୩ ପିଲାଙ୍କର ବାନ୍ତି ହୋଇଥିଲା। ସେମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସମସ୍ତ ପିଲା ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି। ତେବେ ଏହି ଘଟଣା ଅଧ୍ୟୟନରତ ପିଲାଙ୍କ ଅଭିଭାବକ ମହଲରେ ଭୟ ସୃଷ୍ଟି ହୋଇଛି। ଏ ବିଷୟରେ ଗ୍ରାମର ଜଣେ ଅଭିଭାବକ ଶୈଳବାଳା ମଲିକ କହିଛନ୍ତି, ଝିଟିପିଟି ପଡ଼ିଥିବା ଖାଦ୍ୟ ଖାଇ ପିଲାମାନେ ଅସୁସ୍ଥ ହେବା ପରେ ଆମେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲୁ। ମାତ୍ର ପିଲାମାନଙ୍କ ସାଙ୍ଗରେ ଅଙ୍ଗନୱାଡି କର୍ମୀ କିମ୍ବା ସହାୟିକା ଯାଇ ନ ଥିଲେ। ଏ ସଂକ୍ରାନ୍ତରେ ଅଙ୍ଗନୱାଡି କର୍ମୀ ହରପ୍ରିୟା ସେଠୀ କହିଛନ୍ତି, ସହାୟିକା ନଳକୂପରୁ ଆଣିଥିବା ପାଣିରେ ଝିଟିପିଟି ପଡ଼ିଥିଲା। ତାହା ସେ ଜାଣି ନ ପାରି ଖାଦ୍ୟ ପ୍ରସ୍ତୁତ କରିଥିଲେ। ତେବେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଜଣେ ପିଲା ନ ଖାଇ ଘରକୁ ନେଇ ଯାଇଥିଲେ। ଘରେ ଡାଲମାରୁ ଝିଟିପିଟି ବାହାରିବା ଖବର ପାଇବା ପରେ ଅନ୍ୟ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଇ ନ ଥିଲା। ସନ୍ଦେହ ଦୂର କରିବା ପାଇଁ ସମସ୍ତ ପିଲାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଯାଇଥିଲୁ। ଚିକିତ୍ସା ପରେ ସମସ୍ତ ପିଲା ସୁସ୍ଥ ହୋଇ ଘରକୁ ଫେରିଥିବା ସେ ସୂଚନା ଦେଇଛନ୍ତି। ଏନେଇ ସିଡିପିଓ ସ୍ନେହଲତା ସାହୁ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ସନ୍ଧ୍ୟାରେ ଉଭୟଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲା। ହେଲେ ଉଭୟ ଅଧିକାରୀ ଫୋନ୍ ଉଠାଇ ନ ଥିଲେ।

# ୧୭୨ ପେନ୍‌ସନ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି

### ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍‌ସନ ଅଦାଲତ

ଅନୁଗୋଳ,୧୮।୧୧ (ଅମିତ କୁମାର ସାମଲ)

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍‌ସନ ଅଦାଲତ ଶନିବାର ଅନୁଗୋଳଠାରେ ଶୁଭାରମ୍ଭ ହୋଇଛି। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପେନ୍‌ସନ ଅଦାଲତରେ ସମୁଦାୟ ୧୭୨ଟି ପେନ୍‌ସନ ସମ୍ବନ୍ଧୀୟ ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ୭୦ ଜଣ ପେନ୍‌ସନଭୋଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟ ସମ୍ପର୍କରେ ପେନ୍‌ସନ ଅଦାଲତକୁ ଅବଗତ କରାଇଥିଲେ। ପ୍ରତ୍ୟକ ଅଭିଯୋଗଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେମାନଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରାପ୍ୟ ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୀପ୍ତିରାଣୀ ସାହୁ, ବିତ୍ତ ପରାମର୍ଶଦାତା ତଥା ସତନ୍ତ୍ର ଶାସନ ସଚିବ ରତିକାନ୍ତ ମହାପାତ୍ର, ସହକାରୀ ଅର୍ଥ ପରାମର୍ଶଦାତା ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ଘଡାଇ, ଅତିରିକ୍ତ ହିସାବ ନିୟନ୍ତ୍ରକ ଦିବାରଣି ଦୋରା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ସପନ ଜେନା, ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଓ ପ୍ରତିଭା ବାରିକ, ଅନୁଗୋଳର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତିମ ପର୍ଯ୍ୟାୟରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଉପସ୍ଥିତ ସମସ୍ତ ପେନ୍‌ସନଭୋଗୀ ହିତାଧିକାରୀ, ରାଜ୍ୟ ସରକାରଙ୍କ ତରଫରୁ ଆସିଥିବା ରାଜ୍ୟସ୍ତରୀୟ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଦିନକ ପରେ ଆସିବେ ରାଷ୍ଟ୍ରପତି**

# ବାୟୁସେନା ପକ୍ଷରୁ ମକ୍‌ଡ୍ରିଲ୍

### ୩୩ ପ୍ଲାଟୁନ୍ ଫୋର୍ସ ମୁତୟନ

ବାରିପଦା,୧୮।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାୟୁସେନାର ହେଲିକପ୍ଟର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ପାଇ ଶନିବାର ବାୟୁସେନା ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। ସେନାର ସ୍ୱତନ୍ତ୍ର ଅଧିକାରୀମାନେ ଅପରାହ୍ନ ୧ଟା ୩୦ରେ ବାୟୁସେନାର ଏକ ହେଲିକପ୍ଟର ଯୋଗେ ବାରିପଦା ରିଜର୍ଭ ପୋଲିସ ପଡ଼ିଆରେ ଅବତରଣ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଓ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ପୋଲିସ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲିପ୍ୟାଡ୍ ପାର୍ଶ୍ୱରେ ଥିବା ଗଛଗୁଡ଼ିକ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ୩୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରତିଟି ଗସ୍ତ ସ୍ଥଳରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର ଓ ଏଏସ୍ଆଇ ପ୍ରମୁଖଙ୍କୁ ମିଶାଇ ୫୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ନିୟୋଜିତ ରହିଛନ୍ତି। ପରିବର୍ତ୍ତନ ହୋଇଥିବା ଗସ୍ତ ସୂଚୀ ଅନୁଯାୟୀ, ନଭେମ୍ବର ୨୦ ସୋମବାର ଦିଲ୍ଲୀସ୍ଥିତ ପାଲାମ ଏୟାରପୋର୍ଟରୁ ଉଡ଼ାଜାହାଜ ଯୋଗେ ପଶ୍ଚିମବଙ୍ଗ କୋଲେଇକୁଣ୍ଡା ଏୟାରବେସ୍‌ରେ ପହଞ୍ଚିବେ। ସେଠାରୁ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ରିଜର୍ଭ ପୋଲିସ ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିବେ। ସେଠାରୁ ଶହୀଦ ସ୍ମୃତି ଭବନରେ ଆୟୋଜିତ ୩୬ତମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ଓ ସାହିତ୍ୟ ମହୋତ୍ସବରେ ଯୋଗଦେବେ। ସେଠାରୁ ସଡ଼କ ପଥରେ ଯାଇ କୁଳିଅଣା ବ୍ଲକ ପାର୍ଣିଜିଆଠାରେ ନୂତନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିବେ। ପରେ ବାରିପଦା ସର୍କିଟ ହାଉସରେ ମଧ୍ୟାହ୍ନଭୋଜନ ଓ ବିଶ୍ରାମ ପରେ ହେଲିକପ୍ଟର ଯୋଗେ ରାଇରଙ୍ଗପୁର ଅଭିମୁଖେ ଗସ୍ତ କରିବେ। ରାଇରଙ୍ଗପୁର ଡାକବଙ୍ଗଳାରେ ସ୍ଥାନୀୟ ଲୋକଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ପରେ ରାଇରଙ୍ଗପୁରସ୍ଥିତ ନିଜ ବାସଭବନରେ ରାତ୍ରିଯାପନ କରିବେ। ୨୧ତାରିଖ ସକାଳ ୮ଟାରେ ସଡ଼କ ପଥରେ ଶାଶୁଘର ପାହାଡ଼ପୁରରେ ପହଞ୍ଚି ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଉଦ୍‌ଘାଟନ କରିବେ।

# କନ୍‌ଷ୍ଟେବଲଙ୍କ ମୁହଁକୁ କାମୁଡ଼ି ଜଣେ ଗିରଫ

ଭୁବନେଶ୍ୱର,୧୮।୧୧ (ସୂର୍ଯ୍ୟକାନ୍ତ ବେହେରା)

କାର୍ଯ୍ୟରତ ଜଣେ ଟ୍ରାଫିକ କନ୍‌ଷ୍ଟେବଲ୍‌ଙ୍କୁ ରାସ୍ତା ଉପରେ ଆକ୍ରମଣ କରିବା ସହ ତାଙ୍କ ମୁହଁକୁ କାମୁଡି ଆହତ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ୟୁନିଟ-୫ ଅଞ୍ଚଳର ରବୀନ୍ଦ୍ର ଦାଶ। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କନ୍‌ଷ୍ଟେବଲ୍ ରଞ୍ଜନ କୁମାର ବେହେରା ଏହି ଥାନା ଅନ୍ତର୍ଗତ ଷ୍ଟୁଡିଓ ଛକରେ ଟ୍ରାଫିକ ଡ୍ୟୁଟି କରୁଥିଲେ। ଶୁକ୍ରବାର ଅପରାହ୍ନରେ ଟ୍ରାଫିକ ଛକରୁ ୨୦୦ ମିଟର ଦୂର ରେଣ୍ଟାଲ ପାର୍ଶ୍ୱରେ ଏକ ଦୁର୍ଘଟଣା ହେବାରୁ ସେଠାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏହା ଦେଖିବା ପରେ ରଞ୍ଜନ ସେଠାକୁ ଯାଇ ରାସ୍ତା କ୍ଲିୟର କରୁଥିଲେ। ଏହି ସମୟରେ ଅଭିଯୁକ୍ତ ରାସ୍ତାମଝିରେ ଠିଆହୋଇ ରାସ୍ତା ଜାମ କରୁଥିବା ଦେଖି ବାରଣ କରିବା ସହ ରାସ୍ତାରୁ ହଟିବାକୁ କହିଥିଲେ। ହେଲେ ଏଥିରେ ଅଭିଯୁକ୍ତ ଜଣକ ରଞ୍ଜନଙ୍କ ସହ ଯୁକ୍ତିତର୍କ କରିବା ସହ ତାଙ୍କୁ କାମୁଡି ଦେଇଥିଲେ। ଏଥିରେ ରଞ୍ଜନଙ୍କ ମୁହଁ ସମେତ ଶରୀରର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହ ଆଘାତ ଲାଗିଥିଲା। ପିସିଆର୍ ପହଞ୍ଚି ରଞ୍ଜନଙ୍କୁ ହସ୍ପିଟାଲ ନେବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ସଂସ୍କୃତି ଓ ସାହିତ୍ୟ ଆବେଗକୁ ପରିପ୍ରକାଶ କରେ

### ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଘାଟିତ

ଢେଙ୍କାନାଳ,୧୮।୧୧(ରତନ ନାୟାର)

ରାଜ୍ୟର ଅନେକ ସଂସ୍କୃତିର ସମ୍ମେଳନ ସ୍ଥଳ ମଧ୍ୟରେ ଢେଙ୍କାନାଳ ଏକ ପ୍ରମୁଖ ସ୍ଥାନ। ଢେଙ୍କାନାଳର ନିଜସ୍ୱ ସାଂସ୍କୃତିକ ପରିଚୟ ରହିଛି। କଳା, ସଂସ୍କୃତି, ସାହିତ୍ୟ ମଣିଷର ଆବେଗକୁ ପରିପ୍ରକାଶ କରିଥାଏ। ଏଥିସହିତ ଏକରୁ ଏକାକାର କରିବାର ମାଧ୍ୟମ ହୋଇଥାଏ। ଢେଙ୍କାନାଳର ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ୨ ଦିନିଆ ସପ୍ତଶଯ୍ୟା ମହୋତ୍ସବର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏଥିସହିତ ଭାଷା, କଳା, ସଂସ୍କୃତି, ସାହିତ୍ୟ, ସଙ୍ଗୀତ ଓ ପର୍ଯ୍ୟଟନ କ୍ଷେତ୍ରରେ ଢେଙ୍କାନାଳ ଆହୁରି ଆଗକୁ ବଢୁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଓ ଯୁବରାଣୀ ମ୍ରିନାଲ କୁମାରୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁର ଭାଇବ୍ରେଶନର ଅଧ୍ୟକ୍ଷା ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ ଯୋଗଦେଇଥିଲେ। ଉତ୍ସବରେ ଏକାଡେମୀ ସଭାପତି ଶାନ୍ତି ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ବିଦୂଷୀ ପଦ୍ମଶ୍ରୀ ମାଧବୀ ମୁଦଗଲ, ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ପଟ୍ଟନାୟକ, ବିଶିଷ୍ଟ ଗବେଷକ ଓ ଗ୍ରନ୍ଥକାର ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସପ୍ତଶଯ୍ୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ନୃତ୍ୟରେ ମୀନାକ୍ଷୀ ବେହେରା, ଗୁରୁ ରାଜେନ୍ଦ୍ର ପଣ୍ଡାଙ୍କୁ ସପ୍ତଶଯ୍ୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତ୍ରୀ ସ୍ୱପ୍ନା ପତି, ନୃତ୍ୟ ନିର୍ଦ୍ଦେଶକ ବିଦ୍ୟୁତ୍ ସେଠୀ, ଓଡ଼ିଶୀ ନୃତ୍ୟଶିଳ୍ପୀ ମୁନମୁନ ଚକ୍ରବର୍ତ୍ତୀ, ବିଶିଷ୍ଟ ଉପସ୍ଥାପିକା ଅନୁଜା ତାରେଣୀ ମିଶ୍ର, ଫ୍ୟାଶନ ଡିଜାଇନର ଜିତ୍ ଜଗଜିତ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର ପ୍ରମୁଖଙ୍କୁ ୟୁଥ୍ ଆଇକନ୍ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଦୀପ୍ତିବାଳା ମିଶ୍ର ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର ଗୁରୁ ଗୌରୀ ଶଙ୍କର ଦାଶଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା।





ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥିମାନେ।

# ୩୪୯ ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ





କଳିଙ୍ଗ ଷ୍ଟାଡିୟମରେ ନୂଆ ଆମ୍ବୁଲାନ୍ସଗୁଡ଼ିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ।

- ୧୪୮.୪୫ କୋଟି ଟଙ୍କା ବିନିଯୋଗ
- ୨୦ ମିନିଟ୍‌ରେ ଡାକ୍ତରଖାନା ଆସିବେ ରୋଗୀ

ଭୁବନେଶ୍ୱର,୧୮।୧୧(ଅନିଲ ଦାସ)

ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୩୪୯ ନୂଆ ଆମ୍ବୁଲାନ୍ସ ଓଡ଼ିଶାବାସୀଙ୍କ ନିମନ୍ତେ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ପ୍ରଥମ ଥର ପାଇଁ ଏତେସଂଖ୍ୟକ ଆମ୍ବୁଲାନ୍ସ ରାଜ୍ୟର ମେଡିକାଲ ଆମ୍ବୁଲାନ୍ସ ସେବାରେ ଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଆହୁରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହେବ। ‘ପ୍ରତି ଜୀବନ ମୂଲ୍ୟବାନ’ ନୀତି ଅନୁଯାୟୀ ଆମର ଉଦ୍ୟମ ଜାରିରହିବ ବୋଲି ସେ କହିଛନ୍ତି।

ଲୋକାର୍ପିତ ହୋଇଥିବା ଆମ୍ବୁଲାନ୍ସଗୁଡ଼ିକ ମଧ୍ୟରୁ ୨୭୯ଟିକୁ ୧୦୮-ଆମ୍ବୁଲାନ୍ସ ସେବାରେ ସାମିଲ କରାଯାଇଛି। ଅନ୍ୟ ୭୦କୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟମାନଙ୍କୁ ଯୋଗାଇ ଦିଆଯାଇଛି। ଏହି ୭୦ଟି ମଧ୍ୟରୁ ୪୦ଟି ହେଉଛି ଜୀବନ ରକ୍ଷାକାରୀ ମୌଳିକ ଆମ୍ବୁଲାନ୍ସ ଏବଂ ୩୦ଟି ଜୀବନ ରକ୍ଷାକାରୀ ଅତ୍ୟାଧୁନିକ ଆମ୍ବୁଲାନ୍ସ। ୩୪୯ ଆମ୍ବୁଲାନ୍ସ ବାବଦରେ ୧୪୮.୪୫ କୋଟି ଟଙ୍କା ବିନିଯୋଗ କରାଯାଇଛି।

୧୦୮-ଆମ୍ବୁଲାନ୍ସ ସେବାରେ ଏହି ନୂଆ ଆମ୍ବୁଲାନ୍ସଗୁଡ଼ିକ ସାମିଲ ହେବା ପରେ ମୋଟ ଆମ୍ବୁଲାନ୍ସ ସଂଖ୍ୟା ୧୩୬୬କୁ ବୃଦ୍ଧିପାଇଛି। ବର୍ତ୍ତମାନ ଦୈନିକ ହାରାହାରି ୪୦୦୦ରୁ ଅଧିକ ସଂଖ୍ୟକ ରୋଗୀ ୧୦୮-ଆମ୍ବୁଲାନ୍ସ ସେବା ଦ୍ୱାରା ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେଉଛନ୍ତି। ନୂଆ ଆମ୍ବୁଲାନ୍ସଗୁଡ଼ିକ ସାମିଲ ହେବା ପରେ ୧୦୮-ଆମ୍ବୁଲାନ୍ସ ସେବା ଆହୁରି ତ୍ୱରିତ ଏବଂ ସୁବିଧାଜନକ ହେବ। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକୁ ଯୋଗାଯାଇଥିବା ୭୦ଟି ଆମ୍ବୁଲାନ୍ସ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ ରୋଗୀମାନଙ୍କୁ ଆବଶ୍ୟକ ସ୍ଥଳେ ସରକାରୀ ଡାକ୍ତରଖାନାରୁ ଘରୋଇ ହସ୍ପିଟାଲକୁ ଜରୁରିକାଳୀନ ସ୍ଥାନାନ୍ତରରେ ବ୍ୟବହାର ହେବ। ଏହାସହ ଜିଲା ସ୍ତରରେ ଅନ୍ୟ ରୋଗୀମାନଙ୍କ ଜରୁରୀ ଆବଶ୍ୟକତା ପୂରଣରେ ସହାୟକ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା



# କେବଳ ନକଲ



ଆକାର ପଟେଲ

ଥରେ କଂଗ୍ରେସ ନେତା ଶଶୀ ଥରୁର ଏକ ଟୁଇଟ୍‌ରେ ଅଭିଯୋଗ କରିଥିଲେ ଯେ ଭାଜପା ୨୩ଟି କଂଗ୍ରେସ ଯୋଜନାର ନାମ ବଦଳାଇ ଦେଇଛି। ସେ ମଧ୍ୟ କହିଥିଲେ, ମୋଦିଙ୍କର ଏକ 'ନାମ ପରିବର୍ତ୍ତନକାରୀ' ସରକାର ଚାଲିଛି, 'ପ୍ରଭାବଶାଳୀ' ସରକାର ନୁହେଁ। ସେତେବେଳେ ତାଙ୍କ ଦାବି ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ପରେ ଜଣାପଡ଼ିଲା, ସେ ଦାବି କରିଥିବା ୨୩ ଯୋଜନା ମଧ୍ୟରୁ ୧୯ ଠିକ୍। ଜଣାପଡ଼ିଲା ଯେ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ହେଉଛି ୟୁପିଏ ସରକାରଙ୍କ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଖାତା; ବେଟି ବଚାଓ, ବେଟି ପଢ଼ାଓ ଯୋଜନା ୟୁପିଏ ସମୟର ଜାତୀୟ ଶିଶୁକନ୍ୟା ଦିବସ କାର୍ଯ୍ୟକ୍ରମ ସହ ସମାନ; ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଥିଲା ରାଜୀବ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା; ନବୀକରଣ ଏବଂ ସହରୀ ପରିବର୍ତ୍ତନ ପାଇଁ ଅଟଳ ମିଶନ ଥିଲା ଜବାହରଲାଲ ନେହେରୁ ଜାତୀୟ ସହରୀ ନବୀକରଣ ମିଶନର ନାମକରଣ; କଂଗ୍ରେସର ନିମ୍ କୋଟେଡ୍ ୟୁରିଆ ସହିତ ଭାଜପାର ନିମ୍ କୋଟେଡ୍ ୟୁରିଆ ସମାନ; ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ହେଉଛି ୟୁପିଏର ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ଉର୍ବରତା ପରିଚାଳନା ଉପରେ ଜାତୀୟ ପ୍ରକଳ୍ପ; ଅଟଳ ପେନ୍‌ସନ ଯୋଜନା ହେଉଛି ସ୍ୱାବଲମ୍ବନ ଯୋଜନା; ଏପରିକି ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ ୟୁପିଏର ଜାତୀୟ ଉତ୍ପାଦନ ନୀତି (ଏନ୍‌ଏମ୍‌ପି)ର ନୂତନ ନାମ। ଏହା କେବଳ ପୁନଃ ନାମକରଣ ନୁହେଁ; ଅନେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ନୀତିର ଢାଞ୍ଚାକୁ ନକଲ କରାଯାଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଏନ୍‌ଏମ୍‌ପି ମଧ୍ୟରେ ଏକ ତୁଳନାତ୍ମକ ଛବି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ପ୍ରେସ୍‌ନୋଟ୍ (୨୦୧୧) ଏବଂ ଜାତୀୟ ଉତ୍ପାଦନ କ୍ଷେତ୍ରର ମେକ୍ ଇନ୍ ଇଣ୍ଡିଆ ୱେବ୍‌ସାଇଟ ପୃଷ୍ଠାରୁ ଜଣାପଡ଼ିଛି। ୧ ଦଶନ୍ଧି ମଧ୍ୟରେ ଜିଡିପିରେ ଉତ୍ପାଦନର ଅଂଶକୁ ୨୫ ପ୍ରତିଶତକୁ ବୃଦ୍ଧି କରିବା ଏବଂ ୧୦୦ ନିୟୁତ ନିଯୁକ୍ତି ସୃଷ୍ଟି କରିବା ବିଷୟ ୟୁପିଏର ଏନ୍‌ଏମ୍‌ପି ଯୋଜନାରେ କୁହାଯାଇଥିଲା। ମେକ୍ ଇନ୍ ଇଣ୍ଡିଆ ଦେଶର ଜିଡିପିରେ ଉତ୍ପାଦନର ଅଂଶ ୨୫ ପ୍ରତିଶତକୁ ବୃଦ୍ଧି ଏବଂ ଉତ୍ପାଦନରେ ୨୦୨୨ ସୁଦ୍ଧା ୧୦୦ ମିଲିୟନ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛି ବୋଲି ଚାହୁଁଥିବା ପ୍ରକାଶ କରିଥିଲା। ୟୁପିଏର ଏନ୍‌ଏମ୍‌ପି କହେ, ଏହା ମଧ୍ୟମ ଅବଧିରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୧୨-୧୪ ପ୍ରତିଶତକୁ ବୃଦ୍ଧି କରିବ। ଅନ୍ୟପକ୍ଷରେ ମେକ୍ ଇନ୍ ଇଣ୍ଡିଆ ଦର୍ଶାଏ, ଏହା ମଧ୍ୟମ ଅବଧିରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୧୨-୧୪ ପ୍ରତିଶତକୁ ବୃଦ୍ଧି ପାଇବ। ଏନ୍‌ଏମ୍‌ପି ଦର୍ଶାଏ, ଗ୍ରାମୀଣ ପ୍ରବାସୀ ତଥା ସହରାଞ୍ଚଳ ଗରିବଙ୍କ ମଧ୍ୟରେ ଉପଯୁକ୍ତ ଦକ୍ଷତା ସୃଷ୍ଟି କରିବା ଲାଗି ଏହି ନୀତି ଆବଶ୍ୟକ। ସେହିଭଳି ମେକ୍ ଇନ୍ ଇଣ୍ଡିଆ ସ୍ପଷ୍ଟ କରେ ଯେ ଏହା ସମାବେଶୀ ଅଭିବୃଦ୍ଧି ପାଇଁ ଗ୍ରାମୀଣ ପ୍ରବାସୀ ତଥା ସହରୀ ଗରିବଙ୍କ ମଧ୍ୟରେ ଉପଯୁକ୍ତ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ୟୁପିଏର ଏନ୍‌ଏମ୍‌ପି ନୀତି କହେ ଯେ ଏହା ଉତ୍ପାଦନରେ ଘରୋଇ କ୍ଷେତ୍ରର ମୂଲ୍ୟବୃଦ୍ଧି ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବ। ମେକ୍ ଇନ୍ ଇଣ୍ଡିଆ ମଧ୍ୟ କହେ, ଏହା ଘରୋଇ କ୍ଷେତ୍ରର ମୂଲ୍ୟ ବୃଦ୍ଧି ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବ।

ମୋଦି ସରକାରରେ ଡିଜିଟାଲ ଇଣ୍ଡିଆ ପୂର୍ବ ସରକାରଙ୍କ ଇ-ଗଭର୍ନାନ୍ସ ଯୋଜନା ସହ ସମାନ। ସ୍କିଲ୍ ଇଣ୍ଡିଆ ଯାହା ୟୁପିଏର ନ୍ୟାଶନାଲ ସ୍କିଲ୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ସେୟା। ମିଶନ ଇନ୍ଦ୍ରଧନୁଷ୍ ଥିଲା ୟୁନିଭର୍ସାଲ ଇମ୍ୟୁନାଇଜେଶନ ପ୍ରୋଗ୍ରାମ ଏବଂ ପିଏଚ୍‌ଏଏଲ୍ ଥିଲା ଏଲ୍‌ପିଜି ପାଇଁ ପ୍ରଥମ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଯୋଜନା। ସମସ୍ତ ପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ଯୋଗାଇବାକୁ ଲକ୍ଷ୍ୟ ରଖି ୨୫ ଅକ୍ଟୋବର ୨୦୧୧ରେ ସ୍ୱୀକୃତ ହୋଇଥିବା ନ୍ୟାଶନାଲ ଅପ୍ଟିକ ଫାଇବର ନେଟ୍‌ୱର୍କ ହେଉଛି ଏବକାର ଭାରତ ନେଟ୍। ରାଜୀବ ଆବାସ ଯୋଜନାକୁ ସର୍ଦ୍ଦାର ପଟେଲ ଜାତୀୟ ସହରୀ ଗୃହ ନିର୍ମାଣ ମିଶନର ନାମ ଦିଆଗଲା। ବାସ୍ତବତା ହେଉଛି, ୟୁପିଏ ସମୟର ଯୋଜନାଗୁଡ଼ିକ ନିର୍ବିବାଦୀୟ ଏବଂ ଦାରିଦ୍ର୍ୟ ଦୂରକାରୀ। କିନ୍ତୁ ମୋଦିଙ୍କ ଯୋଜନାଗୁଡ଼ିକର ଆକର୍ଷକ ନାମ ଅଛି, କାରଣ ସେ ବ୍ୟକ୍ତିଗତ ଭାବେ ନାମ ବଦଳାଇବା ଲାଗି ଅତ୍ୟଧିକ ପରିଶ୍ରମ କରିଛନ୍ତି। ମୋର ଜଣେ ବନ୍ଧୁ ଲକ୍ଷ୍ୟକଲେ ଯେ ଧନୀଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ମୋଦିଙ୍କ ଯୋଜନାଗୁଡ଼ିକର ଇଂରାଜୀ ନାମ ଅଛି, ଯଥା-ଡିଜିଟାଲ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଯାହା ଆକାଂକ୍ଷାକୁ ସୂଚିତ କରୁଛି। ଗରିବଙ୍କ ପାଇଁ ଯୋଜନା ସବୁ ହିନ୍ଦୀ ନାମରେ ହୋଇଛି; ଯଥା ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ବେଟି ପଢ଼ାଓ ବେଟି ବଚାଓ, ଜନ ଧନ, ଗରିବ କଲ୍ୟାଣ, ପିଏମ୍ କିଷାନ, ମୁଦ୍ରା ଯୋଜନା।

ୟୁପିଏର ସ୍ୱତନ୍ତ୍ର ପରିଚୟ ଯୋଜନା ଥିଲା ଆଧାର। କିନ୍ତୁ ଆଧାର ଏକ ଆପରାଧିକ କାର୍ଯ୍ୟକ୍ରମ ଏବଂ ଏହାର ସିବିଆଇ ତଦନ୍ତ କରାଯିବ ବୋଲି ଭାଜପା ଅଭିଯୋଗ କରିଥିଲା। ଦେଶରେ ବେଆଇନ ପ୍ରବାସୀଙ୍କ ରହଣିକୁ ବୈଧ କରିବା ଲାଗି ଏହା ଏକ ବିପଜ୍ଜନକ କାର୍ଯ୍ୟକ୍ରମ। ଆଧାର ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଛି ବୋଲି ମୀନାକ୍ଷୀ ଲେଖୀ ବେଙ୍ଗାଲୁରୁରେ କଂଗ୍ରେସ ନେତା ତଥା ଆଧାରର ବିନ୍ଧାଣି ନନ୍ଦନ ନିଲେକାନିଙ୍କ ବିରୋଧରେ ପ୍ରଚାର କରୁଥିବାବେଳେ କହିଥିଲେ। ସେ ଆହୁରି କହିଥିଲେ, ନାମ ଦରଜ କରିଥିବା ଲୋକଙ୍କ ସମ୍ପୂର୍ଣ୍ଣ ବାୟୋମେଟ୍ରିକ ତଥ୍ୟ ଦେଶ ବାହାରେ ଗଚ୍ଛିତ ହୋଇଛି। ନିଲେକାନିଙ୍କ ପ୍ରତିଦ୍ୱନ୍ଦ୍ୱୀ ଅନନ୍ତ କୁମାର (ଯିଏ ଶେଷରେ ଜିତିଲେ) କହିଥିଲେ ଯେ, ଆଧାର ହେଉଛି ଦେଶର ସବୁଠାରୁ ବଡ଼ ଠକେଇ। ତା' ପର ମାସରେ ଅନନ୍ତ କୁମାର କହିଥିଲେ, ଭାଜପା ଆଧାରକୁ ହଟାଇଦେବ। ମୋଦି ନିଜେ ଆଧାର ବିରୋଧରେ କହିଥିଲେ, ଏଥିରେ ଖର୍ଚ୍ଚ ହୋଇଥିବା ଅର୍ଥ ନଷ୍ଟ ହୋଇଛି, ଏନ୍‌ଆର୍‌ଇଜିଏସ୍ ଅବୈଧ ଉପାୟରେ ଅର୍ଥ ରୋଜଗାର କରିବା ପାଇଁ ଉଦ୍ଦିଷ୍ଟ ଏବଂ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଏକ ବେକାର ଯୋଜନା। କିନ୍ତୁ ପରେ ଭାଜପା ତଥା ମୋଦି ସରକାର ଆଧାରକୁ ଗ୍ରହଣ କରିବା ସହ ଏହାକୁ ସମସ୍ତ ଭାରତୀୟଙ୍କ ପାଇଁ ବାଧ୍ୟତାମୂଳକ କରିଛି। ଏନ୍‌ଡିଏ ଭାରତର ସାମାଜିକ କଲ୍ୟାଣ ଯୋଜନାଗୁଡ଼ିକୁ ବିସ୍ତାର କରିଥିବାବେଳେ ସେଥିରୁ ଅନେକକୁ ପୂର୍ବ ସରକାରଙ୍କଠାରୁ ନକଲକରି ନିଜର ବୋଲି ଦର୍ଶାଇବାର ବାହାନା କରୁଛି।

Email:aakar.patel@gmail.com

# ଚାଷ ଅପେକ୍ଷାରେ ପାରଜିନୀୟ ସୋରିଷ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ପୃଥିବୀର ଜନସଂଖ୍ୟା ସାମଗ୍ରିକ ଭାବେ ବଢ଼ି ଚାଲିଛି। ଜାତିସଂଘର ଆକଳନ ଅନୁସାରେ, ୨୦୫୭ ମସିହା ବେଳକୁ ଏହା ୧୦ ହଜାର ନିୟୁତରେ ପହଞ୍ଚିଯିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଜାଗତିକ ଉଷ୍ଣତା ବୃଦ୍ଧି, ମୃତ୍ତିକାର ମାନ ହ୍ରାସ, ଭୂତଳ ଜଳ ନିମ୍ନଗାମୀ ହେବା ଆଦି କାରଣରୁ ହ୍ରାସ ପାଇବାରେ ଲାଗିଛି ମୁଣ୍ଡପିଛା ଚାଷୋପଯୋଗୀ ଜମିର ପରିମାଣ ଏବଂ ଏକର ପିଛା ଉତ୍ପାଦନର ସମ୍ଭାବନା। ଅତଏବ ପୃଥିବୀକୁ କ୍ଷୁଧାମୁକ୍ତ କରିବା ଏବଂ ସମସ୍ତଙ୍କୁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ପ୍ରଦାନ କରିବା ଦିନକୁ ଦିନ ଦୁଷ୍କର ହେବା ସ୍ୱାଭାବିକ। ପୁନଶ୍ଚ ବର୍ତ୍ତମାନର ରାସାୟନିକ ଭିତ୍ତିକ କୃଷି ପରିବେଶ ପ୍ରଦୂଷଣକୁ ତ୍ୱରାନ୍ୱିତ କରୁଥିବା ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଅନ୍ୟତମ। ଏସବୁ ସମସ୍ୟାର ସଫଳ ସମାଧାନର ସମ୍ଭାବନା ରୂପେ ଏବେ ଉଭା ହୋଇଛି ପାରଜିନୀୟ ଫସଲ।

କୌଣସି ଫସଲରେ ନୂଆ ଗୁଣଟିଏ ସୃଷ୍ଟି କରିବା ଲାଗି ସେଥିରେ କୃତ୍ରିମ ଉପାୟରେ ଅନ୍ୟ ଏକ ସଜୀବର ସେହି ଗୁଣଧାରୀ ଜିନୀୟ ପଦାର୍ଥ ପ୍ରତିରୋପଣ ମାଧ୍ୟମରେ ଜିନୀୟ ପରିବର୍ତ୍ତନ ଆଣି ଏହା ସୃଷ୍ଟି କରାଯାଏ। ସାଧାରଣତଃ ଏହି ଗୁଣମାନଙ୍କ ମଧ୍ୟରେ ରହିଛି ଅଧିକ ଉତ୍ପାଦନ ସହିତ ରୋଗ, କୀଟ, ଅଗଛା କିମ୍ବା ମରୁଡ଼ିର ପ୍ରତିରୋଧ କରିବା, କମ୍ ଜଳ ଓ ସାର ଆବଶ୍ୟକ କରିବା, କମ୍ ଅଙ୍ଗାରକାମ୍ଳ ବା ମିଥେନ୍ ଭଳି ସବୁଜଗୃହ ବାଷ୍ପର ନିର୍ଗମନ ଘଟାଇବା, ଶସ୍ୟର ପୌଷ୍ଟିକ ମାନ ବୃଦ୍ଧି କରିବା ଇତ୍ୟାଦି। ଜିନ୍ ପ୍ରତିରୋପଣ ପରେ ଏହାର ବିଭିନ୍ନ ଦିଗ ଉପରେ ପରୀକ୍ଷାନିରୀକ୍ଷା କରାଯାଏ। ତାହା ପରିବେଶ କି ପରିସଂସ୍ଥା ତଥା ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ କେତେ ନିରାପଦ ତାହାର ମୂଲ୍ୟାୟନ ହୁଏ। ଏ ସବୁ ପରେ ପାରଜିନୀୟ ଫସଲକୁ ଚାଷ କରିବାର ଅନୁମତି ମିଳେ। ଆମ ଦେଶରେ ଏହା କରିବା ଲାଗି ଗଠିତ ହୋଇଛି 'ଜେନେଟିକ୍ ଇଞ୍ଜିନିୟରିଂ ଆପ୍ରାଇଜାଲ୍ କମିଟି' ବା 'ଜିଇଏସି'। ଏହାର ସ୍ୱୀକୃତି ଲାଭ ପରେ ହିଁ କେବଳ ପାରଜିନୀୟ ଫସଲ ଚାଷ ପାଇଁ ଅନୁମତି ଦେଇଥା'ନ୍ତି ସରକାର।

ପାରଜିନୀୟ ଫସଲକୁ କେତେକ ମହଲରେ ବିରୋଧ କରାଯାଉଛି। ଏହାର କାରଣ ସ୍ୱରୂପ ଦର୍ଶାଯାଉଛି ନିମ୍ନୋକ୍ତ କେତୋଟି ସମ୍ଭାବ୍ୟ ନକାରାତ୍ମକ ପ୍ରଭାବକୁ। ୧- ଏଥିରେ ସୃଷ୍ଟି ହେଉଥିବା କୀଟନାଶକ ତତ୍ତ୍ୱ ଉପକାରୀ କୀଟମାନଙ୍କୁ ମାରିଦେଇପାରେ ଏବଂ କେତେକ ଅପକାରୀ କୀଟଙ୍କଠାରେ ପ୍ରତିରୋଧ ଶକ୍ତିର ବିକାଶ ଘଟାଇପାରେ। ୨- ଏଥିରେ ଉତ୍ପନ୍ନ ପ୍ରୋଟିନ୍ ପ୍ରାକୃତିକ ପ୍ରୋଟିନ୍‌ଠାରୁ ଭିନ୍ନ ହୋଇ ଆମଠାରେ ଆଲର୍ଜି ସୃଷ୍ଟି କରିପାରେ। ୩- ଭିନ୍ନ ପ୍ରଜାତିର ଉଦ୍ଭିଦ ସହିତ ପରାଗସଂଗମ ଫଳରେ ସେଥିରେ କୀଟ ପ୍ରତିରୋଧ ଶକ୍ତି ପ୍ରକଟିତ ହୋଇ ତଥାକଥିତ 'ସୁପର ଉଇଡ୍' ମଧ୍ୟ ସୃଷ୍ଟି କରିପାରେ। ୪- ପ୍ରାକୃତିକ କୀଟପତଙ୍ଗ, ଅଗଛା ଏବଂ ପ୍ରତିଯୋଗୀ ଉଦ୍ଭିଦ ଆଦି ଏହାଦ୍ୱାରା ପ୍ରଭାବିତ ହେବା ଫଳରେ ଜୈବ ବିଭିନ୍ନତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ୫- ପ୍ରତିରୋପିତ ଜିନ୍‌ର ଧ୍ରୁବୀକରଣ ଅଜଣା ବିପଦର କାରଣ ହୋଇପାରେ ଏବଂ ୬- ଏ ପ୍ରକାର ବିହନ ଉତ୍ପାଦନ କରି ତାହାର ଏକଚାଟିଆ ମାଲିକ ହୋଇପାରନ୍ତି କିଛି ବଡ଼ ବଡ଼ କମ୍ପାନୀ, ଯେଉଁମାନେ କି ସାଧାରଣ ଚାଷୀଙ୍କୁ ଶୋଷଣ କରିପାରନ୍ତି। ପୁନଶ୍ଚ ଏମାନଙ୍କ ପ୍ରୋତ୍ସାହନରେ ପାରଜିନୀୟ ଫସଲରେ 'ଟରମିନେଟର' ଜିନ୍ ସଂଯୁକ୍ତ କରାଗଲେ କୃଷକମାନେ ସେମାନଙ୍କ ଉତ୍ପନ୍ନ ଶସ୍ୟକୁ ବିହନ ରୂପେ ବ୍ୟବହାର କରିପାରିବେ ନାହିଁ ଏବଂ ପ୍ରତିବର୍ଷ ସେମାନଙ୍କୁ ଏହା କ୍ରୟ କରିବାକୁ ପଡ଼ିବ।

ଏସବୁ ନକାରାତ୍ମକ ଦିଗ ପ୍ରଦର୍ଶନ ସତ୍ତ୍ୱେ ଏବେ ପୃଥିବୀରେ ପାରଜିନୀୟ ଫସଲ ଚାଷ ବଢ଼ି ଚାଲିଛି। ୨୦୨୦ରେ ପ୍ରକାଶିତ 'ଇଣ୍ଟର ନ୍ୟାଶନାଲ ସର୍ଭିସ୍ ଫର୍ ଦ ଆକ୍ୟୁଇଜିସନ ଅଫ୍ ଏଗ୍ରି ବାଇଓଟେକ୍'ର ରିପୋର୍ଟ ଅନୁସାରେ ଏବେ ପୃଥିବୀର ୭୦ଟି ଦେଶ ଏହାକୁ ମଣିଷ କିମ୍ବା ଗୃହପାଳିତ ପଶୁଙ୍କର ଆଦ୍ୟ ରୂପେ ଗ୍ରହଣ କରିସାରିଲେଣି। ଏଗୁଡ଼ିକ ମଧ୍ୟରେ ଅଗ୍ରଣୀ ପାଞ୍ଚୋଟି ହେଲେ ଆର୍ଜେଣ୍ଟିନା, ବ୍ରାଜିଲ, କାନାଡ଼ା, ଭାରତ ଏବଂ ଆମେରିକା। ଏଠାରେ ଯଥାକ୍ରମେ ୨୪.୫ ନିୟୁତ, ୪୪.୨ ନିୟୁତ, ୧୧ ନିୟୁତ, ୧୧.୬ ନିୟୁତ ଏବଂ ୭୦.୯ ନିୟୁତ ହେକ୍ଟର ଜମିରେ ଏହା ଚାଷ ହେଉଛି (୨୦୨୦ ମସିହା)। ସାରା ବିଶ୍ୱରେ ୧୯୯୬ରେ ୧.୭ ନିୟୁତ ହେକ୍ଟର ଜମିରେ ପାରଜିନୀୟ ଫସଲ ଚାଷ ହେଉଥିଲା ବେଳେ ୨୦୧୫ରେ ପହଞ୍ଚିଥିଲା ୧୭୯.୭ ନିୟୁତ ହେକ୍ଟରରେ। ଏବେ ଏହା ଆହୁରି ବୃଦ୍ଧି ପାଇବଣି।

ପୃଥିବୀରେ ସର୍ବାଧିକ ଭାବେ ଚାଷ ହେଉଥିବା ପାରଜିନୀୟ ଫସଲଗୁଡ଼ିକ ମଧ୍ୟରେ ରହିଛି ସୋୟାବିନ୍, ମକା, କପା, ଅନ୍ୟାନ୍ୟ ଶସ୍ୟଜାତୀୟ ଫସଲ, ରେପ୍‌ସିଡ ଇତ୍ୟାଦି। କୁହାଯାଉଛି , ଏବେ ବଜାରରେ ଉପଲବ୍ଧ ୮୦% ପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ ପାରଜିନୀୟ ଫସଲରୁ ପ୍ରସ୍ତୁତ। ଆମ ଦେଶରେ ଏବେ ବ୍ୟବସାୟିକ ଭିତ୍ତିରେ ଚାଷ



ହେଉଥିବା ଏ ଜାତୀୟ ପ୍ରଥମ ଫସଲ ହେଲା ବିଟି-କପା। ଏଥିରେ ବ୍ୟବହୃତ ହୋଇଛି ମୃତ୍ତିକାରେ ବାସ କରୁଥିବା 'ବ୍ୟାସିଲସ୍ ଥୁରିଙ୍ଗିନେ ସିସ୍' ଜୀବାଣୁ ବା 'ବିଟି-ଜୀବାଣୁ'ର ରୋଗକୀଟ ପ୍ରତିରୋଧକ (ବିଶେଷକରି 'ବଲୱାର୍ମ') ଜିନ୍। ଏହାକୁ ଛାଡ଼ିଦେଲେ ଏବେ ଗୋଖାଦ୍ୟ ରୂପେ ଉପଯୋଗ ହେବା ପାଇଁ ପାରଜିନୀୟ ମକାଚାଷ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଛି ଏବଂ ଟମାଟୋ, ବାଇଗଣ ଓ ବୁଟ ଆଦି ଖାଦ୍ୟ ଫସଲର ଚାଷ ସରକାରଙ୍କ ଅନୁମତିର ଅପେକ୍ଷାରେ ଅଛି। ପୁନଶ୍ଚ ପାରଜିନୀୟ ସୋରିଷ (ଧାରା ମଷ୍ଟାର୍ଡ ହାଇବ୍ରିଡ୍ ବା ଡିଏମ୍‌ଏଚ୍-୧୧)ର ସବୁ ପ୍ରକାର ବୈଜ୍ଞାନିକ ପରୀକ୍ଷାନିରୀକ୍ଷା କରାଯାଇ 'ଜିଇଏସି'ର ଚାଷ ପାଇଁ ସ୍ୱୀକୃତି ତଥା ସରକାରଙ୍କ ଅନୁମତି ମିଳି ସାରିଥିଲେ ହେଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଏହା କୃଷିକ୍ଷେତକୁ ଆସିପାରି ନାହିଁ।

ଆମ ଦେଶରେ ଖାଦ୍ୟୋପଯୋଗୀ ତୈଳର ପ୍ରାୟ ୬୦% ବିଦେଶରୁ ଆମଦାନୀ କରାଯାଉଛି। ଅନ୍ୟପକ୍ଷରେ ଏଠାରେ ସୋରିଷ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦେଶରେ ଏହାର ଏକର ପିଛା ଉତ୍ପାଦନ ବିଶ୍ୱର ହରାହାରି ତୁଳନା ବହୁତ କମ୍। ଏଣୁ ସୋରିଷର ଉତ୍ପାଦନ କ୍ଷମତା ବୃଦ୍ଧି ଆମ ଚାଷୀମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ସହିତ ତୈଳ ଉତ୍ପାଦନ କ୍ଷେତ୍ରରେ ଆମକୁ ଆତ୍ମନିର୍ଭରଶୀଳ କରିପାରିବ। ପୁନଶ୍ଚ ଭାରତର ଏହି ପ୍ରଥମ ପାରଜିନୀୟ ଫସଲକୁ ୨୦୦୭ରେ ସୃଷ୍ଟି କରିଥିଲା ଦିଲ୍ଲୀ ବିଶ୍ୱବିଦ୍ୟାଳୟର 'ସେଣ୍ଟରଫର ଜେନେଟିକ ମାନିପୁଲେସନ ଅଫ କ୍ରପପ୍ଲାଣ୍ଟସ'। ଏହା କରିଥିବା ବୈଜ୍ଞାନିକ ଗୋଷ୍ଠୀର ମୁଖ୍ୟ ଥିଲେ ଏହାର ପୂର୍ବତନ କୁଳପତି ଦୀପକ ପେଣ୍ଟାଲ୍। ତାଙ୍କ ମତରେ ଏଥିରେ ବ୍ୟବହୃତ ଜିନ୍‌ଗୁଡ଼ିକ ଏହାକୁ ରୋଗକୀଟ ଓ ଅଗଛା ସହ୍ୟକାରୀ ଶକ୍ତି ସହିତ କମ୍ ଜଳ ଏବଂ କମ୍ ମୃତ୍ତିକା ପୁଷ୍ଟିରେ ବଢ଼ି ପାରିବାର ସାମର୍ଥ୍ୟ ପ୍ରଦାନ କରିପାରିବେ। ଏହାବ୍ୟତୀତ ଏ ବିହନର ବିକାଶର କୌଣସି କମ୍ପାନୀ ସମ୍ପୃକ୍ତ ହୋଇ ନ ଥିବାରୁ ଏହାର ଏକଚାଟିଆ ବ୍ୟବସାୟର ଅବକାଶ ରହିବ ନାହିଁ। ପରିବେଶ ଓ ପରିସଂସ୍ଥା ତଥା ଜୈବ ବିଭିନ୍ନତା ଉପରେ ଏହାର କୌଣସି ନକାରାତ୍ମକ ପ୍ରଭାବ ପରିଦୃଷ୍ଟ ହୋଇନାହିଁ ବରଂ ମୃତ୍ତିକାର ସ୍ୱାସ୍ଥ୍ୟ ଏହାଦ୍ୱାରା ସୁରକ୍ଷିତ ରହିବାର ଦେଖାଯାଇଛି। ଏହା ସତ୍ତ୍ୱେ ବି ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛି ଏହାକୁ ଆହୁରି ଗଭୀରଭାବେ ଅନୁଧ୍ୟାନ କରିବାକୁ, ଯାହାଫଳରେ ଏ ଫସଲ ଶତ ପ୍ରତିଶତ ନିରାପଦ ବୋଲି ପ୍ରମାଣିତ ହୋଇପାରିବ।

ଆମ ବୈଜ୍ଞାନିକମାନେ କାଳ ବିଳମ୍ବ ନ କରି ଏହାର ସୀମିତ ତଥା ନିୟନ୍ତ୍ରିତ ଚାଷ ଆରମ୍ଭ କରିବା ଉଚିତ। ଯଦି ଏ ଫସଲର କୌଣସି ନକାରାତ୍ମକ ଦିଗ ଏପରିକି ସାମାନ୍ୟ ଭାବେ ପରିଦୃଷ୍ଟ ହୁଏ, ତେବେ ସେମାନେ ସେଥିରେ ଅଧିକ ତଥା ନୂତନ ଜିନୀୟ ପରିବର୍ତ୍ତନ ଆଣି ତାହାର ସମାଧାନ କରିବା ଦିଗରେ ପଦକ୍ଷେପ ନେଇପାରିବେ। ବର୍ତ୍ତମାନର 'ଜିନ୍ ସମ୍ପାଦନା ଯୁଗ'ରେ ଏହା ଅସମ୍ଭବ ନୁହେଁ। ଅତଏବ ଏହି ଅଧିକ ଉତ୍ପାଦନକ୍ଷମ ପାରଜିନୀୟ ସୋରିଷ ଯଥାଶୀଘ୍ର କୃଷିକ୍ଷେତ୍ରକୁ ଓହ୍ଲାଇପାରିବ ଏବଂ କୃଷକ ଓ ଜନସାଧାରଣ ଏହାଦ୍ୱାରା ଲାଭବାନ୍ ହେବେ।

ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ବଡ଼ ବିଷମ ସ୍ଥିତି



ରାଧାଶ୍ୟାମ ରାଉଳ

ଭଲ କାମ କରୁଥିଲେ ବି ତାକୁ ଖରାପ କି ମନ୍ଦ କାମ କହିବାକୁ ଆମ ଭିତରୁ କିଛି ବାହାରିବେ। ତେବେ ମନ୍ଦ କହିବା ପଛରେ କୌଣସି ବଳିଷ୍ଠ ଯୁକ୍ତି ନଥାଇ ବି ଭଲକୁ ମନ୍ଦ କହିବାକୁ ସେମାନେ ଆଦୌ ପଛେଇବେ ନାହିଁ। ସମୂହ କଲ୍ୟାଣସାଧନ, ପରୋପକାର, ଜନହିତକର କାମ, ସର୍ବସାଧାରଣ ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ଓ ସଂରକ୍ଷଣ, ଦେଶର ନୀତିନିୟମ, ଆଇନକାନୁନ ଓ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ପାଳନ ଓ ସମ୍ମାନ ପ୍ରଦର୍ଶନ, ରାଷ୍ଟ୍ର ବା ଦେଶର ସଂହତି ଓ ସାର୍ବଭୌମତ୍ୱକୁ ସମ୍ମାନ ପ୍ରଦର୍ଶନ, ପାରିବାରିକ, ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ପରସ୍ପର ମଧ୍ୟରେ ସାହାଯ୍ୟ, ସହଯୋଗ , ସଂପ୍ରୀତି, ସମ୍ପର୍କ, ସଦ୍ଭାବନା ସ୍ଥାପନ ଇତ୍ୟାଦିକୁ ଆମେ ଭଲ କାମ ବୋଲି ନିର୍ଦ୍ଦ୍ୱନ୍ଦ୍ୱ କହିବା। ହେଲେ ଆଶ୍ଚର୍ଯ୍ୟ ଓ ଅବସୋସର ବିଷୟ, ଆଜିର ସମୟରେ ସାଧାରଣ ସ୍ଥିତି, ଗତି ଓ ପ୍ରବୃତ୍ତି ସମ୍ପୂର୍ଣ୍ଣ ଅଲଗା। ନିଜ ନିଜର ସ୍ୱାର୍ଥସାଧନ, ବ୍ୟକ୍ତିକେନ୍ଦ୍ରିକ ମାନସିକତାପୋଷଣ, ପରନିନ୍ଦା, ପରପୀଡ଼ନ, ପରଶ୍ରୀକାତରତା, ଅସହିଷ୍ଣୁତା, ଜାତୀୟ ସମ୍ପତ୍ତିକୁ ଜବରଦଖଲ, ଦେଶର ନୀତିନିୟମ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ବିଧି ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଂଘନ, ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ ଭିଆଣ ଇତ୍ୟାଦି ଆଜିର ସମୟରେ ଏକ ରକମର ଚଳଣି ଓ ଫେଶନ ହୋଇଯାଇଛି। ଆମେ ଏସବୁକୁ ମନ୍ଦ କାମ କିମ୍ବା କୁକର୍ମ କହୁଛୁ, ହେଲେ ଅନ୍ୟମାନେ ଏସବୁକୁ ବିନା ପ୍ରତିବାଦରେ ସହୁଛନ୍ତି, ବରଦାସ୍ତ କରୁଛନ୍ତି। ଅନ୍ୟମାନଙ୍କ ମତରେ, ଭଲ କାମ କଲେ ଅପବାଦ, ଭଲ କଥା କହିଲେ ବିପଦ! ତେଣୁ ଭଲ କାମ କରି ଭଲ କଥା କହି ଲାଞ୍ଛିତ, ଅପଦସ୍ଥ, ସମାଲୋଚିତ ହେବା ଅପେକ୍ଷା ଯିଏ ଯାହା କରୁଛି କିମ୍ବା କହୁଛି ତାକୁ ନିରବରେ ସହିଯିବା ବରଂ ଭଲ।

ବାପା, ମାଆ, ଗୁରୁଜନମାନଙ୍କୁ ଭକ୍ତି, ସେବା, ଶୁଶ୍ରୂଷା, ଆଦର ଓ ସମ୍ମାନ କରିବା, ସେମାନଙ୍କର ଆଦେଶ, ଉପଦେଶ, ପରାମର୍ଶକୁ ପାଳନ କରିବା ପ୍ରତ୍ୟେକ ସନ୍ତାନ ସନ୍ତତିଙ୍କର ମହତ୍ କର୍ତ୍ତବ୍ୟ ଓ ନୈତିକ ଦାୟିତ୍ୱ। ଏ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଅତି ନିଷ୍ଠାର ସହ ମାନିବା ଓ ପାଳନ କରିବା ଉଚିତ୍। ହେଲେ ଆଜିର ଯୁବପିଢ଼ି ଏ ଦାୟିତ୍ୱ ଓ କର୍ତ୍ତବ୍ୟକୁ କେଉଁ ମାନୁଛନ୍ତି ନା ପାଳୁଛନ୍ତି? ବିନା ହେଲ୍‌ମେଟ କି ସିଟବେଲ୍ଟରେ, ମଦ ପିଇ କି ନିଶାସେବନ କରି ଗାଡ଼ି ଚଳେଇବା, ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ପିଇବା, ଗୁଟ୍‌ଖା ଚୋବେଇବା କି ଚାକୁଳେଇବା ଆଦି କାର୍ଯ୍ୟକୁ ବେଆଇନ କାର୍ଯ୍ୟ ବୋଲି କୁହାଯାଉଛି। ଏସବୁ କାର୍ଯ୍ୟକୁ ନିଷେଧ ପାଇଁ ଆଇନ ପ୍ରଣୟନ କରାଯାଇଛି। ଆଇନକୁ ଯିଏ ମାନୁନାହିଁ କି ମାନିବ ନାହିଁ ତାଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ଉପଯୁକ୍ତ ଦଣ୍ଡବିଧାନ ମଧ୍ୟ ରହିଛି। ହେଲେ ଯେଉଁମାନେ ଆଇନକୁ ମାନୁନାହାନ୍ତି, ଶାସନ ନା ପ୍ରଶାସନ ନା ସରକାରୀ କଟକଣା ସେଇସବୁ ଅମାନିଆମାନଙ୍କୁ କ'ଣ ଜବତ କି ସାବାଡ଼ କରିପାରୁଛି କି?



ଏବେକାର କଥା। ଦିନକୁଦିନ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ଓ ମାତ୍ରାଧିକ ଶବ୍ଦ ପ୍ରଦୂଷଣରେ ରୋକ ଲଗେଇବା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ଦୀପାବଳି ଓ କାଳୀପୂଜାରେ ବାଣ ଫୁଟାଇବା ଓ ଆତସବାଜି ବ୍ୟବହାର କରିବା ଉପରେ କଟକଣା ଜାରି କଲେ। ହେଲେ ଆଶ୍ଚର୍ଯ୍ୟ, ଏ କଟକଣାକୁ ଅମାନ୍ୟ କରି ଅମାନିଆମାନେ ମନଇଚ୍ଛା ବାଣ ଫୁଟାଇ ବାୟୁମଣ୍ଡଳକୁ ଅତ୍ୟଧିକ ବିଷାକ୍ତ ଓ ପ୍ରଦୂଷିତ କରିଦେଲେ। କ୍ଷୋଭ ଓ ପରିତାପର ବିଷୟ, ଜନକଲ୍ୟାଣ ପାଇଁ ଦେଶର ନ୍ୟାୟପାଳିକା ଯେଉଁ କାର୍ଯ୍ୟ ଉପରେ ନିଷେଧାଜ୍ଞା କି କଟକଣା ଜାରି କରୁଛନ୍ତି, ସେସବୁର ପ୍ରୟୋଗ ଓ କାର୍ଯ୍ୟକାରିତାକୁ ନେଇ ଘୋର ସନ୍ଦେହ ଓ ପ୍ରଶ୍ନ ସୃଷ୍ଟି ହେଉଛି। ତେଣୁ ବିରାଟ ବ୍ୟବଧାନ ରହୁଛି, ନ୍ୟାୟାଳୟର ନିଷେଧାଜ୍ଞା ଓ ତା'ର ପ୍ରୟୋଗ ବା କାର୍ଯ୍ୟସମ୍ପାଦନ ଭିତରେ।

ବର୍ତ୍ତମାନର ପରିସ୍ଥିତି ଯାହା, ସାମାଜିକ ବିଧିବ୍ୟବସ୍ଥା, ଚଳଣି, ପରମ୍ପରା, ସଭ୍ୟତା, ସଂସ୍କୃତି, ଆଚାର ବିଚାର, ଦେଶର ଆଇନକାନୁନ, ନ୍ୟାୟିକ କଟକଣାକୁ କେହି ନିଷ୍ଠାର ସହ ମାନୁନାହାନ୍ତି। ଉଦ୍‌ବେଗର ବିଷୟ ହେଲା, ସମ୍ପର୍କ ଦାୟରେ କେହି କାହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ପତ୍ନୀ ମାନୁନାହିଁ ପତିଙ୍କୁ, ପତି ମଧ୍ୟ ମାନୁନାହିଁ ପତ୍ନୀଙ୍କୁ। ପୁଅ ବାପାଙ୍କୁ, ବାପା ପୁଅଙ୍କୁ, ପ୍ରେମିକ ପ୍ରେମିକାଙ୍କୁ, ପ୍ରେମିକା ପ୍ରେମିକଙ୍କୁ, ଗୁରୁ ଶିଷ୍ୟଙ୍କୁ, ଶିଷ୍ୟ ଗୁରୁଙ୍କୁ, ନେତା ଜନତାଙ୍କୁ, ଜନତା ନେତାଙ୍କୁ, ଚାକର ମାଲିକଙ୍କୁ, ମାଲିକ ଚାକରଙ୍କୁ, କର୍ମଚାରୀ କର୍ତ୍ତୃପକ୍ଷଙ୍କୁ, କର୍ତ୍ତୃପକ୍ଷ କର୍ମଚାରୀଙ୍କୁ, ଶ୍ରୋତା ବକ୍ତାଙ୍କୁ, ବକ୍ତା ଶ୍ରୋତାଙ୍କୁ ଏମିତି ଏମିତି କେହି କାହାରିକୁ ମାନୁନାହାନ୍ତି। ଯାହା ଫଳରେ ସମ୍ପର୍କରେ ସୃଷ୍ଟି ହେଉଛି ସଙ୍କଟ, ଆଚାର ବିଚାର ଓ ଭାବର ଆଦାନପ୍ରଦାନରେ ସୃଷ୍ଟି ହେଉଛି ଚରମ ବିଭ୍ରାଟ!

ଗୋଟିଏ ପଟେ ପ୍ରଚଳିତ ବ୍ୟବସ୍ଥା ଓ ଚଳଣିରେ ଦେଖାଦେଉଥିବା ତ୍ରୁଟିବିଚ୍ୟୁତି, ବିଲକ୍ଷଣ, ବ୍ୟତିକ୍ରମରେ ସଂଶୋଧନ ସୁଧାର, ସଂସ୍କାର ଆଣିବା ପାଇଁ ଆଇନ ପ୍ରଣୟନ ଓ ନିଷେଧାଜ୍ଞା ଜାରି ହେଉଥିବା ବେଳେ ଅନ୍ୟପଟେ ଦିନକୁଦିନ ଆମ ସମାଜରେ ଆଇନ ଅମାନ୍ୟକାରୀ ଓ ନିଷେଧାଜ୍ଞା ଉଲ୍ଲଂଘନକାରୀ ଅମାନିଆମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଆଜ୍ଞା, ଇଏ ବଡ଼ ବିଷମ ପରିସ୍ଥିତି ନୁହେଁ କି ?

ମୋ: ୯୪୩୭୦୯୦୯୮୫

## ଏଇ ଭାରତରେ

ଜୀବନର ମୋଡ଼ କେତେବେଳେ ବଦଳିଯାଏ ତାହା କହିବା କଷ୍ଟକର। ଏମିତି ଏକ ପରିବର୍ତ୍ତନ ଆସିଛି ବେଙ୍ଗାଲୁରୁର ଚାଷୀ ଅମିତ କିଷାନଙ୍କ ଜୀବନରେ। ସେ ବ୍ୟାଙ୍କ ଚାକିରି ଛାଡ଼ି କୃଷି କ୍ଷେତ୍ରରେ ପ୍ରବେଶ କରି ବର୍ଷକୁ ୨୧ କୋଟି ଟଙ୍କା ରୋଜଗାର କରିବା ସହ ୩୦୦୦ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଲୋକମାନଙ୍କୁ ଜୈବିକ ଖାଦ୍ୟ ଯୋଗାଇ ଦେବା ପାଇଁ ସେ ୨୦୧୯ରେ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ। ଦେଢ଼ କୋଟି ଟଙ୍କା ଋଣ ଆଣି ୬୫୦ ଏକର ବିଶିଷ୍ଟ ଫାର୍ମରେ ଏବେ ଚାଷ କରୁଛନ୍ତି। ଅମିତ ଲୋକମାନଙ୍କୁ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଉତ୍ପାଦିତ ପନିପରିବା, ଡାଲି ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଯୋଗାଉଛନ୍ତି। ଫସଲ ଉତ୍ପାଦନ କରିବାଠାରୁ ଆରମ୍ଭ କରି ଦୁଗ୍ଧଜାତୀୟ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସେ ୩୦୦୦ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଫାର୍ମରେ ବିଭିନ୍ନ ପ୍ରଜାତିର ୭୦୦ ଦେଶୀ ଗାଇ ରଖିଛନ୍ତି। ଚାଷରେ କୌଣସ ପ୍ଲାଷ୍ଟିକ ବ୍ୟବହାର ହେଉନି, ଏପରି କି ଟ୍ରାକ୍ଟର ଦ୍ୱାରା ଚାଷ କରାଯାଉନାହିଁ। ଚାଷ କେବଳ ପାରମ୍ପରିକ ପଦ୍ଧତିରେ କରାଯାଉଛି । ସେ ମଧ୍ୟ ଫାର୍ମ ଟୁରିଜମ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଜୈବିକ ଖତ,କୀଟନାଶକ ଏବଂ ବାୟୋଗ୍ୟାସ ପ୍ରସ୍ତୁତ କରି ନିଜେ ଚାଷରେ ବ୍ୟବହାର କରିବା ସହ ଅନ୍ୟ ଚାଷୀମାନଙ୍କୁ ତାହା ଶସ୍ତାରେ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୮

- ସେଣ୍ଟ୍ରାଲ ପାକିସ୍ତାନର ଯୋହାରବାଦଠାରେ ଥିବା ଏକ ରିଆକ୍ଟର କେନ୍ଦ୍ରରେ ପ୍ଲୁଟୋନିୟମ ଉତ୍ପାଦନ ଆରମ୍ଭ।
- ଆସାମର କଙ୍ଗୋଠାରୁ ଦିଫୁ ଏବଂ କୁମାରଘାଟକୁ ଅଗରତାଲାକୁ ସଂଯୋଗ କରୁଥିବା ଦୁଇଟି ରେଳପଥର ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର ରେଳବାଇ ମନ୍ତ୍ରୀ ନିତୀଶ କୁମାର ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | 9 | 7 | | 3 |
| | | 7 | | 5 | | 9 | | |
| 6 | | | 8 | | | | 4 | |
| 3 | | | 4 | | | | | 6 |
| | | 1 | | | 5 | | | 7 |
| 4 | 7 | | 3 | | | | | |
| | | | | 8 | | | | |
| | 5 | 4 | 9 | | | | | |
| | 8 | | | 3 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 6 | 3 | 2 | 9 | 1 | 7 | 4 |
| 4 | 2 | 1 | 8 | 7 | 6 | 9 | 3 | 5 |
| 3 | 7 | 9 | 4 | 1 | 5 | 2 | 8 | 6 |
| 6 | 9 | 8 | 1 | 4 | 3 | 5 | 2 | 7 |
| 5 | 3 | 2 | 6 | 9 | 7 | 4 | 1 | 8 |
| 7 | 1 | 4 | 2 | 5 | 8 | 6 | 9 | 3 |
| 2 | 6 | 3 | 5 | 8 | 1 | 7 | 4 | 9 |
| 1 | 8 | 7 | 9 | 6 | 4 | 3 | 5 | 2 |
| 9 | 4 | 5 | 7 | 3 | 2 | 8 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ ବିଭାଗର ଅବହେଳା

ମହାଶୟ,
ପ୍ରତିବର୍ଷ ଅକ୍ଟୋବର ୯ରେ ବିଶ୍ୱ ଡାକ ଦିବସ ପାଳିତ ହୋଇଆସୁଛି। କିନ୍ତୁ ଡାକ ବିଭାଗର ବହୁ ଅବହେଳା ପରିଲକ୍ଷିତ ହେଉଛି। ଶେରଗଡ଼ ଛକର ଏକ ଟେଲିଫୋନ ଖୁଣ୍ଟରେ ଗୋଟିଏ ଡାକବାକ୍ସ ଲାଗିଛି ଓ ତାହାର ଚାବି ନାହିଁ। ବାଲେଶ୍ୱର ଜିଲାପାଳଙ୍କ ସରକାରୀ ବାସଭବନ ନିକଟରେ ଏକ ରଙ୍ଗବିହୀନ ଡାକବାକ୍ସ ବି ଅଛି। କିନ୍ତୁ ସେଠାରୁ କେବେ ଚିଠି ଖୋଲାହେବାର ଦେଖାଯାଏ ନାହିଁ। ଅନେକ ପୋଷ୍ଟ ଅଫିସରେ ଏଡି(ରେଜିଷ୍ଟ୍ରି ପୋଷ୍ଟରେ ଗୁନ୍ଥାଯାଏ) କାର୍ଡ ମିଳେ ନାହିଁ। ତାହାକୁ ଲୋକେ ବହି ଦୋକାନରୁ କିଣନ୍ତି। ୧୦ ଟଙ୍କିଆ ଆଇପିଓ ମଧ୍ୟ ମିଳୁନାହିଁ। ଲୋକେ ବାଧହୋଇ ୫୦ ଟଙ୍କାର ଆଇପିଓ (ରାଇଟ୍ ଟୁ ଇନ୍‌ଫର୍ମେଶନରେ ଲାଗିଥାଏ) ଲଗାଉଛନ୍ତି। ୨୫ ପଇସିଆ ମେଘଦୂତ ପୋଷ୍ଟକାର୍ଡ ମିଳୁନାହିଁ। ତେବେ ଡାକ ବିଭାଗର ଏଭଳି ଅବହେଳା କାହିଁକି ?

– କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏହି ଯେ ପାହାଡ଼ ଆକାଶେ ଟେକିଛି ଶିର
ଯୋଗୀର ଧୂସର ଧିଆନ ସମାନ ଥିର !
ଉପହସି କେତେ ଝଞ୍ଜା ବତାସ ଖରା
କେତେ ବସନ୍ତେ ତୁଟିନି ଧିଆନ ପରା !
କମ୍ପନହୀନ ବିପୁଳ ବକ୍ଷ ତୁଲେ
ଉପବୀତ ସମ ସରୁ ରଥଟିଏ ଝୁଲେ।
(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୧।୨୦୨୩

| | |
|---|---|
| ୨୨,୩୪, ୫୨୮ଟଙ୍କା | |
| ସୁନା | ୦୫.୬୦୦ ଗ୍ରାମ୍ |
| ରୁପା | ୨୩୬.୭୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶଙ୍ଖଧ୍ୱନି ରାସ୍ତା ସୁରକ୍ଷା ସମିତି ପକ୍ଷରୁ ୱାର୍ଲ୍ଡ ରିମେମ୍ବ୍ରାନ୍ସ ଡେ', ହୋଟେଲ ନ୍ୟୁ ମାରିୟନ, ସକାଳ ୯ଟା ୩୦।
- ଡ. ଲଲାଟେନ୍ଦୁ ସାହୁଙ୍କ ୨ଟି ପୁସ୍ତକ ଉନ୍ମୋଚନ ଉତ୍ସବ, କଳିଙ୍ଗ କନ୍‌ଭେନ୍‌ଶନ ହଲ୍, ଓଟିଡିସି, ପୂର୍ବାହ୍ନ ୧୦ଟା।
- ଭଦ୍ରକ ଜିଲା ସାଂସ୍କୃତିକ ସମ୍ମେଳନ 'ତ୍ୟାଗଭୂମି' ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୧୫।
- ୨ୟ ପରିଚୟ ସାହିତ୍ୟ ଉତ୍ସବ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା ୩୦।
- ନେଚର କେୟାର ଇନିସିଏଟିଭ୍ ପକ୍ଷରୁ ନ୍ୟାଶନାଲ ସମ୍ମିଟ୍, ହୋଟେଲ ଲା ଫ୍ରାନ୍‌କଲିନ୍, ରସୁଲଗଡ଼, ପୂର୍ବାହ୍ନ ୧୦ଟା ୩୦।
- ଯୁବ ଲେଖକ ପୁରସ୍କାର ବିତରଣ ସମାରୋହ, ହୋଟେଲ ଶୀତଲ, ପୂର୍ବାହ୍ନ ୧୦ଟା ୩୦।
- ପ୍ରଶାସନିକ ଓ ଶୈକ୍ଷିକ ଭବନ ଏବଂ ଛାତ୍ରାବାସ ଓ ଅତିଥି ଭବନର ଉଦ୍‌ଘାଟନ, ପୂର୍ବାଞ୍ଚଳ ଭାଷା କେନ୍ଦ୍ର କ୍ୟାମ୍ପସ୍, ଲକ୍ଷ୍ମୀସାଗର, ପୂର୍ବାହ୍ନ ୧୧ଟା।
- ୩୪ତମ ଶିଶୁମେଳା, ଏକାମ୍ର ହାଟ, ଅପରାହ୍ନ ୪ଟା ୩୦।
- ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଗବେଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ୮୩ ବର୍ଷ ବୟସରେ ପଦାର୍ପଣ, ଜୟଦେବ କମ୍ପ୍ଲେକ୍ସ ସମ୍ମିଳନୀ କକ୍ଷ, ଶହୀଦ ନଗର ୧୧୧(ଡି), ସନ୍ଧ୍ୟା ୬ଟା।
- ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ଆଲୋଚନାଚକ୍ର, ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବିପ୍ଳବୀ କବି ମନମୋହନ ମିଶ୍ର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ୨୪ତମ ସ୍ମୃତିସନ୍ଧ୍ୟା, ରୋଟାରି ଭବନ, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ୨୬ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ, ପଞ୍ଚବଟୀ ନିବାସ ଓ ଜାନକୀ ହରଣ, ଶ୍ରୀ ନିକୁଞ୍ଜବିହାରୀ ମନ୍ଦିର ପରିସର, ରାତି ୭ଟା।

# ଖୋର୍ଦ୍ଧାରୁ ମିଳିଲା ଭଗ୍ନ ବୀରଶିଳା ସମୂହ

ଭୁବନେଶ୍ୱର,୧୮।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଅଲୋଡ଼ା ଅବହେଳିତ ଅବସ୍ଥାରେ ପଡ଼ିରହିଛି ଓଡ଼ିଆ ପାଇକଙ୍କ ବୀରତ୍ୱର ଗାଥା ବହନ କରୁଥିବା ଭଗ୍ନ ବୀରଶିଳା ସମୂହ। ୧୮୧୭ ମସିହା ପାଇକ ବିଦ୍ରୋହ ସମୟରେ ମହାନ ପାଇକ ନେତା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜଙ୍କ ସହ ଯୁଦ୍ଧ କରି ପ୍ରାଣବଳି ଦେଇଥିବା ପାଇକ ବୀରଙ୍କ ଏହି ସ୍ମୃତିସ୍ତମ୍ଭଗୁଡ଼ିକ ଚିହ୍ନଟ କରିଛନ୍ତି ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ୍ କଲଚରାଲ ହେରିଟେଜ (ଇନ୍‌ଟାକ୍) ଟିମ୍। ଇନ୍‌ଟାକ୍ ଭୁବନେଶ୍ୱର ଶାଖାର ଆବାହକ ଅନିଲ ଧୀର, ଐତିହ୍ୟ ଗବେଷକ ଦୀପକ କୁମାର ନାୟକ, ଐତିହ୍ୟପ୍ରେମୀ ବିକ୍ରମ କୁମାର ନାୟକ ଓ ସୁମନ ପ୍ରକାଶ ସ୍ୱାଇଁ ପ୍ରମୁଖ ଖୋର୍ଦ୍ଧା ସଦର ବ୍ଲକ ଅଞ୍ଚଳର ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ଅନୁସନ୍ଧାନ ସମୟରେ ଏହି ବୀରଶିଳାଗୁଡ଼ିକ ଚିହ୍ନଟ କରିଥିଲେ। ଏହି ବ୍ଲକ ଅନ୍ତର୍ଗତ ମହତପଲ୍ଲା ଗ୍ରାମର ଏକ ମାଟି ଢିପରେ ଏହି ଐତିହାସିକ ବିଭବ ଦୃଷ୍ଟିକୁ ଆସିଛି। ଏ ସମ୍ପର୍କରେ ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି, ଓଡିଶାରେ



ଖୋର୍ଦ୍ଧା ସଦର ବ୍ଲକ ଅନ୍ତର୍ଗତ ମହତପଲ୍ଲା ଅଞ୍ଚଳରେ ଥିବା ବୀରଶିଳା।

### ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବାକୁ ଦାବି

ହିରୋଷ୍ଟୋନ ବା ବୀରଶିଳା ସବୁର ବ୍ୟବହାର ଅତି ପୁରାତନ ସମୟରୁ ଦେଖିବାକୁ ମିଳେ। ଯୁଦ୍ଧକରି ପ୍ରାଣଦାନ କରିଥିବା ବୀରଯୋଦ୍ଧାଙ୍କ ସ୍ମୃତିରେ ଏପ୍ରକାର ହିରୋଷ୍ଟୋନ ସବୁ ସ୍ଥାପନ କରାଯାଉଥିଲା। ଭୌମକରମାନଙ୍କ ରାଜୁତି ସମୟଠାରୁ ଆରମ୍ଭ କରି ଇଂରେଜ ଶାସନ ପର୍ଯ୍ୟନ୍ତ (ଅଷ୍ଟମରୁ ଊନବିଂଶ ଶତାବ୍ଦୀ) ବିଭିନ୍ନ ଶୈଳୀର ବୀରଶିଳା ଓଡ଼ିଶାର ଅନେକ ସ୍ଥାନରେ ଦେଖିବାକୁ ମିଳେ। ମହତପଲ୍ଲାର ବୀରାଶିଳାଗୁଡ଼ିକରେ ଏହି ବୀରମାନେ ଧନୁରେ ଲକ୍ଷ୍ୟ ସାଧନା ଭଙ୍ଗୀରେ ଚିତ୍ରିତ ହୋଇଛନ୍ତି। ଅନ୍ୟକିଛି ମୂର୍ତ୍ତିରେ ଢାଲ ଓ ଖଡଗ୍‌ଧାରୀ ଯୋଦ୍ଧାଙ୍କ ଚିତ୍ରଣ ମଧ୍ୟ ରହିଛି। ଇନ୍‌ଟାକ୍ ଆବାହକ ଧୀର୍ କହିଛନ୍ତି, ସ୍ଥାନୀୟ ଲୋକକଥା ଅନୁସାରେ ଏ ସ୍ଥାନଟିର ନାମ 'ଅଠର ଭାୟା'। ଏଠାରେ ଥିବା ଅଠରଟି ସ୍ମୃତିସ୍ତମ୍ଭ ଅଠର ଜଣ ପାଇକ ଭାଇଙ୍କ ପ୍ରାଣ ଦାନର ପ୍ରତୀକ। ପାଇକ ବିଦ୍ରୋହ ସମୟରେ ବ୍ରିଟିଶ ସୈନ୍ୟମାନେ ବକ୍ସି ଜଗବନ୍ଧୁଙ୍କୁ ଗିରଫ କରିବାକୁ ଯିବା ସମୟରେ ଏହି କାଞ୍ଚିଆଗଡ ନିକଟରେ ପାଇକ ବିଦ୍ରୋହୀଙ୍କ ଦ୍ୱାରା ଯୁଦ୍ଧର ସମ୍ମୁଖୀନ ହୋଇଥିଲେ। ସେହି ଯୁଦ୍ଧରେ ଏହି ୧୮ଜଣ ଯୋଦ୍ଧା ଜୀବନଦାନ ଦେଇଥିଲେ ବୋଲି ଜନଶ୍ରୁତି ରହିଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହା ଆଜି ନଷ୍ଟପ୍ରାୟ ହୋଇଗଲାଣି। ଅନେକ ମାଟି ତଳେ ପୋତି ହୋଇଯାଇଛି। ଏ ସମ୍ପର୍କରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଶୀଘ୍ର ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଆବଶ୍ୟକ ପଡିଲେ ଏହି ବୀରଶିଳାଗୁଡ଼ିକୁ ଓଡିଶା ଷ୍ଟେଟ୍ ମ୍ୟୁଜିୟମକୁ ସ୍ଥାନାନ୍ତରିତ କରିବା ତଥା ମାଟି ତଳେ ଥିବା ଅନ୍ୟ ବୀରାଶିଳାଗୁଡ଼ିକୁ ଖନନ କରି ବାହାର କରିବାକୁ ଧୀର ଗୁରୁତ୍ୱାରୋପ କରିଛନ୍ତି।




ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳାକୁ ଜର୍ମାନ କନ୍‌ସଲ ଜେନେରାଲ ବାବ୍ରା ଭୋଷ ବୁଲି ଦେଖୁଛନ୍ତି।

# ନନ୍ଦନକାନନରେ ଆରମ୍ଭ ହେଲା ବୋଟିଂ



ବାରଙ୍ଗ,୧୮।୧୧(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଉଭୟ ରୋପ୍‌ୱେ ଓ ବୋଟିଂ ସେବା ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ପାଇଁ ବହୁ ପ୍ରତୀକ୍ଷିତ ଥିବା ରୋପ୍‌ୱେକୁ ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଶନିବାରଠାରୁ ଏହା ବିଧିବଦ୍ଧ ଭାବେ ଚାଲିବା ଆରମ୍ଭ କରିଛି। ପ୍ରଥମ ଦିନରେ ରୋପ୍‌ୱେରେ ଯିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ରହିଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ସଂଯୋଗ କରୁଥିବା ରୋପ୍‌ୱେରେ ୫୬୪ ଜଣ ଟିକେଟ କାଟି କାଞ୍ଜିଆ ହ୍ରଦର ପରିବେଶକୁ ଉପଭୋଗ କରିବା ସହ ରାଜ୍ୟ ଉଦ୍ଭିଦ ଉଦ୍ୟାନର ବୃକ୍ଷଲତାର ମଜା ଉଠାଇଥିଲେ। ପ୍ରାଣୀ ଉଦ୍ୟାନ ଓ ବଟାନିକାଲ୍ ଗାର୍ଡେନର ଅନ୍ୟତମ ଆକର୍ଷଣ ନୌକାବିହାର(ବୋଟିଂ) ଶନିବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଘରୋଇକରଣରେ ଏହା ପ୍ରଚଳନ ଆରମ୍ଭ କରିଥିବାବେଳେ ଦୀର୍ଘ ଦେଢ଼ବର୍ଷର ବ୍ୟବଧାନ ପରେ ପର୍ଯ୍ୟଟକ ବୋଟିଂର ମଜା ଉଠାଇଛନ୍ତି। ଅଧଘଣ୍ଟା ପାଇଁ ଦୁଇ ଆସନବିଶିଷ୍ଟ ପ୍ୟାଡେଲ ବୋଟ୍ ଲାଗି ୫୦, ଚାରି ଆସନବିଶିଷ୍ଟ ପ୍ୟାଡେଲ ବୋଟ୍ ପାଇଁ ୧୦୦ ଓ ପରିବାର ବୋଟିଂ ନିମନ୍ତେ ୧୫୦ ଟଙ୍କା ଟିକେଟ ମୂଲ୍ୟ ରଖାଯାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି।

### ଏସ୍‌ସିବି ମେଡିକାଲ

## ୨ ଦିନରେ ୧୨୦୦ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ

କଟକ,୧୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ମେଡିସିନ ଓ ଗାଇନିକ୍ ବିଭାଗ ଓପିଡିରେ ୨ ଦିନ ହେବ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ଆରମ୍ଭ ହୋଇଛି। ଏହି ଦୁଇ ଦିନରେ ମେଡିସିନ ଓପିଡିରେ ୧୦୦୦ ଓ ଗାଇନିକ୍ ବିଭାଗ ଓପିଡିରେ ୨୦୦ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। କିଛି ଘଣ୍ଟା ମଧ୍ୟରେ ଏହାର ରିପୋର୍ଟ ସେମାନଙ୍କୁ ପ୍ରଦାନ କରାଯାଇଛି। ଏହାଦ୍ୱାରା ରୋଗୀ ଓ ସମ୍ପର୍କୀୟ ଧାଡିରେ ଛିଡା ହେବାରୁ ଆଶ୍ୱସ୍ତି ପାଇପାରିଛନ୍ତି। ଆଗାମୀ ଦିନରେ ସମସ୍ତ ଓପିଡିରେ ଏହି ବ୍ୟବସ୍ଥା କରାଯିବା ସହ ଆବଶ୍ୟକ ଅନୁଯାୟୀ ଆଟେଣ୍ଡାଣ୍ଟ ନିୟୋଜିତ କରାଯିବ ବୋଲି ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ସୂଚନା ଦେଇଛନ୍ତି।

## ଡିସେମ୍ବର ୧୮କୁ ଘୁଞ୍ଚିଲା ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୧୮ ଓ ୧୯ ଦୁଇଦିନ ଧରି ହେବାକୁ ଥିବା ୨୪ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସକୁ ଡିସେମ୍ବର ୧୮ ଓ ୧୯କୁ ଘୁଞ୍ଚାଇ ଦିଆଯାଇଛି। ଓଡିଶା ପରିବେଶ ସମିତି (ଓଇଏସ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହେବାକୁ ଥିବା ଏହି ସମ୍ମିଳନୀର ଚଳିତବର୍ଷର ମୁଖ୍ୟ ବିଷୟ ରହିଛି 'ପରିବେଶୀୟ ଆହ୍ୱାନ- ବିଜ୍ଞାନ ଓ ପ୍ରଯୁକ୍ତିର ଭୂମିକା'। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୃଷ୍ଠପୋଷକତାରେ ଏହି କଂଗ୍ରେସର ବିଭିନ୍ନ ଉପ-ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ ନିମନ୍ତେ ବୈଜ୍ଞାନିକ ଏବଂ ଶିକ୍ଷାବିତ୍‌ମାନେ ନିମନ୍ତ୍ରିତ ହୋଇଛନ୍ତି। ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରକୁ ନିଜସ୍ୱ ଗବେଷଣା ଦ୍ୱାରା ସମୃଦ୍ଧ କରିଥିବା କେତେଜଣ ବରିଷ୍ଠ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି କଂଗ୍ରେସରେ ଶ୍ରେଷ୍ଠ ନିବନ୍ଧ ଉପସ୍ଥାପନ ନିମନ୍ତେ ଯୁବ ଗବେଷକମାନଙ୍କୁ ମଧ୍ୟ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯିବ। ଏହି ଅଧିବେଶନରେ ବିଜ୍ଞାନରେ ଉତ୍କର୍ଷତା ପାଇଁ 'ପ୍ରଫେସର ବି.ଏସ୍. ପାତ୍ର ପୁରସ୍କାର'ର ଶୁଭାରମ୍ଭ ହେବ। ଏହାକୁ ସଫଳ କରିବା ନିମନ୍ତେ କଂଗ୍ରେସର ଆବାହକ ତଥା ଓଇଏସ୍ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ କଂଗ୍ରେସର ଆୟୋଜନ ସମ୍ପାଦକ ତଥା ବିଶ୍ୱବିଦ୍ୟାଳୟର ପରିବେଶ ଶିକ୍ଷା ବିଭାଗ ମୁଖ୍ୟ ଡ. ବି. ଅଞ୍ଜନ କୁମାର ପୃଷ୍ଟି ଅନୁରୋଧ କରିଛନ୍ତି।

# ୧୧ ବାଦ୍ୟଯନ୍ତ୍ରରେ ଶାସ୍ତ୍ରୀୟ ସଙ୍ଗୀତର ମୂର୍ଚ୍ଛନା




ରାଗ ଉତ୍ସବରେ ତବଲା ବାଦକ ସନ୍ଦୀପ ରାଉତ ଓ ସାଥୀମାନେ ତାଳବାଦ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ସହାୟତାରେ ୩ ଦିନିଆ 'ରାଗୋତ୍ସବ ୨୦୨୩' ଶନିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚ ଉପରେ ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା, ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନର ସିଏସ୍‌ଆର୍ ମୁଖ୍ୟ ପ୍ରଶାନ୍ତ ଉପସ୍ଥିତ ଥିଲେ। ସନ୍ଧ୍ୟାର ପ୍ରଥମ ପରିବେଷଣ ଥିଲା ତାଳବାଦ୍ୟ ପ୍ରକୃତି, ଯାହାକୁ ବିଶିଷ୍ଟ ତବଲା ବାଦକ ସନ୍ଦୀପ ରାଉତ ଓ ସାଥୀ ପରିବେଷଣ କରିଥିଲେ। ସେମାନଙ୍କ ପ୍ରସ୍ତୁତିରେ ଥିଲା ୧୧ଟି ଅଲଗା ଅଲଗା ବାଦ୍ୟଯନ୍ତ୍ର ସମଷ୍ଟିରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ। ଏହା ଶ୍ରୋତାଙ୍କୁ ଏକ ଅନନ୍ୟ ଅନୁଭବ ଆଣି ଦେଇଥିଲା। ମର୍ଦ୍ଦଳରେ ଜଳନ୍ଧର ନାୟକ, ଖୋଳରେ ତପନ ପଢିଆରି,

### ୩ଦିନିଆ ରାଗୋତ୍ସବ ଆରମ୍ଭ

ଖଞ୍ଜଣିରେ ପ୍ରକାଶ ବେହେରା, ନାଲ୍‌ରେ ଦୀପ୍ତି ରଞ୍ଜନ ବେହେରା, ଢୋଲକ୍‌ରେ ଲଳିତ୍ କୁମାର କର, ଯୋଡ଼ି ନାଗରାରେ ବିକି ମହାଲିଙ୍ଗ, ଢୋଲରେ କ୍ରିଷ୍ଣ ରାଜ ପତି, ହାରମୋନିୟମ୍‌ରେ ଧନେଶ୍ୱର ଓଝା, ବଂଶୀରେ ଶ୍ରୀନିବାସ ଶତପଥୀ ଏବଂ ପରକ୍ୟୁଶନରେ ଅବିନାଶ ପତି ରହିଥିଲେ। ଅନ୍ତିମ ପରିବେଷଣରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତର ଯୁଗଳବନ୍ଦୀ ଶୁଣିବାକୁ ମିଳିଥିଲା। ପରିବେଷଣ କରିଥିଲେ ସବିନା ମମ୍‌ତାଜ୍ ଇସଲାମ୍ ଓ ସଂଯୁକ୍ତା ବିଶ୍ୱାସ। ତବଲାରେ ପଣ୍ଡିତ ଅଶୋକ ମୁଖାର୍ଜୀ, ହାରମୋନିୟମ୍‌ରେ ରୂପଶ୍ରୀ ଭଟ୍ଟାଚାର୍ଯ୍ୟ ଏବଂ ତାନପୁରାରେ ପଦ୍ମାଳୟା ରଣା ଓ ସ୍ୱର୍ଣ୍ଣ ପ୍ରିୟ ତରାଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଓ ସଞ୍ଚାଳନରେ ସଙ୍ଗୀତା ଗୋସାଇଁ ସହଯୋଗ କରିଥିଲେ। ଏହି ଉତ୍ସବ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଞ୍ଚୟିତା



@ ଅନାମ



@ ରଜତ



@ ଜଗନ୍ନାଥ



@ ରାଜ୍



@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## 'ରତ୍ନଭଣ୍ଡାର ଶୀଘ୍ର ଖୋଲାଯିବା ଦରକାର'

ପୁରୀ ୧୮।୧୧ (ଅଜିତ୍ ମହାନ୍ତି)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭୋର୍‌ରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ସକାଳ ମଙ୍ଗଳ ଆଳତି ଦର୍ଶନ କରିଛନ୍ତି। ଏହି ଅବସରରେ ରତ୍ନଭଣ୍ଡାର ଶୀଘ୍ର ଖୋଲାଯିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ପୁରାତନ କୀର୍ତ୍ତିରାଜିକୁ ସ୍ଥାନ ଦେବା ପାଇଁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଶା ରଖିଛନ୍ତି ବୋଲି କହିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ପ୍ରଧାନ କହିଛନ୍ତି କି ଯେତେଶୀଘ୍ର ପରିକ୍ରମା ପ୍ରକଳ୍ପ ସରିବ ଭଲ। କିନ୍ତୁ ଏହି ପ୍ରକଳ୍ପରେ ସବୁ ପୁରୁଣା ମଠ, ମନ୍ଦିର ତଥା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ମୂର୍ତ୍ତି, ମଙ୍ଗୁ ମଠ, ବିଭିନ୍ନ ସମ୍ପ୍ରଦାୟର ପୁରାତନ କୀର୍ତ୍ତିରାଜି ଭଳି ଜଡିତ ବସ୍ତୁଗୁଡିକର ନବକଳେବର ସହ ନୂଆ କାମଗୁଡ଼ିକ ସ୍ଥାନ ପାଇବା ଦରକାର। ସେହିପରି ଶ୍ରୀମନ୍ଦିର ପ୍ରସଙ୍ଗରେ ହାଇକୋର୍ଟ ରତ୍ନଭଣ୍ଡାରକୁ ନେଇ ଦେଇଥିବା ବିଷୟଗୁଡିକ ଉପରେ କେନ୍ଦ୍ରମନ୍ତ୍ରୀ ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଏଏସ୍‌ଆଇ ମରାମତି କରୁଥିବା ନାଟ ମଣ୍ଡପ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ନାଟମଣ୍ଡପ ମରାମତି କାର୍ଯ୍ୟର ଅନୁଧ୍ୟାନ ପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି



କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏହାର ମରାମତି ନିର୍ଦ୍ଧାରିତ ସମୟରେ ହେବା ଆବଶ୍ୟକ। ଶ୍ରୀମନ୍ଦିର ସମେତ ପ୍ରାଚୀନ ମନ୍ଦିର ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ବିନା ଷ୍ଟିଲ୍ ଷ୍ଟ୍ରକଚରରେ ମଧ୍ୟ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ଗଜଦନ୍ତ ହାତୀ ପଲଙ୍କ ପାଇଁ ସେ ଜଙ୍ଗଲ ପରିବେଶ ବିଭାଗ ସହ କଥା ହୋଇ ଉଦ୍ୟମ କରିବେ ବୋଲି କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ ମହାପ୍ରଭୁଙ୍କ ପାଇଁ ଯାହା କରିବା ପାଇଁ କହିବେ ସେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିବେ ବୋଲି କହିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ଓ ରତ୍ନଭଣ୍ଡାରକୁ ନେଇ ଓଡ଼ିଆ ଲୋକ ଏବଂ ହିନ୍ଦୁ ସନାତନୀମାନଙ୍କର ଭାବାବେଗ ଜଡ଼ିତ ରହିଛି। ସମସ୍ତଙ୍କ ରତ୍ନ ଭଣ୍ଡାର ଖୋଲାଯିବା ନେଇ ଦାବି ରହିଥିବା ବେଳେ ଏହା ଶୀଘ୍ର ଖୋଲାଯିବା ଦରକାର। ସେହିପରି ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଭାରତ ବିଜୟୀ ହେବ ବୋଲି ପ୍ରଧାନ କହିଛନ୍ତି। ଏହି ଅବସରରେ ସେ ଖେଳାଳିମାନଙ୍କୁ ପ୍ରଶଂସା କରିବା ସହ ଫାଇନାଲ୍ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଖେଳୁଥିବା ବେଳେ ଶିଶୁ ନିଖୋଜ

ଟାଙ୍ଗୀ/ନିରାକାରପୁର,(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ): ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଶୁକ୍ରବାର ଜଣେ ଶିଶୁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଉଜଳା ଗୋପୀନାଥପୁର ରସୁଲପୁର ସାହିର ସୁବାସ ପ୍ରଧାନଙ୍କ ପୁଅ ରାହୁଲ। ଏନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀ ଅକ୍ସିଜେନ କିଟି ପିନ୍ଧି ବିଭିନ୍ନ ପୋଖରୀରେ ଖୋଜିଥିଲେ ମଧ ରାହୁଲଙ୍କ ସନ୍ଧାନ ମିଳିପାରି ନାହିଁ।

### ସଂକ୍ଷେପରେ

## ସାଲିଆ ସାହିରେ ପୁଣି ଦେଶୀ ମଦ ନଷ୍ଟ କଲା ଅବକାରୀ, ୧୯ ଗିରଫ



ଭୁବନେଶ୍ୱର,୧୮।୧୧(ସୂର୍ଯ୍ୟକାନ୍ତ ବେହେରା) : ବାରମ୍ବାର ଚଢାଉ ସତ୍ତ୍ୱେ ଭୁବନେଶ୍ୱର ସାଲିଆ ସାହିରେ ବେଧଡକ ଭାବେ ଦେଶୀ ମଦ ପ୍ରସ୍ତୁତ ହେଉଛି। ଶନିବାର ଅବକାରୀ ଟିମ୍ ଚଢାଉ କରି ପୁଣି ୮ ହଜାର ଲିଟରୁ ଅଧିକ ପୋଚ ନଷ୍ଟ କରିଥିବାବେଳେ ୧ ହଜାର ଦଲିଟର ଦେଶୀ ମଦ ଜବତ କରିଛି। ଏହାସହ ୧୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ମଧରେ ୧୬ ଜଣ ମହିଳା ଓ ୩ ପୁରୁଷ ରହିଛନ୍ତି। ମଦ ପ୍ରସ୍ତୁତ ପାଇଁ ସମସ୍ତ ସାମଗ୍ରୀ ଜବତ କରାଯାଇଛି।

### ମଧୁର ଜଳ ସଂରକ୍ଷଣ ଅଞ୍ଚଳରେ ୧୦୦ରୁ ଅଧିକ ଶୌଚାଳୟ ନିର୍ମାଣ ପ୍ରସଙ୍ଗ

## ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହେଲେ ହେକ୍ଟର ମିଶ୍ର

ପୁରୀ ୧୮।୧୧ (ଅଜିତ୍ ମହାନ୍ତି): ତାଳବଣିଆ ମଧୁର ଜଳ ସଂରକ୍ଷଣ ଅଞ୍ଚଳରେ ୧୦୦ରୁ ଅଧିକ ଶୌଚାଳୟ ନିର୍ମାଣ ହେଉଥିବା ନେଇ ଭଏସ୍ ଅଫ କମନ ମ୍ୟାନର ହେକ୍ଟର ମିଶ୍ର ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରକୁ ଗ୍ରହଣ କରି କାର୍ଯ୍ୟର ନିର୍ଦ୍ଦେଶ ଦେବା ସହ କାର୍ଯ୍ୟ ବନ୍ଦ ରଖାଯାଇଥିବା ସୂଚନା ମିଳିଛି। ସେହିପରି ମିଶ୍ର ଉକ୍ତ ଘଟଣାକୁ ନେଇ ପୁରୀ ପୌରପାଳିକା ବିରୋଧରେ ନ୍ୟାସନାଲ ଗ୍ରୀନ୍ ଟ୍ରିବୁନାଲର ଦ୍ୱାରସ୍ଥ ହୋଇଛନ୍ତି। ସେ ଉଲେଖ କରିଥିଲେ କି ତାଳବଣିଆ ମଧୁର ଜଳ ସଂରକ୍ଷଣ ଅଞ୍ଚଳ ଅଟେ। ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ସହର ଏହା ଉପରେ ନିର୍ଭର କରିଥାଏ। ଉକ୍ତ ସ୍ଥାନରେ ୧୨ଟି ଜଳ ଯୋଗାଣ ପମ୍ପ କାମ କରୁଛି। ଯାହା ପୁରୀକୁ ପାଣି ଯୋଗାଇଥାଏ। ତେବେ ୨୦୦୭ ମସିହାରେ ଏଠାରେ କୋଣସି ପ୍ରକାର କାର୍ଯ୍ୟକଳାପ, ନିର୍ମାଣ ତଥା ପାନୀୟ ଜଳ ନଷ୍ଟ ନ କରିବା ଭଳି କାର୍ଯ୍ୟ କରିବା ପାଇଁ ଓଡ଼ିଶା ହାଇକୋର୍ଟ ରାୟ ଦେଇଥିଲେ। ମାତ୍ର ପୁରୀ ପୌରସଂସ୍ଥା ଉକ୍ତ ନିର୍ଦ୍ଦେଶକୁ ଅବମାନନା କରି ଏକ ବେସରକାରୀ ଏନ୍‌ଜିଓକୁ ଏହି କାର୍ଯ୍ୟ କରିବାକୁ ଅନୁମତି ଦେଇଛି। ସେହିପରି ଉକ୍ତ ସ୍ଥାନଟି ରାଜସ୍ୱ ବିଭାଗର ହୋଇଥିବାରୁ ପୁରୀ ମ୍ୟୁନିସିପାଲିଟି କୈଣସି ସଭା ପାଇଁ ଅନୁମତି ଦେଇପାରିବ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ଏବଂ ଅପରାଧିକ କାର୍ଯ୍ୟ ସହ ସମାନ। ତେଣୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମିଶ୍ର ଜାତୀୟ ଗ୍ରୀନ ଟ୍ରିବୁନ୍ୟାଲର ଦ୍ୱାରସ୍ଥ ହୋଇଛନ୍ତି।

## ସ୍ୱାମୀ, ଶାଶୁଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ

### ମା' ଓ ୩ବର୍ଷ ପୁଅକୁ ହତ୍ୟା ଘଟଣା

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ) ନିରାକାରପୁର ଥାନା ଅଧୀନ ମୋରମୋରସିଂ ଗ୍ରାମର ମାମିନା ପ୍ରଧାନ ଓ ତାଙ୍କ ୩ବର୍ଷ ପୁଅଙ୍କୁ ହତ୍ୟା ମାମଲାର ଶନିବାର କୋର୍ଟରେ ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ସାକ୍ଷ୍ୟପ୍ରମାଣ ଆଧାରରେ ମୃତା ମାମିନାଙ୍କ ସ୍ୱାମୀ ତପନ ପ୍ରଧାନ ଓ ଶାଶୁ ପ୍ରମିଳା ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବେ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ପଞ୍ଚାୟତ ବେଲପଡା ଗ୍ରାମର ନରେନ୍ଦ୍ର ଜେନାଙ୍କ ଝିଅ ମାମିନା ନିରାକାରପୁର ଥାନା ଅଧୀନ ମୋରମୋରସିଂ ଗ୍ରାମର ଦିବାକର ପ୍ରଧାନଙ୍କ ପୁଅ ତପନଙ୍କୁ ହିନ୍ଦୁ ରୀତିନୀତିରେ ବିବାହ କରିଥିଲେ। ୨୦୧୫ ଜୁଲାଇ ୨୫ରେ ମୋରମୋରସିଂ ଗ୍ରାମର ଆମ୍ବତୋଟାରେ ମାମିନା ଏବଂ ତାଙ୍କ ୩ବର୍ଷ ପୁଅର ଝୁଲନ୍ତା ମୃତଦେହ ନିରାକାରପୁର ପୋଲିସ ଜବତ କରିଥିଲା। ସ୍ୱାମୀ ତପନ, ଦିଅର ତରୁଣ ଏବଂ ଶାଶୁ ପ୍ରମିଳା ମିଳିମିଶି ମାମିନା ଓ ୩ବର୍ଷର ନାତିକୁ ହତ୍ୟା କରିଥିବା ନେଇ ନରେନ୍ଦ୍ର ନିରାକାରପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୮୭/୨୦୧୫) ରୁଜୁକରି ତଦନ୍ତ କରିଥିଲା।

# ଡିସିପି ଅଫିସ ଘେରାଉ, ୧୭ ୱାର୍ଡରୁ ଉଠିଲାନି ଅଳିଆ

### ସଫେଇ କର୍ମଚାରୀଙ୍କୁ କର୍ପୋରେଟରଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାର

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)

ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ସଫେଇ କର୍ମଚାରୀ। ତେବେ ଏଥର ବିଏମ୍‌ସି କିମ୍ବା ସଫେଇ ସଂସ୍ଥା ବିରୋଧରେ ନୁହେଁ, ଜଣେ କର୍ପୋରେଟରଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାରକୁ ନେଇ ତେଜିଛି ଅସନ୍ତୋଷ। ଅଭିଯୋଗ ଅନୁସାରେ, ୱାର୍ଡ ନଂ. ୬୩ର କର୍ପୋରେଟରଙ୍କ ସ୍ୱାମୀ ସଫେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକଙ୍କ ସହ ପାଟିତୁଣ୍ଡ କରିବା ସହ 'ଏ ଭିତରେ ପଶିଲେ କାଟି ପକାଇବି' କହି ଧମକ ଦେଇଥିଲେ। ସଂଘ କହିଛି, କାମ ଠିକ୍ ସେ କରୁନ, ପଇସା ଠକିକି ନଉଛ' ବୋଲି କହି ଗାଳି ଦେଇଥିଲେ। ଏହାନେଇ ସଫେଇ କର୍ମଚାରୀମାନେ ଉତ୍ତେଜିତ ହୋଇପଡିବା ସହ ହୋହଲ୍ଲା କରିଥିଲେ। ପ୍ରତିବାଦ ସ୍ୱରୁପ ଶନିବାର ବିଏମ୍‌ସି ଅଞ୍ଚଳର ପ୍ରାୟ ୧୭ଟି ୱାର୍ଡରୁ ଅଳିଆ ଉଠାଇ ନ ଥିଲେ। ରବିବାର ମଧ ଅଳିଆ ଉଠା ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିବାବେଳେ ତୁରନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସଫେଇ କର୍ମଚାରୀମାନେ ଡିସିପି ଅଫିସ ଘେରାଉ କରିଥିଲେ। ତେବେ କୋର୍ଟ ଆଦେଶ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଥିବା ସଂଘ ସମ୍ପାଦକ ସୂଚନା ଦେଇଛନ୍ତି। ଏନେଇ ସ୍ଥାନୀୟ କର୍ପୋରେଟର ସୁଜାତା ଛୋଟରାୟ କହିଛନ୍ତି, ମୋ ସ୍ୱାମୀଙ୍କ ନାମରେ ମିଥ୍ୟା ମାମଲା ହୋଇଛି। ଯାହାକିଛି ଅଭିଯୋଗ ଆସିଛି ତାହା ସମ୍ପୂର୍ଣ୍ଣ ମିଛ। ସଫେଇ କର୍ମୀମାନେ ୱାର୍ଡରେ ଠିକ୍ ଭାବେ କାମ କରୁ ନ ଥିଲେ। ଘଟଣା ଦିନ ମୁଁ ୱାର୍ଡରେ ନ ଥିବାରୁ ସ୍ୱାମୀଙ୍କୁ କାମ ତଦାରଖ କରିବାକୁ ଦାୟିତ୍ୱ ଦେଇଥିଲି। ମୁଁ ଭାଜପା ଦଳର ହୋଇଥିବାରୁ ସେମାନେ ବିରୋଧୀ ଦଳ ସହ ମିଶି ଏଭଳି ଚକ୍ରାନ୍ତ କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସଫେଇ ସଂସ୍ଥା ଆୱାରଲ୍ୟାଣ୍ଡ ପ୍ରାୟ ୭/୮ଜଣ ବୟସ୍କ ସଫେଇ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରିବା ସହ ୨ମାସର ଦରମା ବକେୟା ରଖିଛି। ଏହାକୁ ସଫେଇ କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଉଛି। ତେବେ ଶୁକ୍ରବାର ୱାର୍ଡ ନଂ. ୬୩ରେ ସମ୍ପୃକ୍ତ ସଂସ୍ଥା ଅଧୀନରେ କାମ କରୁଥିବା ୩ଜଣ ବୟସ୍କ ବ୍ୟକ୍ତିଙ୍କୁ କାମରୁ ଛଟେଇ କରାଯାଇଥିଲା। ଏହାକୁ ବିରୋଧ କରିବା ସହ ସହଦେବ ସମ୍ପୃକ୍ତ ସଂସ୍ଥାର ସୁପରଭାଇଜରଙ୍କ ସହ କଥା ହେଉଥିବାବେଳେ ସ୍ଥାନୀୟ କର୍ପୋରେଟରଙ୍କ ସ୍ୱାମୀ ଲିଙ୍ଗା ଛୋଟରାୟ ହଠାତ୍ ସେଠାକୁ ଆସି ତାଙ୍କୁ ତାଗିଦ୍ କରିବା ସହ ଅଶାଳୀନ ଭାଷାରେ ଗାଳି କରିଥିଲେ। ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲା। ଏହାପରେ ସଫେଇ କର୍ମଚାରୀଙ୍କ ପକ୍ଷରୁ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିଲା। ଏଥିସହ ତାଙ୍କ ଗିରଫ ଦାବିରେ ଥାନା ଘେରାଉ ହୋଇଥିଲା। ତେବେ ଜଣେ ଲୋକପ୍ରତିନିଧିଙ୍କ ସ୍ୱାମୀ ଖୋଲାଖୋଲି ଭାବେ ସାଧାରଣଲୋକଙ୍କୁ ଖରାପ ବ୍ୟବହାର ଦେଖାଇ ଥିବାବେଳେ ପୋଲିସ୍ କାହିଁକି ଚୁପ୍ ବସିଛି ବୋଲି ସଫେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନାୟକ ପ୍ରଶ୍ନ କରିଛନ୍ତି।

### ଆଲୋଚନା ହୋଇଛି, ଅଳିଆ ଉଠିବ: ଅତିରିକ୍ତ କମିଶନର

ସଫେଇ କର୍ମଚାରୀଙ୍କ ଅଳିଆ ଉଠା ବନ୍ଦ ପ୍ରସଙ୍ଗରେ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ମେୟର ଏବଂ ବିଏମ୍‌ସିର ଅନ୍ୟ ଅଧିକାରୀମାନେ ସଂଘ ସହ ଆଲୋଚନା କରିଛନ୍ତି। ସେମାନେ ରବିବାର ସାଧାରଣ ଭାବେ ଅଳିଆ ଉଠାଇବେ। କୌଣସି ୱାର୍ଡରେ କାମ ବନ୍ଦ ହେବନାହିଁ। କେସ୍ ବାଟରେ କେସ୍ ଚାଲିବ। ଯିଏ ଦୋଷୀ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂଗ୍ରାମ ମହାପାତ୍ରଙ୍କ ପୁସ୍ତକ 'ଜନ୍ମଭୂମିର ଯୋଦ୍ଧାମାନେ' ଉନ୍ମୋଚିତ



ପୁସ୍ତକ ଉନ୍ମୋଚନ ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅନ୍ୟମାନେ।

ଭୁବନେଶ୍ୱର,୧୮।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)

ସାରସ୍ୱତ ସାଧକ ତଥା ପ୍ରଶାସନିକ ଅଧିକାରୀ ସଂଗ୍ରାମ ମହାପାତ୍ରଙ୍କ ଲିଖିତ 'ଜନ୍ମଭୂମିର ଯୋଦ୍ଧାମାନେ' ପୁସ୍ତକର ପ୍ରଥମ ଖଣ୍ଡ ଶନିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ସମୟରେ ଲେଖକଙ୍କ ସହଧର୍ମିଣୀ ଧରିତ୍ରୀ ମହାପାତ୍ର ଉପସ୍ଥିତ ଥିଲେ। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ଖାରବେଳ, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବଙ୍କ ଠାରୁ ଆରମ୍ଭ କରି ବକ୍ସି ଜଗବନ୍ଧୁ, ସୁରେନ୍ଦ୍ର ସାଏ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ବିଜୁ ପଟ୍ଟନାୟକ ପ୍ରମୁଖଙ୍କ ଜୀବନୀ ଓ ଘଟଣାମାନ ଉଲ୍ଲିଖିତ। ଦୁଇ ହଜାର ବର୍ଷର ଇତିହାସ ମଧ୍ୟରେ ଓଡ଼ିଶା ଭୂଖଣ୍ଡର ଅନ୍ତର୍ଜାତୀୟ ପରିଚୟ ସୃଷ୍ଟି କରାଇବାରେ ଯେଉଁମାନଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଥିଲା, ସେହି ମହାପୁରୁଷଙ୍କ ଜୀବନୀ ଓ ସମ୍ପର୍କିତ ଘଟଣାବଳୀକୁ ନେଇ ଏହି ପୁସ୍ତକ ଲିଖିତ।





ଗୀତଗୋବିନ୍ଦ ସଦନରେ ଶନିବାର ଶିଶୁ ସାହିତ୍ୟ ପତ୍ରିକା 'ଝୁମୁକା'ର ୩୭ତମ ସାରସ୍ୱତ ସମାରୋହରେ ଅତିଥିମାନେ ପତ୍ରିକାର ନୂତନ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

## ସୁନାଚେନ୍ ଜବତ, ୨ ଗିରଫ

ଜଟଣୀ,୧୮।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ରେଳ ଯାତ୍ରୀଙ୍କଠାରୁ ସୁନାଚେନ ଝାମ୍ପିନେବା ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି ବୋଲି ଖୋର୍ଦ୍ଧାରୋଡ ଜିଆରପି ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହି ଅଞ୍ଚଳର ଲିଟୁ ସ୍ୱାଇଁ (୨୪) ଏବଂ ଏସ୍.କେ. ସାହାବୁଦ୍ଦିନ(୩୬)। ସୂଚନା ମୁତାବକ, ଗତ ୮ତାରିଖରେ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ପୂର୍ବରୁ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଜଣେ ମହିଳା ଯାତ୍ରୀଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ପଳାଇଥିଲେ। ଏନେଇ ପୀଡିତ ମହିଳାଙ୍କ ସ୍ୱାମୀ ରମଣୀ ରଞ୍ଜନ ସାହୁ ଜଟଣୀ ଜିଆରପିରେ ଅଭିଯୋଗ କରିଥିଲେ। ଗତ ୧୭ତାରିଖରେ ଦୁଇ ଅଭିଯୁକ୍ତଙ୍କୁ ଜିଆରପି ଧରିବା ସହ ସୁନାଚେନ ଜବତ କରିଛି। ଏନେଇ ଜିଆରପି ଥାନାରେ ଏକ ମାମଲା (ନଂ.୧୧୯/୨୩)ରୁଜୁ ହୋଇଛି।

## ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଭେଟିଲା ବିଡିଏ ଅବସରପ୍ରାପ୍ତ କର୍ମଚାରୀ ସଂଘ

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)

ବିଡିଏ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଂଘର ସମସ୍ତ କର୍ମକର୍ତ୍ତା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ବିଡିଏରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ସମସ୍ତ କର୍ମଚାରୀଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ କ୍ଷେତ୍ରରେ ପ୍ରଚଳିତ ପେନସନ ବ୍ୟବସ୍ଥା ଅବିକଳ ଭାବରେ ଲାଗୁ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ କର୍ମଚାରୀ ତଥା ବରିଷ୍ଠ ନାଗରିକଙ୍କ ଅନ୍ୟାନ୍ୟ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାକ୍ଷାତ ଆଲୋଚନା ସମୟରେ ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ମହାସଚିବ ତଥା ସଂଘର ଉପଦେଷ୍ଟା ସରୋଜ କାନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାମନ୍ତସିଂହାର, ମୁଦ୍ରିକା ପ୍ରସାଦ ସିଂହ, ପ୍ରଶାନ୍ତ କୁମାର ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗୀତା ରଥଙ୍କୁ 'ଝୁମୁକା ପୁରସ୍କାର'

### ରଘୁନନ୍ଦନ ଓ ଶ୍ରୁତକୀର୍ତ୍ତି ପାଇଲେ 'ଝୁମୁକା ସାରସ୍ୱତ ସମ୍ମାନ'

ଭୁବନେଶ୍ୱର,୧୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

'ଝୁମୁକା'ର ୩୭ତମ ସାରସ୍ୱତ ସମାରୋହ ଶନିବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଶିଶୁ ସାହିତ୍ୟ କାଲି ଓ ଆଜିର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମି ସଭାପତି ମାଧବ କୌଶିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଭାରତର ଅସ୍ମିତା ହେଉଛି ଶିଶୁ ସାହିତ୍ୟ। ତେବେ ଶିଶୁ ସାହିତ୍ୟକୁ ଶିଶୁଙ୍କ ନିକଟରେ ପହଞ୍ଚାଇବା ବର୍ତ୍ତମାନ ସମୟରେ ବହୁତ କଷ୍ଟ। ସେଥିପାଇଁ ଗତାନୁଗତିକ ଲେଖାକୁ ଛାଡ଼ି ନୂଆ ନୀତି ଆପଣେଇବାକୁ ପଡ଼ିବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଶିଶୁ ସାହିତ୍ୟ ପୁସ୍ତକଗୁଡ଼ିକୁ ୨୪ଟି ଭାଷାରେ ଅନୁବାଦ କରାଯାଉଛି ବୋଲି ସୂଚନା ଦେଇଥିଲେ। ସମ୍ମାନିତ ବକ୍ତା ବିଜୟାନନ୍ଦ ସିଂହ କହିଲେ, ପିଲାଙ୍କ ସାହିତ୍ୟ ସମସ୍ତଙ୍କ ସାହିତ୍ୟ। ବିଶିଷ୍ଟ ଅତିଥି ତଥା ଏକାଡେମିର ସଚିବ କେ ଶ୍ରୀନିବାସ ରାଓ କହିଲେ, କବିତା ଓ ଗଳ୍ପ ଜୀବନରେ ମୂଲ୍ୟ ଭରିଦିଏ। ଆଗାମୀ ତିନି ଦଶନ୍ଧିରେ ସାହିତ୍ୟରେ ଏକ ବିରାଟ ପରିବର୍ତ୍ତନ ଆଣିବ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ବରିଷ୍ଠ କଥାକାର ଗୌରହରି ଦାସ କହିଥିଲେ, ନିରୀହପଣ ହେଉଛି ଏକ ବିରଳ ଅନୁଭବ। ଶିଶୁଙ୍କ ନିରୀହପଣକୁ ପ୍ରକାଶ କରିବା ଶିଶୁ ସାହିତ୍ୟିକଙ୍କ ପ୍ରଧାନ ଲକ୍ଷ୍ୟ ହେବା ଉଚିତ। ଏଥିସହିତ ସାହିତ୍ୟ ଏକାଡେମି ତରଫରୁ ଏକ ଶିଶୁ ପତ୍ରିକା ପ୍ରକାଶ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ ସଭାପତିତ୍ୱ କରି ଅର୍ଥନୀତି ଯୋଗୁ ପତ୍ରପତ୍ରିକାର ପ୍ରକାଶନ କମିଯାଉଛି। ଶିଶୁ ସାହିତ୍ୟିକମାନେ ନିଜ ଲେଖାକୁ ଅନଲାଇନ୍‌ରେ ପ୍ରକାଶ କଲେ ଏହାର ଆହୁରି ପ୍ରଚାର ପ୍ରସାର ହୋଇପାରନ୍ତା ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଫେସର ସଙ୍ଗୀତା ରଥଙ୍କୁ ଜୀବବ୍ୟାପୀ ସାଧନା ପାଇଁ 'ଝୁମୁକା ପୁରସ୍କାର-୨୦୨୩' ପ୍ରଦାନ କରାଯାଇଥିଲା। ଏଥିସହିତ ରଘୁନନ୍ଦନ ମହାପାତ୍ର ଓ ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ' ଦିଆଯାଇଥିଲା। 'ଝୁମୁକା'ର ନୂତନ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। 'ଝୁମୁକା'ର ସମ୍ପାଦକ ମାନସ ସାମଲ ସ୍ୱାଗତ ଭାଷଣ ଓ ସୁଜାତା ଦାସ ଧନ୍ୟବାଦ ଦେଇଥିଲେ।

# ନୀତି ବଦଳିଲେ ଭାଗ୍ୟ ବଦଳିବ

ଭୁବନେଶ୍ୱର,୧୮।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)



ଆଲୋଚନାଚକ୍ରରେ ଅନ୍ୟମାନଙ୍କ ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା।

ନୀତି ବଦଳିଲେ ଓଡ଼ିଶାର ଭାଗ୍ୟରେ ପରିବର୍ତ୍ତନ ଆସିବ। ଖାଲି ସରକାର ବଦଳିଲେ ହେବନାହିଁ। ବର୍ତ୍ତମାନର ସରକାରୀ ନୀତି କର୍ପୋରେଟ୍ କୈନ୍ଦ୍ରିକ। ଏହା ରାଜ୍ୟର ସମ୍ପତ୍ତି ଲୁଟିବାରେ ସହାୟକ ହୋଇଛି। ଜନଗଣଙ୍କ ଲାଭ ହେଉନି। କୌଣସି ରାଜ୍ୟର ପରିବର୍ତ୍ତନ ନେତା ଆଣି ନଥାଏ। ନିୟମ ପରିବର୍ତ୍ତନ ହେଲେ ଓ ଜନସାଧାରଣ ସଚେତନ ହେଲେ ହିଁ ଭାଗ୍ୟ ବଦଳିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ଶନିବାର ଜନ ଅଧିକାର ଅଭିଯାନ ମଞ୍ଚ ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ 'ଓଡ଼ିଶା ଦେଶର ସମ୍ପଦରେ ନଂ.୧ ଥାଇ ଗରିବୀ ଓ ଅନଗ୍ରସରତାରେ ନଂ. ୧ କାହିଁକି' ଶୀର୍ଷକ ଆଲୋଚନାଚକ୍ରରେ ଜେନା ଏହି ମତବ୍ୟକ୍ତ କରିଛନ୍ତି। ରାୟଗଡ଼ାର ଭଗବାନ ମାଝି କହିଛନ୍ତି, ସବୁ ବକ୍‌ସାଇଟ୍ ଆମ ଓଡ଼ିଶାରେ ଅଛି। ରାୟଗଡ଼ା ବହୁତ ବକ୍ସାଇଟ୍ ଉତ୍ପାଦନ କରୁଛି। ମାତ୍ର ଜିଲା ପାଇଁ ଏକ ଭଲ ହସ୍ପିଟାଲ କି ସ୍କୁଲ ଟିଏ ନାହିଁ। ଯେଉଁମାନେ ଆମ ଖଣି ଖାଦାନ ଲୁଟୁଛନ୍ତି ସେମାନେ ଦେଶପ୍ରେମୀ। ଆମେ ବିରୋଧ କଲେ ଦେଶଦ୍ରୋହୀ। ଆମ ନାମରେ ମାମଲା ଗଡୁଛି। ରାଜ୍ୟସ୍ତରୀୟ ଆଲୋଚନାଟି କେବଳ ଭୁବନେଶ୍ୱରରେ ନ ହୋଇ ତୃଣମୂଳ ସ୍ତରକୁ ଯିବା ଆବଶ୍ୟକ। ଏହା ହୋଇପାରିଲେ ହିଁ କମ୍ପାନୀ ଓ ସରକାର ଜନଗଣଙ୍କୁ ଡରିବେ। ସାମ୍ବାଦିକା ଗାର୍ଗି ଶତପଥୀ ଆଞ୍ଚଳିକ ବୈଷମ୍ୟବାଦ୍ ବିଷୟରେ ନିଜର ମନ୍ତବ୍ୟ ରଖିଥିଲେ। ବିଜୟ ପରିଡ଼ା ଖଣି ପ୍ରସଙ୍ଗ ଓ ଦୁର୍ନୀତି ନେଇ ମତ ରଖିଥିଲେ। ଆପ୍ ମୁଖ୍ୟ ନିଶିକାନ୍ତ ମହାପାତ୍ର, ସାମ୍ବାଦିକ ସତ୍ୟଜିତ ବିମଳ ମିଶ୍ର, ବହୁଜନ କର୍ମୀ ଅଭିରାମ ମଲ୍ଲିକ, ଅକ୍ଷୟ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କୃତ୍ରିମ ଅଙ୍ଗ ପ୍ରତିରୋପଣ ପରାମର୍ଶ ଶିବିର

ଭୁବନେଶ୍ୱର, ୧୮।୧୧(ଅସମାପିକା ସାହୁ)

ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ରାଜସ୍ଥାନର ଉଦୟପୁରସ୍ଥିତ ନାରାୟଣ ସେବା ସଂସ୍ଥାନ ପକ୍ଷରୁ ସାଇଜନନୀଠାରେ ଶନିବାର କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ପରୀକ୍ଷା ଓ ମାପ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନ୍ମରୁ ଶାରୀରିକ ଅକ୍ଷମ ଥିବା ବା ଦୁରାରୋଗ୍ୟ ବ୍ୟାଧି ଓ ଦୁର୍ଘଟଣା ଜନିତ ଅଙ୍ଗହାନିର ପୀଡ଼ିତଙ୍କ ସ୍ୱାସ୍ଥ୍ୟକୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ଆବଶ୍ୟକ କରୁଥିବା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ କୃତ୍ରିମ ଅଙ୍ଗ ପାଇଁ ମାପ ନିଆଯାଇଥିଲା। ଆଗାମୀ ୪୫ ଦିନ ମଧ୍ୟରେ ଆଉଏକ ଶିବିର କରାଯାଇ ସେମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବ। ପ୍ରଥମଥର ପାଇଁ ନିଃଶୁଳ୍କ ଶିବିରରେ ୨୦୦ରୁ ଅଧିକ ବ୍ୟକ୍ତି ପରାମର୍ଶ ନେଇଥିଲେ। ନାରାୟଣ ସେବା ସଂସ୍ଥାନର ଡା. ମାନସ ରଞ୍ଜନ ସାହୁ, ଶିବିର ମୁଖ୍ୟ ଲାଲ୍ ସିଂ ଭାଟିଙ୍କ ସହ ସଂସ୍ଥାନର ବୈଷୟିକ ଡାକ୍ତରୀ ଦଳ ସାମିଲ ଥିଲେ। ଶିବିରକୁ ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ସତ୍ୟସାଇ ଟ୍ରଷ୍ଟର ସଚିବ ସୁଶାନ୍ତ ପଟ୍ଟନାୟକ, ସେବା ସଂଯୋଜକ ରମାକାନ୍ତ ଦାସ, ସଂଯୋଜିକା ସୁଶ୍ରୀ ଦାସ, ସ୍ୱାସ୍ଥ୍ୟ ନିର୍ବାହକ ବିପିନ ବିହାରୀ ପାଣିଗ୍ରାହୀ, ରକ୍ତଦାନ ଓ ଥାଲାସେମିଆ ନିର୍ବାହକ ଉମେଶ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ।





ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ରାଜସ୍ଥାନର ଉଦୟପୁରସ୍ଥିତ ନାରାୟଣ ସେବା ସଂସ୍ଥାନ ପକ୍ଷରୁ ସାଇଜନନୀଠାରେ ଶନିବାର ଆୟୋଜିତ କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ପରୀକ୍ଷା ଓ ମାପ ଶିବିର ।



ଭୁବନେଶ୍ୱର ଉତ୍କଳ ମଣ୍ଡପରେ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ 'ଅଙ୍କୁରମ୍'ରେ ଜଣେ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ,୧୮।୧୧( ଅଜିତ୍ ମହାନ୍ତି)

ମାଟିତୋଟା ପଡିଆ ଠାରେ ଡକାୟତି ଯୋଜନା କରିବା ପାଇଁ ଯୋଜନା କରୁଥିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ଚମାର ସାହିର ଆର୍ତ୍ତ ବେହେରା(୪୨), ମୋହାନ୍ତି ସାହିର ଦୀପୁ ବେହେରା (୪୦), କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପତିତପାବନ ଲେନ୍‌ର ଶିବ ଶଙ୍କର ବେହେରା (୧୯),ବାସେଳି ସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ରମେଶ ବେହେରା(୨୪) ଏବଂ ହରିଜନ ବସ୍ତି ମିଶ୍ର ସାହିର ପ୍ରଶାନ୍ତ ନାୟକ (୨୯)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ଼, ଗୋଟିଏ ଛୁରୀ, ଟର୍ଚ୍ଚ ଲାଇଟ୍, ଲଙ୍କାଗୁଣ୍ଡ ବାକ୍ସ, କ୍ୟାଣ୍ଡେଲ ଏବଂ ଖାଲି ବିୟର ବୋତଲ ଜବତ କରିଛି। ଏନେଇ କେସ ନଂ ୨୫୮/୨୩ରେ ଏକ ମାମଲା ରୁଜୁ ହୋଇଛି।

### 'ଜନ୍ମଭୂମିର ଯୋଦ୍ଧାମାନେ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସାରସ୍ୱତ ସାଧକ ତଥା ପ୍ରଶାସନିକ ଅଧିକାରୀ ସଂଗ୍ରାମ ମହାପାତ୍ରଙ୍କ ଲିଖିତ 'ଜନ୍ମଭୂମିର ଯୋଦ୍ଧାମାନେ' ପୁସ୍ତକର ପ୍ରଥମ ଖଣ୍ଡ ଶନିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ସମୟରେ ଲେଖକଙ୍କ ସହଧର୍ମିଣୀ ଧରିତ୍ରୀ ମହାପାତ୍ର ଉପସ୍ଥିତ ଥିଲେ। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ଖାରବେଳ, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବଙ୍କ ଠାରୁ ଆରମ୍ଭ କରି ବକ୍ସି ଜଗବନ୍ଧୁ, ସୁରେନ୍ଦ୍ର ସାଏ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ବିଜୁ ପଟ୍ଟନାୟକ ପ୍ରମୁଖଙ୍କ ଜୀବନୀ ଓ ଘଟଣାମାନ ଉଲ୍ଲିଖିତ। ଦୁଇ ହଜାର ବର୍ଷର ଇତିହାସ ମଧ୍ୟରେ ଓଡିଶା ଭୂଖଣ୍ଡର ଅନ୍ତର୍ଜାତୀୟ ପରିଚୟ ସୃଷ୍ଟି କରାଇବାରେ ଯେଉଁମାନଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଥିଲା, ସେହି ମହାପୁରୁଷଙ୍କ ଜୀବନୀ ଓ ସମ୍ପର୍କିତ ଘଟଣାବଳୀକୁ ନେଇ ଏହି ପୁସ୍ତକ ଲିଖିତ।

### ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଭେଟିଲା ବିଡିଏ ଅବସରପ୍ରାପ୍ତ କର୍ମଚାରୀ ସଂଘ

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)

ବିଡିଏ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଂଘର ସମସ୍ତ କର୍ମକର୍ତ୍ତା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ବିଡିଏରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ସମସ୍ତ କର୍ମଚାରୀଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ କ୍ଷେତ୍ରରେ ପ୍ରଚଳିତ ପେନସନ ବ୍ୟବସ୍ଥା ଅବିକଳ ଭାବରେ ଲାଗୁ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ କର୍ମଚାରୀ ତଥା ବରିଷ୍ଠ ନାଗରିକଙ୍କ ଅନ୍ୟାନ୍ୟ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାକ୍ଷାତ ଆଲୋଚନା ସମୟରେ ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ମହାସଚିବ ତଥା ସଂଘର ଉପଦେଷ୍ଟା ସରୋଜ କାନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାମନ୍ତସିଂହାର, ମୁଦ୍ରିକା ପ୍ରସାଦ ସିଂହ, ପ୍ରଶାନ୍ତ କୁମାର ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଚୌଦ୍ୱାର,୧୮।୧୧(ଆଶୁତୋଷ ଦାସ)

୫୫ ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ଅନ୍ତର୍ଗତ ନୁଷ୍କିରୀ ଛକରେ ଶନିବାର ସକାଳ ୯ଟାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍‌ଆରୋହୀଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ ବନ୍ଧାଳ ଗ୍ରାମର କେଶବ ଚନ୍ଦ୍ର ମହାନ୍ତି(୭୫) ଓ ଆହତ ଜଣଙ୍କ ହେଲେ ସେହି ଗ୍ରାମର ଶରତ ଚନ୍ଦ୍ର ବାରିକ। କେଶବ ଏକ ବାଇକ୍‌ରେ ଗ୍ୟାସ୍ ସିଲିଣ୍ଡର ରଖି ଶରତଙ୍କ ସହିତ ଚୌଦ୍ୱାର ଆଡ଼କୁ ଆସୁଥିବାବେଳେ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କେଶବଙ୍କ ମୃତ୍ୟୁ ଘଟିଥିଲା।

# ଡିସିପି ଅଫିସ ଘେରାଉ, ୧୭ ୱାର୍ଡରେ ପଡ଼ିରହିଲା ଅଳିଆ

## ସଫେଇ କର୍ମଚାରୀଙ୍କୁ କର୍ପୋରେଟରଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାର

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)

ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ସଫେଇ କର୍ମଚାରୀ। ତେବେ ଏଥର ବିଏମ୍‌ସି କିମ୍ବା ସଫେଇ ସଂସ୍ଥା ବିରୋଧରେ ନୁହେଁ, ଜଣେ କର୍ପୋରେଟରଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାରକୁ ନେଇ ତେଜିଛି ଅସନ୍ତୋଷ। ଅଭିଯୋଗ ଅନୁସାରେ, ୱାର୍ଡ ନଂ. ୬୩ର କର୍ପୋରେଟରଙ୍କ ସ୍ୱାମୀ ସଫେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକଙ୍କ ସହ ପାଟିତୁଣ୍ଡ କରିବା ସହ 'ଏ ଭିତରେ ପଶିଲେ କାଟି ପକାଇବି' କହି ଧମକ ଦେଇଥିଲେ। ସଂଘ କହିଛି, କାମ ଠିକ୍ ସେ କରୁନ, ପଇସା ଠକିକି ନଉଛ' ବୋଲି କହି ଗାଳି ଦେଇଥିଲେ। ଏହାନେଇ ସଫେଇ କର୍ମଚାରୀମାନେ ଉତ୍ତେଜିତ ହୋଇପଡିବା ସହ ହୋହଲ୍ଲା କରିଥିଲେ। ପ୍ରତିବାଦ ସ୍ୱରୂପ ଶନିବାର ବିଏମ୍‌ସି ଅଞ୍ଚଳର ପ୍ରାୟ ୧୭ଟି ୱାର୍ଡରୁ ଅଳିଆ ଉଠାଇ ନ ଥିଲେ। ରବିବାର ମଧ୍ୟ ଅଳିଆ ଉଠା ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିବାବେଳେ ତୁରନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସଫେଇ କର୍ମଚାରୀମାନେ ଡିସିପି ଅଫିସ ଘେରାଉ କରିଥିଲେ। ତେବେ କୋର୍ଟ ଆଦେଶ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଥିବା ସଂଘ ସମ୍ପାଦକ ସୂଚନା ଦେଇଛନ୍ତି। ଏନେଇ ସ୍ଥାନୀୟ କର୍ପୋରେଟର ସୁଜାତା ଛୋଟରାୟ କହିଛନ୍ତି, ମୋ ସ୍ୱାମୀଙ୍କ ନାମରେ ମିଥ୍ୟା ମାମଲା ହୋଇଛି। ଯାହାକିଛି ଅଭିଯୋଗ ଆସିଛି ତାହା ସମ୍ପୂର୍ଣ୍ଣ ମିଛ। ସଫେଇ କର୍ମୀମାନେ ୱାର୍ଡରେ ଠିକ୍ ଭାବେ କାମ କରୁ ନ ଥିଲେ। ଘଟଣା ଦିନ ମୁଁ ୱାର୍ଡରେ ନ ଥିବାରୁ ସ୍ୱାମୀଙ୍କୁ କାମ ତଦାରଖ କରିବାକୁ ଦାୟିତ୍ୱ ଦେଇଥିଲି। ମୁଁ ଭାଜପା ଦଳର ହୋଇଥିବାରୁ ସେମାନେ ବିରୋଧୀ ଦଳ ସହ ମିଶି ଏଭଳି ଚକ୍ରାନ୍ତ କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ସଫେଇ ସଂସ୍ଥା ଆୱାରଲ୍ୟାଣ୍ଡ ପ୍ରାୟ ୭/୮ଜଣ ବୟସ୍କ ସଫେଇ କର୍ମଚାରୀଙ୍କୁ ଚାକିରୀରୁ ଛଟେଇ କରିବା ସହ ୨ମାସର ଦରମା ବକେୟା ରଖିଛି। ଏହାକୁ ସଫେଇ କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଉଛି। ତେବେ ଶୁକ୍ରବାର ୱାର୍ଡ ନଂ. ୬୩ରେ ସମ୍ପୃକ୍ତ ସଂସ୍ଥା ଅଧୀନରେ କାମ କରୁଥିବା ୩ଜଣ ବୟସ୍କ ବ୍ୟକ୍ତିଙ୍କୁ କାମରୁ ଛଟେଇ କରାଯାଇଥିଲା। ଏହାକୁ ବିରୋଧ କରିବା ସହ ସହଦେବ ସମ୍ପୃକ୍ତ ସଂସ୍ଥାର ସୁପରଭାଇଜରଙ୍କ ସହ କଥା ହେଉଥିବାବେଳେ ସ୍ଥାନୀୟ କର୍ପୋରେଟରଙ୍କ ସ୍ୱାମୀ ଲିଙ୍ଗା ଛୋଟରାୟ ହଠାତ୍ ସେଠାକୁ ଆସି ତାଙ୍କୁ ତାଗିଦ୍ କରିବା ସହ ଅଶାଳୀନ ଭାଷାରେ ଗାଳି କରିଥିଲେ। ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚି ବୁଝାସୁଝା କରିଥିଲା। ଏହାପରେ ସଫେଇ କର୍ମଚାରୀଙ୍କ ପକ୍ଷରୁ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିଲା। ଏଥିସହ ତାଙ୍କ ଗିରଫ ଦାବିରେ ଥାନା ଘେରାଉ ହୋଇଥିଲା। ତେବେ ଜଣେ ଲୋକପ୍ରତିନିଧିଙ୍କ ସ୍ୱାମୀ ଖୋଲାଖୋଲି ଭାବେ ସାଧାରଣଲୋକଙ୍କୁ ଖରାପ ବ୍ୟବହାର ଦେଖାଇ ଥିବାବେଳେ ପୋଲିସ୍ କାହିଁକି ଚୁପ୍ ବସିଛି ବୋଲି ସଫେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନାୟକ ପ୍ରଶ୍ନ କରିଛନ୍ତି।

### ଆଲୋଚନା ହୋଇଛି, ଅଳିଆ ଉଠିବ: ଅତିରିକ୍ତ କମିଶନର

ସଫେଇ କର୍ମଚାରୀଙ୍କ ଅଳିଆ ଉଠା ବନ୍ଦ ପ୍ରସଙ୍ଗରେ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ମେୟର ଏବଂ ବିଏମ୍‌ସିର ଅନ୍ୟ ଅଧିକାରୀମାନେ ସଂଘ ସହ ଆଲୋଚନା କରିଛନ୍ତି। ସେମାନେ ରବିବାର ସାଧାରଣ ଭାବେ ଅଳିଆ ଉଠାଇବେ। କୌଣସି ୱାର୍ଡରେ କାମ ବନ୍ଦ ହେବନାହିଁ। କେସ୍ ବାଟରେ କେସ୍ ଚାଲିବ। ଯିଏ ଦୋଷୀ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।




ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ଶନିବାର ଝୁମୁକା ଆନୁକୂଲ୍ୟରେ ୩୭ତମ ସାମ୍ବତ୍ସରିକ ସାରସ୍ୱତ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## କବିତା ପାଠ, 'ଆମ ଘର' ଶୀର୍ଷକ ଆଲୋଚନାଚକ୍ର

ବେଗୁନିଆ,୧୮।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କୁଞ୍ଜୁରି ପଞ୍ଚାୟତ ଅନ୍ତର୍ଗତ ଗୋଡି ଗ୍ରାମରେ ଅବସ୍ଥିତ ମା' ଗହ୍ଲେଇ ଦେବୀଙ୍କ ପୀଠ ପରିସରରେ ଶନିବାର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାଧାମୋହନ କୃଷ୍ଣଲୀଳା କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ବେଗୁନିଆର ପୂର୍ବତନ ଅନୁନିବନ୍ଧକ ତଥା ଗାଳ୍ପିକ ସନାତନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ବକ୍ତାଭାବେ ଡା.ଅମରେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର ମଙ୍ଗଳା ଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। 'ଆମ ଘର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାମାଜିକ ଚଳଣିରେ ପରିବାରକୁ ଆମେ ଘର ବୋଲି ବୁଝିଥାଉ। ପରିବାରର ହେଉଛି ସ୍ୱୟଂ ଭଗବାନଙ୍କର ପୃଥିବୀ ପୃଷ୍ଠକୁ ଏକ ବରଦାନ ସଦୃଶ। ଯେଉଁଠି ମଣିଷ ପ୍ରାଥମିକ ଶିକ୍ଷା ଲାଭ କରିଥାଏ। ସଂସ୍କାର ସିଖେ ଏବଂ ଏହି ପରିବାରରୁ ଜଣେ ସଚ୍ଚା ନାଗରିକର ପରିଚୟ ଦେଇପାରେ ବୋଲି ଅତିଥି ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। କବି ପ୍ରସନ୍ନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠରେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, କବି ବସନ୍ତ କୁମାର ସାହୁ, ଲକ୍ଷ୍ମୀଧର ମହାରଣା, ଅଶ୍ୱିନୀ କୁମାର ପଟ୍ଟନାୟକ, ପୂର୍ବତନ ସେନା କର୍ମଚାରୀ ବସନ୍ତ କୁମାର ହୋତା, ସମାଜସେବୀ ସୁରେନ୍ଦ୍ର ପାଲଟାସିଂହ, ବ୍ରଜବନ୍ଧୁ ପଣ୍ଡା, ଶ୍ରୀକାନ୍ତ ଦାସ, ନବ କିଶୋର ବିଧାର, ଶିକ୍ଷକ ଜନ୍ମେଶର ମଙ୍ଗରାଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାୟକ ପ୍ରଦୀପ୍ତ କିଶୋର ତ୍ରିପାଠୀ ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ଶ୍ରୀକୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୮।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଶୁକ୍ରବାର ବାଲ୍ୟ ବିବାହ ରୋକିବା ନେଇ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ପରି ଘୃଣ୍ୟ ପ୍ରଥାକୁ ସମାଜର ସବୁସ୍ତରରେ ବିରୋଧ କରିବା ସହ କୋମଳମତି ଶିଶୁଙ୍କ ସୁରକ୍ଷା ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଅଙ୍ଗନୱାଡ଼ି କର୍ମୀ ଏବଂ ସରପଞ୍ଚ ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ଅଙ୍ଗନୱାଡ଼ି କର୍ମୀ ନିଜ ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମକୁ ବ୍ୟାପକ ପ୍ରସାର ଏବଂ ପ୍ରଚାର କରିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଜଳଯୋଗାଣ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠୀ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ବ୍ଲକ ଅନ୍ତର୍ଗତ ସମସ୍ତ ସରପଞ୍ଚ ଏବଂ ଅଙ୍ଗନୱାଡି କର୍ମୀମାନେ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ, କର୍ମକର୍ତ୍ତା ଚୟନ



ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ରମାବିଲ ରାମଚନ୍ଦ୍ର ବିଦ୍ୟାନିକେତନ ପରିସରରେ ଟାଙ୍ଗୀ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ ସଂଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ପୂର୍ବତନ ବ୍ଲକ ସଭାପତି ସଦାଶିବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସମ୍ପର୍କରେ ଆଲୋଚନା କରାଯିବା ପରେ ବ୍ଲକସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତିଭାବେ ବଳରାମ ପାଇକରାୟ, ଉପସଭାପତି ହେମନ୍ତ କୁମାର ଜେନା, ମହେଶ୍ୱର ମାଝୀ ଓ ମାମିନା ବେହେରା, ସମ୍ପାଦକ ଅଜୟ କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ତ୍ରିନାଥ ପ୍ରଧାନ, ନିମନ୍ତ କୁମାର ମାଝି ଓ ସ୍ୱର୍ଣ୍ଣଲତା ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଜିଲାପରିଷଦ ସଭ୍ୟ ଭାବେ ପ୍ରଭାକର ଜୟସିଂ, ଲକ୍ଷ୍ମୀଧର ପାତ୍ର, ଗୋଦାବରୀଶ ସାମନ୍ତସିଂହାର, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ସୁଜାତା ମହାପାତ୍ର ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ପଦ୍ମନାଭ ବିଶ୍ୱାଳ, ପ୍ରଶାନ୍ତ ପଟ୍ଟନାୟକ, ସନ୍ତୋଷ କୁମାର କର, ସଦାଶିବ ବେହେରା, ସୁରେନ୍ଦ୍ର ରାଉତ, ଦେବରାଜ ଚହଟରାୟ ଓ ସୁରେଶ ସ୍ୱାଇଁଙ୍କୁ ମନୋନୀତ ହୋଇଛନ୍ତି।

## ଆପ୍ରୋଚ୍ ରୋଡ୍ ପାଇଁ ମାପଚୁପ ଆରମ୍ଭ



ମାପଚୁପ ସମୟରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ନିରାକାରପୁର,୧୮।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ସ୍ଥିତ ରେଲୱେ ଲେଭଲକ୍ରସିଂ ଠାରେ ଓଭରବ୍ରିଜ୍ ହେବାକୁ ଥିବା ବେଳେ ଶନିବାର ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ନିରାକାରପୁର ରାଜସ୍ୱ ନିରୀକ୍ଷକ ଏହାର ଆପ୍ରୋଚ୍ ରୋଡ୍ ପାଇଁ ମାପଚୁପ କରିଥିଲେ। ଏହି ଖବର ଶୁଣିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏଠାରେ ଓଭରବ୍ରିଜ୍ ପାଇଁ ବହୁଦିନ ଧରି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ତାହା ହୋଇପାରୁ ନ ଥିଲା। ଏନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ଓଭରବ୍ରିଜ୍ ପୂର୍ବରୁ ଆପ୍ରୋଚ ରୋଡ ହେବ। ସେପଟେ ଲୋକେ ଯାତାୟାତ କରିବେ। ଏହାପରେ ଯେଉଁଲୋକଙ୍କର ନିଜର ଯାଗା ଯିବ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମିଳିବ।

## 'ଭୋଟଦାନର ଗୁରୁତ୍ୱ ଜାଣନ୍ତୁ ଛାତ୍ରୀ'

### ଭୋଟର ସଚେତନତା କାର୍ଯ୍ୟକ୍ରମ

କଟକ,୧୮।୧୧ (କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ସିଏମ୍‌ସି ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଭୋଟର ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଅଧ୍ୟକ୍ଷତା କରି ୧୮ ବର୍ଷ ବୟସ୍କା ଛାତ୍ରୀମାନେ ଭୋଟଦାନର ଗୁରୁତ୍ୱ ଓ ଦାୟିତ୍ୱବୋଧ ସମ୍ପର୍କରେ ଅବଗତ ହେବା ଦରକାର ବୋଲି କହିଥିଲେ। ସିଏମ୍‌ସି ଯୁଗ୍ମ କମିଶନର ଅନିତା ପାତ୍ର କହିଥିଲେ, ଛାତ୍ରୀମାନେ ମତଦାତା ସୂଚୀରେ ନିଜ ନାମ ପଞ୍ଜୀକରଣ କରାଇ ମତଦାତା ପ୍ରମାଣପତ୍ର ପ୍ରାପ୍ତ କରିବେ। ଯଦ୍ଦ୍ୱାରା ଆଗାମୀ ନିର୍ବାଚନରେ ସେମାନେ ସକ୍ରିୟ ଭାବେ ଭୋଟଦାନ କରିପାରିବେ। ଅତିରିକ୍ତ ତହସିଲଦାର କୁମାରୀ କ୍ରିଷ୍ଣା ପାଢ଼ୀ ଅନ୍‌ଲାଇନ୍ ଆପ୍ ଜରିଆରେ ଭୋଟର ପଞ୍ଜୀକରଣ କରିବା ପ୍ରକ୍ରିୟା ବିଷୟରେ ସଚେତନ କରାଇଥିଲେ। ସିଏମ୍‌ସି ପକ୍ଷରୁ ବିଏଲ୍‌ଓ ରାମଲୁ ରେଡ୍ଡୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଶ୍ରଦ୍ଧା ସୁମନ ଜେନା, ଅରସିନ୍ ଫାତିକା, ଶାଶ୍ୱତୀ ଦୀକ୍ଷିତ୍, ସଂଘମିତ୍ରା ବେହେରା, ସଙ୍ଗୀତା ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ। ଡ. ନରେନ୍ଦ୍ରନାଥ ନାୟକ, ଡ. ଦୀପ୍ତି ପଣ୍ଡା, ଡ. ଗାୟତ୍ରୀ କର, ଦେବିକା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ



ନିମାପଡ଼ା(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)୧୮।୧୧

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ନିମାପଡ଼ା ଥାନା ଅଧୀନ ବିଭିନ୍ନ ଅଞ୍ଚଳ ଉପରେ ଚଢ଼ାଉ କରାଯାଇ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସୋମନାଥ ମାଝୀ (୩୪)। ପୋଲିସ ତାଙ୍କଠାରୁ ୬୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୬ଲକ୍ଷ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏନେଇ ଅବକାରୀ ବିଭାଗ ୧୨୭/୨୩-୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ ଓ ସ୍ୱାଗତିକା ଘଡ଼େଇ ପ୍ରମୁଖ ଏହି ଚଢ଼ାଉ କରିଥିଲେ।

## 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନେ ଗୁରୁଦାୟିତ୍ୱ ତୁଲାଇଥାନ୍ତି'

ପୁରୀ, ୧୮।୧୧ (ଅଜିତ୍ ମହାନ୍ତି):

କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ଠାରେ ୬୨ ତମ ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଫାର୍ମାସୀ କାଉନସିଲ୍ ଅଫ ଇଣ୍ଡିଆର ପୂର୍ବତନ ସମ୍ପାଦକ ପ୍ରଫେସର ଡ. ଆର୍.ଏସ୍. ଠାକୁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆଜିର ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଗୁରୁ ଦାୟିତ୍ୱ ତୁଲାଇଥାନ୍ତି ତାହା ବର୍ଣ୍ଣନା କରିବା ସହିତ ୬୨ତମ ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଉପସ୍ଥିତ ଛାତ୍ରୀଛାତ୍ର ତଥା ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୂର୍ବର ଆୟୁର୍ବେଦ ଚିକିତ୍ସା ଏବଂ ବର୍ତ୍ତମାନର ଏଲୋପାଥିକ ଚିକିତ୍ସା ବ୍ୟବସ୍ଥା ଉପରେ ସମ୍ୟକ ବିବରଣୀ ଦେବା ସହିତ ଭୁଲ୍ ଔଷଧ ଖାଇବାରୁ ବର୍ତ୍ତିବା ପାଇଁ ସମସ୍ତେ ଫାର୍ମାସିଷ୍ଟ ମାନଙ୍କ ଉପରେ ନିର୍ଭରଶୀଳ ହେବା ଉଚିତ୍ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ କଟକସ୍ଥିତ ଦଧିଚି କଲେଜ ଅଫ୍ ଫାର୍ମାସୀର ଅଧ୍ୟକ୍ଷ ପ୍ରଫେସର ଡ. ରଜତ କୁମାର କର ଯୋଗଦେଇ ଫାର୍ମାସୀ ପାଠ ପଢ଼ୁଥିବା ଛାତ୍ରୀଛାତ୍ରମାନେ ନିଜକୁ ସୁସଙ୍ଗଠିତ ଭାବେ ସେବା ମନୋବୃତ୍ତି ନେଇ ସମାଜ ପ୍ରତି ନିଜର କର୍ତ୍ତବ୍ୟ ଠିକ୍ ଭାବେ ତୁଲାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ରୋଗୀଙ୍କୁ ସୁସ୍ଥ କରିବା କ୍ଷେତ୍ରରେ ଜଣେ ଡାକ୍ତରଙ୍କ ଭଳି ଫାର୍ମାସିଷ୍ଟଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ବର୍ଣ୍ଣନା କରିଥିଲେ। ଉକ୍ତ ଆଲୋଚନା ସଭାରେ କଲେଜର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର ଓ ଉପାଧ୍ୟକ୍ଷ ଡ. ସଞ୍ଜୀବ କୁମାର ନାୟକ ଯୋଗଦେଇ କରୋନା ପରେ ଫାର୍ମାସିଷ୍ଟମାନଙ୍କର କିପରି ସମ୍ମାନ ବଢ଼ିଛି ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ସମସ୍ତେ ଉପଯୁକ୍ତ ଔଷଧ ଖାଇବା ସହିତ ଫାର୍ମାସିଷ୍ଟମାନଙ୍କ ସହାୟତା ନେବା ନିହାତି ଆବଶ୍ୟକ। ଏହି ଅବସରରେ ଉପସ୍ଥିତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ଉପଢୌକନ ସହିତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଆଲୋଚନାଚକ୍ରକୁ ଅଧ୍ୟାପକ ସିଦ୍ଧେଶ୍ୱର ପାଢ଼ିଯୋଶୀ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ, ଅଧ୍ୟାପିକା ସନ୍ଧ୍ୟାରାଣୀ ପାଢ଼ିଯୋଶୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

## ସଂକ୍ଷେପରେ

### ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତା

ପୁରୀ ୧୮।୧୧ (ଅଜିତ୍ ମହାନ୍ତି): ସଦର ଥାନା ଅନ୍ତର୍ଗତ ଖଡ଼ିପଡ଼ା ସମଙ୍ଗ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀଠାରେ 'ଆରମ୍ଭ' ଅନୁଷ୍ଠାନ ପକ୍ଷରୁ ଆରମ୍ଭ ୨୦୨୪ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀଠାରେ ୨୫୦ ମହିଳାଙ୍କୁ ନେଇ ସଙ୍ଗୀତ, ନୃତ୍ୟ, ଖେଚି, ହୁଳହୁଳି ତଥା ଆଧ୍ୟାତ୍ମିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଗନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ବର୍ଷ ଜାନୁୟାରୀ ୨୦୨୪ରେ ହେବାକୁ ଥିବା 'ଆରମ୍ଭ' ମହୋତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ସଭାପତି ଗୋପାଳଚନ୍ଦ୍ର ଖୁଣ୍ଟିଆ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଯୁବ ସାମାଜିକ କର୍ମୀ ଅବିନାଶ ମିଶ୍ର, ସୁବର୍ଣ୍ଣ ଅଳଙ୍କାର ତରଫରୁ ଅଭିଷେକ ବିନାନୀ, ସମଙ୍ଗ ପଞ୍ଚାୟତର ସରପଞ୍ଚ ମୀନାରାଣୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ, ଉପସଭାପତି ସମୀର କୁମାର ଶତପଥୀ, ସମ୍ପାଦକ ଦେବାଶିଷ ସିଂ, ରାକେଶ ଜେନା, ସୌମ୍ୟରଞ୍ଜନ ମିଶ୍ର, ଗଣେଶ୍ୱର ଦାସ, ପ୍ରଭୁପାଦ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ଆଶିଷ ବେହେରା, ବିଶ୍ୱଜିତ୍ ଦାସ, ସୁଜିତ ରାଉତରାୟ, ଜ୍ୟୋତି ରଞ୍ଜନ ମେକାପ, ପ୍ରଣୟ କୁମାର ରଣସିଂହ, ସନ୍ତୋଷ କୁମାର ବିନ୍ଧାଣୀ, ଆଶିଷ ବେହେରା, ଅବିନାଶ ସାହୁ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ,୧୮।୧୧( ଅଜିତ୍ ମହାନ୍ତି): ମାଗିତୋଟା ପଡିଆ ଠାରେ ଡକାୟତି ଯୋଜନା କରିବା ପାଇଁ ଯୋଜନା କରୁଥିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ଚମାର ସାହିର ଆର୍ତ୍ତ ବେହେରା(୪୨), ମୋହାନ୍ତି ସାହିର ଦୀପୁ ବେହେରା (୪୦), କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପତିତପାବନ ଲେନ୍‌ର ଶିବ ଶଙ୍କର ବେହେରା (୧୯),ବାସେଳି ସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ରମେଶ ବେହେରା(୨୪) ଏବଂ ହରିଜନ ବସ୍ତି ମିଶ୍ର ସାହିର ପ୍ରଶାନ୍ତ ନାୟକ (୨୯)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ଼, ଗୋଟିଏ ଛୁରୀ, ଟର୍ଚ୍ଚ ଲାଇଟ୍ , ଲଙ୍କାଗୁଣ୍ଡ ବାକ୍ସ, କ୍ୟାଣ୍ଡେଲ ଏବଂ ଖାଲି ବିୟର ବୋତଲ ଜବତ କରିଛି। ଏନେଇ କେସ ନଂ ୨୫୮/୨୩ରେ ଏକ ମାମଲା ରୁଜୁ ହୋଇଛି।

### ଓଡ଼ିଶା ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

ପୁରୀ ୧୮।୧୧ (ଅଜିତ୍ ମହାନ୍ତି): ଓଡ଼ିଶା ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପୁରୀ ଜିଲା ଶାଖା ସଂଘ ପକ୍ଷରୁ ଏକ ଜିଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାକୁ ଜିଲା ସଂଘର ସଭାପତି ଦେବରାଜ ପଲେଇ ଓ ଜିଲା ସମ୍ପାଦକ ସନ୍ତୋଷ ବାରିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସରପଞ୍ଚ ସଂଘର ଜିଲା ସଭାପତି ଉପେନ୍ଦ୍ର କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶଶୀରଞ୍ଜନ ନାୟକ, ରମେଶ ଚନ୍ଦ୍ର ପ୍ରଧାନ, ଚିନ୍ମୟ ରାଉତ, ଦୁଃଶାସନ ପ୍ରଧାନ, ସିଲୁ ସେନାପତି, ମନ୍ଦାକିନୀ ଦାସ, ମିନତୀ ଭୋଇ ଯୋଗଦାନ କରିଥିଲେ। ସେହିପରି ଆମନ୍ତ୍ରିତ ଅତିଥି ଭାବରେ ପୁଷ୍ପାଞ୍ଜଳି ଜେନା ଏବଂ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ ଓ ରାଜ୍ୟ ସଂଘର ସଦସ୍ୟ ରାକେଶ ନାୟକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୧ଟି ବ୍ଲକର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷମାନଙ୍କ ସମେତ ବରିଷ୍ଠ କର୍ମଚାରୀ ଯୋଗଦାନ କରିଥିଲେ। ବୈଠକରେ କର୍ମଚାରୀମାନଙ୍କର ପ୍ରମୁଖ ୧୦ ଗୋଟି ମୌଳିକ ନ୍ୟାର୍ଯ୍ୟ ଦାବି ପୂରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନର ଆଚରଣ ବିଧି ଘୋଷଣା ପୂର୍ବରୁ କର୍ମଚାରୀମାନଙ୍କର ଦାବିକୁ ସରକାର ପୂରଣ କରିବା ପାଇଁ ଏଥିରେ ଜୋର୍ ଦିଆଯାଇଥିଲା। ଯଦି ରାଜ୍ୟ ସରକାର କର୍ମଚାରୀମାନଙ୍କର ଦାବି ପୂରଣ ନ କରନ୍ତି ତେବେ ବାଧ୍ୟ ହୋଇ ସରକାରଙ୍କ ସମସ୍ତ କାର୍ଯ୍ୟରେ ଅସହଯୋଗ କରାଯିବା ସହିତ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦିଆଯାଇଛି। ସଭାକାର୍ଯ୍ୟ ଶେଷରେ ତ୍ରିନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନବକଳେବର ହେବ ସଦାଶିବ କ୍ୟାମ୍ପସ

- ୧୦୦ କୋଟି ଟଙ୍କାର ଆର୍ଥିକ ଅନୁଦାନ
- ଲକ୍ଷ୍ମୀ ପୁରାଣକୁ ନେଇ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ, ୧୮।୧୧(ଅଜିତ୍ ମହାନ୍ତି): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀ ସଦାଶିବ କ୍ୟାମ୍ପସ ପୁରୀର ନବକଳେବର ହେବାକୁ ଯାଉଛି। ଶନିବାର ଆୟୋଜିତ କର୍ମଶାଳାରେ ଯୋଗଦାନ କରି ୧୦୦ କୋଟି ଟଙ୍କାର ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଶ୍ୱବିଦ୍ୟାଳୟ ପରିସରରେ ସନ୍ଥ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣକୁ ନେଇ ଆୟୋଜିତ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କା ଆର୍ଥିକ ଅନୁଦାନ ଯୋଗାଇଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରି ଯଜ୍ଞରେ ଆହୁତି ଦେବା ସହ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୮ ମହଲା ବିଶିଷ୍ଟ ପ୍ରଶାସନିକ ଓ ଶୈକ୍ଷିକ ଭବନ, ୫ ମହଲା ବିଶିଷ୍ଟ ତଥା ୩୦୦ କ୍ଷମତା ବିଶିଷ୍ଟ ମହିଳା ଛାତ୍ରାବାସ, ୩୦୦ କ୍ଷମତା ବିଶିଷ୍ଟ ପୁରୁଷ ଛାତ୍ରାବାସ, ୫ ମହଲା ବିଶିଷ୍ଟ ଅତିଥି ଭବନର ଶିଳାନ୍ୟାସ କରିଛନ୍ତି ମନ୍ତ୍ରୀ। ସେହିପରି ବାହାର ପ୍ରଦେଶରୁ ଆସୁଥିବା ବିଶ୍ୱବିଦ୍ୟାଳୟ କର୍ମଚାରୀ ଓ ଅଧିକାରୀଙ୍କ ନିମନ୍ତେ ଷ୍ଟାଫ୍ କ୍ୱାର୍ଟର୍ସ ପାଇଁ ମଧ୍ୟ ଶିଳାନ୍ୟାସ କରାଯାଇଥିଲା। ସଂସ୍କୃତ ଭାଷା ସବୁଭାଷାର ଜନନୀ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ସମସ୍ତ ସଂସ୍କୃତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନବୀକରଣ କରାଯାଉଛି। ସଂସ୍କୃତ ବିଦ୍ୱାନ ମାନେ ସଂସ୍କୃତ ଭାଷାର ମର୍ଯ୍ୟାଦା ରଖିବା ସହ ପ୍ରତ୍ୟେକ ଜୀବନରେ ଅନୁଭବ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ନିଜ ଅଭିଭାଷଣରେ ମତ ରଖିଥିଲେ। ୧୫୮ ବର୍ଷ ତଳେ ପଣ୍ଡିତ ସଦାଶିବ ରଥଶର୍ମା ଓ ଆଚାର୍ଯ୍ୟ ହରିହର ସଂସ୍କୃତ ଭାଷାର ଟୋଲ୍ ତିଆରି କରି ଏହାର ମୂଳଦୁଆ ପକାଇଥିଲେ। ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆଚାର୍ଯ୍ୟ ସନ୍ଦୀପନୀ ବେଦ ବିଶ୍ୱବିଦ୍ୟାଳୟର ଏକ ଶାଖା ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ଲକ୍ଷ୍ମୀ ପୁରାଣକୁ ବିଭିନ୍ନ ଭାଷାରେ ଅନୁବାଦ ପାଇଁ ସେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ସହ କଥା ହେବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଦ୍ୱାରା ଅନୁବାଦିତ ଲକ୍ଷ୍ମୀ ପୁରାଣର ସଂସ୍କୃତ ସଙ୍କଳନ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାରତୀୟ ଭାଷା ସମିତି ସଭାପତି ପଦ୍ମଶ୍ରୀ ସିଏମ୍ କ୍ରିଷ୍ଣଶାସ୍ତ୍ରୀ, ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ନିତା ପ୍ରସାଦ, ବିହାରସ୍ଥିତ ରାଜେନ୍ଦ୍ର ପ୍ରସାଦ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ବିଶ୍ୱବିଦ୍ୟଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖଡ଼ି, ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ ଏବଂ ଭାଜପା ନେତା ମଧୁସୁଦନ ସିଂହାରୀ ପ୍ରମୁଖ ଯୋଗଦାନ କରି ଆଲୋଚନାଚକ୍ର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଥମ ଦିନର ଆଲୋଚନା ଚକ୍ରରେ ପାଖାପାଖି ୩୦ଗୋଟି ପ୍ରବନ୍ଧ ଉପସ୍ଥାପିତ କରାଯାଇଥିଲା । ଲାଲବାହାଦୁର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ରମେଶ କୁମାର ପାଣ୍ଡେ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କୃଷ୍ଣମୂର୍ତ୍ତି, ପୌରୁଷ ପତ୍ରିକାର ସମ୍ପାଦକ ଡକ୍ଟର ଅସିତ ମହାନ୍ତି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଏ.ପି.ସଚ୍ଚିଦାନନ୍ଦ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ବିଭାଗର ଅଧ୍ୟକ୍ଷ ପ୍ରଫେସର ଗୋପାଳ କୃଷ୍ଣ ଦାସଙ୍କ ସମେତ ଅନେକ ବିଦ୍ୱାନମାନଙ୍କୁ ନେଇ ଏକ ଶୈକ୍ଷଣିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯାହାର ଅଧ୍ୟକ୍ଷତା ପ୍ରଫେସର ଅତୁଲ କୁମାର ନନ୍ଦ କରିଥିବା ବେଳେ ସଂଯୋଜନା କରିଥିଲେ ପରିସରର ବରିଷ୍ଠ ପ୍ରଫେସର ମୀନତି ରଥ। ସମଗ୍ର କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଫେସର ରମାକାନ୍ତ ମିଶ୍ର। ପରିଶେଷରେ ପରିସରର ଅଧ୍ୟାୟୀମାନଙ୍କୁ ନେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଭାରତ-ଜାପାନ ବନ୍ଧୁତ୍ୱ କେନ୍ଦ୍ର ଦ୍ୱାରା ଜାପାନିଜ୍ ଡ୍ରମ ନାକୋସ୍ ପରିବେଷଣ ହେବା ସଙ୍ଗେସଙ୍ଗେ ଲକ୍ଷ୍ମୀପୁରାଣକୁ ନେଇ ରଙ୍ଗଶାଳା ଦ୍ୱାରା ଏକ ନୃତ୍ୟନାଟିକା ମଞ୍ଚସ୍ଥ ହୋଇଥିଲା ।



ପୁରୀ ସଦାଶିବ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବଳରାମ ଦାସଙ୍କ ଲକ୍ଷ୍ମୀପୂରାଣର ସଂସ୍କୃତ ଅନୁବାଦକୁ ଉନ୍ମୋଚନ କରାଯାଉଛି ।

# ଭାଜପାର ଅସ୍ତରଙ୍ଗ ବ୍ଲକ ଘେରାଉ

ଅସ୍ତରଙ୍ଗ,୧୮।୧୧ (ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ): ଅସ୍ତରଙ୍ଗ ଭାଜପା ମଣ୍ଡଳ ସଭାପତି ପ୍ରଭାକର ନାୟକଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାର ଭାଜପା କର୍ମୀ ବିଶାଳ ଶୋଭାଯାତ୍ରାରେ ବାହାରି ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ରାଜ୍ୟ ସରକାରଙ୍କ ବହୁ ଯୋଜନା ହିତାଧିକାରୀଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚି ନ ପାରିବା ନେଇ ଶନିବାର ଭାଜପା ପକ୍ଷରୁ ଏହି ଆନ୍ଦୋଳନ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଭାଜପା ନେତା ଜୟନ୍ତ ବେହେରା, ଦୁଇ ନମ୍ବର ମଣ୍ଡଳ ସଭାପତି ଗୋଲେଖ ପ୍ରଧାନ, ମଙ୍ଗଳା ପ୍ରସାଦ ସାମନ୍ତରାୟ, ଲଳିତ ରଥ, ଯୁବ ମୋର୍ଚ୍ଚା ସମ୍ପାଦକ ରାକେଶ କୁମାର ବିଶ୍ୱାଳ, ଏସି ମୋର୍ଚ୍ଚା ସଭାପତି ଶିଶିର କୁମାର ବେହେରା, ଅସ୍ତରଙ୍ଗ ଓବିସି ସଭାପତି ହୃଦାନନ୍ଦ ବହିଆ, ଆଳଙ୍ଗପୁର ସମିତି ସଭ୍ୟାଙ୍କ ପ୍ରତିନିଧି ପବିତ୍ର ଲେଙ୍କା, ପଦ୍ମ ଚରଣ ପରିଡ଼ା, ସୁଦର୍ଶନ ସ୍ୱାଇଁ, ମହିଳା ନେତ୍ରୀ ରାଜଲକ୍ଷ୍ମୀ ଦାସ ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବହୁ ଭାଜପା ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ। ଆବାସ ଯୋଜନା, ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଭତ୍ତା, ରାଶନ ତଥା ସରକାରଙ୍କ ବିଭିନ୍ନ ଯୋଜନା ପାଇବାରେ ବହୁ ଗରିବ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଯଦି ଏହାକୁ ଭିତ୍ତି କରି କୌଣସି କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ଆଗାମୀ ଦିନରେ ଭାଜପା ପକ୍ଷରୁ ରାଜରାସ୍ତା ଅବରୋଧ କରାଯିବ ବୋଲି ଭାଜପା ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ରାକେଶ କୁମାର ବିଶ୍ୱାଳ ଆହ୍ୱାନ ଦେଇଛନ୍ତି।



ବିଭିନ୍ନ ଦାବି ନେଇ ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଭାଜପା କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ ।

# ଅତ୍ୟାଧୁନିକ ଡାକ୍ତରଖାନା ନିର୍ମାଣ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର

ପିପିଲି,୧୮।୧୧(ଦୁର୍ଗା ମାଧବ ମିଶ୍ର): ୧୨ କୋଟି ଟଙ୍କା ବ୍ୟୟରେ ପିପିଲିରେ ଏକ ଅତ୍ୟାଧୁନିକ ଡାକ୍ତରଖାନା ନିର୍ମାଣ କରାଯିବ ବୋଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ପ୍ରକାଶ କରିଛନ୍ତି। ପିପିଲି ନିକଟବର୍ତ୍ତୀ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପିପିଲି, ମଙ୍ଗଳପୁର, ପାଣିଦୋଳ ଅର୍ଥାତ ୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧ୍ୟକ୍ଷା ମନସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ କୁମାର ମଲ୍ଲିକ, ପିପିଲି ପ୍ରକଳ୍ପ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ପଣ୍ଡା, ସିଡିପିଓ ତପସ୍ୱିନୀ ସୁନାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ମଙ୍ଗଳପୁର ଡାକ୍ତରଖାନା ପରିସରରେ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କରାଯିବା ସହ ପରିସରରେ ଥିବା ବିଦ୍ୟୁତ ଖୁଣ୍ଟ ଓ ତାରକୁ ଅପସାରଣ କରିବା, ମଙ୍ଗଳପୁର ଓ ପାଣିଦୋଳ ଡାକ୍ତରଖାନାର ଛାତ ଓ ଘର ମରାମତି କରିବା, ସନ୍ଧ୍ୟା ପରେ ଡାକ୍ତରଖାନା ପରିସରରେ ପାଟ୍ରୋଲିଂ କରିବା ଭଳି ବିଭିନ୍ନ ବିଭାଗ ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

# 'ଛାତ୍ରୀଛାତ୍ରମାନେ ବୈଜ୍ଞାନିକ ଅନୁଚିନ୍ତାରେ ଭବିଷ୍ୟତ ପ୍ରସ୍ତୁତ କରନ୍ତୁ'



ବ୍ଲକସ୍ତରୀୟ ବିଜ୍ଞାନ ପ୍ରକଳ୍ପକୁ ମୁଖ୍ୟଅତିଥି ଜୟନ୍ତ କୁମାର ଜୟସିଂ, ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

### ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା

ସାକ୍ଷୀଗୋପାଳ, ୧୮।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର, ଭରତ ରାଉତ): ସତ୍ୟବାଦୀ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ପ୍ରତି ବୈଜ୍ଞାନିକ ଅନୁଚିନ୍ତାରେ ନିଜ ଭବିଷ୍ୟତ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଆଇନ୍‌ଷ୍ଟାଇନ, ଆର୍ଯ୍ୟଭଟ୍ଟ, ଅବଦୁଲ କଲାମ, ଅଟଳ ବିହାରୀ ବାଜପେୟୀ, ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନକୁ ଗଣିତ, ବିଜ୍ଞାନ ଓ ପରିବେଶ ଅବକ୍ଷୟ ସମ୍ବନ୍ଧୀୟ ବିଭିନ୍ନ ଚେତନା କିଭଳି ପ୍ରଭାବିତ କରିପାରିଥିଲା ସେ ସମ୍ପର୍କରେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ବିଆର୍‌ସିସି ପ୍ରଭାସ ଚନ୍ଦ୍ର କରଣ, ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନମିତା ଦାଶ, ତୃତୀୟାଦେବ ବିଦ୍ୟାନିକେତନର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା, ଗୋପବନ୍ଧୁ ଜନ୍ମପୀଠର ପ୍ରଧାନ ଶିକ୍ଷକ ହରିହର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକଳ୍ପକୁ ବୁଲି ଦେଖିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକରେ ଥିବା ୧୫୨ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୧୫୦ ବିଭିନ୍ନ ପ୍ରକଳ୍ପ ଏହି କାର୍ଯ୍ୟକ୍ରମରେ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ସୋନାକ୍ଷୀ ପ୍ରିୟଦର୍ଶିନୀ ମହାପାତ୍ର, ଶୁଭମ୍ ମେକାପ, ସ୍ମୃତି ରଞ୍ଜନ ପ୍ରଧାନ, ଗୁରୁପ୍ରସାଦ ମିଶ୍ର, ଲକ୍ଷ୍ମୀପ୍ରିୟା ଭୋଇଙ୍କ ଦ୍ୱାରା ପ୍ରସ୍ତୁତ ୫ଟିପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ କୃଷି ଅଧିକାରୀ ମନୋରଞ୍ଜନ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ। ସିଆର୍‌ସି ଗୋପୀନାଥ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଚାରକମଣ୍ଡଳୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଶିକ୍ଷକ ଶିବରାମ ମିଶ୍ର ଓ କାମଦେବ ପ୍ରଧାନ। ସିଆର୍‌ସି ସୁନୀଲ କୁମାର ବେହେରା, ସରୋଜ ବେହେରା, ସନ୍ତୋଷ କୁମାର ବେହେରା ପରିଚାଳନାରେ ସହଯୋଗ କରିଥିଲେ।

### ମଶାଧୂଆଁ ଏବଂ ତେଲ ପକାଇବା ଦାବିରେ ଆପ୍‌ର ବିକ୍ଷୋଭ

ପୁରୀ, ୧୮।୧୧ (ଅଜିତ୍ ମହାନ୍ତି): ପୁରୀ ପୌରସଂସ୍ଥା ପକ୍ଷରୁ ସହରରେ ମଶା ଧୂଆଁ ଏବଂ ତେଲ ନ ପକାଇବାରୁ ସହରରେ ଏବେ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ପୌରସଂସ୍ଥାର ଏପରି ମନମୁଖି କାର୍ଯ୍ୟକୁ ବିରୋଧ କରି ଶନିବାର ଆମ୍ ଆଦମୀ ପାର୍ଟି (ଆପ୍), ପୁରୀ ଶାଖା ପକ୍ଷରୁ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ପକ୍ଷରୁ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଧୂପ ଦାନିରେ କତା ଆଉ ଝୁଣା ଧୂଆଁ ବୁଲାଇ ପ୍ରତିବାଦ କରାଯାଇଛି। ପୁରୀରେ ମଶା ତେଲ ଓ ଧୂଆଁ କେବେ ପକାଯିବ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ସହରର ପ୍ରାୟ ସବୁ ନାଳ ମୁକୁଳା ପଡ଼ିଛି। ପ୍ରାୟ ନାଳ ବର୍ଷ ବର୍ଷ ଧରି ସଫା ହେଉନି । ତେଣୁ ମଶା ଧୂଆଁ ଓ ତେଲ ଶୀଘ୍ର ପକାଇବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ପୌରପାଳିକା ଅଧିକାରୀ ଆପ୍ କର୍ମକର୍ତ୍ତାଙ୍କୁ ଡାକି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆସନ୍ତା ମଙ୍ଗଳବାର ଠାରୁ ସହରରେ ମଶା ଧୂଆଁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଦଳ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ସୋସିଆଲ ମିଡିଆ ସଭାପତି ସମୀର ସାମନ୍ତରାୟ, ମୁଖପାତ୍ର ଅନିଲ ସେନାପତି, ଯୁବ ସମ୍ପାଦକ ଜନ୍ମେଞ୍ଜୟ ଜେନା, ଯୁବ ସଂଗଠକ ସୁନୀଲ ଜେନା, ବୃନ୍ଦାବନ ପ୍ରଧାନ, ବିରଜା ପ୍ରସାଦ ନାଥ, ରଶ୍ମିରଞ୍ଜନ ରାଉତରାୟ ଏବଂ ସୂର୍ଯ୍ୟକାନ୍ତ ମିଶ୍ର ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ ।

# ସାଇ ଇଣ୍ଟିଗ୍ରାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ



ଉତ୍ସବରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପିପିଲି,୧୮।୧୧(ଦୁର୍ଗା ମାଧବ ମିଶ୍ର): ଶନିବାର ସାଇ ଇଣ୍ଟିଗ୍ରାଲ ସ୍କୁଲ, ପିପିଲିର ଊନବିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ପଦାପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲ୍ୟାଣପୁର କଲେଜରେ ପ୍ରାଧ୍ୟାପକ ଦିଲୀପ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପକାରିତା ବିଷୟରେ କହିଥିଲେ। ପରେ ଅଧ୍ୟକ୍ଷା ସୁନନ୍ଦା ଦାଶ ଆନୁଷ୍ଠାନିକ ଭାବେ କ୍ରୀଡ଼ା ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ରାଉତ, ବିଜୟ କୁମାର ସାହୁ, ବିଜୟ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ଶତପଥୀ, ତ୍ରିନାଥ ଦାସ ପିଲାମାନଙ୍କର କ୍ରୀଡ଼ା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସର୍ବଜୟୀ ଖେଳାଳି ଭାବେ ୧୦ମ ଶ୍ରେଣୀର ଛାତ୍ର ସାଇ ସ୍ୱରୂପ, ବାଳିକା ବିଭାଗରୁ ବୈଶାଖୀ ପୃଷ୍ଟିଙ୍କୁ ସାମାଜିକକର୍ମୀ ଶୁଭେନ୍ଦୁ କୁମାର ଦାଶ ସମ୍ମାନିତ କରିଥିଲେ।

# ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ନିମାପଡ଼ା(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)୧୮।୧୧ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ନିମାପଡ଼ା ଥାନା ଅଧୀନ ବିଭିନ୍ନ ଅଞ୍ଚଳ ଉପରେ ଚଢ଼ାଉ କରାଯାଇ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସୋମନାଥ ମାଝୀ (୩୪)। ପୋଲିସ ତାଙ୍କଠାରୁ ୬୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୬ଲକ୍ଷ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏନେଇ ଅବକାରୀ ବିଭାଗ ୧୨୭/୨୩-୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏଏସ୍ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ ଓ ସ୍ୱାଗତିକା ଘଡ଼େଇ ପ୍ରମୁଖ ଏହି ଚଢ଼ାଉ କରିଥିଲେ।



# 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନେ ଗୁରୁଦାୟିତ୍ୱ ତୁଲାଇଥାନ୍ତି'

### ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଆଲୋଚନାଚକ୍ର

ପୁରୀ, ୧୮।୧୧ (ଅଜିତ୍ ମହାନ୍ତି): କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ଠାରେ ୬୨ ତମ ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଫାର୍ମାସୀ କାଉନସିଲ୍ ଅଫ ଇଣ୍ଡିଆର ପୂର୍ବତନ ସମ୍ପାଦକ ପ୍ରଫେସର ଡ. ଆର୍.ଏସ୍. ଠାକୁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆଜିର ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଗୁରୁ ଦାୟିତ୍ୱ ତୁଲାଇଥାନ୍ତି ତାହା ବର୍ଣ୍ଣନା କରିବା ସହିତ ୬୨ତମ ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଉପସ୍ଥିତ ଛାତ୍ରୀଛାତ୍ର ତଥା ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୂର୍ବର ଆୟୁର୍ବେଦ ଚିକିତ୍ସା ଏବଂ ବର୍ତ୍ତମାନର ଏଲୋପାଥିକ ଚିକିତ୍ସା ବ୍ୟବସ୍ଥା ଉପରେ ସମ୍ୟକ ବିବରଣୀ ଦେବା ସହିତ ଭୁଲ୍ ଔଷଧ ଖାଇବାରୁ ବର୍ତ୍ତିବା ପାଇଁ ସମସ୍ତେ ଫାର୍ମାସିଷ୍ଟ ମାନଙ୍କ ଉପରେ ନିର୍ଭରଶୀଳ ହେବା ଉଚିତ୍ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ କଟକସ୍ଥିତ ଦଧିଚି କଲେଜ ଅଫ୍ ଫାର୍ମାସୀର ଅଧ୍ୟକ୍ଷ ପ୍ରଫେସର ଡ. ରଜତ କୁମାର କର ଯୋଗଦେଇ ଫାର୍ମାସୀ ପାଠ ପଢ଼ୁଥିବା ଛାତ୍ରୀଛାତ୍ରମାନେ ନିଜକୁ ସୁସଙ୍ଗଠିତ ଭାବେ ସେବା ମନୋବୃତ୍ତି ନେଇ ସମାଜ ପ୍ରତି ନିଜର କର୍ତ୍ତବ୍ୟ ଠିକ୍ ଭାବେ ତୁଲାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ରୋଗୀଙ୍କୁ ସୁସ୍ଥ କରିବା କ୍ଷେତ୍ରରେ ଜଣେ ଡାକ୍ତରଙ୍କ ଭଳି ଫାର୍ମାସିଷ୍ଟଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ବର୍ଣ୍ଣନା କରିଥିଲେ। ଉକ୍ତ ଆଲୋଚନା ସଭାରେ କଲେଜର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର ଓ ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ କରୋନା ପରେ ଫାର୍ମାସିଷ୍ଟମାନଙ୍କର କିପରି ସମ୍ମାନ ବଢ଼ିଛି ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ସମସ୍ତେ ଉପଯୁକ୍ତ ଔଷଧ ଖାଇବା ସହିତ ଫାର୍ମାସିଷ୍ଟମାନଙ୍କ ସହାୟତା ନେବା ନିହାତି ଆବଶ୍ୟକ। ଏହି ଅବସରରେ ଉପସ୍ଥିତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ଉପଢୌକନ ସହିତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଆଲୋଚନାଚକ୍ରକୁ ଅଧ୍ୟାପକ ସିଦ୍ଧେଶ୍ୱର ପାଢୀଯୋଶୀ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ, ଅଧ୍ୟାପିକା ସନ୍ଧ୍ୟାରାଣୀ ପାଢୀଯୋଶୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଚୌଦ୍ୱାର,୧୮।୧୧(ଆଶୁତୋଷ ଦାସ)

୫୫ ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ଅନ୍ତର୍ଗତ ନୁଆଁକିରୀ ଛକରେ ଶନିବାର ସକାଳ ୯ଟାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ଆରୋହୀଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ ବନ୍ଦାଳ ଗ୍ରାମର କେଶବ ଚନ୍ଦ୍ର ମହାନ୍ତି(୭୫) ଓ ଆହତ ଜଣଙ୍କ ହେଲେ ସେହି ଗ୍ରାମର ଶରତ ଚନ୍ଦ୍ର ବାରିକ। କେଶବ ଏକ ବାଇକ୍‌ରେ ଗ୍ୟାସ୍ ସିଲିଣ୍ଡର ରଖି ଶରତଙ୍କ ସହିତ ଚୌଦ୍ୱାର ଆଡ଼କୁ ଆସୁଥିବାବେଳେ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କେଶବଙ୍କ ମୃତ୍ୟୁ ଘଟିଥିଲା। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶରତଙ୍କୁ ଚିକିତ୍ସାପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏଥିସହ କେଶବଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ଅନ୍‌ଲାଇନ ପଞ୍ଜୀକରଣ

କଟକ ସଦର,୧୮।୧୧(ସୁଶାନ୍ତ କୁମାର ଜେନା)

କନ୍ଦରପୁର କଲେଜ ପରିସରରେ ଆସନ୍ତା ୨୧ ତାରିଖରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ହେଲେ ଆଗୁଆ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବାକୁ ହେବ। ୟୁଡିଆଇଡି ସାଇଟ୍‌ରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ କରିବା ପରେ ରେଜିଷ୍ଟ୍ରେଶନ କପି, ଆଧାର କାର୍ଡ ଓ ଦୁଇଟି ପାସ୍‌ପୋର୍ଟ ଫଟୋ ସହିତ ନିର୍ଦ୍ଧାରିତ ତାରିଖରେ ଶିବିରକୁ ଆସିବା ପାଇଁ ବିଡିଓ ରୁମାନା ଜାଫ୍ରୀ କହିଛନ୍ତି। ପଞ୍ଚାୟତ ଜନସେବା କେନ୍ଦ୍ରରେ ନାମ ପଞ୍ଜୀକରଣ କରାଯାଇପାରିବ। ଏହି ଶିବିରରେ ବସ୍ ପାସ୍, ଋଣ, ଆୟ ଓ ରାଶନ କାର୍ଡ ଆବେଦନ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ। ଦିବ୍ୟାଙ୍ଗମାନେ ଏହାର ସୁଯୋଗ ନେଇପାରିବେ।

### ବିଜ୍ଞାନ, ଗଣିତ ମେଳା

ଚୌଦ୍ୱାର,୧୮।୧୧(ଆଶୁତୋଷ ଦାସ)

ବଡ଼ସାମନ୍ତରାପୁର ପଞ୍ଚାୟତ ଅଧୀନ ସର୍ଦ୍ଧାରଖରିଦାସ୍ଥିତ ଲକ୍ଷ୍ମୀନାରାୟଣ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବିଶ୍ୱଜିତ୍ ମାଝୀ, ସିଆର୍‌ସିସି ମାନସ କୁମାର ରାଉତ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ରାଉତ, ଅକ୍ଷୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଦେଉରୀ, ଉମାକାନ୍ତ ବାରିକ, ସ୍ମୃତିସୁଧା ନାୟକ, ସୁନୀତା ଓଝା, ଚିନ୍ମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୋଜନା ପ୍ରସ୍ତୁତ ପୂର୍ବରୁ ଲୋକପ୍ରତିନିଧିଙ୍କ ମତ ନିଆଯାଉ



ବୈଠକରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

**ଜିଲା ଯୋଜନା କମିଟି ବୈଠକ**

■ଆସନ୍ତା ଆର୍ଥିକ ବର୍ଷର ବ୍ୟୟ ଅଟକଳ ୨୨୯୯୨୬.୮୨ ଲକ୍ଷ

କଟକ,୧୮।୧୧ (କାର୍ତ୍ତିକ ସାହୁ)

କଟକ ଜିଲା ଯୋଜନା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷର ଖର୍ଚ୍ଚ ଅଟକଳ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୯୯୪୯୫.୬୯ ଲକ୍ଷ ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୨୯୯୨୬.୮୨ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ଗୃହୀତ ହୋଇଛି। ଜିଲାର ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ ଯୋଜନା ଅଟକଳ ଆଧାରରେ ଏହି ଖର୍ଚ୍ଚ ଅଟକଳ ଗୃହୀତ ହୋଇଛି। ଜିଲାରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୭୬୫୭.୭୦ ଲକ୍ଷ, ଗ୍ରାମୀଣ ବିକାଶ କ୍ଷେତ୍ରରେ ୧୭୪୬୨.୧୧ ଲକ୍ଷ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ୬୭୧୦.୮୮ ଲକ୍ଷ, ଶିଳ୍ପ କ୍ଷେତ୍ରରେ ୨୩୭୬.୨୯ ଲକ୍ଷ, ଗମନାଗମନ କ୍ଷେତ୍ରରେ ୫୨୭୨୯.୮୩ ଲକ୍ଷ, ବିଜ୍ଞାନ, ପ୍ରଯୁକ୍ତି ଓ ପରିବେଶ କ୍ଷେତ୍ରରେ ୪୭୯.୯୨ ଲକ୍ଷ, ସାଧାରଣ ଅର୍ଥନୈତିକ ସେବା କ୍ଷେତ୍ରରେ ୨୯୬୨ ଲକ୍ଷ, ସମାଜ ସେବା କ୍ଷେତ୍ରରେ ୧୩୯୫୪୮.୦୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଗୃହୀତ ହୋଇଛି।

ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ସରକାରୀ ଯୋଜନାର ରୂପରେଖ ପ୍ରସ୍ତୁତ କରିବା ପୂର୍ବରୁ ଲୋକ ପ୍ରତିନିଧିଙ୍କ ମତାମତ ଓ କ୍ଷେତ୍ରର ବାସ୍ତବତା ବିଚାରକୁ ନିଆଗଲେ ଜନସାଧାରଣ ବହୁ ଭାବେ ଉପକୃତ ହୋଇପାରିବେ। ଯୋଜନାର କାର୍ଯ୍ୟାନ୍ୱୟନ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରାଗଲେ ତାହା ଅନାବଶ୍ୟକ ପୁଞ୍ଜି ବିନିଯୋଗକୁ ହ୍ରାସ କରିପାରିବ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ କହିଥିଲେ, ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନା ଅଟକଳ ପ୍ରସ୍ତୁତ କରାଗଲେ ନିଶ୍ଚିତ ଭାବେ ଜିଲାର ଉନ୍ନତି ସାଧନ ହୋଇପାରିବ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲିକ ଅଧ୍ୟକ୍ଷତା କରି କହିଲେ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୦୨୫ ଜାନୁୟାରୀ ଶେଷ ସୁଦ୍ଧା ସମସ୍ତ ବିଧାୟକ, ଏମ୍‌ପି ଓ ଜନ ପ୍ରତିନଧିମାନଙ୍କ ସହ ଆଲୋଚନା ମାଧ୍ୟମରେ ଯୋଜନା ଅଟକଳ ପ୍ରସ୍ତୁତ କରି ଜିଲା ଯୋଜନା କାର୍ଯ୍ୟାଳୟକୁ ଅବଗତ କରାଯିବ। ଫେବୃୟାରୀରେ ହେବାକୁ ଥିବା ଜିଲା ଯୋଜନା କମିଟି ବୈଠକରେ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଏହି ବୈଠକରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସମେତ ଜିଲା ଯୋଜନା କମିଟି ସଭ୍ୟାସଭ୍ୟ ଓ ଜିଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଯୋଜନା ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହ ନିର୍ଦ୍ଦେଶକ ରାମଚନ୍ଦ୍ର ମଲ୍ଲିକ, ଅଣୁ ଯୋଜନା ଜୀବିକା ବିଶେଷଜ୍ଞ ଆଲୋଚନା ସାହୁ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ରୋନିକା ରିମ୍‌ଝିମ୍, ଜୟପ୍ରଦା ନାୟକ, ଅର୍ଥନୀତିଜ୍ଞ ଶାଶ୍ୱତୀ ବେହେରା ଓ ସଙ୍ଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୌର କାର୍ଯ୍ୟାଳୟ ଘେରିଲା ଭାଜପା



ପୌର କାର୍ଯ୍ୟାଳୟ ଘେରାଉ କରିଥିବା ଭାଜପା କର୍ମୀ।

ଚୌଦ୍ୱାର,୧୮।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାରେ ହୋଇଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ମଣ୍ଡଳ ଭାଜପା ପକ୍ଷରୁ ଶନିବାର ପୌର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଉଭୟ ମଣ୍ଡଳର ନେତୃମଣ୍ଡଳୀ ଓ ଶତାଧିକ କର୍ମୀ ଶୋଭାଯାତ୍ରାରେ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରି ପୌର କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନୟନ କିଶୋର ମହାନ୍ତି, ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ସନ୍ତୋଷ କୁମାର ସାହୁ, ସଙ୍ଗୀତ ମହାନ୍ତି, ଭାଗୀରଥି ଦଳାଇ, ସୌମେନ୍ଦ୍ର ପଲାଇଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କର୍ମୀ ପୌର କାର୍ଯ୍ୟାଳୟ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଉଠାଇ ନେଇ ପରେ ଛାଡି ଦେଇଥିଲା। ଦଳର ଜିଲା ଉପସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ଭାବଗ୍ରାହୀ ପଟ୍ଟନାୟକ, ଦୀପକ ସ୍ୱାଇଁ, ସୌମେନ୍ଦ୍ର ଲେଙ୍କା, ମମତା ବେହେରା, ପ୍ରକାଶ ସାହୁ, ହଂସ ଚରଣ ସାହୁ, ସସ୍ମିତା ରାଉତ, ନୟନା ମହାରଣା ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଏ ସମ୍ପର୍କରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ କହିଛନ୍ତି, ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ରାଜ୍ୟବାପୀ ଏଭଳି ବିକ୍ଷୋଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।

# ଶିକ୍ଷାବିତ୍ ନିରଞ୍ଜନ ସ୍ୱାଇଁଙ୍କୁ ମହ୍ଲାର ଶିକ୍ଷା ସମ୍ମାନ



ସମାରୋହରେ ଶିକ୍ଷାବିତ୍ ନିରଞ୍ଜନ ସ୍ୱାଇଁଙ୍କୁ ମହ୍ଲାର ଶିକ୍ଷା ସମ୍ମାନ ପ୍ରଦାନ କରାଯାଉଛି।

**ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା**

କଟକ, ୧୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମହ୍ଲାର ପକ୍ଷରୁ ମହାନଦୀ ବିହାରସ୍ଥିତ ମହିଳା ମହାବିଦ୍ୟାଳୟ ପଡିଆରେ ଚାଲିଥିବା ରୌପ୍ୟଜୟନ୍ତୀ ସମାରୋହର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅନୁଷ୍ଠାନର ପରାମର୍ଶଦାତା ଇଂ. ଗୋପାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ତଥା ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ନିବେଦିତା ନାୟକ, ସେଣ୍ଟ ଜାଭିୟର ସ୍କୁଲ ନିର୍ଦ୍ଦେଶକ ପ୍ରଭୁଚରଣ ମହାନ୍ତି, ଅମରନାଥ ପେଷ୍ଟ କଣ୍ଟ୍ରୋଲ ପରିଚାଳନା ନିର୍ଦ୍ଦେଶକ ଶିବବ୍ରତ ରାଉତ, ସାଇ ୱାର୍ଲଡ ପରିଚାଳନା ନିର୍ଦ୍ଦେଶକ ପୀୟୂଷ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ନିରଞ୍ଜନ ସ୍ୱାଇଁଙ୍କୁ ମହ୍ଲାର ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ମହ୍ଲାର କଣ୍ଠଶିଳ୍ପୀ ସମ୍ମାନରେ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ, ସୁଧାକର ମିଶ୍ର, ଚିତ୍ରଭାନୁ ମହାନ୍ତି, କରୁଣାକର ସେଠୀ, ବିଶ୍ୱଜିତ୍ ଆଚାର୍ଯ୍ୟ, ମୋନାଲି ମଧୁସ୍ମିତା, ଦୀପ୍ତି ଦାସ, ସୌମ୍ୟରଞ୍ଜନ ମିଶ୍ର, ପବିତ୍ର ପାତ୍ର, ଶୈଳବାଳା ଦାସ, ନିଶିପ୍ରଭା ପାଣି, ଅଭିରାମ ଖୁଣ୍ଟିଆ ଓ ସୋନମ୍ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଜେନା ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦିକା ନିରୁପମା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହ୍ଲାର ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରବି ଫସଲ ପାଇଁ ତାଳଦଣ୍ଡା କେନାଲରେ ଜଳ ପ୍ରବାହ

କଟକ ସଦର,୧୮।୧୧ (ସୁଶାନ୍ତ କୁମାର ଜେନା)

ଡାଲି ଜାତୀୟ ରବି ଫସଲ ଓ ମାଣ୍ଡିଆ ଚାଷ ପାଇଁ ୨୦୨୪ରେ ମହାନଦୀର ଯୋବ୍ରା ଆନିକଟ୍‌ରୁ ତାଳଦଣ୍ଡା ମୁଖ୍ୟ କେନାଲରେ ଜଳ ଛଡାଯିବ। ଏଥିପାଇଁ ସମୟ ନିର୍ଘଣ୍ଟ ଘୋଷଣା କରାଯାଇଛି। ୨୦୨୪ ଜାନୁୟାରୀ ୧୫ରୁ ୨୨ ତାରିଖ, ଫେବୃୟାରୀ ୧୫ରୁ ୨୧ ତାରିଖ ଓ ମାର୍ଚ୍ଚ ୧ରୁ ୭ ତାରିଖ ମଧ୍ୟରେ ଚାଷୀଙ୍କ ପାଇଁ କେନାଲରେ ଜଳ ପ୍ରବାହିତ ହେବ। ସେହିପରି ମାଛଗାଁ କେନାଲରେ ଜାନୁୟାରୀ ୧୭ରୁ ୨୪ ତାରିଖ ଓ ଫେବୃୟାରୀ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଜଳ ପ୍ରବାହିତ ହେବ ବୋଲି ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ରାଣୀହାଟଠାରୁ ବିରିବାଟି ପର୍ଯ୍ୟନ୍ତ ତାଳଦଣ୍ଡା ମୁଖ୍ୟ କେନାଲରେ ସେତୁ ନିର୍ମାଣ ସହ ବନ୍ଧ ସୁଦୃଢ଼ୀକରଣ କାମ ୩ ବର୍ଷ ହେବ ପୂର୍ତ୍ତ ବିଭାଗ ଦ୍ୱାରା ଚାଲୁ ରହିଥିବାରୁ ଧାନ ଫସଲ ପାଇଁ ନିରବଚ୍ଛିନ୍ନ ଜଳ ପ୍ରବାହ ସମ୍ଭବ ନୁହେଁ ବୋଲି ଜଳ ସମ୍ପଦ ବିଭାଗର ଜଣେ ବରିଷ୍ଠ ଯନ୍ତ୍ରୀ ପରିଚୟ ଗୋପନ ରଖି କହିଛନ୍ତି।

## ‘ଭୋଟଦାନର ଗୁରୁତ୍ୱ ଜାଣନ୍ତୁ ଛାତ୍ରୀ’



ଭୋଟର ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୋଟର ସଚେତନତା କାର୍ଯ୍ୟକ୍ରମ**

କଟକ,୧୮।୧୧ (କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ସିଏମ୍‌ସି ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଭୋଟର ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଅଧ୍ୟକ୍ଷତା କରି ୧୮ ବର୍ଷ ବୟସ୍କା ଛାତ୍ରୀମାନେ ଭୋଟଦାନର ଗୁରୁତ୍ୱ ଓ ଦାୟିତ୍ୱବୋଧ ସମ୍ପର୍କରେ ଅବଗତ ହେବା ଦରକାର ବୋଲି କହିଥିଲେ। ସିଏମ୍‌ସି ଯୁଗ୍ମ କମିଶନର ଅନିତା ପାତ୍ର କହିଥିଲେ, ଛାତ୍ରୀମାନେ ମତଦାତା ସୂଚୀରେ ନିଜ ନାମ ପଞ୍ଜୀକରଣ କରାଇ ମତଦାତା ପ୍ରମାଣପତ୍ର ପ୍ରାପ୍ତ କରିବେ। ଯଦ୍ୱାରା ଆଗାମୀ ନିର୍ବାଚନରେ ସେମାନେ ସକ୍ରିୟ ଭାବେ ଭୋଟଦାନ କରିପାରିବେ। ଅତିରିକ୍ତ ତହସିଲଦାର କୁମାରୀ କ୍ରିଷ୍ଣା ପାଢ଼ୀ ଅନ୍‌ଲାଇନ୍ ଆପ୍ ଜରିଆରେ ଭୋଟର ପଞ୍ଜୀକରଣ କରିବା ପ୍ରକ୍ରିୟା ବିଷୟରେ ସଚେତନ କରାଇଥିଲେ। ସିଏମ୍‌ସି ପକ୍ଷରୁ ବିଏଲ୍‌ଓ ରାମଲୁ ରେଡ୍ଡୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଶ୍ରଦ୍ଧା ସୁମନ ଜେନା, ଅରସିନ୍ ଫାତିକା, ଶାଶ୍ୱତୀ ଦୀକ୍ଷିତ୍, ସଂଘମିତ୍ରା ବେହେରା, ସଙ୍ଗୀତା ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ। ଡ. ନରେନ୍ଦ୍ରନାଥ ନାୟକ, ଡ. ଦୀପ୍ତି ପଣ୍ଡା, ଡ. ଗାୟତ୍ରୀ କର, ଦେବିକା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।


ଦୋଳମଣ୍ଡପ ସାହି


ବିନାୟକ କ୍ଲବ


ଲେଙ୍କା ସାହି


ସାମଲ ସାହି

କଟକ ବିଦ୍ୟାଧରପୁର କାଳୀପୂଜାରେ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ପ୍ରତିମା।


ଭଗବତୀ ସାହି


ଗୋଲ୍‌ଡେନ ଛକ


ବାସୁଳେଇ ସାହି


ବାଘମୁଣ୍ଡା ସାହି

## ସଂକ୍ଷେପରେ

### ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୮।୧୧ (ଅଶୋକ କୁମାର ମହାପାତ୍ର): କଟକ ଜିଲା ନେମାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଗତ ୧୨ ତାରିଖ ସକାଳ ପ୍ରାୟ ୭ଟାରେ ନାବାଳିକା ଘରେ ଶୋଇଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର କେତେଜଣ ବ୍ୟକ୍ତି ଘରେ ପଶି ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଟଣାଓଟରା କରିବା ସହ ବିଧା, ଗୋଇଠା ଓ ଚାପୁଡ଼ା ମାରିଥିଲେ। ତୁରନ୍ତ ଗାଁ ଛାଡି ପଳାଇ ନ ଗଲେ ତାଙ୍କ ପରିବାରବର୍ଗଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ନାବାଳିକା ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ଥାନାରେ ନମ୍ବର ୧୮୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

### ସ୍ୱାସ୍ଥ୍ୟ ସଚେତନତା ଶିବିର

କଟକ ସଦର,୧୮।୧୧(ସୁଶାନ୍ତ କୁମାର ଜେନା)

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଦ୍‌ଗୁରୁ ହସ୍ପିଟାଲ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦ୍‌ଗୁରୁ ହସ୍ପିଟାଲ ଅଧ୍ୟକ୍ଷା ଡ. ସମିତା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉକ୍ତ ହସ୍ପିଟାଲର କ୍ୟାନ୍‌ସର ବିଭାଗ ମୁଖ୍ୟ ଡ. ସୌମ୍ୟରଞ୍ଜନ ମିଶ୍ର, ଆଚାର୍ଯ୍ୟ ହରିହର କ୍ୟାନ୍‌ସର ସେଣ୍ଟର୍‌ର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁଲଗ୍ନା ମହାନ୍ତି ଯୋଗଦେଇ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ଅବସ୍ଥାରେ କିଶୋରୀମାନେ କେଉଁ ପଦକ୍ଷେପ ଗ୍ରହଣ କଲେ ଭବିଷ୍ୟତରେ ସୁସ୍ଥ ଓ ନିରାମୟ ଜୀବନଯାପନ କରିପାରିବେ ସେ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ।

### ଯୁବ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ସାଲେପୁର,୧୮।୧୧(ଅରବିନ୍ଦ ଭୂୟାଁ)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସର ଜିଲାସ୍ତରୀୟ ପ୍ରଶିକ୍ଷଣ ଏବଂ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଯୁବ ରେଡ୍‌କ୍ରସ ଓଡ଼ିଶା ଓ ସାଲେପୁର କଲେଜର ମିଳିତ ଆନୁକୂଲ୍ୟରେ ଏହି ଜିଲାସ୍ତରୀୟ ପ୍ରଶିକ୍ଷଣ ତାଲିମ୍ ଶିବିର ଶନିବାରଠାରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଚାଲିବ। କଲେଜର ଅଧ୍ୟକ୍ଷା ଡ.ସଙ୍ଗୀତା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରେଡ୍‌କ୍ରସର ଜିଲା ସମ୍ପାଦକ ଡ. ସସ୍ମିତା ପଟ୍ଟନାୟକ, ଜିଲା ସଂଯୋଜକ ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ଜିଲା ସମ୍ପାଦକ ଡ. ସେକ୍ କଲିମ୍ ଉଲ୍ଲା, ଜାତୀୟସ୍ତରୀୟ ପ୍ରଶିକ୍ଷକ ଡ.ବିକାଶ କୁମାର ପ୍ରସାଦ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ପ୍ରସନ୍ନ କୁମାର ମହାପାତ୍ର ଓ ଯୁବ ରେଡ୍‌କ୍ରସର ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ କଟକ ଜିଲାର ୩୮ଟି ମହାବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଓ ଅଧିକାରୀମାନେ ଯୋଗଦେଇଥିଲେ। ଏହାକୁ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ସଭ୍ୟାସଭ୍ୟ ଅଧାପିକା ରଶ୍ମିତା ନାୟକ, ରଶ୍ମିତା ଦାଶ, ମାନସୀ ମଲ୍ଲିକ, ଅଧାପକ ହୃଷୀକେଶ ମହାରଣା, ଶରତ କୁମାର ବେହେରା, ସୁଶାନ୍ତ କୁମାର ପାଢ଼ୀ ଓ ହୃଷୀକେଶ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

# ଖୁଣ୍ଟୁଣୀ: ବଢୁଛି ଦେଶୀମଦ କାରବାର

■ ଆଖିଦୃଶିଆ ପଦକ୍ଷେପ ନିଆଯାଉନି
■ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୁଷ୍ଟ

ଖୁଣ୍ଟୁଣୀ, ୧୮।୧୧ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ବ୍ୟାପକ ଦେଶୀମଦ କାରବାର ବୃଦ୍ଧି ପାଇଛି। ଖଣ୍ଡୁଆଳି ଓ ରାଧାକୃଷ୍ଣପୁର ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ ହେଉଛି। ହେଲେ ଏ ଦିଗରେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ମଦ ବ୍ୟବସାୟୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଏହି କାରବାର ଚଳାଇଆସୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜଙ୍ଗଲରେ ଚଢାଉ କରାଯାଇ ମଦ ପ୍ରସ୍ତୁତ ବନ୍ଦ କରିବା ସହ ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖଣ୍ଡୁଆଳି, ଡାଲୁଆ, ରାଧାକୃଷ୍ଣପୁର ଗ୍ରାମର ବହୁ ବୁଦ୍ଧିଜୀବୀ ଓ ନାଗରିକ ଦାବି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଓ ଶନିବାର ଖଣ୍ଡୁଆଳି, ରାଧାକୃଷ୍ଣପୁର ଗ୍ରାମ ନିକଟ


ଜଙ୍ଗଲରୁ ଜବତ ହୋଇଥିବା ମଦ ବ୍ୟାରେଲ।

ସଂରକ୍ଷିତ ଜଙ୍ଗଲରେ ଖୁଣ୍ଟୁଣୀ ପୋଲିସ, କଟକ ଅବକାରୀ ସ୍କ୍ୱାର୍ଡ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୯୧୦ ଲିଟର ଦେଶୀମଦ ଓ ୯୬୬୦ ଲିଟର ପୋଚ ଜବତ କରାଯାଇଛି। ଜବତ ମଦ ଓ ପୋଚର ଆନୁମାନିକ ମୂଲ୍ୟ ସାଢେ ୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ଚଢ଼ାଉବେଳେ ମଦ ମାଫିଆମାନେ ଖସି ପଳାଇଛନ୍ତି।

ଗତ ଅଗଷ୍ଟ ୨୮ ତାରିଖରେ ଉକ୍ତ ଜଙ୍ଗଲରେ ପୋଲିସ, ଅବକାରୀ ଓ ଜଙ୍ଗଲ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ସମୟରେ ମଦ ମାଫିଆମାନେ ଅବକାରୀ ବିଭାଗର ୪ଟି ଗାଡି ଭଙ୍ଗାରୁଜା କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଅବକାରୀ ବିଭାଗର ଜଣେ କର୍ମଚାରୀ ଆହତ ହୋଇଥିଲେ। ଏ ନେଇ ଡାଲୁଆ ଓ ଖଣ୍ଡୁଆଳି ଗ୍ରାମର ୨୮ ଜଣଙ୍କ ନାମରେ ଖୁଣ୍ଟୁଣୀ ଥାନାରେ ମାମଲା ରୁଜୁ ହୋଇଥିଲା। ଏହାପରଠାରୁ ଉକ୍ତ ଅଞ୍ଚଳରେ ଆଉ ଚଢାଉ କରାଯାଇ ନ ଥିଲା। ଏହାର ସୁଯୋଗ ନେଇ ମଦ ମାଫିଆମାନେ ଏହି କାରବାର ଚଳାଇ ଆସୁଥିଲେ। ଆଗାମୀ ଦିନରେ ଏହି କାରବାର ଉପରେ ରୋକ୍ ଲଗାଇବା ପାଇଁ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ପ୍ରମୋଦ କୁମାର ପଣ୍ଡା ଓ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଗତ ସପ୍ତାହରେ ଏକ ଟିମ୍ ଗଠନ କରିଛନ୍ତି। ଅବକାରୀ ସ୍କ୍ୱାର୍ଡ ଅଧିକାରୀଙ୍କ ସହଯୋଗରେ ଏହି ଚଢ଼ାଉ ଆରମ୍ଭ ହୋଇଥିବା ଥାନାଧିକାରୀ ଖୁଣ୍ଟିଆ କହିଛନ୍ତି। ଅପରପକ୍ଷରେ ଅବକାରୀ ଉପ ଅଧୀକ୍ଷକ ପଣ୍ଡା କହିଛନ୍ତି, ଆଗାମୀ ଦିନରେ ଏଭଳି ଭଳି ଚଢ଼ାଉ ଜାରି ରହିବ।

# ବାପଛେଉଣ୍ଡ ଛାତ୍ରୀଙ୍କୁ ସାଇକେଲ ମିଳିଲା

ସାଲେପୁର,୧୮।୧୧(ଅରବିନ୍ଦ ଭୂୟାଁ)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସାଲେପୁର ବ୍ଲକ ରାଇସୁଙ୍ଗୁଡା ପଞ୍ଚାୟତ ଅନ୍ତର୍ଗତ ଧୂଆଁସାହି ଗ୍ରାମର ଗରିବ ବ୍ରାହ୍ମଣ ଯୁବକ ଦୀପକ କୁମାର ମିଶ୍ରଙ୍କ ମୃତ୍ୟୁ ଘଟିବା ପରେ ପରିବାରକୁ ବିଭିନ୍ନ ଆଡୁ ସହାୟତା ମିଳିଛି। ତାଙ୍କ ଝିଅ ସଞ୍ଜୀବନୀ ମିଶ୍ର ଏକ୍ରାମ ରସୁଲ ହାଇସ୍କୁଲର ୭ମ ଶ୍ରେଣୀର ଛାତ୍ରୀ। ଅର୍ଥ ଅଭାବରୁ ସେ ପାଠ ପଢ଼ିବା ପାଇଁ ୨ କି.ମି ଚାଲିଚାଲି ଆସୁଥିଲେ । ଖବରପାଇ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ଲିମିଟେଡ୍‌ର ସଭାପତି ପ୍ରମୋଦ କୁମାର ସାହୁ ଏକ ନୂଆ ସାଇକେଲ୍ ସଞ୍ଜୀବନୀଙ୍କୁ ପ୍ରଦାନ କରିଛନ୍ତି। ରାଇସୁଙ୍ଗୁଡା ବିଦ୍ୟାଳୟରେ ଏହାକୁ ପ୍ରଦାନ କରାଗଲାବେଳେ ସାଲେପୁର ଶାଖା କାର୍ଯ୍ୟାଳୟର ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶ, ଶାଖା ପରିଚାଳକ ଶାନ୍ତନୁ କୁମାର ସାହୁ, କର୍ମଚାରୀ ଅବତାର ମିଶ୍ର, ସଚ୍ଚିଦାନନ୍ଦ ସେଠୀ ଏଜେ ଅନୱାର ଅଲ୍ଲି ଖାଁ,ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ, ରାଇସୁଙ୍ଗୁଡା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ରାଉତ, ରାଇସୁଙ୍ଗୁଡା ବିକାଶ ପରିଷଦର ସଭାପତି ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବନୀ ଏହି ସାଇକେଲ ପାଇବା ପରେ ଆନନ୍ଦ ପ୍ରକାଶ କରିଥିଲେ। ୪ ଦିନ ପୂର୍ବରୁ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ଲିମିଟେଡ୍ ପକ୍ଷରୁ ଦୀପକଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାର ସଦସ୍ୟଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରେ ଅବଶିଷ୍ଟ ସହାୟତା ଦିଆଯିବ ବୋଲି ସ୍ଥିର କରାଯାଇଛି।


ଛାତ୍ରୀଙ୍କୁ ସାଇକେଲ୍ ପ୍ରଦାନ କରାଯାଉଛି।

# ଗିରିଗୋବର୍ଦ୍ଧନ ପୂଜାର ଭସାଣି ଉତ୍ସବ



ଭସାଣି ଶୋଭାଯାତ୍ରାରେ ମେଢ଼ଗୁଡିକୁ ନିଆଯାଉଛି।

ମାଣିଆବନ୍ଧ, ୧୮।୧୧ (ଅଖିଳ କୁମାର ସାହୁ): ବଡ଼ମ୍ବା ବ୍ଲକ କଙ୍କଡାଯୋଡ଼ିସ୍ଥିତ ପ୍ରସିଦ୍ଧ ଗିରିଗୋବର୍ଦ୍ଧନ ଯାତ୍ରା ଶୁକ୍ରବାର ଶେଷ ହୋଇଥିବାବେଳେ ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ୨୧ଟି ମେଢ଼ ମା'ଅନନ୍ତ କୁମାରୀଙ୍କ ପୀଠରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ମୃଣ୍ମୟ ପ୍ରତିମାଗୁଡ଼ିକ ଗ୍ରାମ ପୋଖରୀରେ ବିସର୍ଜନ କରାଯାଇଥିଲା। ଭସାଣି ଉତ୍ସବରେ ଗ୍ରାମ ଶାନ୍ତିକମିଟି ସଭାପତି ରାଜୀବ ଲୋଚନ ସାହୁ, ସମ୍ପାଦକ ଅଜିତ କୁମାର ସାହୁ, ଉପସଭାପତି ଶ୍ରୀବସ୍ତ ପ୍ରଧାନ, ସହସମ୍ପାଦକ ତ୍ରିଲୋଚନ ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସାହୁ, ଦିଲୀପ ବେହେରା, ରବି ରାଉତ ପ୍ରମୁଖ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ। ଶେଷରେ ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନଙ୍କୁ ସରପଞ୍ଚଙ୍କ ପ୍ରତିନିଧି ରମେଶ କୁମାର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ। ମାଣିଆବନ୍ଧ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ସାଧନ କେନ୍ଦ୍ରସ୍ତରୀୟ ଭାଗୀଦାରି ବୈଠକ

ମାଣିଆବନ୍ଧ/ବଡ଼ମ୍ବା ,୧୮।୧୧ (ଅଖିଳ କୁମାର ସାହୁ/ମାୟାଧର ମଲ୍ଲିକ)

ଓଡ଼ିଶା ରାଜ୍ୟ ଶିକ୍ଷା ପ୍ରାଧିକରଣ କର୍ତ୍ତୃପକ୍ଷ ତରଫରୁ ସାଧନ କେନ୍ଦ୍ରସ୍ତରୀୟ ପଞ୍ଚମ ଭାଗୀଦାରି ବୈଠକ ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରଗଡ଼ିପଡା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାନବାରସିଂହ ଓ ରଗଡିପଡ଼ା ସାଧନା କେନ୍ଦ୍ରର ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ନରସିଂହପୁର ପ୍ରଶିକ୍ଷଣ କେନ୍ଦ୍ରର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତ ଯୋଗଦେଇଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁ, ବରିଷ୍ଠ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପ୍ରଧାନ ଓ ମୋ ସ୍କୁଲ ଅଭିଯାନର ସଭାପତି ଦୀନବନ୍ଧୁ ପୃଷ୍ଟି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ବର୍ତ୍ତମାନ ପରିସ୍ଥିତିରେ ପ୍ରାଥମିକ ଶିକ୍ଷାର ଗୁରୁତ୍ୱ ଉପରେ ସମ୍ୟକ୍ ସୂଚନା ଦିଆଯାଇଥିଲା। ପ୍ରଶିକ୍ଷିତା ରାଉତ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନ ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରମାନେ କିପରି ଭଲଭାବେ ଲେଖି ପଢିପାରିବେ ସେ ସମ୍ପର୍କରେ ବିଭିନ୍ନ କୌଶଳ ଅବଲମ୍ବନ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ରାଉତ, ଧର୍ମାନନ୍ଦ ରାଉତଙ୍କ ସମେତ ପ୍ରଧାନ ଶିକ୍ଷକ ସନାତନ ବେହେରା, ରଘୁନାଥ ସେଠୀ, ରମେଶ ଚନ୍ଦ୍ର ସ୍ୱାଇଁ, ବେଣୁଧର ନାଏକ, ସସ୍ମିତା ପରିଡା, ସନାତନ ବେହେରା ଓ ସହକାରୀ ଶିକ୍ଷକ ପ୍ରମୋଦ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ଖୋଖୋ ଟୁର୍ନାମେଣ୍ଟ

ବାଙ୍କୀ,୧୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ଖୋ ଖୋ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବାଙ୍କୀ କଲେଜ, ସରକାରୀ କ୍ରୀଡା ମହାବିଦ୍ୟାଳୟ ଭୁବନେଶ୍ୱର, ଯାଜପୁର ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ, ରିଜିଓନାଲ କଲେଜ ରାମବାଗ୍, ଚିତାଳ କଲେଜ ଯାଜପୁର, ହଳଦିଆ କଲେଜ, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ରିଜିଓନାଲ କଲେଜ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ଆଦି ୮ ମହାବିଦ୍ୟାଳୟର ମହିଳା ଖୋଖୋ ଦଳ ଯୋଗ ଦେଇଛନ୍ତି। ଏହି ମ୍ୟାଚ୍ ଦୁଇଦିନ ଧରି ଅନୁଷ୍ଠିତ ହେବ।

ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର



ଖୋଖୋ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ମହାପାତ୍ର ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସେ କ୍ରୀଡାବିତ୍‌ମାନଙ୍କ ସଫଳତା କାମନା କରିବା ସହିତ ଏହି ଟୁର୍ନାମେଣ୍ଟ ମାଧ୍ୟମରେ ମହିଳା ଖୋଖୋ ଖେଳାଳିମାନେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ମନୋନୀତ ହୋଇ ଜୋନ୍‌ସ୍ତରୀୟ ଖେଳରେ ଭାଗନେବେ ବୋଲି ଉଲ୍ଲେଖ କରିଥିଲେ। ବାଙ୍କୀ କଲେଜ କ୍ରୀଡ଼ା କ୍ଲବର ଉପସଭାପତି ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ ସଭାପତିତ୍ୱ କରିଥିବା ବେଳେ କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ଖେଳ ପରିଚାଳନା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ନାରାୟଣ ଦେଓ, କ୍ରୀଡ଼ା କ୍ଲବର ଅନ୍ୟତମ ଉପସଭାପତି ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଡ. ଅଭିମନ୍ୟୁ ରଣା, ବୃନ୍ଦାବନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ, କ୍ରୀଡ଼ା ଶିକ୍ଷକ ଦିଲୀପ କୁମାର ସାହୁ, ମିନକେତନ ପଣ୍ଡା, ଜିତେନ୍ଦ୍ର ଦେଓ, ଜଗନ୍ନାଥ ଦଳେଇ ଓ ସୁଜିତ୍ କୁମାର ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଜରାନିବାସରେ ଜନ୍ମଦିନ ପାଳିଲେ ସାମାଜିକ କର୍ମୀ

ସାଲେପୁର,୧୮।୧୧(ଅରବିନ୍ଦ ଭୂୟାଁ)

ଜରାନିବାସରେ ଅନ୍ତେବାସୀଙ୍କ ଗହଣରେ ଟାଙ୍ଗୀ-ସାଲେପୁରର ଯୁବ ସାମାଜିକ କର୍ମୀ ବିଶ୍ୱରଞ୍ଜନ ଖଟେଇ ଜନ୍ମଦିନ ପାଳିଲେ। ସାଲେପୁର ବ୍ଲକ ଅନ୍ତର୍ଗତ ଲେଖନପୁର ଗ୍ରାମରେ ରମାଦେବୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ନିର୍ମାଣ ହୋଇଥିବା ଦୁଃଖୀଶ୍ୟାମ ବୃଦ୍ଧାଶ୍ରମରେ ସେ ପହଞ୍ଚି ଜନ୍ମଦିନ ଉପଲକ୍ଷେ ଅନ୍ତେବାସୀଙ୍କୁ ଫଳ, ଶୀତବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ପ୍ରୀତିଭୋଜନ ଆୟୋଜନ କରି ଅନ୍ତେବାସୀଙ୍କ ଗହଣରେ ଭୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଷେକ ମହାନ୍ତି, ବିଜୟ ବେହେରା, ଶକ୍ତିପ୍ରସାଦ ରଣସିଂହ, ତାରାକାନ୍ତ ନାୟକ, ହିବୋ ଖାନ୍, ଆର୍ଯ୍ୟକୁମାର ଶର୍ମା, ସୁବ୍ରତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ବାଙ୍କୀ ଭାଜପା ପକ୍ଷରୁ ଜନ ଆକ୍ରୋଶ ଆନ୍ଦୋଳନ


ଜନ ଆକ୍ରୋଶ ଆନ୍ଦୋଳନରେ ସାମିଲ ହୋଇଥିବା ଭାଜପା କର୍ମୀମାନେ। ।

ବାଙ୍କୀ,୧୮।୧୧(ଜ୍ଞାନେନ୍ଦ୍ରମୋହନମିଶ୍ର): ବାଙ୍କୀ ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ରାଜ୍ୟ ଭାଜପାର ପଦାଧିକାରୀ ଏବଂ ଶତାଧିକ କର୍ମୀ ବାଙ୍କୀ ଓ ଡମପଡ଼ା ବ୍ଲକ୍ ସମ୍ମୁଖରେ ଶନିବାର ଜନ ଆକ୍ରୋଶ ଆନ୍ଦୋଳନ କରିଛନ୍ତି। ଉଭୟ ବ୍ଲକ ସମ୍ମୁଖରେ ନେତାମାନେ ବାଙ୍କୀରେ କାହିଁକି ବିକାଶ ହେଉନାହିଁ ଏବଂ ବିଧାୟକ ବାଙ୍କୀ ବିକାଶ ପାଇଁ କ'ଣ କରିଛନ୍ତି ତାହା ପ୍ରଶ୍ନ କରିଥିଲେ। ବାଙ୍କୀ ମହାନଦୀ କୂଳରେ ଅବସ୍ଥିତ ଥିଲେ ମଧ୍ୟ ଉଠା ଜଳସେଚନ ପଏଣ୍ଟ ଅଚଳ ଯୋଗୁ ବହୁ ଜମିରେ ଜଳସେଚନ ହୋଇପାରୁନାହିଁ। ବହୁ ଚାଷୀ ଏହି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅନ୍ୟବୃତ୍ତି ଆପଣେଇବା ସହିତ କେତେଜଣ ଦାଦନ ଖଟିବାକୁ ଅନ୍ୟରାଜ୍ୟକୁ ଗଲେଣି। ଆବାସ ଯୋଜନାରେ ଦୁର୍ନୀତି ସହ ପିସି କାରବାର ଲୋକଙ୍କୁ ହତାସ କରିଛି। ବ୍ଲକରେ କେତେଜଣ ସରପଞ୍ଚ ଓ ଶାସକ ଦଳର ନେତା ବ୍ଲକ ପ୍ରଶାସନକୁ ପ୍ରଭାବିତ କରି ନିଜ ଦଳର କର୍ମୀଙ୍କ ପାଇଁ ବିଭିନ୍ନ କାମ କରାଇ ନେଉଛନ୍ତି। ଅନ୍ୟଲୋକଙ୍କ କାର୍ଯ୍ୟକୁ ଶାସକ ଦଳର କର୍ମୀମାନେ ବାଧା ସୃଷ୍ଟି କରୁଛନ୍ତି ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ ପ୍ରବକ୍ତା ରମାରଞ୍ଜନ ବଳିୟାରସିଂ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ନଳିନୀ ଶତପଥୀ, କଟକ ଜିଲା ସମ୍ପାଦକ ରାମନାରାୟଣ ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳମଣି ମନ୍ତ୍ରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ମୁଦୁଲି, ଗୋପାଳପୁର ଜୋନ୍ ପ୍ରଭାରୀ ବିନୋଦ ଦାସ, ବାଙ୍କୀ ଏନଏସି ଭାଜପା ସଭାପତି ପ୍ରଣବ ମହାପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।



କଟକ କ୍ଲବ ଆନେକ୍ସ-୧ ସଭାଗୃହରେ ପ୍ରଫେସର ନନ୍ଦକିଶୋର ମିଶ୍ର ଜନ୍ମ ଶତବାର୍ଷିକୀ ସମାରୋହରେ ଅତିଥିମାନେ ଜନ୍ମ ଶତବାର୍ଷିକ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



କଟକ ନୟାସଡ଼କସ୍ଥିତ ଓଷ୍ଟା ସଭାଗୃହରେ ଅନୁଷ୍ଠିତ ବ୍ଲକ ସମ୍ପାଦକଙ୍କ କର୍ମଶାଳା ଓ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ଖେଳୁଥିବା ବେଳେ ଶିଶୁ ନିଖୋଜ

**ଟାଙ୍ଗୀ/ନିରାକାରପୁର, ୧୮।୧୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ):** ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଶୁକ୍ରବାର ଜଣେ ଶିଶୁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଉଜଳା ଗୋପୀନାଥପୁର ରସୁଲପୁର ସାହିର ସୁବାସ ପ୍ରଧାନଙ୍କ ପୁଅ ରାହୁଲ। ଏନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀ ଅକ୍ସିଜେନ କିଟି ପିନ୍ଧି ବିଭିନ୍ନ ପୋଖରୀରେ ଖୋଜିଥିଲେ ମଧ୍ୟ ରାହୁଲଙ୍କ ସନ୍ଧାନ ମିଳିପାରି ନାହିଁ। ଯଦି କେହି ରାହୁଲଙ୍କ ସନ୍ଧାନ ପାଆନ୍ତି ନିକଟବର୍ତ୍ତୀ ଥାନାକୁ ଜଣାଇବାକୁ ସୁବାସ ଅନୁରୋଧ କରିଛନ୍ତି।

### ଗୋଦାମରେ ଆୟକର ବିଭାଗର ଚଢ଼ାଉ

**ନିରାକାରପୁର, ୧୮।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ବଜାରରେ ଶନିବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କୌଣସି ଅପ୍ରିତିକର ପରିସ୍ଥିତି ଏଡ଼ାଇବା ପାଇଁ ବିଭାଗ ପକ୍ଷରୁ ସ୍ପେଶାଲ ପୋଲିସ ସ୍କ୍ୱାଡ୍ ମୁତୟନ ହୋଇଥିଲେ। ଉକ୍ତ ବଜାର ଅଞ୍ଚଳରେ ଥିବା ଏକ ରେଡିମେଡି ଗୋଦାମରେ ଖବର ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରିରହିଛି। ଏହି ଚଢ଼ାଉ ଦେଖି ଟ୍ୟାକ୍ସ ଫାଙ୍କୁଥିବା ବେପାରୀମାନେ ଦୋକାନ ବନ୍ଦ କରିଦେଇଥିଲେ। ତେବେ କେତେଜଣ ବେପାରୀ ଦୋକାନ ବନ୍ଦ କରି ଲୋକଙ୍କଠାରୁ ଅର୍ଡର ନେଇ ବାହାରେ ଆଣି ସଉଦା ଦେଉଥିବା ମଧ୍ୟ ଦେଖିବାକୁ ମିଳିଛି । ତେବେ ଏନେଇ ଆୟକର ବିଭାଗ ଅଧିକାରୀ ବିଜୟ କୁମାର ନାୟକ କହିଛନ୍ତି, ଚଢ଼ାଉ ଜାରି ରହିଛି। ପରେ ସମସ୍ତ ସୂଚନା ଦିଆଯିବ ବୋଲି ସେ କହିଛନ୍ତି।

### ପୂର୍ବତନ ସରପଞ୍ଚ ରାମଚନ୍ଦ୍ରଙ୍କ ପରଲୋକ

**ବୋଲଗଡ଼, ୧୮।୧୧ (ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ କଡ଼ବ ଗ୍ରାମର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବଳବନ୍ତରାୟଙ୍କ ଶନିବାର ବାସଭବନରେ ପରଲୋକ ହୋଇଯାଇଛି।



ତାଙ୍କୁ ୭୫ ବର୍ଷ ହୋଇଥିଲା। ରାମଚନ୍ଦ୍ର ୨ଥର ଖଣତି ସେବା ସମବାୟ ସମିତିର ସଭାପତି ଏବଂ ୧୯୯୨ରୁ ୨୦୦୨ ମସିହା ପର୍ଯ୍ୟନ୍ତ କଡ଼ବ ସରପଞ୍ଚ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରିବା ସହ ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଜଣ ନ୍ୟାୟବିତ୍‌ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ନେତା ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଯୋଗେଶ ବଳବନ୍ତରାୟ ମୁଖାଗ୍ନି ଦେଇଥିଲେ।

# ରୋଜଗାର ବୃଦ୍ଧିର ସହାୟକ ହୋଇଛି ମତ୍ସ୍ୟ ଓ ପ୍ରାଣୀ ପାଳନ

**ଖୋର୍ଦ୍ଧା, ୧୮।୧୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ହାବେଳି ପଡ଼ିଆରେ ଶନିବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର ୭ ଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦର ସମ୍ପୂର୍ଣ୍ଣ ବିକାଶ ଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ଚାଷୀ ଭାଇ ଓ ଭଉଣୀମାନଙ୍କ ରୋଜଗାର ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ପାଳନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମେଳାରେ ଉପସ୍ଥିତ ଚାଷୀମାନେ ବୈଜ୍ଞାନିକ ଏବଂ ଅଭିଜ୍ଞ ବିଶେଷଜ୍ଞଙ୍କୁ ଭେଟି ସେମାନଙ୍କଠାରୁ ବିଶେଷ ଜ୍ଞାନକୌଶଳ ସମ୍ପର୍କରେ ଆଦାନପ୍ରଦାନ କରିଥିଲେ। ବିଶେଷକରି ବାୟୋଫ୍ଲକ ଏବଂ ଇସି ବ୍ରଏଲର ଫାର୍ମ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ



ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଷ୍ଟଲ ବୁଲି ଦେଖୁଛନ୍ତି।

### ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ପାଲଟିଥିଲା। ବିଭିନ୍ନ ସଂସ୍ଥା ସିଫା, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡିକ ମେଳାରେ ଷ୍ଟଲ ଆୟୋଜନ କରିଥିଲେ। ଏହି ଷ୍ଟଲ୍‌ଗୁଡିକରେ ଅତ୍ୟାଧୁନିକ ଜ୍ଞାନ ଏବଂ ବ୍ୟବହାରିକ କୌଶଳ ବିଷୟରେ ବିବରଣୀ ପ୍ରଦାନ କରାଯାଇଥିଲା। ଅଗ୍ରଣୀ ଚାଷୀଙ୍କ ଉତ୍ସାହ ବୃଦ୍ଧି ନିମନ୍ତେ ସେମାନଙ୍କ ପରିଶ୍ରମ ଓ ଆଗ୍ରହକୁ ସମ୍ମାନ ଦେଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି ମେଳାରେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହିତ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହିତ ଆଲୋଚନା କରିଥିଲେ। ମେଳାରେ ଜିଲା ପରିଷଦ ଅଧ୍ୟକ୍ଷ ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଧ୍ୟକ୍ଷ କନକଲକ୍ଷ୍ମୀ ମହାନ୍ତି ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବୀଦତ୍ତ ମାଝୀ ସଭାରେ ସ୍ୱାଗତ ଭାଷଣ ମାଧ୍ୟମରେ ଖୋର୍ଦ୍ଧା ଜିଲାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ହେଉଥିବା ଯୋଜନାଗୁଡିକ ଉପରେ ଆଲୋଚନା କରିଥିଲେ। ଏହି ମେଳା ନିକଟ ଭବିଷ୍ୟତରେ ଜିଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବ। ଉପ ମତ୍ସ୍ୟ ନିର୍ଦ୍ଦେଶକ ଜଗଦୀଶ ଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେବା ସହିତ ଉପସ୍ଥିତ ଚାଷୀଙ୍କୁ ଧନ୍ୟବାଦ ଦେଇଥିଲେ।

# ସ୍ୱାମୀ, ଶାଶୁଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ

**ଖୋର୍ଦ୍ଧା, ୧୮।୧୧ (ପ୍ରଭାତ ପାଣିଗ୍ରାହୀ)**

### ମା' ଓ ୩ବର୍ଷ ପୁଅକୁ ହତ୍ୟା ଘଟଣା

ନିରାକାରପୁର ଥାନା ଅଧୀନ ମୋରମୋରସିଂ ଗ୍ରାମର ମାମିନା ପ୍ରଧାନ ଓ ତାଙ୍କ ୩ବର୍ଷ ପୁଅଙ୍କୁ ହତ୍ୟା ମାମଲାର ଶନିବାର କୋର୍ଟରେ ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ସାକ୍ଷ୍ୟପ୍ରମାଣ ଆଧାରରେ ମୃତା ମାମିନାଙ୍କ ସ୍ୱାମୀ ତପନ ପ୍ରଧାନ ଓ ଶାଶୁ ପ୍ରମିଳା ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବେ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ପଞ୍ଚାୟତ ବେଲପଡା ଗ୍ରାମର ନରେନ୍ଦ୍ର ଜେନାଙ୍କ ଝିଅ ମାମିନା ନିରାକାରପୁର ଥାନା ଅଧୀନ ମୋରମୋରସିଂ ଗ୍ରାମର ଦିବାକର ପ୍ରଧାନଙ୍କ ପୁଅ ତପନଙ୍କୁ ହିନ୍ଦୁ ରୀତିନୀତିରେ ବିବାହ କରିଥିଲେ। ବିବାହ ବେଳେ କନ୍ୟାଘର ପକ୍ଷରୁ ୪୦ ହଜାର ଟଙ୍କା, ସୁନା ଏବଂ ଅନ୍ୟାନ୍ୟ ଆସବାବପତ୍ର ଦିଆଯାଇଥିଲା। ପ୍ରାୟ ତିନିବର୍ଷ ଧରି ମାମିନାଙ୍କ ଦାମ୍ପତ୍ୟ ଜୀବନ ହସଖୁସିରେ କଟିଥିବା ବେଳେ ତାଙ୍କର ଏକ ପୁଅ ଜନ୍ମ ହୋଇଥିଲା। ୨୦୧୫ ଜୁଲାଇ ୨୫ରେ ମୋରମୋରସିଂ ଗ୍ରାମର ଆମ୍ବତୋଟାରେ ମାମିନା ଏବଂ ତାଙ୍କ ୩ବର୍ଷ ପୁଅର ଝୁଲନ୍ତା ମୃତଦେହ ନିରାକାରପୁର ପୋଲିସ ଜବତ କରିଥିଲା। ସ୍ୱାମୀ ତପନ, ଦିଅର ତରୁଣ ଏବଂ ଶାଶୁ ପ୍ରମିଳା ମିଳିମିଶି ମାମିନା ଓ ୩ବର୍ଷର ନାତିକୁ ହତ୍ୟା କରିଥିବା ନେଇ ନରେନ୍ଦ୍ର ନିରାକାରପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୮୭/୨୦୧୫) ରୁଜୁକରି ତଦନ୍ତ କରିଥିଲା। ଏହି ଘଟଣାରେ ଶାଶୁ ଏବଂ ସ୍ୱାମୀ ଗିରଫ ହୋଇଥିବା ବେଳେ ଦିଅର ତରୁଣଙ୍କୁ ପୋଲିସ ଏପର୍ଯ୍ୟନ୍ତ ଧରିପାରିନାହିଁ। ଏହି ଘଟଣାର ରାୟ ଶନିବାର ପ୍ରକାଶ ପାଇଛି। ମୃତା ମାମିନାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ।

# ବିନା ଅନୁମତିରେ ଖୋଳିଦେଲେ କେନାଲ ବନ୍ଧ

**ଖୋର୍ଦ୍ଧା, ୧୮।୧୧ (ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟ ସରକାର ବନୀକରଣ ଯୋଜନାକୁ ଗୁରୁତ୍ୱ ଦେବା ସହ ମେଗା ଚାରାରୋପଣ ପାଇଁ ଆହ୍ୱାନ ଦେଉଛନ୍ତି। ପ୍ରତିବର୍ଷ ବିଭିନ୍ନ ଯୋଜନାରେ ଚାରାରୋପଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ତେବେ ବାଣପୁର ଏନ୍‌ଏସି ଦେଉଳସାହି ଠାରୁ ଗାଲୁଆ ଛକ ପର୍ଯ୍ୟନ୍ତ ବିନା ଅନୁମତିରେ କେନାଲ ବନ୍ଧ ଉପରେ ଖନନ କାର୍ଯ୍ୟ ଜାରିରହିଛି। ଫଳରେ ଉକ୍ତ କେନାଲ ବନ୍ଧ ଉପରେ ଏକାଧିକ ନଡ଼ିଆ ଗଛ ଉପୁଡିଯାଇଥିବା ଦେଖିବାକୁ ମିଳିଛି। ଉକ୍ତ କେନାଲ ଉପରେ ମୁକ୍ତା ଯୋଜନାରେ ଏନ୍‌ଏସି ପକ୍ଷରୁ ଏକ ୱାକିଂ ଟ୍ରାକ୍ ନିର୍ମାଣ ପାଇଁ ଉଦ୍ୟମରତ ଥିବା ବେଳେ ଏଥିପାଇଁ ନଡ଼ିଆ ଗଛ ଉପାଡିବା କେତେଦୂର ଠିକ୍ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଶାଳିଆ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା କହିଛନ୍ତି, ଉକ୍ତ କେନାଲ



ଖୋଳାଯାଇଥିବା କୋନଲ ବନ୍ଧ।

### ଉପୁଡ଼ିଲା ନଡ଼ିଆ ଗଛ

ଉପରେ ୱାକିଂ ଟ୍ରାକ୍ ନିର୍ମାଣ ପାଇଁ ଏନ୍‌ଏସି ଅନୁମତି ମାଗିଥିଲେ ମଧ୍ୟ ଏଯାବତ୍ ବିଭାଗ ପକ୍ଷରୁ ଅନୁମତି ଦିଆଯାଇନାହିଁ। ନଡ଼ିଆ ଗଛ କିଏ ଉପାଡିଲା, କ'ଣ ପାଇଁ ଉପାଡିଲା ଏବଂ କାର୍ଯ୍ୟ କାହା ଅନୁମତିରେ ଜାରି ରହିଛି ତାହାର ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା କହିଛନ୍ତି, ଏ ବିଷୟରେ କିଛି ଜାଣିନାହିଁ। ବିଭାଗୀୟ ଅଧିକାରୀଙ୍କୁ ପଚାରିକି କହିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ନିର୍ଦ୍ଦେଶ ବାଲୁଗାଁ ରେଞ୍ଜରଙ୍କୁ ଦିଆଯିବ ବୋଲି ଏସିଏଫ୍ କହିଛନ୍ତି।

# ବାଲିଦୀପ ସାହିତ୍ୟର କବିତା ପାଠୋତ୍ସବ

**କୃଷ୍ଣପ୍ରସାଦ, ୧୮।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ସାହିତ୍ୟ ଅନୁଷ୍ଠାନ 'ବାଲିଦୀପ ସାହିତ୍ୟ ଆସର' ପକ୍ଷରୁ ମାଲୁଦ ପ୍ରେମଚାନ୍ଦ ପାତ୍ରଙ୍କ ବାସଭବନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ନେତୃତ୍ୱରେ ଏହି ଆସରରେ ୧୬ଜଣ କବି ଯୋଗଦେଇଥିଲେ। ପ୍ରତିମାସରେ କବିମାନଙ୍କୁ ନେଇ କବିତା ପାଠୋତ୍ସବ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କବି ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରେମଚାନ୍ଦ ପାତ୍ର, କାଶୀନାଥ ଜେନା, ମାନସିଂହ ସାହିତ୍ୟ ସଂସଦ ସମ୍ପାଦକ ଲଳିତ କୁମାର ସ୍ୱାଇଁ, କମଳେଶ୍ୱର କଳା ସାହିତ୍ୟ ସଂସଦ ସଭାପତି ବନ ବିହାରି ପଟ୍ଟନାୟକ, ମନୋଜ କୁମାର ବାରିକ, ମାନସିଂହ ସାହିତ୍ୟ ସଂସଦ ସଭାପତି ବିଷ୍ଣୁ ପ୍ରସାଦ ଦଳେଇ, ରାଧାଶ୍ୟାମ ଜେନା, ବିଦ୍ୟାଧର ପ୍ରଧାନ, ତୁଷାର ପାତ୍ର ପ୍ରମୁଖ ବହୁ କବି ଯୋଗଦେଇ କବିତାପାଠ କରିଥିଲେ। ପ୍ରେମଚାନ୍ଦ ପାତ୍ରଙ୍କ ନିକଟରେ ଉନ୍ମୋଚିତ ହୋଇଥିବା କବିତା ପୁସ୍ତକ 'ସୁକୁଟା ନନାଙ୍କ ଘର'ର କିଛି ଉତ୍କୃଷ୍ଟ ଧାରଣର କବିତାକୁ ତର୍ଜମା କରାଯାଇଥିଲା। କବି ତୁଷାର ପାତ୍ର ଧନ୍ୟବାଦ ଦେଇଥିଲେ।

# କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

**ନିରାକାରପୁର, ୧୮।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଥାନା ଅନ୍ତର୍ଗତ ବଡବଜାରସ୍ଥିତ ଗଣେଶ ପଡିଆଠାରେ ଥିବା କୂଅରେ ପଡିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଝାଞ୍ଜିରିମଙ୍ଗଳା ଅଞ୍ଚଳର ସମରେନ୍ଦ୍ର ମହାନ୍ତି। ସୂଚନା ମୁତାବକ, ୩ଜଣ ବନ୍ଧୁଙ୍କ ସହ ସମରେନ୍ଦ୍ର କାର୍ (ଓଡି-୩୩-ଏଲ-୧୯୫୧)ରେ ପୁରୀରୁ ନିରାକାରପୁର ଦେଇ କଟକ ଯାଉଥିଲେ। ସନ୍ଧ୍ୟାରେ ନିରାକାରପୁର ବଡ଼ବଜାରରେ ଗାଡିକୁ ରଖି ଅନ୍ୟମାନେ ଜଳଖିଆ ଖାଉଥିବା ବେଳେ ସମରେନ୍ଦ୍ର ପରସ୍ରା ପାଇଁ ଗଣେଶ ପଡିଆକୁ ଯାଇଥିଲେ। ଅନ୍ଧାର ହୋଇଥିବାରୁ ସେଠାରେ ଥିବା କୂଅରେ ସେ ପଡିଯାଇଥିଲେ। କୂଅରେ କିଏ ପଡିଯିବା ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ଏହାପରେ କୂଅରୁ ତାଙ୍କୁ ବାହାର କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ସମରେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ନିକଟରୁ ମୋବାଇଲ ଫୋନ, ଆଧାରକାର୍ଡ, କାର ଚାବି ସହିତ ମନିପର୍ସ ଜବତ ହୋଇଛି।

# ଢେଙ୍କାନାଳକୁ ହରାଇ ମଞ୍ଚେଶ୍ୱର କ୍ଲବ ବିଜୟୀ

**ଖୋର୍ଦ୍ଧା, ୧୮।୧୧ (ପ୍ରଭାତ ପାଣିଗ୍ରାହୀ)**

କୁମାରବସ୍ତ ରାଇଜିଂଷ୍ଟାର କ୍ଲବ ପକ୍ଷରୁ ଚାଲିଥିବା ୩୭ତମ ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ଲବ ଓ ଢେଙ୍କାନାଳ କ୍ଲବ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଢେଙ୍କାନାଳ କ୍ଲବ ଟିମ୍ ନିର୍ଦ୍ଧାରିତ ୨୦ଓଭର ମଧ୍ୟରୁ ୧୭.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମାନସିଂହ ୩୬ବଲରୁ ୬୦ରନ ଓ ଚନ୍ଦନ ମହାପାତ୍ର ୧୫ବଲରୁ ୨୭ରନ କରିଥିଲେ। ମଞ୍ଚେଶ୍ୱର କ୍ଲବ ପକ୍ଷରୁ ରବୀନ୍ଦ୍ର ନାୟକ ୪ଟି ଓ ଗୌତମ ଦାସ ୨ଟି ଉଇକେଟ ନେଇଥିଲେ। ଜବାବରେ ମଞ୍ଚେଶ୍ୱର କ୍ଲବ ଟିମ୍ ୨୦ଓଭରରେ ୮ ଉଇକେଟ ବିନିମୟରେ ଆବଶ୍ୟକ ୧୫୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ମହାପାତ୍ର ୨୭ ବଲରୁ ୫୦ରନ ଓ ମନୋଜ ବେହେରା ୧୬ ବଲରୁ ୪୧ରନ କରିଥିଲେ। ସେହିପରି





ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

### ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ ଦଳ ପକ୍ଷରୁ ବିକାଶ ରାଉତ ଓ ମୃତ୍ୟୁଞ୍ଜୟ ମାନସିଂହ ୩ଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଦୋଷ ବଳିୟାରସିଂ, ଦୁର୍ଯ୍ୟୋଧନ ପରିଡ଼ା ଓ ଯନ୍ମେଜୟ ଛୋଟରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥି ଭାବେ ଶିଳ୍ପପତି ସୁକାନ୍ତ ବେହେରା ଯୋଗଦେଇ ବିଜୟୀ ଟିମର ମନୋଜ ବେହେରାଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତା ସୋମବାର ଆୟୋଜକ କୁମାରବସ୍ତ ଓ ଅତ୍ରି କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ସୁନାଚେନ୍ ଜବତ, ୨ ଗିରଫ

**ଜଟଣୀ, ୧୮।୧୧ (ରବୀନ୍ଦ୍ର ନାଥ ମହାକୁଡ଼)**

ରେଳ ଯାତ୍ରୀଙ୍କଠାରୁ ସୁନାଚେନ ଝାମ୍ପିନେବା ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି ବୋଲି ଖୋର୍ଦ୍ଧାରୋଡ ଜିଆରପି ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହି ଅଞ୍ଚଳର ଲିଟୁ ସ୍ୱାଇଁ (୨୪) ଏବଂ ଏସ୍.କେ. ସାହାବୁଦ୍ଦିନ(୩୬)। ସୂଚନା ମୁତାବକ, ଗତ ୮ତାରିଖରେ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ପୂର୍ବରୁ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଜଣେ ମହିଳା ଯାତ୍ରୀଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ପଳାଇଥିଲେ। ଏନେଇ ପୀଡିତ ମହିଳାଙ୍କ ସ୍ୱାମୀ ରମଣୀ ରଞ୍ଜନ ସାହୁ ଜଟଣୀ ଜିଆରପିରେ ଅଭିଯୋଗ କରିଥିଲେ। ଗତ ୧୭ତାରିଖରେ ଦୁଇ ଅଭିଯୁକ୍ତଙ୍କୁ ଜିଆରପି ଧରିବା ସହ ସୁନାଚେନ ଜବତ କରିଛି। ଏନେଇ ଜିଆରପି ଥାନାରେ ଏକ ମାମଲା (ନଂ.୧୧୯/୨୩)ରୁଜୁ ହୋଇଛି।

# ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଏବଂ ଅନ୍ୟ ଅତିଥି।

**ବୋଲଗଡ଼, ୧୮।୧୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମରେ ରାଧା-ଦାମୋଦର ମନ୍ଦିର ସଂଲଗ୍ନ ପଡିଆରେ ବୁଧବାରଠାରୁ ଚାଲିଥିବା ଗିରିଗୋବର୍ଦ୍ଧନ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ବିଜୟ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ ଅଞ୍ଚଳର କଳା ସଂସ୍କୃତିକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ଅନାଦି ସାହୁ, ସାମାଜିକ କର୍ମୀ ବୁଲୁ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସାନପଦର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସ୍ଥାନୀୟ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ନାୟକ, ସମାଜସେବୀ ଉର୍ମିଳା ପାଣିଗ୍ରାହୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଙ୍କୁ ଅଧ୍ୟାପକ ତ୍ରିଲୋଚନ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଶାର କମେଡି କିଙ୍ଗଭାବେ ପରିଚିତ ରବି ଶତପଥୀଙ୍କ ବିୟୋଗରେ ଶୋକପ୍ରକାଶ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାକେଶ ନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ଯାତ୍ରା ପଡ଼ିଆରେ ବିଜେ ହୋଇଥିବା ଦେବଦେବୀଙ୍କୁ ଚଉଦୋଳରେ ବିଭିନ୍ନ ଲୋକକଳା ପଟୁଆର ମାଧ୍ୟମରେ ସ୍ୱ ମନ୍ଦିରକୁ ବିଦାୟ ଦିଆଯାଇଥିଲା।

# ଖେଳାଳିଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ

**ଜଟଣୀ, ୧୮।୧୧ (ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଉତ୍ତରାୟଣୀ କ୍ଲବ ପରିସରରେ ସାଂସଦ କ୍ରୀଡ଼ା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଖେଳକୁଦ ମାଧ୍ୟମରେ ଯୁବବର୍ଗ ଦେଶ ଓ ରାଜ୍ୟର ସୁନାମ ଆଣିପାରିବେ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। କ୍ରୀଡାର ବିକାଶ ପାଇଁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଯୁବ କ୍ରୀଡାବିତଙ୍କୁ ସାଂସଦ କ୍ରୀଡା ସମ୍ମାନ ପ୍ରଦାନ କରାଯାଇଛି। ୬ଟି ମଣ୍ଡଳର ୧୩୩ଟି କ୍ଲବର ଖେଳାଳିଙ୍କୁ କ୍ରିକେଟ, ଫୁଟ୍‌ବଲ, ଭଲିବଲ ଆଦି ଉପକାରଣ ପ୍ରଦାନ କରାଯାଇଥିଲା। ଆସନ୍ତା ଜାନୁୟାରୀରେ ସଂସଦୀୟ କ୍ଷେତ୍ରର ସମସ୍ତ କ୍ରୀଡ଼ା କ୍ଲବର ଖେଳାଳିଙ୍କୁ ନେଇ ଜଟଣୀ ପ୍ରିମିୟର ଲିଗ ଆୟୋଜନ କରାଯିବ ବୋଲି ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା ଘୋଷଣା କରିଥିଲେ। ଏକ ସୁସ୍ଥ ଭାରତ ଗଠନ ପାଇଁ ସମସ୍ତେ ସୁସ୍ଥ ରହିବା ଆବଶ୍ୟକ। ଖେଳକୁଦ ସୁସ୍ଥ ରହିବାର ଏକ ପ୍ରମୁଖ ମାଧ୍ୟମ। ଭାଜପା ରାଜ୍ୟ ପ୍ରବକ୍ତା ତଥା ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ, ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ଲିଟୁରଞ୍ଜନ ରାଉତରାୟ, ସତୀଶ ଶର୍ମା, ରୋଜିନାରାଣୀ ଦାସ, ପ୍ରବୀଣ ଭଞ୍ଜଦେଓଙ୍କ ସମେତ ବହୁ ନେତା, କର୍ମୀ ଓ କ୍ରୀଡ଼ାବିତ୍ ଉକ୍ତ ଉତ୍ସବରେ ଉପସ୍ଥିତ ଥିଲେ।



# ଦେଶର ପ୍ରଗତିରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନିରାକାରପୁର, ୧୮।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପାଞ୍ଚାୟତରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆର୍ଯ୍ୟବିହାରରେ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ୬୫୫ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଘାଟନ ଉତ୍ସବରେ କେବିଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରତଟି ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନମେଳାର ଶୁଭାରମ୍ଭ କରିବା ସହିତ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ। ଶଙ୍କର୍ଷଣ ପ୍ରଧାନ, ଦୁର୍ଗା ପ୍ରସାଦ ମିଶ୍ର, ଦେବାଶିଷ ରଥ, ଜ୍ଞାନ ରଞ୍ଜନ ବେହେରା , ଦିକ୍ରିଷ୍ଣ ବଳିୟାରସିଂହ, ଝରଣା ବେହେରା, ଅଶ୍ୱିନୀ, ରଶ୍ମିକାନ୍ତ ପ୍ରଧାନ ପ୍ରମୁଖ ବିଚାରକଭାବେ ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଯୋଗଦେଇ ଦେଶର ପ୍ରଗତିରେ ବିଜ୍ଞାନର ଭୂମିକା ଗରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ବିଦ୍ୟାମନ୍ଦିରର ସଦସ୍ୟ ଶ୍ୟାମା ଶଙ୍କର ମିଶ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର ମଞ୍ଚାସୀନ ଅତିଥିୟଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାତଃ ପର୍ଯ୍ୟାୟର ପ୍ରମୁଖ ବିନୋଦ ବିହାରୀ ସେଠୀ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ବିଭାଗରେ ସମୀକ୍ଷା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଦେବାଶ୍ରିତା ମିଶ୍ର, ତୃତୀୟ ସ୍ଥାନ ଗାୟତ୍ରୀ ସାଇଁ , ଉପବରିଷ୍ଠ ବିଭାଗର ପ୍ରଥମ ସ୍ଥାନରେ କୃଷ୍ଣାପିତା ଷଡ଼ଙ୍ଗୀ, ଦ୍ୱିତୀୟ ସ୍ଥାନରେ ଓମ୍ ପ୍ରକାଶ ବଳିୟାରସିଂହ, ଯୁଗ୍ମ ତୃତୀୟ ସ୍ଥାନରେ ସ୍ନେହାପ୍ରଜ୍ଞା ଭୋଳ ଓ ସନ୍ତୋଷ କୁମାର ବଳିୟାରସିଂହ ଏବଂ କନିଷ୍ଠ ବିଭାଗର ସୁଶ୍ରୀ ପ୍ରିୟଦର୍ଶିନୀ ରାଉତରାୟଙ୍କୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଆକାଶ ଚାଉଳ, ଯୁଗ୍ମ ତୃତୀୟ ସ୍ଥାନରେ ପଦ୍ମିନୀ ପ୍ରଧାନ ଓ ସାଇ ଶ୍ରେୟାଶୀ ଦାସ, ଉପକନିଷ୍ଠ ବିଭାଗର ପ୍ରଥମ ସ୍ଥାନ ସୁଦେଷ୍ଣା ବଳିୟାରସିଂହ, ଦିତୀୟ ସ୍ଥାନରେ ରତିକା ପ୍ରଧାନ, ତୃତୀୟ ସ୍ଥାନରେ ବିଶ୍ୱସ୍ମିତା ଘଟୁଆରୀ



ବିଜ୍ଞାନମେଳାରେ ପ୍ରଦର୍ଶିତ ହୋଇଥିବା ବିଭିନ୍ନ ପ୍ରକଳ୍ପ।

### ବିଜ୍ଞାନମେଳାରେ ୬୫୫ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ

ଅଧିକାର କରିଛନ୍ତି। ସମସ୍ତ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହିତ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ଅକ୍ଷୟ କୁମାର ମହାପାତ୍ର, ପବିତ୍ର କୁମାର ରାଉତରାୟ, ବିନୋଦ କୁମାର ବାରିକ, ସର୍ବେଶ୍ୱର ବେହେରା, ଆଦିତ୍ୟ ସାମନ୍ତରାୟ ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ବାହିନୀପତି, ମମତା ମିଶ୍ର, ରାଜଲକ୍ଷ୍ମୀ ବଳିୟାରସିଂହ, ରଶ୍ମିପୁରା ପୁରୋହିତ, ପୁଷ୍ପାଞ୍ଜଳି ପଟ୍ଟନାୟକ ଏବଂ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

# ‘ଚାଷୀଙ୍କ ଅସୁବିଧାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ’

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ପୁରୀ, ୧୮।୧୧ (ଅଜିତ୍ ମହାନ୍ତି):

ଶନିବାର ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହଠାରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖରିଫ ବର୍ଷ ୨୦୨୩-୨୪ ପାଇଁ ସରକାରୀ ଧାର୍ଯ୍ୟଦରରେ ଚାଷୀଙ୍କଠାରୁ ଧାନକ୍ରୟ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହାପାତ୍ର କହିଥିଲେ କି ଧାନ କିଣା ସମୟରେ କୌଣସି ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଧାନକ୍ରୟ ପାଇଁ ୧୨୮ ଗୋଟି ସୋସାଇଟିର ୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ରହିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମିଲରଙ୍କ ଦ୍ୱାରା ଧାନ ହ୍ୟାଣ୍ଡଲିଂ ପାଇଁ ସ୍ଥିର କରାଯାଇଛି। ପ୍ରତ୍ୟେକ ସୋସାଇଟି/ମଣ୍ଡିରେ ଯୋଗାଣ ବିଭାଗ ତରଫରୁ ମାନ ବିଶେଷଜ୍ଞ ନିୟୋଜିତ ରହିବେ। ସେହିପରି ସମସ୍ତ ମଣ୍ଡିରେ ଚାଷୀଙ୍କ ସୁବିଧା ନିମନ୍ତେ ଆଶ୍ରୟସ୍ଥଳୀ, ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ପାଇଖାନା ବ୍ୟବସ୍ଥା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ଧାନର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପଲିଥିନ୍ ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୨୪ରୁ ୪୮ ଘଣ୍ଟା ମଧ୍ୟରେ ଆକାଉଣ୍ଟ ଜରିଆରେ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ। ଚଳିତବର୍ଷ ସାଧାରଣ କିସମର ଧାନ କ୍ୱିଣ୍ଟାଲ ପ୍ରତି ୨୦୮୩ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯିବ। ଗ୍ରେଡ ‘ଏ’ ଧାନ ପାଇଁ କୁଇଣ୍ଟାଲ ପିଛା ୨୨୦୩ ଟଙ୍କା ଧାର୍ଯ୍ୟ କରାଯାଇଛି। ବ୍ଲକ୍‌ୱାରୀ ଧାନ କ୍ରୟ ଆରମ୍ଭ ଦିବସ ଧାର୍ଯ୍ୟ କରାଯାଇଛି। ଅସ୍ତରଙ୍ଗ ବ୍ଲକ୍‌ରେ ଜାନୁୟାରୀ ୧୧, କାକଟପୁରରେ ଜାନୁୟାରୀ ୧୦, କଣାସରେ ଜାନୁୟାରୀ ୧୬, ବ୍ରହ୍ମଗିରିରେ ଜାନୁୟାରୀ ୨୧, ଡେଲାଙ୍ଗରେ ଜାନୁୟାରୀ ୬, ଗୋପରେ ଜାନୁୟାରୀ ୫, କୃଷ୍ଣପ୍ରସାଦରେ ଜାନୁୟାରୀ ୧୬ ତାରିଖ, ନିମାପଡା, ପିପିଲି ଓ ସତ୍ୟବାଦୀରେ ଜାନୁୟାରୀ ୩, ପୁରୀ ସଦରରେ ଜାନୁୟାରୀ ୧୧ ତାରିଖରେ ଧାନ କ୍ରୟ କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି। ବୈଠକରେ ଅନ୍ୟତମ ଅତିଥି ଭାବରେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଚାଷୀମାନେ ଧାନ ବିକ୍ରୟରେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା, ସାଂସଦଙ୍କ ପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି, ଡିଭିଜନାଲ ମ୍ୟାନେଜରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଡିଆରସିଏସ୍ ରୁଦ୍ର ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାସ୍ତରୀୟ ଧନ ସଂଗ୍ରହ କମିଟି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ ।

## ସଂକ୍ଷେପରେ

### ଦୁର୍ଗାଦାସପୁର ଶାଖା ଡାକଘର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ପିପିଲି,୧୮।୧୧(ପ୍ରଭାତ ମହାପାତ୍ର)

ପିପିଲି ମଙ୍ଗଳପୁରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦୁର୍ଗାଦାସପୁର ଶାଖା ଡାକଘର ଉଦ୍‌ଘାଟନ କରିଛନ୍ତି। ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପିପିଲି ସାତଶଙ୍ଖଠାରେ ପହଞ୍ଚିବା ପରେ ପିପିଲି ଭାଜପା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ମଙ୍ଗଳପୁର ନିକଟ ଦୁର୍ଗାଦାଶପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏହି ଅବସରରେ ସେଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ଆଇଟିଡିସିର ଚେୟାରମ୍ୟାନ ଡ. ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଚିଫ୍ ପୋଷ୍ଟାଲ ଜେନେରାଲ ଶୁଭେନ୍ଦୁ ସ୍ୱାଇଁ, ବରିଷ୍ଠ ଡାକ ଅଧୀକ୍ଷକ ରତନ ଜାନା, ବରିଷ୍ଠ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର, ପୁରୀ ଜିଲା ଭାଜପା ସଭାପତି ତଥା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ରଥ, ସମିତି ସଭ୍ୟା ସସ୍ମିତା ଦଳାଇ, ସହକାରୀ ନିର୍ଦ୍ଦେଶକ ଏମ୍‌ଏମ୍‌ୟୁ ଗଣେଶ୍ୱର ସାହୁ, ଆଇପିଏସ୍ ପୱନଜ୍ୱତ କୌର, ଜିଲା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଜୟ ସ୍ୱାଇଁ, ପିପିଲି ଉପମଣ୍ଡଳ ଡାକ ନିରୀକ୍ଷକ ଆଦିତ୍ୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ଏହି ଡାକଘର ଲୋକଙ୍କ ସମସ୍ୟା ସମାଧାନ କରିବ ବୋଲି ସମ୍ବିତ୍ ପାତ୍ର କହିଥିଲେ। ସେପଟେ ଏହି ଡାକଘର ପାଇଁ ବର୍ଷେ ତଳୁ ସ୍ଥାନୀୟ ଜନସାଧାରଣ ଦାବିକରି ଆସୁଥିବାବେଳେ ଏବେ ସେମାନଙ୍କ ଦାବି ମୁତାବକ ଶାଖା ଡାକଘର ସ୍ଥାପନ କରାଯାଇଛି। ଓଡ଼ିଶାରେ ପ୍ରାୟ ୫୬୬ ଗୋଟି ନୂତନ ଡାକଘର ନିର୍ମାଣ ହେବାକୁ ରହିଥିବାବେଳେ ପୁରୀ ଜିଲାରେ ୨୪୨ତମ ତଥା ଓଡ଼ିଶାରେ ୫୬୯୬ତମ ଡାକଘର ପ୍ରଧାନମନ୍ତ୍ରୀ ଯୋଗାଇଦେଇଥିବା ମନ୍ତ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ କହିଥିଲେ। ଏଠାରେ ଝିଅମାନଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ମାଗଣାରେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥଲେ। ତେବେ ଏହି କାର୍ଯ୍ୟକ୍ରମକୁ ପିପିଲି ମେଲ୍ ଓଭରସିଅର ସଚିରଞ୍ଜନ ବଢ଼େଇ, ଦୁର୍ଗାଦାଶପୁର ଶାଖା ଡାକପାଳ ଲକ୍ଷ୍ମଣ ହେମ୍ବ୍ରମ୍, ମଙ୍ଗଳପୁର ଶାଖା ଡାକପାଳ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଘରୁ ଅଳଙ୍କାର, ଆସବାବପତ୍ର ଚୋରିକରି ଜଣେ ଗିରଫ

ସାକ୍ଷୀଗୋପାଳ,୧୮।୧୧

(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ଜନୈକାଙ୍କ ଘରେ କେହି ନ ଥିବା ସୁଯୋଗରେ ଘରର ସମସ୍ତ ମୂଲ୍ୟବାନ୍ ଆସବାବପତ୍ର ସହ ନଗଦ ୩୦ ହଜାର ଟଙ୍କା ଚୋରିହେବା ଅଭିଯୋଗରେ ସତ୍ୟବାଦୀ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦନ ସ୍ୱାଇଁ। ଏନେଇ ପୋଲିସ ୩୯୫/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସତ୍ୟବାଦୀ ବ୍ଲକ ଅଧୀନ ବାସୁକେରା ଗ୍ରାମର ପ୍ରମିଳା ବିଶ୍ୱାଳଙ୍କ ଘରେ କେହି ନ ଥିବା ସୁଯୋଗରେ ଶୁକ୍ରବାର ଗ୍ରାମର ଚନ୍ଦନ ସ୍ୱାଇଁ ଓ ତାଙ୍କର କିଛି ସହଯୋଗୀ ଘରର କବାଟ ତାଡ଼ି ଭିତରେ ପଶିଥିଲେ। ସୁନାଅଳଙ୍କାର ସହ ନଗଦ ଟଙ୍କା, ଗ୍ୟାସ୍ ସିଲିଣ୍ଡର, ପାଣିପମ୍ପ ଆଦି ଅନେକ ମୂଲ୍ୟବାନ୍ ସାମଗ୍ରୀ ଚୋରିକରି ନେଇଥିଲେ। ଏ ସମ୍ପର୍କରେ ପ୍ରମିଳା ଖବରପାଇ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ।

# ଏନ୍‌ଜିଟିର ଦ୍ୱାରସ୍ଥ ହେଲେ ହେକ୍ଟର ମିଶ୍ର

## ମଧୁର ଜଳ ସଂରକ୍ଷଣ ଅଞ୍ଚଳରେ ୧୦୦ରୁ ଅଧିକ ଶୌଚାଳୟ ନିର୍ମାଣ ପ୍ରସଙ୍ଗ

ପୁରୀ ୧୮।୧୧ (ଅଜିତ୍ ମହାନ୍ତି):

ତାଳବଣିଆ ମଧୁର ଜଳ ସଂରକ୍ଷଣ ଅଞ୍ଚଳରେ ୧୦୦ରୁ ଅଧିକ ଶୌଚାଳୟ ନିର୍ମାଣ ହେଉଥିବା ନେଇ ଭଏସ୍ ଅଫ କମନ ମ୍ୟାନର ହେକ୍ଟର ମିଶ୍ର ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରକୁ ଗ୍ରହଣ କରିବା ସହ କାର୍ଯ୍ୟ ବନ୍ଦ ରଖାଯାଇଥିବା ସୂଚନା ମିଳିଛି। ସେହିପରି ମିଶ୍ର ଉକ୍ତ ଘଟଣାକୁ ନେଇ ପୁରୀ ପୌରପାଳିକା ବିରୋଧରେ ନ୍ୟାସନାଲ ଗ୍ରୀନ୍ ଟ୍ରିବୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛନ୍ତି। ସେ ଉଲ୍ଲେଖ କରିଥିଲେ କି ତାଳବଣିଆ ମଧୁର ଜଳ ସଂରକ୍ଷଣ ଅଞ୍ଚଳ ଅଟେ। ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ସହର ଏହା ଉପରେ ନିର୍ଭର କରିଥାଏ। ଉକ୍ତ ସ୍ଥାନରେ ୧୨ଟି ଜଳ ଯୋଗାଣ ପମ୍ପ କାମ କରୁଛି। ଯାହା ପୁରୀକୁ ପାଣି ଯୋଗାଇଥାଏ। ତେବେ ୨୦୦୭ ମସିହାରେ ଏଠାରେ କୌଣସି ପ୍ରକାର କାର୍ଯ୍ୟକଳାପ, ନିର୍ମାଣ ତଥା ପାନୀୟ ଜଳ ନଷ୍ଟ ନ କରିବା ଭଳି କାର୍ଯ୍ୟ କରିବା ପାଇଁ ଓଡ଼ିଶା ହାଇକୋର୍ଟ ରାୟ ଦେଇଥିଲେ। ମାତ୍ର ପୁରୀ ପୌରସଂସ୍ଥା ଉକ୍ତ ନିର୍ଦ୍ଦେଶକୁ ଅବମାନନା କରି ଏକ ବେସରକାରୀ ଏନ୍‌ଜିଓକୁ ଏହି କାର୍ଯ୍ୟ କରିବାକୁ ଅନୁମତି ଦେଇଛି। ସେହିପରି ଉକ୍ତ ସ୍ଥାନଟି ରାଜସ୍ୱ ବିଭାଗର ହୋଇଥିବାରୁ ପୁରୀ ମ୍ୟୁନିସିପାଲିଟି କୌଣସି ସଭା ପାଇଁ ଅନୁମତି ଦେଇପାରିବ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ଏବଂ ଅପରାଧିକ କାର୍ଯ୍ୟ ସହ ସମାନ। ତେଣୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମିଶ୍ର ଜାତୀୟ ଗ୍ରୀନ ଟ୍ରିବ୍ୟୁନ୍ୟାଲର ଦ୍ୱାରସ୍ଥ ହୋଇଛନ୍ତି।

# ବିଡିଓଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ବୃଦ୍ଧି

## କଣାସ ପଞ୍ଚାୟତ ସମିତିର ଅଷ୍ଟମ ବୈଠକ

କଣାସ, ୧୮।୧୧(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ପଞ୍ଚାୟତ ସମିତି ସଭାଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ଅଧ୍ୟକ୍ଷତାରେ ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ବୈଠକରେ ବିଡିଓ ଉପସ୍ଥିତ ନଥିବାରୁ ଜନ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ହୋହଲ୍ଲା କରିଥିଲେ। ଏହି ବୈଠକରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ୍, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ସେନାପତି, ୩ ଓ ୫ ନମ୍ବର ଜିଲାପରିଷଦ ସଭ୍ୟା ପ୍ରଣତୀ ଜେନା, ଲତାମଣି ଜଗଦ୍ଦେବ, ସାଂସଦ ପ୍ରତିନିଧି ବଳରାମ ପଲାଇ, ବିଧାୟକ ପ୍ରତିନିଧି ମନମୋହନ ସାମନ୍ତରାୟଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ, ବନ ବିଭାଗ, ବିଦ୍ୟୁତ ବିଭାଗ, ଜଙ୍କିଆ, ଜଳସେଚନ ବିଭାଗ, ପୁରୀ ଓ ଖୋର୍ଦ୍ଧା, ମୃତ୍ତିକା ସଂରକ୍ଷଣ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଡ୍ରେନେଜ ବିଭାଗର ଅଧିକାରୀମାନେ ଉପସ୍ଥିତ ନ ଥିଲେ। ଏହି ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଣାସ ସରପଞ୍ଚ ସୁବୁଦ୍ଧି ଦାବି କରିଥିଲେ। ନବୀନ ଓଡିଶା ଓ ଆମ ଓଡିଶା ଯୋଜନାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ପଞ୍ଚାୟତରେ କେଉଁ କାର୍ଯ୍ୟରେ କେତେ ଟଙ୍କା ଖର୍ଚ୍ଚ କରାଯିବ ସେଥିନେଇ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ତାଲିକା ମଗାଯାଇଥିଲା। ପ୍ରତ୍ୟେକ ସରପଞ୍ଚ ଓ ସମିତି ସଭ୍ୟ ନିଜ ନିଜ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ତାଲିକା ବିଡିଓଙ୍କ ନିକଟରେ ଦାଖଲ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟମାନଙ୍କୁ ନ ଜଣାଇ ବ୍ଲକ ଅଧିକାରୀମାନେ କିନ୍ତୁ ମନଇଚ୍ଛା ପ୍ରୋଜେକ୍ଟ ତିଆରି କରି ଡିଆର୍‌ଡିଏକୁ ପଠାଇ ଦେଉଥିବା ଅଭିଯୋଗ ହୋଇଛି। ବୈଠକରେ ସରକାରୀ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତତର୍କ ପରିଲକ୍ଷିତ ହୋଇଥିଲା।




ଶିଶୁ ମହୋତ୍ସବ ସରଗୀଫୁଲ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

# ପ୍ରତିଯୋଗିତାରେ ଭାଗନେଲେ ୨୫୦ ଶିକ୍ଷାର୍ଥୀ

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ସର୍‌ଗି ଫୁଲ’

ଡେଲାଙ୍ଗ,୧୮।୧୧(ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ସର୍‌ଗି ଫୁଲ’ ଡେଲାଙ୍ଗ ବ୍ଲକର ଗୁଆଳିପଡ଼ା ସେବାଶ୍ରମ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଡେଲାଙ୍ଗ ତହସିଲଦାର ସନ୍ତୋଷିନୀ ଦାଶ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ଏବିଇଓ ସଂଯୁକ୍ତା ମିଶ୍ର, ସେବାଶ୍ରମ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର କଅଁର, କୋଣାର୍କ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀହାର ପ୍ରସାଦ ଲେଙ୍କା, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ସହକାରୀ ଜିଲା ମଙ୍ଗଳ ଅଧିକାରୀ ପ୍ରଭାତ ସିଂ, ଅମିତା ମିଶ୍ର, ଶିକ୍ଷାବିତ୍ ଗୋଲଖ ଚନ୍ଦ୍ର ବରାଳ, ଜିଲା ସଂଯୋଜକ ମନୋଜ ପଲେଇ, ବନଜା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂର୍ଯ୍ୟନାରାୟଣ ମିଶ୍ର ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ଉଚ୍ଚ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ କୋଣାର୍କ, ଆଶ୍ରମ ରସକୁଦା କୃଷ୍ଣପ୍ରସାଦ, ଆଶ୍ରମ ରଣପଡ଼ା ବ୍ରହ୍ମଗିରି, ଆଶ୍ରମ ଗଡ଼ଇଟା ପୋଖରୀ ନିମାପଡ଼ା, ଗୁଆଳିପଡ଼ା ସେବାଶ୍ରମ, ବଲରା ସେବାଶ୍ରମ କାକଟପୁର, କପିଳେଶ୍ୱରପୁର ସେବାଶ୍ରମ ବ୍ରହ୍ମଗିରି ପ୍ରଭୃତି ବିଦ୍ୟାଳୟଗୁଡ଼ିକରୁ ୨୫୦ ଶିକ୍ଷାର୍ଥୀ କୁଇଜ୍, ବକ୍ତୃତା, ପ୍ରବନ୍ଧ, ଏକକ ଅଭିନୟ, ଏକକ ସଙ୍ଗୀତ ଗାନ, ଏକକ ନୃତ୍ୟ, ସାମୂହିକ ନୃତ୍ୟ, ତର୍କ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଗଜପତି ଜିଲାର ରାୟଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ‘ସର୍‌ଗି ଫୁଲ’ କାର୍ଯ୍ୟକ୍ରମରେ ଭାଗନେବେ ବୋଲି ଜିଲା ମଙ୍ଗଳ ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଛାଟୋଇ ମୋତିଲାଲ୍ ରାୟଙ୍କ ପଦୋନ୍ନତି ହୋଇଥିବାବେଳେ ଏହି ଅବସରରେ ଜିଲା ମଙ୍ଗଳ ଅଧିକାରୀ ମହାନ୍ତି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଛାଟୋଇଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଦୀପ ସେଠୀ, ପୂର୍ଣ୍ଣଚନ୍ଦ୍ର ସାହୁ, ସନ୍ତୋଷ ପ୍ରଧାନ, ଅଭୟ ଚରଣ ସାହୁ, ଫକୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ମାନବ ଅଧିକାର ରକ୍ଷାକାରୀ ରାଜ୍ୟ ଉପସଭାପତି ହେଲେ ସଚିତ୍ର

ପିପିଲି,୧୮।୧୧(ପ୍ରଭାତ ମହାପାତ୍ର)

ଭାରତୀୟ ମାନବ ଅଧିକାର ରକ୍ଷାକାରୀ ସଂଗଠନର ଉପସଭାପତି ଭାବେ ପିପିଲି ବାଗିମୂଳ ଗ୍ରାମର ସଚିତ୍ର ସାମନ୍ତରାୟ ମନୋନୀତ ହୋଇଛନ୍ତି। ସଂଗଠନ ପକ୍ଷରୁ ଜଟଣୀ ଜ୍ୟୋତ୍ସ୍ନା କଲ୍ୟାଣମଣ୍ଡପଠାରେ ଶନିବାର ଆୟୋଜିତ ଏହି ଚୟନ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୮ଜଣ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନର ଗୁରୁଦାୟିତ୍ୱ ଦେବାସହ ପଦପଦବୀ ଲାଗି ଚୟନ କରାଯାଇଛି। ଚେୟାରମ୍ୟାନ ଆର୍. ସୂର୍ଯ୍ୟକାନ୍ତଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୂରଜ ପାଇକରାୟ, ଅନୁଷ୍ଠାନର ରାଜ୍ୟ ସଭାପତି ମହମ୍ମଦ ମକ୍ସୁର ଅଶ୍ରଦ୍, ରାଜ୍ୟ ସମ୍ପାଦକ ବାସୁଦେବ ସେଠୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏଥିସହ ଜଟଣୀର ରାଜ୍ୟ ମହିଳା ଉପସଭାନେତ୍ରୀ ଭାବେ ସନ୍ତୋଷୀ ଜାଲି, ଖୋର୍ଦ୍ଧାର ରାଜ୍ୟ ସଂଗଠକ ଭାବେ ଗୀତାଞ୍ଜଳି ସେଠୀଙ୍କ ସହ ୮ ଜଣଙ୍କୁ ଚୟନ କରାଯାଇଛି।

# ବିଜେଡିରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ



ବିଧାୟକଙ୍କ ଗହଣରେ ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀମାନେ।

ନିମାପଡ଼ା,୧୮।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜେଡି ପକ୍ଷରୁ ଏକ ମିଶ୍ରଣ ସମାରୋହ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଭୁବନେଶ୍ୱର ବାସଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ଦାଶ, ନିମାପଡ଼ା ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରୁତୁରାଜ ମହାନ୍ତି, ଉଚ୍ଛୁପୁର ସରପଞ୍ଚ ସୁରେଶ ଚନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ନିମାପଡ଼ା ବ୍ଲକ ଅଧୀନ ଉଚ୍ଛୁପୁରର ୧୩ ନଂ ୱାର୍ଡର ବ୍ରାହ୍ମଣଖଣ୍ଡି ଗ୍ରାମର ୫୦ ଜଣ ଭାଜପା କର୍ମୀ ଦଳ ତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ୱାର୍ଡର ନେତା ପବିତ୍ର ମୋହନ ପ୍ରଧାନ, ଅମିତ ବେହେରା, ତପନ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଭାଜପା କର୍ମୀ ଦଳ ତ୍ୟାଗ କରି ବିଜେଡିରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ, ବିଧାୟକ ଦାଶଙ୍କ ବଳିଷ୍ଠ ନେତୃତ୍ୱରେ ଆଶା ପ୍ରକଟ କରି ଏହି ନୂତନ କର୍ମୀମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ନୂତନ ଭାବେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ଦାଶ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ୨ କରତକଳ ଉପରେ ବନ ବିଭାଗର ଚଢ଼ାଉ

ଚାରିଛକ,୧୮।୧୧(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ତୁଳସୀପୁରଠାରେ ରାଜସ୍ୱ ବିଭାଗ ମାଜିଷ୍ଟ୍ରେଟ ଓ ବନ ବିଭାଗ ମିଳିତ ଭାବେ ଦୁଇଟି କରତକଳ ଉପରେ ଶନିବାର ଚଢ଼ାଉ କରିଛି। ଚଢ଼ାଉରେ ନିମାପଡ଼ା ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ଓ ବନ ବିଭାଗର ଅସ୍ତରଙ୍ଗ-କୋଣାର୍କ ଫରେଷ୍ଟର ସୁଦର୍ଶନ ବେହୁରା, ଗୋପ ଫରେଷ୍ଟର ରମେଶ ଚନ୍ଦ୍ର ଜେନା, ବାଲୁଖଣ୍ଡର ବେଣୁଧର ବେହେରା, ବ୍ରହ୍ମଗିରି ଫରେଷ୍ଟର ରଣେଶଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ତୁଳସୀପୁର ସହିତ ନୟାହାଟ, ବାହାରଣା, ତମ୍ପାଳ, କଳାପାଞ୍ଚଣ ଆଦି ପଞ୍ଚାୟତରେ ଥିବା ୩୦ରୁ ଊର୍ଦ୍ଧ୍ୱ କରତକଳ ମଧ୍ୟରୁ ମାତ୍ର ୨ଟି କରତକଳ ଉପରେ ଚଢ଼ାଉ କରି ନିଜର ଦୋଷ ଛଡ଼ାଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ମିଲ୍ ଉପରେ ଚଢ଼ାଉ ହେବା ସୂଚନା ପାଇ କାଠମାଫିଆ ରାତିଅଧିଆ ସମସ୍ତ ଦାମୀ ମେଶିନକୁ ଜଙ୍ଗଲ ଅଳିଆ ଗଦା ଭିତରେ ଲୁଚାଇ ଦେଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ସେହି ଅଞ୍ଚଳର ୩୦ଟି ମିଲ୍ ଭିତରୁ ମାତ୍ର ୨ଟି ମିଲ୍ ଉପରେ ଚଢ଼ାଉ କରି ମେଶିନ ପରିବର୍ତ୍ତେ କେବଳ ପୁରୁଣା ଦଦରା କାଠ କାହିଁକି ଜବତ କରିଛନ୍ତି, ସେନେଇ ସାଧାରଣରେ ଆଲୋଚନା ହେଉଛି। କାଠମାଫିଆଙ୍କଠାରୁ ମୋଟା ଅଙ୍କର ଲାଞ୍ଚ ପାଇ ପୂର୍ବରୁ ବନ ବିଭାଗ କର୍ମଚାରୀମାନେ ଖବର ଦେଉଥିବା ବୁଦ୍ଧିଜୀବୀ ମହଲରେ ସମାଲୋଚନା ହେଉଛି। ଏ ଦିଗରେ ପୁରୀ ଜିଲା ଫରେଷ୍ଟ ବିଭାଗ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ରାଜ୍ୟ ବନ ବିଭାଗ, ୫-ଟି ସଚିବ, ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ଅଁଳାନବମୀ ପାଇଁ ପ୍ରଶାସନର ତତ୍ପରତା

ସାକ୍ଷୀଗୋପାଳ,୧୮।୧୧(ଭରତ ରାଉତ)

ଚଳିତ ମାସ ୨୧ ତାରିଖ ମଙ୍ଗଳବାର କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି ପବିତ୍ର ଅଁଳାନବମୀ। ମା’ ଶ୍ରୀରାଧାଙ୍କ ପାଦ ଦର୍ଶନ ଓ ଜଗଦ୍ଧାତ୍ରୀ ପୂଜା ପାଳନ ଅବସରରେ ସତ୍ୟବାଦୀର ଅନ୍ୟତମ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରରେ ଠାକୁରାଣୀ ଶ୍ରୀ ଶ୍ରୀ ରାଧାରାଣୀଙ୍କ ପାଦ ଦର୍ଶନ ଅନୁଷ୍ଠିତ ହେବ। ମା’ ରାଧାରାଣୀଙ୍କ ପାଦ ଦର୍ଶନ ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ ଥାକିଆ ବ୍ୟାରିକେଡ୍ ନିର୍ମାଣ ହୋଇଛି। ଭକ୍ତମାନେ ବ୍ୟାରିକେଡ୍ ମଧ୍ୟରେ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରିବେ। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଗଣପର୍ବ ଭାବେ ପରିଚିତ ଅଁଳାନବମୀରେ ଶ୍ରୀରାଧା ପାଦ ଦର୍ଶନ କରିବାକୁ ଓଡ଼ିଶା ତଥା ବାହାରୁ ଭକ୍ତଙ୍କ ସମାଗମ ହୋଇଥାଏ, ଯାହାକୁ ନେଇ ଚଳଚଞ୍ଚଳ ହୋଇପଡ଼ିଛି ସାକ୍ଷୀଗୋପାଳ ଅଞ୍ଚଳ। ସଜେଇ ହୋଇଛି ସାକ୍ଷୀଗୋପାଳ ମନ୍ଦିର। ଆରମ୍ଭ ହୋଇଛି ରଙ୍ଗକାର୍ଯ୍ୟ। ପ୍ରଶାସନ ପକ୍ଷରୁ ମନ୍ଦିର ଚତୁଃପାର୍ଶ୍ୱ ସଫା କରାଯିବା ସହିତ ସିଂହଦ୍ୱାର ମୁଖଶାଳା ଆଦିକୁ ରଙ୍ଗ କରାଯାଇଛି। ଶ୍ୟାମକୁଣ୍ଡ, ରାଧାକୁଣ୍ଡ ତୀର୍ଥ ପୁଷ୍କରିଣୀକୁ ମଧ୍ୟ ସଫା କରାଯାଇଛି। ତତ୍‌ସହିତ ଆଲୋକୀକରଣ, ପାନୀୟଜଳ ଯୋଗାଣ, ଖାଦ୍ୟ ବଣ୍ଟନ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମସ୍ତ ନୀତିକାନ୍ତି ସହ ରାଧାରାଣୀଙ୍କ ପାଦ ଦର୍ଶନକୁ ନେଇ ସେବାୟତ ସଂଘ ବୈଠକରେ ନୀତିକାନ୍ତି ସମ୍ବନ୍ଧୀୟ ଆଲୋଚନା କରାଯାଇଥିବା ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ସୂଚନା ଦେଇଛନ୍ତି।



ଅଁଳାନବମୀ ଓ ରାଧାପାଦ ଦର୍ଶନ ପାଇଁ ଏବେଠୁ ଚଳଚଞ୍ଚଳ ସାକ୍ଷୀଗୋପାଳ ମନ୍ଦିର ।

**ସଂକ୍ଷେପରେ**

## ଦ୍ୱିତୀୟ ପରିଚୟ ସାହିତ୍ୟ ଉତ୍ସବ ଆରମ୍ଭ

**ଭୁବନେଶ୍ୱର,୧୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ):** ତ୍ରୈମାସିକ ସାହିତ୍ୟ ପତ୍ରିକା 'ପରିଚୟ' ପକ୍ଷରୁ ୨ୟ ପରିଚୟ ସାହିତ୍ୟ ଉତ୍ସବ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରଠାରେ ଆରମ୍ଭ ହୋଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମ ବିଭୂଷଣ ଡ. ସୀତାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ସମାଜର ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ପୂର୍ବତନ ବିଧାୟକ ତଥା ଉତ୍ସବର ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମାଲୋଚକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ବ୍ରିଟେନର୍ ଆର୍ଟିଷ୍ଟ ୱିଲ୍‌ହେମିନା କ୍ୟୁନାଏର୍, ଉତ୍ସବର ଅଧ୍ୟକ୍ଷା ରୋଜାଲିନ ପାଟଶାଣୀ ଓ ମୁଖ୍ୟ ଉପଦେଷ୍ଟା ଫନି ମହାନ୍ତି ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ପରିଚୟର ନୂତନ ସଂଖ୍ୟା ଲୋକାର୍ପିତ ହୋଇଥିଲା। ଏଥିସହ ୯ଟି ଅନୁବାଦିତ ପୁସ୍ତକ ମଧ୍ୟ ଲୋକାର୍ପିତ ହୋଇଥିଲା। ପରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ କବିମାନେ କବିତା ଆବୃତ୍ତି କରିଥିଲେ। ଲେଖକୀୟ ସ୍ୱାଧୀନତାର ପରିପ୍ରକାଶ, ଅନୁବାଦ ସାହିତ୍ୟ ପ୍ରତି ମାତ୍ରାଧିକ ଗୁରୁତ୍ୱ, ଲେଖିକାଙ୍କ ରଚନାରେ ନାରୀବାଦ, ମୁଁ କାହିଁକି ଲେଖେ ଭଳି ଶୀର୍ଷକରେ ଆଲୋଚନା ଅଧିବେଶନ ହୋଇଥିଲା। ୧୨ଟି ଭାଷାରେ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ସାହିତ୍ୟିକମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ସମେତ ଅସମୀୟା, ବଙ୍ଗଳା, ଇଂଲିଶ, ହିନ୍ଦୀ, ଗୁଜରାଟୀ,ନେପାଳୀ,ମରାଠି,ସାନ୍ତାଳି, ତେଲୁଗୁ, ତାମିଲ, ଉର୍ଦ୍ଦୁ,କୁମାରିନ ଓ ଭୋଜପୁରି ଆଦି ଭାଷାରୁ ଶତାଧିକ କବି, କଥାକାର,ସମାଲୋଚକ, ଅନୁବାଦକ ଓ ଦ୍ୱିଭାଷୀ ଲେଖିକାଲେଖକମାନେ ଉତ୍ସବରେ ଯୋଗଦେଉଛନ୍ତି। ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ତଥା ତାଙ୍କ ଗ୍ରୁପ ଦ୍ୱାରା ଶାସ୍ତ୍ରୀୟ ଓ ଲୋକନୃତ୍ୟ ଉପରେ ପର୍ଯ୍ୟବସିତ ନୃତ୍ୟ 'ଅକ୍ଷରା' ପରିବେଷିତ ହୋଇଥିଲା।

## ଆୟକର ବିଭାଗର ଚଢ଼ାଉ

**ନିରାକାରପୁର,୧୮।୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ବଜାରସ୍ଥିତ ଏକ ରେଡିମେଡି ଗୋଦାମରେ ଶନିବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହା ଦେଖି ଅନ୍ୟ ବେପାରୀମାନେ ଦୋକାନ ବନ୍ଦ କରିଦେଇଥିଲେ। ତେବେ ଏ ସମ୍ପର୍କରେ ପରେ ସୂଚନା ଦିଆଯିବ ବୋଲି ଆୟକର ବିଭାଗ ଅଧିକାରୀ ବିଜୟ କୁମାର ନାୟକ କହିଛନ୍ତି।

# ଆଇନ ଉଲ୍ଲଂଘନକାରୀଙ୍କ ୮୦ ବାଇକ୍ ଜବତ





**ଟ୍ରାଫିକ୍ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ୍**

**ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)**

ରାଜାଧାନୀରେ ବାଇକ୍ ଓ କାର୍ ଚାଳକମାନେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ବିଭିନ୍ନ ସମୟରେ ପୋଲିସ ହାତରେ ଧରାପଡି ଜରିମାନା ଗଣୁଛନ୍ତି। ଏହାସତ୍ତ୍ୱେ ଅମାନିଆ ଚେତୁନାହାନ୍ତି। ଏମାନଙ୍କ ପାଇଁ ସହରର ସହରର ଟ୍ରାଫିକ୍ ଅବ୍ୟବସ୍ଥା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଏଭଳି ସ୍ଥିତିରେ ସୁଧାର ଆଣିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ଶନିବାର ଟ୍ରାଫିକ୍ ପୋଲିସ ପକ୍ଷରୁ ରଙ୍ଗ ରୁଟ୍ ଡ୍ରାଇଭିଂ ଓ ମୋଡିଫାଏଡ ସାଇଲେନ୍ସର ବିରୋଧରେ ହୋଇଥିବା ସ୍ୱତନ୍ତ୍ର ଡ୍ରାଇଭ୍‌ରେ ମୋଟ ୮୦ଟି ବାଇକ୍ ଜବତ କରାଯାଇଛି। ଭୁବନେଶ୍ୱରରେ ଥିବା ଟ୍ରାଫିକ୍ ଥାନା-୧ ଏବଂ ଟ୍ରାଫିକ୍ ଥାନା-୨ର ବିଭିନ୍ନ ଅଞ୍ଚଳରେ ଏହି ଏନଫୋର୍ସମେଣ୍ଟ ଡ୍ରାଇଭ କରାଯାଇଥିଲା। ରାଜମହଲ ଛକ, କିଟ୍ ଛକ, କସ୍ମୋପଲିସ୍ ଛକ, ଡୁମୁଡୁମା ଆଦି ପ୍ରମୁଖ ଛକରେ ଏହି ପୋଲିସ ଟିମ୍ ଯାଞ୍ଚ କରିଥିଲା। ଏହି ଡ୍ରାଇଭ୍‌ରେ ମୋଡିଫାଏଡ୍ ସାଇଲେନ୍ସର ବ୍ୟବହାର କରି ବିକଟାଳ ଶବ୍ଦ କରୁଥିବା ମୋଟ ୬ଜଣ ଧରାପଡ଼ିଥିଲେ। ସେହିଭଳି ବିପରୀତ ଦିଗରେ ବାଇକ୍ ଚଲାଇ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ୭୪ଜଣ ଧରାପଡ଼ିଥିଲେ। ତେବେ ଜବତ ହୋଇଥିବା ୮୦ ବାଇକର ମାଲିକଙ୍କ ବିରୋଧରେ ପୋଲିସ ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ପ୍ରସିକ୍ୟୁସନ୍ ରିପୋର୍ଟ (ପିଆର୍) ଦାଖଲ ହୋଇଛି। ମାଲିକମାନେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜରିମାନା ଦେଇ ସେଠାରୁ ରିଲିଜ୍ ଅର୍ଡର୍ ଆଣିବା ପରେ ସେମାନଙ୍କ ବାଇକ୍‌ଗୁଡ଼ିକୁ ପୋଲିସ ନିକଟରୁ ନେଇପାରିବେ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଗତ ୩ ଦିନ ଧରି ବାମ ପାର୍ଶ୍ୱ ମୁକ୍ତ ଗାଡି ଚାଳନା ଡ୍ରାଇଭ୍ ମଧ୍ୟ ଜାରି ରହିଛି। ଏହି ୩ଦିନରେ ମୋଟ ୧୯୯ଜଣ ଆଇନ ଉଲ୍ଲଂଘନକାରୀ କାର୍ ଓ ବାଇକ ଚାଳକଙ୍କଠୁ ଇ-ଚାଲାଣ କଟାଯାଇଛି। ବୁଧବାର ୩୦, ଗୁରୁବାର ୯୬ ଓ ଶୁକ୍ରବାର ୭୩ ଜଣଙ୍କ ଉପରେ ଏହି ଜରିମାନା ହୋଇଛି। ଏଥିସହ ଟ୍ରାଫିକ୍ ନିୟମ ମାନିବାକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି। ଏଭଳି ଡ୍ରାଇଭ୍ ଆଗକୁ ମଧ୍ୟ ଜାରି ରହିବ ବୋଲି ଭୁବନେଶ୍ୱର ଟ୍ରାଫିକ୍ ଏସିପି ଜୟନ୍ତ ଦୋରା କହିଛନ୍ତି।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



**ଭୁବନେଶ୍ୱର, ୧୮।୧୧(ଅସମାପିକା ସାହୁ)**

ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ଶନିବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ହେଉଥିବା ରୋଗୀସେବା ସମ୍ବନ୍ଧୀୟ ଅନେକ ବିକାଶମୂଳକ କାର୍ଯ୍ୟ, ଗବେଷଣା ଆଦି ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ରାଜ୍ୟପାଳ ମଧ୍ୟ ରୋଗୀସେବା ଓ ସମାଜ ପ୍ରତି ଏମ୍ସ ଭୁବନେଶ୍ୱରର ସେବା ମନୋଭାବ ଏବଂ ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ।



ବିଭୂ କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ୩୭ତମ ବାର୍ଷିକ କଳା ପ୍ରଦର୍ଶନୀକୁ କଳାପ୍ରେମୀମାନେ ବୁଲି ଦେଖୁଛନ୍ତି।

## ବି. କେ. କଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ

**ଭୁବନେଶ୍ୱର,୧୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ୩୭ତମ ବାର୍ଷିକ କଳା ପ୍ରଦର୍ଶନୀ ଶନିବାର କଳିଙ୍ଗ ଆର୍ଟ ଗ୍ୟାଲେରିରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମହାବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ସୃଜନଶୀଳତାର ଗୁଣଗାନ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବାବଦରେ ଆଲୋକପାତ କରିଥିଲେ। ୧୭୭ ଛାତ୍ରୀଛାତ୍ରଙ୍କ ୨୧୦ଟି ଚିତ୍ରକଳା ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଛି। ୨୦ଟି ଭାସ୍କର୍ଯ୍ୟ କଳା ମଧ୍ୟ ଶୋଭା ପାଉଛି। ବରିଷ୍ଠ ଶିଳ୍ପୀ ଗଜେନ୍ଦ୍ର ସାହୁ ଓ ଲଳିତକଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ଉପସ୍ଥିତ ଥିଲେ।

## ପିକକ୍ ଶିଶୁମେଳାରେ ଓଡିଶୀ ନୃତ୍ୟ, ରାଇମ୍‌ସ ପ୍ରତିଯୋଗିତା

**ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)**

ପିପୁଲ୍‌ସ କଲ୍‌ଚରାଲ ସେଣ୍ଟର (ପିକକ) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ୭ଦିନିଆ ଶିଶୁମେଳାର ଶନିବାର ଥିଲା ପଞ୍ଚମ ସନ୍ଧ୍ୟା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କୁନିକୁନି ପିଲାଙ୍କ ମଧ୍ୟରେ ଓଡିଶୀ ନୃତ୍ୟ ପ୍ରତିଯୋଗିତା। ମୁଖ୍ୟ ବିଚାରକ ଭାବେ ଡ. ସ୍ନେହପ୍ରଭା ସାମନ୍ତରାୟ, ପୁଷ୍ପିତା ମିଶ୍ର ଏବଂ ରଞ୍ଜିତା ପତି ଯୋଗଦେଇଥିଲେ। ଅତିଥି ଭାବେ ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ଜେନା, ଆତ୍ମା ଖୋର୍ଦ୍ଧାର ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶରତ କୁମାର ପରିଡା, ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ପ୍ରବୋଧ ରଥ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିକକ୍‌ର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଇମ୍‌ସ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିଶୁମେଳା କମିଟି ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ, ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଉପସ୍ଥିତ ଥିଲେ।

## 'ଆଣ୍ଟିମାଇକ୍ରୋବିୟାଲ ପ୍ରତିରୋଧୀକୁ ପ୍ରତିହତ' ଶୀର୍ଷକ ଜାତୀୟ କର୍ମଶାଳା




**ବାଲକାଟୀ,୧୮।୧୧(ମନୋଜ ମଣ୍ଡଳ)**

'ସିଫା' ଏବଂ ଆକ୍ୱା କଲ୍‌ଚରିଷ୍ଟ ଆସୋସିଏଶନର ମିଳିତ ସହଯୋଗରେ ଶନିବାର କୌଶଲ୍ୟାଗଙ୍ଗଠାରେ 'ଆଣ୍ଟିମାଇକ୍ରୋବିୟାଲ ପ୍ରତିରୋଧୀକୁ ପ୍ରତିହତ' ଶୀର୍ଷକ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଖ୍ୟାତନାମା ବକ୍ତାମାନେ ଯୋଗଦେଇ ନିଜ ନିଜର ମତଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କିମ୍ସର ଉପାଧ୍ୟକ୍ଷ ଡା. ସୁଧାଂଶୁ ପାତ୍ର ଯୋଗଦେଇ ସ୍ୱାସ୍ଥ୍ୟ ସମସ୍ୟା ଓ ଆଣ୍ଟିମାଇକ୍ରୋବିୟାଲ ପ୍ରତିରୋଧୀ ପ୍ରତିହତ କରିବାକୁ ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଇନ୍‌କ୍ଲେନ ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶକ ଡ. ମନୋଜ ଦାସ ଯୋଗଦେଇ ଆଣ୍ଟିମାଇକ୍ରୋବିୟାଲ ପ୍ରତିରୋଧୀକୁ ପ୍ରତିହତ କରିବାକୁ ଗୋଟିଏ ସପ୍ତାହ ନୁହେଁ, ବର୍ଷ ସାରା ପାଳନ କରିବାକୁ କହିଥିଲେ। ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ ସାହୁ ଉପସ୍ଥିତ ଅତିଥି, କୃଷକ ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ସିଫା ଜ୍ଞାନକୌଶଳର କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାର ସାଙ୍ଗଠନିକ ସମ୍ପାଦକ ଡ. ସୁଧାଂଶୁ ଶେଖର ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ଓ ଏହାର ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଆସୋସିଏଶନ ଅଫ୍ ଆକ୍ୱା କଲ୍‌ଚରିଷ୍ଟର ସମ୍ପାଦକ ଡ. ସତ୍ୟନାରାୟଣ ସେଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ତିନୋଟି ଅଧିବେଶନରେ ହୋଇଥିଲା। ପ୍ରଥମ ଅଧିବେଶନରେ ଡ. ଦାସ ଓ ଭୁବନେଶ୍ୱର ଏମ୍ସର ମାଇକ୍ରୋବାୟୋଲୋଜି ବିଭାଗର ପ୍ରଫେସର ଡ. ଅଶୋକ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଫ୍‌ଏଓର ଏକ୍ସପର୍ଟ ଡ. ରାଜେଶ ଭାଟିଆ, ବୈଜ୍ଞାନିକ ଡ. ପି.କେ. ପାଟିଲ, ପଥେ ପାଠଶାଳା ପ୍ରତିଷ୍ଠାତା ଡ. ବଳରାମ ସାହୁ, ଡ. ସମୀରନ ବନ୍ଦ୍ୟୋପାଧ୍ୟାୟ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ହେଲ୍‌ଥର ଭାରପ୍ରାପ୍ତ କୁଳପତି ଡ. ପ୍ରଦୀପ ପଣ୍ଡା, କିମ୍ସ ଅଣୁ ବିଜ୍ଞାନ ବିଭାଗର ଡ. ବାସନ୍ତୀ ପତି ଅଧ୍ୟକ୍ଷତା କରିଥିଲେ। ଏନ୍‌ବିଏଫ୍‌ଜିଆର୍‌ର ପ୍ରଧାନ ବୈଜ୍ଞାନିକ ଡ. ଗୌରବ ରାଠୋର, ଓଡ଼ିଶା ସରକାରଙ୍କ ପ୍ରାଣୀସମ୍ପଦ ବିଭାଗ ସହ ନିର୍ଦ୍ଦେଶକ ଡ. ବୀରକିଶୋର ପରିଡ଼ା ଓ ଡ. ଏସ୍.ଏସ୍. ମିଶ୍ର ନିଜର ମତ ରଖିଥିଲେ। ତୃତୀୟ ଅଧିବେଶନରେ ସିଫାର ପ୍ରଧାନ ବୈଜ୍ଞାନିକ ଡ. ପି. ସ୍ୱାଇଁ, ଓ ବେସିକ୍ ସାଇନ୍ସ କଲେଜର ସହକାରୀ ପ୍ରଫେସର ଡ. ରୋଜାଲିନ୍ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ୨ଶହରୁ ଊର୍ଦ୍ଧ୍ୱ ବୈଜ୍ଞାନିକ, କୃଷକ, ଉଦ୍ୟୋଗୀ ଓ ଗବେଷଣାରତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅନେକ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ଔଷଧଗୁଡ଼ିକର କାର୍ଯ୍ୟ କ୍ଷମତା ପାଇଁ ସବୁକ୍ଷେତ୍ରରୁ ସହଯୋଗ ଆଶା କରିବା ଉଦ୍ଦେଶ୍ୟରେ ଚଳିତବର୍ଷର ବିଷୟବସ୍ତୁ ରୂପେ ଏହାକୁ ଚୟନ କରାଯାଇଥିଲା।

## ହେଲ୍‌ଥ ଭିଲେ ପକ୍ଷରୁ ୱାର୍ଲ୍ଡ ନେଚରପାଥି ଡେ ପାଳିତ

**ଭୁବନେଶ୍ୱର,୧୮।୧୧**

ରାଜ୍ୟର ପ୍ରମୁଖ ତଥା ପୂର୍ବଭାରତ (ପୂର୍ବାଞ୍ଚଳ ଜୋନ) ର ଜଣାଶୁଣା ଆୟୁର୍ବେଦ ପ୍ରତିଷ୍ଠାନ (ନେଚରପାଥି ସେଣ୍ଟର) ହେଲଥ ଭିଲେ ପକ୍ଷରୁ ଶନିବାର ନେଚରପାଥି ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ ପବ୍ଲିକ ସ୍କୁଲ ପରିସରରେ ଏକ ୩ ଦିନିଆ 'ହେଲଥ ଆଣ୍ଡ ୱେଲନେସ ୱାର୍କସପ'ର ଆୟୋଜନ କରାଯାଇଛି। ଏହି ଅବସରରେ ହେଲଥ ଭିଲେର ଚେୟାରମ୍ୟାନ ଡ଼. ସତ୍ୟବ୍ରତ ମିନକେତନ ଉଭୟ ନେଚରପାଥି ଡେ ଏବଂ 'ହେଲଥ ଆଣ୍ଡ ୱେଲନେସ ୱାର୍କସପ'ର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିବାବେଳେ ହେଲଥ ଭିଲେର ମୁଖ୍ୟ ଚିକିତ୍ସକ ଏବଂ ପ୍ରାକୃତିକ ଚିକିତ୍ସା ପଦ୍ଧତିର ବିଶେଷଜ୍ଞ ଡା. ମିଲିନ୍ଦ ପରାଶର ପ୍ରାକୃତିକ ଚିକିତ୍ସାର ସଂଜ୍ଞା, ପ୍ରଣାଳୀ ଓ ପଦ୍ଧତି ବିଷୟରେ ବିସ୍ତୃତ ଆଲୋଚନା ସହିତ ପ୍ରାକୃତିକ ଚିକିତ୍ସାର ଉପକାର ଆଦି ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ଉକ୍ତ କର୍ମଶାଳାରେ ଉଭୟ ଓଡିଏମ ଏବଂ ହେଲଥ ଭିଲେର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ୩୦୦ରୁ ଅଧିକ ଲୋକ ଅଂଶ ଗ୍ରହଣ କରିଥିଲେ।

## ମନ କିଣୁଛି 'ତୁ ମୋ ସାଥିରେ'

**ଭୁବନେଶ୍ୱର,୧୮।୧୧(ଅନୁରାଧା ମହାରଣା)**

ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ପ୍ରସାରିତ ଧାରାବାହିକ 'ତୁ ମୋ ସାଥିରେ' ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିବାରେ ଲାଗିଛି। ବିଜୟ କାଣ୍ଡୋଇଙ୍କ ପ୍ରଯୋଜିତ ଓ ସରୋଜ ଦାଶ ନିର୍ଦ୍ଦେଶିତ ଏହି ଧାରାବାହିକରେ ବିବାହ ପରେ ପ୍ରେମର ନୂଆ କାହାଣୀ ଦେଖିବାକୁ ମିଳୁଛି। ବାହାଘର ପରେ ମୁଖ୍ୟ ଚରିତ୍ର ଅମ୍ବର ଓ ଧାରା ମଧ୍ୟରେ ହେଉଥିବା ପ୍ରେମ, ଝଗଡ଼ା ଓ ବୁଝାମଣାକୁ ନେଇ କାହାଣୀ ଗିତଶୀଳ ହୋଇଛି। ଧାରାବାହିକର ଖଳଚରିତ୍ର ଇନ୍ଦ୍ରାଣୀର ମୁଖା ଖୋଲିବାକୁ ଧାରା କିପରି ପ୍ରୟାସ କରୁଛି ତାହା ଦର୍ଶକଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ସୂଚନାଥାଉ କି, ଧାରାବାହିକ 'ତୁ ମୋ ସାଥିରେ' ସୋମବାରରୁ ଶୁକ୍ରବାର ସନ୍ଧ୍ୟା ୭ରେ ଜୀ-ସାର୍ଥକରେ ପ୍ରସାରିତ ହେଉଛି। ତେବେ ଏହାର ସଫଳତା ନେଇ ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି, ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ଏପରି ମନୋରଞ୍ଜନ ଜାରି ରଖିଛୁ। ଏହି ଧାରାବାହିକ ଆଗକୁ ଦର୍ଶକଙ୍କ ମନକୁ ବେଶି ଛୁଇଁବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।



ଖବରଦାତା ସମ୍ମିଳନୀରେ ଧାରାବାହିକ ସମ୍ପର୍କରେ ସୂଚନା ଦିଆଯାଉଛି।

## ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଶିଶୁ ବିଜ୍ଞାନ କଂଗ୍ରେସ




**ଭୁବନେଶ୍ୱର,୧୮।୧୧(ଅନୁରାଧା ମହାରଣା)**

ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ୩୧ତମ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ସହଯୋଗରେ ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ ବିଜ୍ଞାନୀମାନେ 'ଅଣ୍ଡରଷ୍ଟାଣ୍ଡିଂ ଇକୋସିଷ୍ଟମ୍ ଫର୍ ହେଲଥ୍ ଆଣ୍ଡ ୱେଲ୍-ବିଙ୍ଗ୍' ବିଷୟବସ୍ତୁ ଉପରେ ୨୦୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ବିଭିନ୍ନ ଜିଲାର ଶିକ୍ଷାନୁଷ୍ଠାନରୁ ଆସିଥିବା ଅଧ୍ୟାପକମାନେ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ବିଶିଷ୍ଟ ବୈଜ୍ଞାନିକ ତଥା ଓଡିଶା ଶିଶୁ ବିଜ୍ଞାନ କଂଗ୍ରେସର ଅଧ୍ୟକ୍ଷ ଡ. ରଣସିଂହ ନିର୍ମଳେନ୍ଦ୍ର ରାୟ ଏହାକୁ ଉଦ୍‌ଘାଟନ କରି କହିଲେ, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ ସହ ଗବେଷଣାତ୍ମକ କାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟି କରିବା ଶିଶୁ ବିଜ୍ଞାନ କଂଗ୍ରେସର ମୂଳ ଲକ୍ଷ୍ୟ। ସମ୍ମାନିତ ଅତିଥି ଭାବେ ଡୁନ ସ୍କୁଲର ଚେୟାରମ୍ୟାନ ଶରତ ଚନ୍ଦ୍ର ରାଉତରାୟ, ରାଜ୍ୟ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ପତି ଓ ଶିଶୁ ବିଜ୍ଞାନ କଂଗ୍ରେସର ମୁଖ୍ୟ ସଂଯୋଜିକା କବିତା ରାୟ ଯୋଗଦେଇଥିଲେ। ଯୁଗ୍ମ ସଂଯୋଜକ ସୁନିଲ କୁମାର ରଥ ସ୍ୱାଗତ ଅଭିଭାଷଣ ଓ ଡୁନ ସ୍କୁଲର ଉପାଧ୍ୟକ୍ଷ ପ୍ରଦୀପ କୁମାର ରାୟ ଧନ୍ୟବାଦ ଦେଇଥିଲେ। ଶିଶୁ ବିଜ୍ଞାନ କଂଗ୍ରେସ ସଂଗଠନର ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ ବିଚାରପତିଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲା ସ୍ତରରେ ସକ୍ରିୟ ଭାବେ କାର୍ଯ୍ୟ କରିଥିବା ୩ଜଣ କୃତି ଶିକ୍ଷକ ତଥା ବିଜ୍ଞାନ ନିରୀକ୍ଷକଙ୍କୁ ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ବିଜ୍ଞାନୀମାନେ ଭାଗ ନେଇଥିଲେ। ୨୬ଟି ଶ୍ରେଷ୍ଠ ବିବେଚିତ ବିଜ୍ଞାନ ପ୍ରକଳ୍ପ ଡିସେମ୍ବର ୨୭ରୁ ୩୧ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ବିଜ୍ଞାନ କଂଗ୍ରେସରେ ଯୋଗଦେବ। ଏଥିସହିତ ୨ଟି ଶ୍ରେଷ୍ଠ ବିବେଚିତ ବିଜ୍ଞାନ ପ୍ରକଳ୍ପ ଜାନୁଆରୀ ୩ ରୁ ୭ ଯାଏ ହେବାକୁ ଥିବା ଭାରତୀୟ ବିଜ୍ଞାନ କଂଗ୍ରେସରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ୨୫ ଆଦିବାସୀ ଶିଳ୍ପୀଙ୍କୁ ନେଇ ଜନଜାତି ଚିତ୍ରକଳା ପ୍ରଦର୍ଶନୀ

**ଭୁବନେଶ୍ୱର,୧୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

'ଜନଜାତୀୟ ଗୌରବ ଦିବସ' ପାଳନ ଅବସରରେ ଭୁବନେଶ୍ୱରସ୍ଥିତ 'ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ' (ଏସ୍‌ସିଏସ୍‌ଟିଆର୍‌ଟିଆଇ) ପକ୍ଷରୁ ଜନଜାତି ଚିତ୍ରକଳା ପ୍ରଦର୍ଶନୀର ଶୁଭାରମ୍ଭ ହୋଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ବିଶେଷ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ମଧ୍ୟ ଶନିବାର ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ଆର୍. ବାଲକ୍ରିଷ୍ଣନ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୨୫ଜଣ ଯୁବ ଆଦିବାସୀ ଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ ବୁଲି ଚିତ୍ରକଳାଗୁଡିକୁ ପ୍ରଶଂସା କରିଥିଲେ। ବିଭାଗୀୟ ସଚିବ ରୂପା ରୋଶନ ସାହୁ ଜନଜାତି ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇ ତଥା ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବି.କେ. କଲେଜ ଅଫ ଆର୍ଟସ ଆଣ୍ଡ କ୍ରାଫ୍ଟସର ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢ଼ୀ ଏବଂ ଅଧ୍ୟାପକ ମାନସ ରଞ୍ଜନ ଜେନା ଅତିଥି ଭାବେ ଯୋଗଦେଇଥିଲେ। ବି. କେ. କଲେଜ ଅଫ ଆର୍ଟସ ଆଣ୍ଡ କ୍ରାଫ୍ଟସ ଏଥିରେ ସହଯୋଗ କରିଥିଲେ। ଏହି ଅବସରରର ଜନଜାତି ଯୁବ ଚିତ୍ରଶିଳ୍ପୀମାନଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସମରେନ୍ଦ୍ର ଭୁତିଆ ପରିଚାଳନା କରିଥିଲେ। ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥଙ୍କ ସହିତ ବିଭିନ୍ନ ଅଧିକାରୀ ତଥା ଭୁବନେଶ୍ୱର ତପୋବନ ହାଇସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀ ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ସଂଗ୍ରହାଳୟ ପରିସରରେ ଖୋଲା ରହିବ।



ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# କମିଲା ଅଳଙ୍କାର ରପ୍ତାନି

## ଅକ୍ଟୋବରରେ ୧୧.୪୯% ହ୍ରାସ

ଭୁବନେଶ୍ୱର,୧୮।୧୧ (ଅଭୟ ଦାଶ)



ଗତ କିଛି ସପ୍ତାହ ହେଲା ଅନ୍ତଃରାଷ୍ଟ୍ରୀୟ ବଜାରରେ ମାନ୍ଦାବସ୍ଥା ସାଙ୍ଗକୁ ରାଜନୈତିକ ଓ ଯୁଦ୍ଧ ଭଳି ସମସ୍ୟା ଲାଗି ରହିଛି। ଏହାର ପ୍ରଭାବ ଘରୋଇ ଅଳଙ୍କାର ବଜାରର ରପ୍ତାନି ଉପରେ ପଡ଼ିଛି। ଫଳରେ ଚଳିତ ବର୍ଷ ଅକ୍ଟୋବର ମାସରେ ଦେଶର ସାମଗ୍ରିକ ରତ୍ନ ଏବଂ ଅଳଙ୍କାର ରପ୍ତାନି ୧୧.୪୯% ହ୍ରାସ ପାଇ ୨୨,୮୭୩.୧୯ କୋଟି (୨,୭୪୮.୦୧ ମିଲିୟନ ଡଲାର)ରେ ପହଞ୍ଚିଛି ବୋଲି ରତ୍ନ ଏବଂ ଅଳଙ୍କାର ରପ୍ତାନି ପ୍ରୋତ୍ସାହନ ପରିଷଦ ( ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପର୍ଟ ପ୍ରମୋଶନ କାଉନସିଲ ବା ଜିଜେଇପିସି) ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ସେହିଭଳି ଜିଜେଇପିସିର ସୂଚନା ଅନୁଯାୟୀ ୨୦୨୩ ଅକ୍ଟୋବରରେ ଭାରତର ସାମଗ୍ରିକ ରତ୍ନ ଏବଂ ଅଳଙ୍କାର ରପ୍ତାନି ୧୧.୪୯% ହ୍ରାସ ହୋଇ ୨୨,୮୭୩.୧୯ କୋଟିରେ ପହଞ୍ଚିଛି। ଏପରିକି ୨୦୨୨ ଅକ୍ଟୋବରରେ ମୋଟ ରପ୍ତାନି ୨୫,୮୪୩.୮୪ କୋଟି (୩,୧୩୪.୮୫ ମିଲିୟନ ଡଲାର) ଥିଲା। ସେହିଭଳି ୨୦୨୩ ସେପ୍ଟେମ୍ବରରେ କଟ୍ ଆଣ୍ଡ ପଲିସ୍ଡ୍ ଡାଇମଣ୍ଡ (ସିପିଡି) ରପ୍ତାନିରେ ମଧ୍ୟ ୩୨.୭୦% ହ୍ରାସ ହୋଇ ୧୦,୪୯୫.୦୬ କୋଟି (୧,୨୬୦.୯୧ ମିଲିୟନ ଡଲାର)ରେ ରହିଥିଲା ବେଳେ ୨୦୨୨ ସେପ୍ଟେମ୍ବରର କାରବାର ତୁଳନାରେ ୧୫,୫୯୪.୪୯ କୋଟି (୧,୮୯୧.୨ ମିଲିୟନ ଡଲାର) ହ୍ରାସ ପାଇଛି। ଅପରପକ୍ଷରେ ଚଳିତ ବର୍ଷ ଅକ୍ଟୋବରରେ ପଲିସ୍ ହୋଇଥିବା ଲାବ୍ ଗ୍ରାଉଣ୍ଡ ହୀରା (ଏଲଜିଡି)ର ମୋଟ ରପ୍ତାନି ୨୩.୦୧% ହ୍ରାସ ହୋଇ ୧,୧୩୫.୧୬ କୋଟି (୧୩୬.୩୮ ମିଲିୟନ ଡଲାର)ରେ ପହଞ୍ଚିଛି। ବିଶେଷକରି ୨୦୨୨ ଅକ୍ଟୋବରରେ ଏହାର ପରିମାଣ ୧,୪୭୪.୩୮ କୋଟି (୧୭୮.୭୩ ନିୟୁତ) ଥିଲା।

ଏ ସମ୍ପର୍କରେ ଜେଜିଇପିସିର ଅଧ୍ୟକ୍ଷ ଭିପୁଲ ଶାହା କହିଥିଲେ, ଚଳିତ ବର୍ଷ ଅକ୍ଟୋବରରେ ଦେଶର ସାମଗ୍ରିକ ରତ୍ନ ଏବଂ ଅଳଙ୍କାର ରପ୍ତାନି ହ୍ରାସ ପାଇଥିଲାବେଳେ ଆମେରିକା ଭଳି ପ୍ରମୁଖ ଅଳଙ୍କାର ବଜାରରେ ଚାହିଦା ହ୍ରାସ ଏବଂ ହୀରା ଯୋଗାଣରେ ସୀମିତତା ରହିଥିଲା। ଏପରିକି ଅଳଙ୍କାର ରପ୍ତାନି ପରିବହନର ମୋଟ ଅଂଶ ୫୦% ରହିଥାଏ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଚଳିତ ବର୍ଷର ଖ୍ରୀଷ୍ଟମାସ ସମୟରେ ଅଳଙ୍କାର ରପ୍ତାନି ବଜାରଗୁଡିକ ଉଠିବ ବୋଲି ଆମେ ଆଶା କରୁଛୁ। ସେହିପରି ସୁନା ଅଳଙ୍କାରର ମୋଟ ରପ୍ତାନି ୨୦୨୩ ଅକ୍ଟୋବରରେ ୩୩.୪୮% ବୃଦ୍ଧି ହୋଇ ୮,୬୧୯.୩୮କୋଟି (୧,୦୩୫.୫୪ ମିଲିୟନ ଡଲାର) ହୋଇଥିବାବେଳେ ଗତ ବର୍ଷ ଅକ୍ଟୋବରରେ ଏହାର ପରିମାଣ ୬,୪୫୭.୪୮କୋଟି (୭୮୪.୧୧ ମିଲିୟନ)ରୁ ଅଧିକ ହୋଇଥିଲା।

# ଆବଟ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୮।୧୧

ବୈଶ୍ୱିକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କମ୍ପାନୀ 'ଆବଟ୍'ର ନୂତନ ଉତ୍ପାଦ 'ପିଡିଶିଆଶ୍ୱର'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଏହାର ନ୍ୟୁଟ୍ରି-ପୁଲ୍ ସିଷ୍ଟମ ସହ ନୂତନ ପିଡିଆଶ୍ୱରର ଶୁଭାରମ୍ଭ (ବଜାର ପ୍ରବେଶ) ହୋଇଯାଇଛି। ବିଶେଷକରି ମୁଖ୍ୟ ପୋଷକତତ୍ତ୍ୱକୁ ଅବଶୋଷଣ ମାଧ୍ୟମରେ ପିଲାମାନଙ୍କ ଭିତରେ ଏକ ବୃଦ୍ଧି ହ୍ରାସ ଆରମ୍ଭ ହୋଇଥାଏ। ଏପରିକି ସୀମିତ ଅବଧି ପରେ ଏହା କ୍ଷିପ୍ର ବୃଦ୍ଧିରେ ସହାୟତା କରିବାରେ ସାହାଯ୍ୟ କରୁଥିବା ନ୍ୟୁଟ୍ରି-ପୁଲ୍ ସିଷ୍ଟମ ଭିଟାମିନ କେ୨, ଭିଟାମିନ ଡି, ଭିଟାମିନ ସି ଓ କେଶିନ ଫସପୋ ପେପଟାଇଡ୍ସ (ସିପିପି)ର ଏକ ମିଳିତ ସଂଯୋଜନା। ଏ ସମ୍ପର୍କରେ ଭାରତରେ ଆବଟ୍‌ର ପୋଷଣ ବ୍ୟବସାୟର ସାଧାରଣ ପରିଚାଳକ ଜର୍ଜ ନୀଲ କହିଥିଲେ, ଆମେ ସେବା କରୁଥିବା ଲୋକଙ୍କର ସ୍ୱାସ୍ଥ୍ୟ ଓ କଲ୍ୟାଣ ଉନ୍ନତ କରିବା ଲକ୍ଷ୍ୟରେ ବିଜ୍ଞାନ ଆଧାରିତ ପୋଷଣରେ ଗବେଷଣା ଓ ଅଭିନବତ୍ୱରେ ଆବଟ୍ ଅଗ୍ରଣୀ ରହିଆସିଛି।

# ପାହାଳରେ ଫିଲିପ୍ସ ସ୍ମାର୍ଟ ଲାଇଟ୍ ହବ୍



ଭୁବନେଶ୍ୱର,୧୮।୧୧

ଫିଲିପ୍ସ ଲାଇଟିଂ ଇଣ୍ଡିଆ ଲିମିଟେଡ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ 'ଫିଲିପ୍ସ ସ୍ମାର୍ଟ ଲାଇଟ୍ ହବ୍' ଶନିବାର ପାହାଳଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଫିଲିପ୍ସ ଲାଇଟିଂ ଇଣ୍ଡିଆ ଲିମିଟେଡ୍‌ର ସ୍ୱୀକୃତିପ୍ରାପ୍ତ ଡିଲର (ଫ୍ରାଞ୍ଚାଇଜ) ଏଡିସିଓ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଉକ୍ତ ଲାଇଟ ହବ୍‌ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଫିଲିପ୍ସ ଲାଇଟିଂ ଇଣ୍ଡିଆ ଲିମିଟେଡ୍‌ର ଆର୍‌ଏସ୍‌ଏମ୍ (ଇଷ୍ଟ) ତିର୍ଥଙ୍କର ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିସିଓ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ପ୍ରତିଷ୍ଠାତା ତଥା ଏମ୍‌ଡି ଅଭିଷେକ ଏନ୍‌ଆର୍ ନାୟକଙ୍କ ସମେତ ଉଭୟ ଫିଲିପ୍ସ ଓ ଏଡିସିଓର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଦ୍ୱୈତ ନଗରୀ ଭୁବନେଶ୍ୱର-କଟକର କାୟା ବୃଦ୍ଧି ପାଉଥିବାରୁ ଉଭୟ ସହରର ମଧ୍ୟଭାଗରେ ଏଭଳି ଏକ ଅତ୍ୟାବଶ୍ୟକ ଓ ବ୍ରାଣ୍ଡେଡ୍ ଲାଇଟ୍ ହାଉସର ପରିକଳ୍ପନା କରାଯାଇଥିଲା। ଏପରିକି ଗ୍ରାହକଙ୍କ ଚାହିଦା ଓ କମ୍ପାନୀର ଗୁଣାତ୍ମକ ଉତ୍ପାଦ ସବୁ ବର୍ଗର ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ବୋଲି ଆଉଟ୍‌ଲେଟ୍ ପକ୍ଷରୁ କୁହାଯାଇଛି।

# ଟିପିସିଓଡିଏଲ୍‌ର ଅବସରକାଳୀନ ଯୋଜନା 'ସୌହାର୍ଦ୍ଦ୍ୟ'

ଭୁବନେଶ୍ୱର,୧୮।୧୧

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ ଅବସରକାଳୀନ ଯୋଜନା 'ସୌହାର୍ଦ୍ଦ୍ୟ'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ବିଶେଷକରି ଉକ୍ତ ଯୋଜନା ଜରିଆରେ କର୍ମଚାରୀମାନେ ବେଶ୍ ଉପକୃତ ହେବା ସହିତ କର୍ମଚାରୀଙ୍କ କଲ୍ୟାଣରେ ଏକ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଏପରିକି ଏହି ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଟିପିସିଓଡିଏଲ୍ ପକ୍ଷରୁ ୨୦୨୪ ମାର୍ଚ୍ଚରେ ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ସୌହାର୍ଦ୍ଦ୍ୟ' କର୍ମଶାଳାକୁ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ସେଣ୍ଟର ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଥିଲେ, କର୍ମଚାରୀଙ୍କ କଲ୍ୟାଣ ପ୍ରତି କମ୍ପାନୀର ଅତୁଟ ପ୍ରତିବଦ୍ଧତା ଆମ ମୂଲ୍ୟବୋଧର ମୂଳମନ୍ତ୍ର ପାଲଟିଛି। ଆଜି ଆମର ବ୍ୟାପକ ଅବସରକାଳୀନ ଯୋଜନାକୁ ଉପସ୍ଥାପନ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଦୀର୍ଘସ୍ଥାୟୀ ସଫଳତା ପାଇଁ ଶ୍ରମଶକ୍ତିଙ୍କୁ ସଶକ୍ତ କରିବା ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି ଏବଂ ଉକ୍ତ କାର୍ଯ୍ୟକ୍ରମ ସେହି ବିଶ୍ୱାସର ପ୍ରତିଫଳନ ବୋଲି ଆଶା କରାଯାଉଛି। ମିଳିତ ଭାବେ ଆମେ କର୍ମଚାରୀ ଓ ସଂସ୍ଥାର ଭବିଷ୍ୟତ ଲାଗି ଏକ ଉଜ୍ଜ୍ୱଳ ଓ ଅଧିକ ସୁରକ୍ଷିତ ଭବିଷ୍ୟତ ଗଠନ କରୁଛୁ। ପରିଶେଷରେ ଲୋଟସ୍ ମିଣ୍ଟ ଆଡଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସତ୍ୟନାରାୟଣ ସାହୁଙ୍କ ସମେତ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ ଅବସର ପରବର୍ତ୍ତୀ ଆର୍ଥିକ ଯୋଜନା ଉପରେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରି ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସଶକ୍ତ କରିଥିଲେ। 'ଏକ ସୁରକ୍ଷିତ ଭବିଷ୍ୟତ ପାଇଁ କର୍ମଚାରୀଙ୍କୁ ସଶକ୍ତ କରିବା' ନାମକ ବ୍ୟାପକ ଅବସରକାଳୀନ ଯୋଜନା କାର୍ଯ୍ୟକ୍ରମ କର୍ମଚାରୀମାନଙ୍କ କଲ୍ୟାଣ ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ୩ ଦିନିଆ ଟ୍ରାଇଥନ ଟ୍ରିପ୍ଲେଟ୍ ଉଦ୍‌ଘାଟିତ




ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ଭୁବନେଶର ଚନ୍ଦ୍ରଶେଖରପୁରସ୍ଥିତ ଟ୍ରାଇଡେଣ୍ଟ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ ପୂର୍ବ ଭାରତର ବୈଷୟିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩ ଦିନିଆ ହାକାଥନ 'ଟ୍ରାଇଥନ ଟ୍ରିପ୍ଲେଟ-୨୦୨୩' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏହିପରି ବିଭିନ୍ନ ବର୍ଗରେ ୩ଟି ସମାନ୍ତରାଳ ଇଭେଣ୍ଟର ଯୋଜନା କରାଯାଇଛି। ପ୍ରଥମ ଟ୍ରାକ୍‌ଟି କେବଳ ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ଯାହାର ବିଚାର ଆଇଟି ଏବଂ ବୟୋଟେକ୍ ଶିଳ୍ପ ଶିକ୍ଷାନୁଷ୍ଠାନର ମହିଳାମାନଙ୍କ ଦ୍ୱାରା କରାଯାଉଛି। ଏପରିକି ଏହା କେବଳ ମହିଳା ଅଧ୍ୟାପିକାମାନଙ୍କ ଦ୍ୱାରା ପରିଚାଳନା କରାଯାଉଛି। ଦ୍ୱିତୀୟ ଟ୍ରାକ୍‌ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ, ରିମୋଟ ସେନ୍ସିଂ ଏବଂ ଜିଆଇଏସ୍ ଡ୍ରୋନ୍, ଡାଟା ସାଇନ୍ସ ଆନାଲିଟିକ୍ସ ଏବଂ ବାୟୋ-ମାନ୍ୟୁଫାକ୍ଚରିଂ । ବାୟୋ ପ୍ରୋସେସିଂ ଭଳି ଅଗ୍ରଣୀ ଟେକ୍ନୋଲୋଜିର ଉପଯୋଗ କରାଯିବ। ପ୍ରତିଯୋଗୀ ଦଳଗୁଡ଼ିକ ତୃତୀୟ ଟ୍ରାକ୍‌ରେ ନିରବଚ୍ଛିନ୍ନ ଭାବେ ୨୪ଘଣ୍ଟାର ପ୍ରୋଗ୍ରାମିଂ କରିବେ । ଏହି ତିନୋଟିଯାକ ଟ୍ରାକ୍‌ରେ (ଟ୍ରାଇଡେଣ୍ଟ-ଟ୍ରିପ୍ଲେଟ୍) ସମସ୍ତ ପ୍ରତିଯୋଗୀ ସେମାନଙ୍କର ପ୍ରୋଗ୍ରାମିଂ ପ୍ରସ୍ତୁତ କରିଛନ୍ତି। ଏହାର ବିଷୟବସ୍ତୁ 'ଜଳବାୟୁ ପରିବର୍ତ୍ତନର ଆହ୍ୱାନ ଏବଂ ନିରନ୍ତରତାରେ ପ୍ରଯୁକ୍ତିବିଦ୍ୟାର ହସ୍ତକ୍ଷେପ' ରଖାଯାଇଛି। ଏହି ତିନୋଟି ଟ୍ରାକ୍ ଶେଷ ହେବା ପରେ ଟ୍ରାକ୍-୧, ଟ୍ରାକ୍-୨ ଏବଂ ଟ୍ରାକ୍-୩ ପାଇଁ ପୁରସ୍କାର ରାଶି ଯଥାକ୍ରମେ ୫୦ ହଜାର ଟଙ୍କା, ୫୦ହଜାର ଟଙ୍କା ଏବଂ ୧ଲକ୍ଷ ଟଙ୍କା ରଖାଯାଇଛି । ଏହାବ୍ୟତୀତ ଏହି ତିନୋଟି ଇଭେଣ୍ଟରେ ଶ୍ରେଷ୍ଠ ୩ଜଣ ପ୍ରୋଗ୍ରାମରଙ୍କୁ ବ୍ୟକ୍ତିଗତ ଭାବେ ତିନୋଟି ପୁରସ୍କାର ପ୍ରଦାନକରାଯିବ । ପୂର୍ବ ଭାରତର ପ୍ରମୁଖ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନଗୁଡିକର ପ୍ରାୟ ୧୪୦ ଦଳ ଏହି ଟ୍ରାଇଡେଣ୍ଟ ଟ୍ରିପ୍ଲେଟ୍ ପାଇଁ ନାମ ପଞ୍ଜୀକରଣ କରିଥିଲେ । ସ୍କ୍ରିନିଂ ରାଉଣ୍ଡ ପରେ ହାକାଥନରେ ବର୍ତ୍ତମାନ ୮୦ଟି ଦଳ ତିନୋଟି ଟ୍ରାକ୍‌ରେ ଅଂଶଗ୍ରହଣ କରୁଛନ୍ତି ଯେଉଁଥିରେ ପ୍ରାୟ ୩୫୦ ଜଣ ଛାତ୍ରୀଛାତ୍ର ଅଛନ୍ତି। ୨୦ ତାରିଖ ପର୍ଯ୍ୟନ୍ତ ଟ୍ରାଇଡେଣ୍ଟ ଗ୍ରୁପ୍ ପଟିଆ ଇନ୍‌ଫୋସିଟି ସାମ୍ନା କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଚାଲିବ।

# କାନାରା ବ୍ୟାଙ୍କର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୧୮।୧୧

କାନାରା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରୁଡ୍‌ସେଟ୍ ପ୍ରତିଷ୍ଠାନରେ ବ୍ୟାଙ୍କର ୧୧୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସମାରୋହରେ ଆଞ୍ଚଳିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ପି. ଠାକୁର ନାୟକ ଏବଂ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ମେହେର କାନାରା ବ୍ୟାଙ୍କର ପ୍ରତିଷ୍ଠାତା ଆମେବାଲ ସୁବରାଓ ପାଇଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ତାଲିମାର୍ଥୀ ଯୋଗଦେଇଥିଲେ। ବ୍ୟାଙ୍କ ତରଫରୁ ଆର୍ଥିକ ଅନଗ୍ରସର ତାଲିମାର୍ଥୀମାନଙ୍କୁ ନିଃଶୁଳ୍କ ବୈଦ୍ୟୁତିକ ଉପକରଣ ଯୋଗାଇ ଦିଆଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବ୍ୟାଙ୍କର କର୍ମଚାରୀ, ବ୍ୟାଙ୍କ ମିତ୍ର , ତାଲିମାର୍ଥୀ ଯୋଗଦେଇଥିଲେ। ରୁଡଖସେଟ୍ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।

ଫୁରସତ୍

# ସ୍ୱାସ୍ଥ୍ୟ ପାଇଁ ଶୌଚାଳୟ ବ୍ୟବହାର ଅପରିହାର୍ଯ୍ୟ

## ବିଶ୍ୱ ଶୌଚାଳୟ ଦିବସ

ସୁସ୍ୱାସ୍ଥ୍ୟ ପାଇଁ ପରିଷ୍କାର ପରିଚ୍ଛନ୍ନତା ଅପରିହାର୍ଯ୍ୟ। ଏହା ସହିତ ଘର ଏବଂ ବାହ୍ୟ ପରିବେଶରେ ପରିମଳ ବ୍ୟବସ୍ଥା ଆପଣେଇବା ମଧ୍ୟ ଆବଶ୍ୟକ। ବାହାରେ ଶୌଚ ହେବା ଦ୍ୱାରା ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ। ପରିମଳ ବ୍ୟବସ୍ଥା ରୋଗ ବ୍ୟାପିବାକୁ ଦିଏ ନାହିଁ। ବାହାରେ ଶୌଚ ହେବା ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଶ୍ୱର ପ୍ରାୟ ୪୫୦ କୋଟି ଲୋକଙ୍କ ପାଇଁ ଏବେ ବି ପର୍ଯ୍ୟାପ୍ତ ସ୍ୱଚ୍ଛତା ଉପଲବ୍ଧ ନାହିଁ। ଖାଲି ସେତିକି ନୁହେଁ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତାର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଫଳସ୍ୱରୂପ, ପର୍ଯ୍ୟାବରଣ ଦୂଷିତ ହେବା ସହ ଲୋକ ବିଭିନ୍ନ ଶାରୀରିକ ସମସ୍ୟାଗ୍ରସ୍ତ ହୋଇଥାନ୍ତି।



ସେଥିମଧ୍ୟରୁ ୬୭୩ ନିୟୁତ ଲୋକ ବାହାରେ ମଳତ୍ୟାଗ କରିଥାନ୍ତି। ତେବେ ଏହାକୁ ରୋକିବା ଲାଗି ୨୦୨୦ରେ ମିଳିତ ଜାତିସଂଘ ପକ୍ଷରୁ ସ୍ଥାୟୀ ବିକାଶ ଲକ୍ଷ୍ୟ ରିପୋର୍ଟ ପ୍ରକାଶିତ ହୋଇଥିଲା। ୨୦୩୦ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି।

ତେଣୁ ଲୋକଙ୍କୁ ଶୌଚାଳୟ ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଥାଏ। ୨୦୦୧ ନଭେମ୍ବର ୧୯ରେ ପ୍ରଥମେ କୌଣସି ସ୍ୱୀକୃତି ବିନା ସିଙ୍ଗାପୁରର ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଜାତିସଂଘ ପକ୍ଷରୁ ୨୦୧୨ ନଭେମ୍ବର ୧୯ରେ ଏହି ଦିବସ ପାଳନ ଲାଗି ସ୍ୱୀକୃତି ପ୍ରଦାନ କରାଯାଇଥିଲା।ଭାରତର ୨୦୧୧ ଜନଗଣନା ଅନୁସାରେ ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି । ଏକ ତଥ୍ୟ ଅନୁସାରେ ଦୁନିଆରେ ବର୍ତ୍ତମାନ ପ୍ରତି ୩ ଜଣ ମହିଳା ମଧ୍ୟରେ ଅନ୍ତତଃ ଜଣେ ସୁରକ୍ଷିତ ଶୌଚାଳୟର ସୁବିଧା ପାଇବାରୁ ବଞ୍ଚିତ । ଖୋଲାରେ ଶୌଚ କରିବାକୁ ବାଧ୍ୟ ହେଉଥିବା ମହିଳା କିମ୍ବା ବାଳିକାମାନେ ନିଜର ସମ୍ମାନ ହାନୀ ତଥା ଯୌନ ଅପରାଧର ଶୀକାର ହେବାର ଭୟ ରହିଥାଏ । ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୧୩ ମସିହାରେ ମିଳିତ ଜାତିସଂଘ ପକ୍ଷରୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ବିଶ୍ୱ ଶୌଚାଳୟ ଦିବସ ପାଳନ କରିବାକୁ ଘୋଷଣା କରାଯାଇଥିଲା।

ବିଶ୍ୱ ଶୌଚାଳୟ ସଚେତନତା ଦିବସ ପାଳନ ଅବସରରେ ବିଶ୍ୱର ବିଭିନ୍ନ ଦେଶରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡର ଆୟୋଜନ ହୋଇଥାଏ । ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ ।

# ସ୍ୱାମୀଙ୍କଠାରୁ କ୍ୟାଟ୍ରିନା ଅଧିକ ସମ୍ପତ୍ତିର ମାଲିକାଣୀ

ମୁମ୍ବାଇ

ସାଧାରଣତଃ ସ୍ତ୍ରୀଠାରୁ ସ୍ୱାମୀଙ୍କ ଧନସମ୍ପତ୍ତି ଟିକେ ଅଧିକ ହୋଇଥାଏ। ହେଲେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ କ୍ଷେତ୍ରରେ ସେପରି ନୁହେଁ। ଏକ ରିପୋର୍ଟ ମୁତାବକ, ସ୍ୱାମୀ ଭିକ୍କି କୌଶଲଙ୍କଠାରୁ ଅଧିକ ସମ୍ପତ୍ତିର ମାଲିକାଣୀ କ୍ୟାଟ୍ରିନା ବୋଲି ଜଣାପଡ଼ିଛି। ବଲିଉଡ୍‌ରେ ସର୍ବାଧିକ ପାରିଶ୍ରମିକପ୍ରାପ୍ତ ଅଭିନେତ୍ରୀଙ୍କ ମଧ୍ୟରୁ କ୍ୟାଟ୍ରିନା ଜଣେ। ଲାଇଫ୍ ଷ୍ଟାଇଲ୍ ଏସିଆ ଅନୁଯାୟୀ, ୨୦୨୩ରେ ତାଙ୍କ ସମ୍ପୂର୍ଣ୍ଣ ସମ୍ପତ୍ତିର ମୂଲ୍ୟ ପ୍ରାୟ ୨୬୩ କୋଟି ଟଙ୍କା। କ୍ୟାଟ୍ରିନା ମାସିକ ପ୍ରାୟ ୩ କୋଟି ଟଙ୍କା ଆୟ କରିଥା'ନ୍ତି। ଗୋଟିଏ ଚଳଚ୍ଚିତ୍ର ଲାଗି ସେ ପ୍ରାୟ ୧୨ କୋଟିରୁ ଊର୍ଦ୍ଧ୍ୱ ପାରିଶ୍ରମିକ ନେଇଥାନ୍ତି। ୨୦୨୨ ମସିହାରେ ସେ ପ୍ରାୟ ୨୩୦ କୋଟିର ମାଲିକାଣୀ ଥିଲେ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, କ୍ୟାଟ୍ରିନାଙ୍କ ଆୟ ଏତେ ଅଧିକ ଥିବାବେଳେ ଭିକ୍କିଙ୍କ ସମ୍ପତ୍ତି ମାତ୍ର ୪୧ କୋଟି ଟଙ୍କା। ନିକଟରେ କ୍ୟାଟ୍ରିନାଙ୍କ 'ଟାଇଗର ୩' ଫିଲ୍ମ ରିଲିଜ୍ ହୋଇଯାଇଛି। ସେଥିରେ ସେ ଜୋୟା ଚରିତ୍ରରେ ନଜରକୁ ଆସିଛନ୍ତି। ଆଗକୁ ତାଙ୍କର ଆଉ ଏକ ଫିଲ୍ମ 'ମେରି କ୍ରିଷ୍ଟମାସ୍' ପରଦାକୁ ଆସୁଛି। ତେବେ କ୍ୟାଟ୍ରିନା ୨୦୦୩ରେ ତାଙ୍କ ଫିଲ୍ମ ଜୀବନ ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ହିଟ୍ ସିନେମା ପ୍ରଶଂସକଙ୍କୁ ଭେଟି ଦେଇ ଆସିଛନ୍ତି।



# ପୁରୁଷଙ୍କ କଲ୍ୟାଣ ଜରୁରୀ

## ଅନ୍ତର୍ଜାତୀୟ ପୁରୁଷ ଦିବସ

ପୁରୁଷମାନଙ୍କ କ୍ଷେତ୍ରରେ ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ସଚେତନତା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥାଏ। ସମାଜ, ଦେଶ ଏବଂ ପୃଥିବୀର ବିକାଶରେ ଲିଙ୍ଗଗତ ସମାନତା ଜରୁରୀ ବୋଲି ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଲିଙ୍ଗଗତ ସମାନତା ସମୟର ଆହ୍ୱାନ ବୋଲି ଏହି ଅବସରରେ ସଭିଙ୍କୁ ସଚେତନ କରାଯାଇଥାଏ।

ସମାଜ ତଥା ପରିବାରରେ ପୁରୁଷଙ୍କ ମହତ୍ତ୍ୱ ତଥା ଅବଦାନକୁ ସମ୍ମାନ ଜଣାଇ ଏହା ପାଳନ କରାଯାଏ। ଏହି ଅବସରରେ ସମାଜରେ ପୁରୁଷଙ୍କ କଲ୍ୟାଣ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଣାଯାଇଥାଏ। ଅନ୍ତର୍ଜାତୀୟ ପୁରୁଷ ଦିବସ ସମାଜରେ ପୁରୁଷଙ୍କ ସକାରାତ୍ମକ



ଭାବମୂର୍ତ୍ତିକୁ ପ୍ରତିଫଳିତ କରିଥାଏ। ସମାଜ, ସମ୍ପ୍ରଦାୟ, ପରିବାର, ବିବାହ, ଶିଶୁ ଲାଳନ ପାଳନ ଓ ସମାଜରେ ପୁରୁଷଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଇଥାଏ। ଏହି ଦିନ ସମାଜରେ ପୁରୁଷଙ୍କ ପ୍ରତି ହେଉଥିବା ଭେଦଭାବ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ପୁରୁଷ ଦିବସ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିଥାଏ। ଅନ୍ତର୍ଜାତୀୟ ପୁରୁଷ ଦିବସ ପ୍ରଥମେ ୧୯୯୯ ରେ ତ୍ରିନିଦାଦ ଓ ଟୋବାଗୋସ୍ଥିତ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡକ୍ଟର ଜେରୋମ ତିଲକସିଂଙ୍କ ଦ୍ୱାରା ତାଙ୍କ ପିତାଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ସେ ପୁରୁଷଙ୍କ ପ୍ରସଙ୍ଗ ଉଠାଇବାକୁ ଉତ୍ସାହିତ କରିଥିଲେ। ପ୍ରଥମ ଥର ପାଇଁ ୧୯ ନଭେମ୍ବର ୨୦୦୭ରେ ଭାରତରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥିଲା।

ପୁରୁଷମାନଙ୍କ ସାଂସ୍କୃତିକ, ରାଜନୈତିକ ଏବଂ ସାମାଜିକ ଆର୍ଥିକ ସମସ୍ୟାକୁ ଚିହ୍ନଟ କରି ଏହାର ନିରାକରଣ କରିବା ଅନ୍ତର୍ଜାତୀୟ ପୁରୁଷ ଦିବସର ମୁଖ୍ୟ ଲକ୍ଷ୍ୟ। ମୌଳିକ ମାନବିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ସହିତ ପୁରୁଷଙ୍କ ସମସ୍ୟା ପ୍ରତି ସଚେତନତା ସୃଷ୍ଟି ଲାଗି । ୧୯୯୨ ଫେବୃୟାରୀ ୭ରେ ଥୋମାସ ଓଷ୍ଟରଙ୍କ ଦ୍ୱାରା ଏହି ଦିବସ ଆରମ୍ଭ କରାଯାଇଥିଲା। ଏହାର ଏକ ବର୍ଷ ପୂର୍ବରୁ ୧୯୯୧ ଫେବୃୟାରୀ ୮ରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ୨୦୦୯ରେ ଏହି ଦିନଟିକୁ ନଭେମ୍ବର ୧୯ରେ ପାଳନ ଲାଗି ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ପୁରୁଷ ଦିବସରେ ଲିଙ୍ଗଗତ ସମାନତା ପାଇଁ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥାଏ। ସମାଜରେ ପୁରୁଷମାନଙ୍କ ସହିତ ଜଡ଼ିତ ଥିବା ନକାରାତ୍ମକ ଚିତ୍ର ଏବଂ କଳଙ୍କକୁ ହଟାଇବାକୁ ପ୍ରୟାସ କରାଯାଇଥାଏ। ମାତ୍ର ମିଳିତ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ ପାଇଁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ଶୂନ ପୁରୁଷ ଆତ୍ମହତ୍ୟା।

# ଘୋଡ଼ା ପାଇଁ ଫେରିଲା ବିମାନ

**ନ୍ୟୁୟର୍କ:** ଚଳିତ ମାସ ୯ ତାରିଖରେ ନ୍ୟୁୟର୍କରୁ ବେଲ୍‌ଜିୟମ୍ ଅଭିମୁଖେ ଯାଉଥିବା ଏକ ବିମାନ କିଛି ସମୟ ପରେ ପୁନଶ୍ଚ ବିମାନବନ୍ଦରକୁ ଫେରିଆସିଥିବା ଜଣାପଡ଼ିଛି। ବୋଇଂ ୭୪୭ କାର୍ଗୋ ବିମାନ ଟେକଅଫ୍‌ର ୩୦ ମିନିଟ୍ ମଧ୍ୟରେ ଏପରି ଏକ ଘଟଣା ଘଟିଥିଲା, ଯାହାଫଳରେ ବିମାନକୁ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। ଯେତେବେଳେ ବିମାନଟି ୩୧ ହଜାର ଫୁଟ ଉପରକୁ ଉଠି ଆଟ୍‌ଲାଣ୍ଟିକ୍ ମହାସାଗର ଉପରେ ଉଡୁଥିଲା ସେତେବେଳେ ବିମାନ ଭିତରେ ଥିବା ଏକ ଘୋଡ଼ା ତା' ବନ୍ଧନରୁ ମୁକ୍ତ ହୋଇଯାଇଥିଲା। ବିମାନ ମଧ୍ୟରେ ଘୋଡ଼ାକୁ ଆୟତ୍ତ କରିବା ସମ୍ଭବ ହୋଇପାରି ନ ଥିଲା। ଘୋଡ଼ାଟି ସମସ୍ତଙ୍କ ଆୟତ୍ତରୁ ବାହାରିଯାଇ ସେଠାରୁ ପଳାୟନ ପାଇଁ ଉଦ୍ୟମ ଚଳାଇଥିଲା। ପାଇଲଟ୍‌ଙ୍କ କହିବା କଥା, ଏପରି ସ୍ଥଳେ ବିମାନ ଚଳାଇବାରେ କୌଣସି ଅସୁବିଧା ନ ଥିଲା। ହେଲେ ସେମାନେ ଘୋଡ଼ାକୁ ନିଜ ଆୟତ୍ତକୁ ନେଇପାରୁ ନ ଥିଲେ, ଯାହା ନିତାନ୍ତ ଜରୁରୀ ଥିଲା। ସେଥିପାଇଁ ତାଙ୍କୁ ବିମାନଟିକୁ ନ୍ୟୁୟର୍କ ଫେରାଇବାକୁ ପଡ଼ିଥିଲା। ତେବେ ଘୋଡ଼ାଟି ମୁକ୍ତ ଥିବା ଏବଂ ବିମାନର ସଫଳ ଅବତରଣ ପାଇଁ ନ୍ୟୁୟର୍କକୁ ଫେରିବା ପୂର୍ବରୁ ୨୦ ଟନ୍ ଇନ୍ଧନ ପକାଇବାକୁ ପଡ଼ିଥିଲା। ଏହାପରେ ଘୋଡ଼ା ପାଇଁ ଜଣେ ଚିକିତ୍ସକଙ୍କୁ ଡକାଯାଇ ତା'ର ଚିକିତ୍ସା କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡି ମାଲକାନଗିରି ଜିଲା କମିଟି ପୁନର୍ଗଠିତ

## ମୁକୁନ୍ଦ ସୋଡି ଉପଦେଷ୍ଟା

ଭୁବନେଶ୍ୱର,୧୮।୧୧(ଅନିଲଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ମାଲକାନଗିରି ଜିଲା କମିଟି ପୁନର୍ଗଠନ କରାଯାଇଛି। ଏହି କମିଟିରେ ମୁକୁନ୍ଦ ସୋଡ଼ିଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୀମାଞ୍ଚଳ ପ୍ରଧାନ, ସୁରେନ୍ଦ୍ର ନାଥ ରଥ ଏବଂ ମନୀନ୍ଦ୍ରନାଥ ଗୋଲଦାରଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଶୁଭ୍ରାଂଶୁ ଶେଖର ସାହୁ ଏବଂ ବିଜୟକ୍ରିଷ୍ଣ ଦାସଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପ ବିଶ୍ୱାସ, କ୍ରିଷ୍ଣପଦ ମଣ୍ଡଳ, ଇନ୍ଦୁ ମାଧବ ସରଦାର, ରବି ମେସାକ ମାଦ୍ରି, ପି. ପ୍ରସାଦ ରାଓ, ହରିବନ୍ଧୁ ହନ୍ତାଲ, ତୁଳସୀ ଦଳାଇ ଏବଂ କୁନୁ ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମାଥିଲି ବ୍ଲକ ସଭାପତି ଭାବେ ବିଦ୍ୟା ପୂଜାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସୁକର ମୁଦୁଲିଙ୍କୁ ଚିତ୍ରକୋଣ୍ଡା ବ୍ଲକର କାର୍ଯ୍ୟକାରୀ ସଭାପତି ଓ ବିଶ୍ୱନାଥ ରେଞ୍ଜୀଙ୍କୁ କାଲିମେଲା ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଜୟପୁରସ୍ଥିତ ସବାଇ ମାନସିଂ ହସ୍ପିଟାଲରେ ଆହତ ସରକାରୀ ଅଧିକାରୀ ହର୍ଷଦିପାଟି ବାଲ୍ମୀକିଙ୍କୁ ସାକ୍ଷାତକରି ଫେରୁଛନ୍ତି।

# ଆଦିତ୍ୟ ଠାକ୍‌ରେଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧୮।୧୧

ପ୍ରଶାସନର ଅନୁମତି ନ ନେଇ ମୁମ୍ବାଇର ଲୋୟର ପାରେଲ୍ ଅଞ୍ଚଳରେ ଏକ ବ୍ରିଜ୍ ଉଦ୍‌ଘାଟନ କରିବା ଅଭିଯୋଗରେ ଶିବସେନା(ୟୁବିଟି) ବିଧାୟକ ଆଦିତ୍ୟ ଠାକ୍‌ରେ ଓ ଅନ୍ୟ କେତେଜଣଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଆଦିତ୍ୟ କହିଛନ୍ତି, ବ୍ରିଜ୍ ନିର୍ମାଣ କାର୍ଯ୍ୟ ୨ ସପ୍ତାହ ପୂର୍ବରୁ ଶେଷ ହୋଇଥିଲେ ହେଁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପାଖରେ ସମୟ ନ ଥିବାରୁ ଏହା ସର୍ବସାଧାରଣଙ୍କ ପାଇଁ ଉଦ୍‌ଘାଟନ ହୋଇପାରୁ ନ ଥିଲା। ଆଦିତ୍ୟଙ୍କ ସହ ଶିବସେନା (ୟୁବିଟି) ବିଧାନ ପରିଷଦ ସଦସ୍ୟ ସଚିନ ଅହିର, ସୁନୀଲ ଶିନ୍ଦେ, ପୂର୍ବତନ ମେୟର କିଶୋରୀ ପେଡନେକର ଏବଂ ସ୍ନେହାଲ ଆମ୍ବେକର ଓ ୧୫ରୁ ୨୦ ଜଣ ଦଳୀୟ କର୍ମୀ ଗୁରୁବାର ରାତିରେ ଡେଲିସ୍ଲ ବ୍ରିଜ୍‌ର ଦ୍ୱିତୀୟ କ୍ୟାରେଜ୍‌ୱେକୁ ଉଦ୍‌ଘାଟନ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଜେଡିରେ ଭାଜପା ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର,୧୮।୧୧
(ଅନିଲ ଦାସ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀର ୨୦୧୪ ଏବଂ ୨୦୧୯ର ଭାଜପା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ ଶନିବାର ଶତାଧିକ ଭାଜପା କର୍ମୀ ଓ ସମର୍ଥକଙ୍କ ସହ ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା କର୍ମୀଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ। ବଜେଡିରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ପାଟଣା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ମଙ୍ଗରାଜ କହିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଭାଜପା ନେତା ଭବାନୀ କହିଛନ୍ତି, ଭାଜପାରେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଥିଲେ ମଧ୍ୟ ଆମ୍ଭମାନଙ୍କୁ ସର୍ବଦା ଅଣଦେଖା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,ଏମ୍‌ପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଭାଜପା ମଣ୍ଡଳ ସଭାପତି ଈଶ୍ୱର ଚନ୍ଦ୍ର ନାଏକ, ଅଖିଳ ଭାରତୀୟ ଗୋଣ୍ଡୱାନା ମହାସଭା ସଭାପତି ଚନ୍ଦ୍ର ମୋହନ ନାଏକ, ଆର୍‌ଏସ୍‌ପି ଭାରତୀୟ ମଜଦୁର ସଂଘ ସମ୍ପାଦକ ରବୀନ୍ଦ୍ର ନାଏକ, ସାହାରପଡ଼ା ପୂର୍ବତନ ସରପଞ୍ଚ ପାର୍ବତୀ ହୋ, ସାଉଁଟି ସମାଜର ଉପସଭାପତି ତାରାମଣୀ ନାୟକ, ଜୁଆଙ୍ଗ ସାଂସ୍କୃତିକ ସମାଜର ସମ୍ପାଦକ ଚିନ୍ତାମଣି ଜୁଆଙ୍ଗଙ୍କ ସମେତ ବହୁ ନେତା ବିଜେଡିରେ ଯୋଗ ଦେଇଛନ୍ତି।

# ସୁରେଶ ମହାପାତ୍ରଙ୍କୁ ବିରୋଧ ଭାଜପାର ଭୟକୁ ପଦାରେ ପକାଇଛି: ବିଜେଡି

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଈପ୍ସିତା ସାହୁ

ଜଣେ ଦକ୍ଷ ଏବଂ କର୍ତ୍ତବ୍ୟନିଷ୍ଠ ଅଧିକାରୀ ସୁରେଶ ମହାପାତ୍ରଙ୍କ ନୂଆ ନିଯୁକ୍ତି ନେଇ ଭାଜପା ନେତାଙ୍କ ମନରେ ଥିବା ଭୟକୁ ପ୍ରମାଣିତ କରୁଛି। ଖାଲି ଏତିକି ନୁହେଁ, ସତ୍ୟବ୍ରତ ପଣ୍ଡା ପରୋକ୍ଷରେ କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ସହିତ କାଠଗଡ଼ାରେ ଛିଡା କରାଇ ଦେଇଥିବା ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି। ଶନିବାର ଶଙ୍ଖଭବନଠାରେ ଖବରଦାତାମାନଙ୍କୁ ସେ କହିଛନ୍ତି, ତଲାବିରା ବିଦ୍ୟୁତ୍ ପ୍ରକଳ୍ପ ନେଇ ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଉଠାଇଥିବା ପ୍ରସଙ୍ଗ ପ୍ରମାଣିତ କରୁଛି ଯେ ତାଙ୍କ ମୁଣ୍ଡରେ ସାମାନ୍ୟ ବୁଦ୍ଧି ନାହିଁ। ଅତ୍ୟନ୍ତ ପିଲାଳିଆମି ଭାବେ ଖବରଦାତା ସମ୍ମିଳନୀ କରି ଟିଭିରେ ମୁହଁ ଦେଖାଇବାର ଉତ୍ସୁକତା ପାଇଁ ସେ ଲୋକହସା ହେଉଛନ୍ତି। ସତକଥା ହେଲା, ଦେଶର ଅନେକ ରାଜ୍ୟକୁ ଓଡ଼ିଶା ବିଜୁଳି ଯୋଗାଉଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଏ ଦିଗରେ ପଦକ୍ଷେପ ନେଇଥାଏ। ଏଥିରେ ଓଡ଼ିଶାର ନିଜସ୍ୱ ନିଷ୍ପତ୍ତି କିଛି ନ ଥାଏ।

ସେହିଭଳି କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ମୁଖ୍ୟ ଶାସନ ସଚିବ ପଦବୀରେ ସୁରେଶଙ୍କ କାର୍ଯ୍ୟକାଳ ଅବଧି ୨ ଥର ବୃଦ୍ଧି ହୋଇଥିଲା। ହେଲେ ଟିଭିରେ ମୁହଁ ଦେଖାଇବା ଲାଳସାରେ ଭାଜପା ପ୍ରବକ୍ତା ନିଜ ଦଳର ସରକାରକୁ କାଠଗଡ଼ାରେ ଠିଆ କରାଇଛନ୍ତି। ଲାଗୁଛି ବୟସାଧିକ୍ୟ କାରଣରୁ ତାଙ୍କ ମୁଣ୍ଡ କାମ କରିବା ବନ୍ଦକରି ଦେଇଛି। କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିବାରୁ ଏବଂ ଅତୀତର ନିଷ୍ପତ୍ତିକୁ ସମାଲୋଚନା କରି ପ୍ରଶ୍ନଚିହ୍ନ ଠିଆ କରିଥିବାରୁ ତୁରନ୍ତ ଭାଜପା ରାଜ୍ୟ ସଭାପତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଆଉ ପଣ୍ଡାଙ୍କୁ କୌଣସି ଭଲ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ପାଇଁ ପରାମର୍ଶ ଦିଅନ୍ତୁ ବୋଲି ଈପ୍ସିତା କହିଛନ୍ତି।

# ଭାଜପାର ବିକ୍ଷୋଭ ବେଳେ ଭଙ୍ଗାରୁଜା

ପାଲଲହଡ଼ା,୧୮।୧୧
(ଦିବ୍ୟଜ୍ୟୋତି ଦାଶ)



ପାଲଲହଡ଼ା ବିଡିଓଙ୍କ କାର୍ଯ୍ୟାଳୟରେ ଉତ୍ତେଜନା।

ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଶନିବାର ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭାଜପା କର୍ମୀମାନେ ବିଡିଓଙ୍କୁ ନ ପାଇ କାର୍ଯ୍ୟାଳୟକୁ ଧସେଇ ପଶିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ମୁଖ୍ୟ କବାଟ ଏବଂ କେତୋଟି ଚୌକିକୁ କର୍ମୀମାନେ ଭଙ୍ଗାରୁଜା କରିଥିଲେ।

ସୂଚନା ଅନୁଯାୟୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଏବଂ ବରିଷ୍ଠ ନେତା ଲିଙ୍ଗରାଜ ଦାସଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। ପରେ ନେତା ଏବଂ କର୍ମୀମାନେ ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ବିଡିଓ ଦିଲୀପ କୁମାର ବାରା କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ କାର୍ଯ୍ୟାଳୟକୁ ପଶି ଭଙ୍ଗାରୁଜା କରିଥିଲେ। ପରେ ପାଲଲହଡ଼ା ଥାନା ଅଧିକାରୀ ଓ ଭାଜପାର ବରିଷ୍ଠ ନେତୃବୃନ୍ଦଙ୍କ ପ୍ରଚେଷ୍ଟାରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହାପରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ କର୍ମୀମାନେ ଯାଇଥିଲେ ମାତ୍ର ମଧ୍ୟାହ୍ନ ବିରତି ପାଇଁ ଉପଜିଲାପାଳ କାର୍ଯ୍ୟାଳୟରେ ନ ଥିବାରୁ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିଲେ। ପରେ ଉପଜିଲାପାଳ ସୁଶାନ୍ତ ପତି ପୋଲିସ ପ୍ରଶାସନ ସହାୟତାରେ ଦାବିପତ୍ର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ବିଡିଓ ବାରା କହିଛନ୍ତି, ସରକାରୀ କାର୍ଯ୍ୟରେ ଭୁବନେଶରରେ ଅଛି। ଭାଜପାର ଦାବିପତ୍ର ପ୍ରଦାନ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଭଙ୍ଗାରୁଜା ବିଷୟରେ ଉପଜିଲାପାଳଙ୍କ ସହିତ ପରାମର୍ଶ କରି ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

# ଭାଜପାରୁ ଇସ୍ତଫା ଦେଲେ ତ୍ରିପୁରାରୀ



ତ୍ରିପୁରାରୀ ଗରଡ଼ା

କୋରାପୁଟ,୧୮।୧୧
(ଅମିତାଭ ବେହେରା)

ଭାଜପାରୁ ଶନିବାର ଇସ୍ତଫା ଦେଇଛନ୍ତି ତ୍ରିପୁରାରୀ ଗରଡା । ତାଙ୍କ ଇସ୍ତଫାପତ୍ର ଦଳର ଜିଲା ସଭାପତି ଓ ରାଜ୍ୟ ସଭାପତିଙ୍କ ନିକଟକୁ ସେ ପଠାଇଥିବା ଶନିବାର କୋରାପୁଟ ପ୍ରେସ୍ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ପୂର୍ବରୁ ତ୍ରିପୁରାରୀ ବିଜେଡିରେ ଥିବାବେଳେ କୌଣସି କାରଣରୁ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ କୋରାପୁଟ ନିର୍ବାଚନ ମଣ୍ଡଳୀରୁ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇ ୩୩୫୦୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ୨୦୨୪ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କୋରାପୁଟ ବିଧାନସଭା ଆସନ ପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ବିଜେଡିରୁ ରଘୁରାମ ମାଛ ବହିଷ୍କୃତ ହେବା ପରେ ସେ ତାଙ୍କର ଶତାଧିକ ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ଭାଜପାରେ ଯୋଗଦେଇଥିଲେ। ଏହାର ସପ୍ତାହେ ନ ପୂରୁଣୁ ଗରଡା ଭାଜପାରୁ ଇସ୍ତଫା ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।


# Classified Everyday

0674-2580101, 2549949



GROOM WANTED

ବୟସ 30 Private School ଚାକିରି, କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ, 8984072499. D-75307



AUTOMOBILE

HIRE

Wanted running condition Tata AC Vehicle or running Jeep and one running concrete Mixture Machine with Crane. 7809525452. D-75058



REAL ESTATE

SALE

2 Gunth land sale prime area Banamali Prasad, Dhenkanal Town. Contact: 9658877226, 9861254667. D-73786

**Jagannath Nagar (Jharapada), Mahadev Nagar, Lane 1 Gharabari total Boundary, plot 2200sqft, out house, boring, @ 3500 per sqft. 8249502453, 9348299825.** D-1825

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛଡାବର-500/-, ନଖରା SC/Gen plot-300/-. 7978663279. D-75268

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75265

**Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.** D-75264

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

ସୁନ୍ଦରପଦା, କୁହା **Petrol Pumpରୁ 800 mtr.** ଦୂରତାରେ **30ft. road,** ଘରବାରି ପ୍ଲଟ୍ ମିଳୁଅଛି। **7978676652.** D-75266

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789

GENERAL SALE

One running DTP & Photocopy unit at Bhubaneswar to be sold out. Interested parties may contact 8249938067. D-1830




**Newly healthcare benefited SPA experience therapist in Bhubaneswar. Contact: 9938843929.** D-75167

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

ମୁଁ ଜୁଲି ବେହେରା, ପିତା: ଗଣେଶ ବେହେରା, ଘର ଠିକଣା: ଭାପୁର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୨୧୦୩, ଆଧାର ନଂ.- XXXXXXXX୬୦୪୪ ଅନୁଯାୟୀ ଘୋଷଣା କରୁଅଛି କି, ଜୁଲି ବେହେରା ଯିଏ ଜୁଲି ଦାସ ସିଏ। ତେଣୁକରି ମୋର ନାମ ଜୁଲି ଦାସ ଭାବରେ ସମସ୍ତ କାର୍ଯ୍ୟରେ ବ୍ୟବହାର କରାଯିବ। ଧ-୭୫୦୫୯

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ବ୍ରେକ୍ଅପ୍



**ଯେ**ବେ ମଣିଷ କାହାକୁ ହୃଦୟରୁ ଭଲପାଏ, ସେ ତାକୁ ଜୀବନସାଥୀ ଭାବେ ସବୁବେଳେ ନିଜର କରିବାର ସ୍ୱପ୍ନ ଦେଖେ। ହେଲେ ଯେବେ ସେହି ସ୍ୱପ୍ନର ମଣିଷ କୌଣସି କାରଣରୁ ଛାଡ଼ି ଚାଲିଯାଏ ବା ଉଭୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଏ (ବ୍ରେକ୍ଅପ୍), ସେତେବେଳେ ମନକୁ ସମ୍ଭାଳିବା କଷ୍ଟ ହୋଇପଡ଼େ। ବିଶେଷକରି ଯେବେ ବହୁତ ଭଲ ପାଉଥିବା ମଣିଷ ଅନ୍ୟ କାହା ପାଇଁ ଧୋକାଦିଏ, ସେତେବେଳେ ପ୍ରେମୀଜଣଙ୍କ ଡିପ୍ରେଶନ୍‌କୁ ଚାଲିଯାଏ। ସେ ଏହି ଦୁଃଖ ସମ୍ଭାଳି ନ ପାରି ସବୁବେଳେ ଉଦାସ ରହିବା ଦ୍ୱାରା ନିଜ ପାଠପଢ଼ା, ଜବ୍ ଆଦି ସହ ପରିବାରକୁ ବି ଅବହେଳା କରିବସେ। କେବଳ ଏତିକି ନୁହେଁ, କେହି କେହି ଏଭଳି ପରିସ୍ଥିତିରେ ମାନସିକସ୍ତରରେ ଏତେ ଦୁର୍ବଳ ହୋଇପଡ଼ନ୍ତି ଯେ, ଆତ୍ମହତ୍ୟା କରିବାକୁ ପଛାନ୍ତି ନାହିଁ। ହେଲେ ବ୍ରେକ୍ଅପ୍ ପରେ ଏସବୁ ଭୁଲ୍ ନିଷ୍ପତ୍ତି ନେଇ ନିଜ ସହ ପରିବାରକୁ କଷ୍ଟ ଦେବା ବଦଳରେ କେତେକ ଉପାୟ ଆପଣେଇଲେ ଏହି କଷ୍ଟରୁ ଶୀଘ୍ର ମୁକୁଳି ପୁଣି ମାନସିକସ୍ତରରେ ଦୃଢ଼ ହୋଇ ଆଗକୁ ବଢ଼ିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

**ପ୍ରେମରେ ହୁଅନ୍ତୁନି ଅନ୍ଧ:** ପ୍ରେମ ନିଶ୍ଚିତ ଭାବେ ଏକ ପବିତ୍ର ଓ ମଧୁର ସମ୍ପର୍କ, ଯାହାକୁ ସାରା ଜୀବନ ଅତୁଟ ରଖିବାକୁ ମଣିଷ କିଛି ବି କରିପାରେ। ହେଲେ ବର୍ତ୍ତମାନ ପ୍ରେମୀ ଯୋଡ଼ିଙ୍କ ମଧ୍ୟରୁ ମାତ୍ର କେତେକ ଯୋଡ଼ିଙ୍କ ସମ୍ପର୍କ ସାରା ଜୀବନ ଅତୁଟ ରହିପାରୁଛି। କାରଣ ଆଜିକାଲି ଅନେକ ଯୁବତୀ ଯୁବକଙ୍କ ପାଇଁ ଯେମିତି ଏହା ପାଲଟିଛି ସ୍ୱାର୍ଥହାସଲର ଏକ ମାଧ୍ୟମ। ସେମାନଙ୍କ ପାଇଁ ସମ୍ପର୍କ ଯୋଡ଼ିବାକୁ ଯେତିକି ସମୟ ନ ଲାଗୁଛି, ସ୍ୱାର୍ଥହାସଲ ପରେ ବ୍ରେକ୍ଅପ୍ ପାଇଁ ତା'ଠାରୁ କମ୍ ସମୟ ଲାଗୁଛି। ହେଲେ ଏହା ଯେ ଅନ୍ୟ ଜଣଙ୍କୁ ମାନସିକସ୍ତରରେ କେତେ କଷ୍ଟ ଦେଉଛି, ସେଥିପାଇଁ ସେମାନଙ୍କର ପରବାୟ ନାହିଁ। ଏମିତିକି ଏହି ଦୁଃଖରେ ଅନେକ ଆତ୍ମହତ୍ୟା ଭଳି ଘଟଣା ବି ବୃଦ୍ଧି ପାଉଛି। ତେଣୁ ମନେରଖନ୍ତୁ, ଯଦି ଭଲପାଇବା ପ୍ରକୃତ ହୋଇଥାଏ ; ତେବେ ବ୍ରେକ୍ଅପ୍ ହୋଇ ନ ଥାଏ। ଆଉ ଯଦି ବ୍ରେକ୍ଅପ୍ ହୁଏ ଏବଂ ଭଲପାଉଥିବା ମଣିଷଠାରେ ଆପଣଙ୍କୁ ହରାଇବାର ଦୁଃଖ ନ ଥାଏ, ତେବେ ବୁଝିନିଅନ୍ତୁ ଏହା ଏକ ଛଳନା ଥିଲା। ଏଥିରେ ଦୁଃଖ ପ୍ରକାଶ କରି ନିଜକୁ କଷ୍ଟ ଦେବା କିମ୍ବା କୌଣସି ଭଲ ନିଷ୍ପତ୍ତି ନେଇଯିବା ବଦଳରେ ମାନସିକସ୍ତରରେ ଦୃଢ଼ ହୋଇ ନିଜ ପରିବାର ଓ ସାଙ୍ଗସାଥୀଙ୍କ ସହ ସମୟ ବିତାନ୍ତୁ, ଦେଖିବେ ଖୁବ୍‌ଶୀଘ୍ର ନିଜକୁ ସମ୍ଭାଳିନେବା ସହଜ ହୋଇଯିବ।

**ପ୍ରେମ ଏକ ଏଭଳି ସମ୍ପର୍କ, ଯାହାକି ଦୁଇ ଅଚିହ୍ନା ମଣିଷଙ୍କୁ ବି ଏକାଠି କରିପାରେ। ଏହି ନିଃସ୍ୱାର୍ଥପର ଶାଶ୍ୱତ ସମ୍ପର୍କ ଦୁଇ ହୃଦୟକୁ ଏକ ସୂତ୍ରରେ ବାନ୍ଧିରଖେ । ଏହି ସମ୍ପର୍କରେ କେବେ ଭଲପାଇବା ତ ଆଉ ପୁଣି କେବେ ରାଗ, ରୁଷା, ଅଭିମାନ ବି ଥାଏ। ହେଲେ ଏଥିରେ ଯେବେ ସ୍ୱାର୍ଥ ଓ ଛଳନା ଆସେ, ସେଇଠୁ ଆରମ୍ଭ ହୁଏ ମନାନ୍ତର। ଆଉ ସେଇଠୁ ଭାଙ୍ଗିଯାଏ ସମ୍ପର୍କ ବା ହୁଏ ବ୍ରେକ୍ଅପ୍, ଯାହାକି ପ୍ରକୃତରେ ଭଲପାଉଥିବା ମଣିଷକୁ ମାନସିକସ୍ତରରେ କରିଦିଏ ଦୁର୍ବଳ...**







**ଚାପି ରଖନ୍ତୁନି କଷ୍ଟ:** ନିଜ କଷ୍ଟ ଓ ଭାବନାକୁ ଭିତରେ ଚାପି ରଖି ଏକା ଏକା କାନ୍ଦିବା ଭଳି ଭୁଲ୍ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ମନ ଉଦାସ ରହିଥାଏ। ତେଣୁ ମନର ସବୁ କଷ୍ଟ, ଭଲ ମନ୍ଦ କଥା, ଅନୁଭବ ଆଦିକୁ ଅନ୍ୟ ଆଗରେ ବା କୌଣସି ବିଶ୍ୱସ୍ତଙ୍କ ଆଗରେ ପ୍ରକାଶ କରନ୍ତୁ । ଏହାଦ୍ୱାରା ନା କେବଳ ଆପଣ ମାନସିକ ସ୍ତରରେ ହାଲୁକା ଅନୁଭବ କରିବେ ବରଂ ଡିପ୍ରେଶନ୍‌ରେ ଯାଇ ଆତ୍ମହତ୍ୟା ଭଳି ନକାରାତ୍ମକ ଚିନ୍ତାରୁ ଦୂରେଇପାରିବେ।

**ଇମୋଶନାଲ୍ ସପୋର୍ଟ:** ଯେବେ ଭଲପାଇବାର ସମ୍ପର୍କ ଭାଙ୍ଗେ ମାନସିକ ଯନ୍ତ୍ରଣା ବଢ଼ିଯାଏ, ଯାହାକୁ ଦୂର କରିବା ଲାଗି ନିହାତି ଜରୁରୀ ହୋଇପଡ଼େ ଇମୋଶନାଲ ସପୋର୍ଟ। ଆଉ ଏଥିପାଇଁ ନିଜ ଅଭିଭାବକ କିମ୍ବା ପରିବାର ସଦସ୍ୟ ଏବଂ ବେଷ୍ଟ ଫ୍ରେଣ୍ଡ୍‌ଙ୍କଠାରୁ ଭଲ ଆଉ କିଏ ବା ହୋଇପାରନ୍ତି ! ତେଣୁ ସେମାନେ ହିଁ ଆପଣଙ୍କୁ ଏହି ପରିସ୍ଥିତିରୁ ମୁକୁଳି ନିଜକୁ ଦୃଢ଼ କରିବା ଲାଗି ଇମୋଶନାଲ୍ ସପୋର୍ଟ ଦେଇପାରିବେ ଏବଂ ନିଜ କର୍ମପଥରେ ଆଗେଇ ସଫଳ ବ୍ୟକ୍ତିତ୍ୱ ହେବା ଦିଗରେ ସେମାନେ ହିଁ ପ୍ରେରଣା ଯୋଗାଇପାରିବେ।

**ନିଜ ପ୍ରତି ଧ୍ୟାନ ଦିଅନ୍ତୁ:** ପ୍ରେମ ହିଁ ସବୁକିଛି। ତା' ବିନା ଜୀବନ ଅଧୁରା। ଜଣେ ଛାଡ଼ିଗଲେ ସବୁକିଛି ଚାଲିଗଲା ଏସବୁ ଭାବନା ଦୂର କରନ୍ତୁ। ଗୋଟିଏ ଘରେ ଏକାକୀ ବସି ନ ରହି ସମସ୍ତଙ୍କ ସହ କଥା ହୁଅନ୍ତୁ। ଠିକ୍ ସମୟରେ ଖାଆନ୍ତୁ, ରାତିରେ ଅନିଦ୍ରା ନ ରହି ଠିକ୍ ଭାବେ ଶୁଅନ୍ତୁ। ଏହାଦ୍ୱାରା ଶରୀର ସୁସ୍ଥ ରହିପାରିବ।

**ଆବଶ୍ୟକ ଟ୍ରିଟ୍‌ମେଣ୍ଟ:** ଏହିସବୁ ପରେ ବି ଯଦି ଆପଣ ନିଜକୁ ମାନସିକ ସ୍ତରରେ ଦୁର୍ବଳ ମନେକରୁଛନ୍ତି କିମ୍ବା ହାର୍ଟବ୍ରେକ୍ କଷ୍ଟରୁ ମୁକୁଳି ନ ପାରି ଡିପ୍ରେଶ୍ ରହୁଛନ୍ତି, ତେବେ ଆଦୌ ବିଳମ୍ବ ନ କରି କୌଣସି ମାନସିକ ରୋଗ ବିଶେଷଜ୍ଞ, ଥେରାପିଷ୍ଟ, ରିଲେଶନ୍‌ଶିପ୍ କାଉନ୍‌ସିଲର୍‌ଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ଉପାୟ ଫଲୋ କଲେ ଶୀଘ୍ର ଏହି କଷ୍ଟରୁ ମୁକୁଳି ଆସି ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଫିଟ୍ ଏବଂ ଖୁସି ଅନୁଭବ କରିବେ।





## ତଥାପି ସଫଳ

# ଦୁଃସାହସୀ ବାପିନା





**କ**ଥାରେ ଅଛି ଦୃଢ଼ ମନୋବଳ ଥିଲେ 'ପଙ୍ଗୁ ଲଙ୍ଘୟତେ ଗିରିମ୍'। ଅର୍ଥାତ୍ ଆତ୍ମବିଶ୍ୱାସ ଓ ନିଷ୍ଠା ବଳରେ ଅସମ୍ଭବ ବି ସମ୍ଭବ ହୋଇପାରେ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ସେ। ଜଣେ ଦୃଷ୍ଟିହୀନ ଭାବେ ଦୁନିଆର ଆଲୋକ ନ ଦେଖିପାରୁଥିଲେ ବି ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ଆକାଶରେ ଉଡ଼ିବାଠାରୁ ଆରମ୍ଭ କରି ଦୁର୍ଗମ ପାହାଡ଼ ଶିଖର ଛୁଇଁବା ଭଳି ଦୁଃସାହସିକ କାର୍ଯ୍ୟ ଦ୍ୱାରା ସଭିଙ୍କ ମନରେ ଜଣେ ରିୟଲ ହିରୋ ଭାବେ ନିଜର ଏକ ପରିଚୟ ସୃଷ୍ଟି କରିବାରେ ହୋଇଛନ୍ତି ସକ୍ଷମ। ସେ ହେଉଛନ୍ତି ନୟାଗଡ଼ ଜିଲା ଶରଣକୁଳ ଭିକାରୀପଡା ଗ୍ରାମର ମାଆ ଚଞ୍ଚଳା ଓ ବାପା ପ୍ରଫୁଲ୍ଲ ନାୟକଙ୍କ ପୁଅ ବାପିନା। ଜନ୍ମରୁ ସେ ଦୃଷ୍ଟିବାଧିତ। ଏଣେ ପରିବାରର ଆର୍ଥିକ ପରିସ୍ଥିତି ମଧ୍ୟ ନ ଥିଲା ସ୍ୱଚ୍ଛଳ। ତଥାପି ଅଭାବ, ଅନଟନ ଓ ଅନେକ ବାଧାବିଘ୍ନ ସତ୍ତ୍ୱେ ସେ ନିଜକୁ ମାନସିକସ୍ତରରେ ଦୃଢ଼ ରଖି ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ଏବଂ ପର୍ବତାରୋହୀ ଭାବେ ଇତିହାସ ସୃଷ୍ଟି କରିପାରିଛନ୍ତି। ଆଉ ନା କେବଳ ଦିବ୍ୟାଙ୍ଗମାନଙ୍କ ପାଇଁ ବରଂ ସମସ୍ତ ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ଉଦାହରଣ। ପିଲାଦିନୁ ଆକାଶରେ ଉଡ଼ିବାକୁ ନେଇ ସେ ସ୍ୱପ୍ନ ଦେଖୁଥିଲେ। ଏଥିପାଇଁ ପାରାଚ୍ୟୁଟ୍‌ରେ ଉଡ଼ିବା ତାଲିମ ମଧ୍ୟ ନେଲେ। ନିକଟରେ ବଙ୍ଗୋପସାଗରର ଚନ୍ଦ୍ରଭାଗା ମୁହାଣରେ ସମୁଦ୍ର ପତନଠାରୁ ୩୩୦ ଫୁଟ୍ ଉଚ୍ଚତାରେ ଏକାକୀ ଉଡ଼ି ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ୧୧୦୦ ଫୁଟ୍ ଉଚ୍ଚତା କନ୍ଦଳେଇ ପାହାଡ଼ରେ ସଫଳତାର ସହ ଚଢ଼ି ଶିଖରରେ ଜାତୀୟ ପତାକା ଉଡ଼ାଇ ଇତିହାସ ରଚିଛନ୍ତି। କ୍ରିକେଟ୍ ଏବଂ ଫୁଟ୍‌ବଲ୍ ଖେଳିବାରେ ମଧ୍ୟ ତାଙ୍କର ବିଶେଷ ରୁଚି ରହିଛି। ଏହାବ୍ୟତୀତ ଦୃଷ୍ଟିହୀନଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ବ୍ଲାଇଣ୍ଡ ଆଇ'ର ସମ୍ପାଦକ ଭାବେ ସେ କାର୍ଯ୍ୟ ମଧ୍ୟ କରୁଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମିଳିଛି ପ୍ରଶଂସା ଓ ପୁରସ୍କାର। ନିଜର ସମସ୍ତ ସଫଳତାର ଶ୍ରେୟ ଅଭିଭାବକ, ସାମାଜିକ କର୍ମୀ ସୁଶାନ୍ତ ସାହୁ ଏବଂ କୋଚ ତ୍ରିଲୋଚନ ବେଉରାଙ୍କୁ ଦେଉଥିବା ବାପିନା ଚଳିତବର୍ଷ ସ୍ନାତକଡିଗ୍ରୀ ହାସଲ କରିବା ପରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଆଗକୁ ଆହୁରି ଦୁଃସାହସିକ କାର୍ଯ୍ୟ କରି ଜଣେ ଦିବ୍ୟାଙ୍ଗ ବି ସବୁ କରିପାରିବେ ଏକଥା ପ୍ରମାଣିତ କରିବାର ଲକ୍ଷ୍ୟ ରଖି ଆଗେଇ ଚାଲିଛନ୍ତି।

**- ସୁବାସ ଚନ୍ଦ୍ର ପ୍ରଧାନ**

## ଏ ସପ୍ତାହର ପ୍ରଶ୍ନ

୧- ଭିଜିଲାନ୍ସ ଆୱାର୍‌ନେସ୍ ୱିକ୍-୨୦୨୩ର ଥିମ୍ ..................... ?
୨- ମୟୂରାକ୍ଷୀ ନଦୀ ଭାରତୀୟ ............... ରାଜ୍ୟ ଦେଇ ପ୍ରବାହିତ ହେଉଛି ?
୩- ଭାରତର ...............ସହର ପୃଥିବୀର ଚତୁର୍ଥ ଜନସଂଖ୍ୟା ବହୁଳ ସହର ?
୪- ଭାରତରେ ୨୦୨୩ ମସିହାରେ ............... ପ୍ରତିଶତ କ୍ଷୁଦ୍ର ଚାଷୀ ଅଛନ୍ତି ?
୫- ୱାର୍ଲ୍ଡ ୟୁଏଫ୍‌ଓ ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ସପ୍ତାହର ଉତ୍ତର

୧ ମେରା ଯୁବା ଭାରତ ପ୍ଲାଟ୍‌ଫର୍ମ
୨ ନୀର୍ଜା ଭାନୋଟ୍
୩ ଚାଇନା
୪ ୨୦
୫ ୟୁକେ

## ଉତ୍ତରଦାତା



ଚନ୍ଦ୍ରଶେଖର ସାହୁ, ଯାଜପୁର



କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର



ମ୍ରିନାଲ୍ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ଟଏ ବ୍ରାଣ୍ଡ




୧- ଦି ଲିଗୋ ଗ୍ରୁପ୍ ....................................... ଡେନ୍‌ମାର୍କ
୨- ବାନ୍ଦାଇ ନାମ୍‌କୋ ହୋଲ୍‌ଡିଂସ୍ ............................. ଜାପାନ
୩- ଫିସର୍- ପ୍ରାଇସ୍ ....................................... ଆମେରିକା
୪- ବାର୍ବି.................................................. ଆମେରିକା
୫- ନର୍ଫ ................................................. ଆମେରିକା
୬- ଡ୍ରାଗନ୍ ବଲ୍ ........................................... ଜାପାନ
୭- ହାସ୍‌ବ୍ରୋ ............................................. ଆମେରିକା
୮- ହଟ୍ ହ୍ୱିଲ୍ସ ........................................... ଆମେରିକା
୯- ପପ୍ ମାର୍ଟ ............................................ ଚାଇନା
୧୦- ମାଇଁ ଲିଟ୍‌ଲ ପୋନି ..................................... ଆମେରିକା

## ଜାଣନ୍ତୁ ଦୁନିଆ

# ନିଆରା ଦେଶ

**ପୃଥିବୀରେ ଥିବା ସମସ୍ତ ଦେଶ ପରସ୍ପରଠୁ ଭିନ୍ନ। ହେଲେ ଏହା ମଧ୍ୟରେ ଅନେକ ଦେଶ କିଛି ନିଆରା ବିଶେଷତ୍ୱକୁ ନେଇ ବେଶ୍ ପରିଚିତ। ଜାଣିବା ଏଭଳି କିଛି ଦେଶ ସମ୍ପର୍କରେ...**

- ପୃଥିବୀର ସବୁଠୁ ପୁରୁଣା ଦେଶ ହେଉଛି ସ୍ୟାନ୍ ମ୍ୟାରିନୋ। ଏହା ପୃଥିବୀର ଏକମାତ୍ର ଦେଶ, ଯେଉଁଠି ଜନସଂଖ୍ୟା ତୁଳନାରେ କାର୍ ସଂଖ୍ୟା ଅଧିକ।
- ନିଉଇ ହେଉଛି ଖୁବ୍ କମ୍ ଜନସଂଖ୍ୟା ଥିବା ଏକ ଦ୍ୱୀପରାଷ୍ଟ୍ର, ଯାହାକି ପୃଥିବୀର ପ୍ରଥମ ଏବଂ ଏକମାତ୍ର ୱାଇଫାଇ ଦେଶ।
- ପପୁଆ ନ୍ୟୁ ଗିନୀ ପୃଥିବୀର ସର୍ବାଧିକ ଭାଷାଗତ ବିବିଧତା ଥିବା ଦେଶ। ତେବେ ଏଠାକାର ରାଷ୍ଟ୍ରୀୟ ଭାଷା ଇଂଲିଶ୍ ହୋଇଥିଲେ ହେଁ ମାତ୍ର ୧-୨ ପ୍ରତିଶତ ବାସିନ୍ଦା ଏହି ଭାଷାରେ କଥା ହୋଇପାରନ୍ତି।
- ନାଇଜର ହେଉଛି ପୃଥିବୀର ସର୍ବାଧିକ ଯୁବ ବର୍ଗ ଥିବା ଦେଶ। ଅର୍ଥାତ୍ ଏହି ଦେଶର ସମୁଦାୟ ଜନଂଖ୍ୟାର ୫୦% ହେଉଛନ୍ତି ୧୪ ବର୍ଷ ବୟସରୁ କମ୍।
- ପୃଥିବୀର ସବୁଠୁ କ୍ଷୁଦ୍ରତମ ଦେଶ ହେଉଛି ଭାଟିକାନ ସିଟି, ଯାହାର କ୍ଷେତ୍ରଫଳ ମାତ୍ର ୦.୪୯ ବର୍ଗକିଲୋମିଟର।
- ବିଶ୍ୱରେ ପାକିସ୍ତାନ ଏପରି ଏକ ଦେଶ, ଯେଉଁଠାରେ ରାଷ୍ଟ୍ରପତି ପଦ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ପଡ଼େ ନାହିଁ। କିନ୍ତୁ ଏଠାରେ ଥିବା ସ୍କୁଲ୍‌ରେ ଚାକିରି କରିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ଦରକାର ପଡ଼ିଥାଏ।
- ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ମାର୍ଶାଲ ଦ୍ୱୀପ ପୃଥିବୀର ସବୁଠାରୁ ସଂକଟଗ୍ରସ୍ତ ଦ୍ୱୀପରାଷ୍ଟ୍ର। କାରଣ ଏଠାରେ ପାଣିପାଗ ପରିବର୍ତ୍ତନ ସହ ବନ୍ୟା ଆଶଙ୍କା ସର୍ବାଧିକ।
- ପୃଥିବୀର ସର୍ବାଧିକ ସଂଖ୍ୟକ ଯମଜ ନାଇଜେରିଆରେ ଜନ୍ମ ଗ୍ରହଣ କରୁଥିବାର ରେକର୍ଡ ରହିଛି।
- ପୃଥିବୀର ପ୍ରାୟ ୯୦% ମଧୁର ଜଳ ଆଣ୍ଟାର୍କଟିକାରେ ରହିଛି।
- ପୃଥିବୀରେ ଥିବା ସମୁଦାୟ ତିନୋଟି ସିଟି-ଷ୍ଟେଟ୍ ମଧ୍ୟରେ ସିଙ୍ଗାପୁର ମଧ୍ୟ ରହିଛି, ଯାହାର କୌଣସି ରାଜଧାନୀ ନାହିଁ। ପୃଥିବୀର ପ୍ରଥମ ନାଇଟ୍ ଜୁ ବା ରାତ୍ର ଚିଡ଼ିଆଖାନା ଏବଂ ନାଇଟ୍ ସଫାରି ଏଠାରେ ରହିଛି।





# ଟାଇଟଲ ଟକ୍କର

ଦିନିକିଆ କ୍ରିକେଟ ବିଶ୍ୱକପର ନିର୍ଣ୍ଣାୟକ ଲଢ଼େଇ ପାଇଁ କ୍ଷେତ୍ର ପ୍ରସ୍ତୁତ। ୧ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଅପେକ୍ଷାରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ। ଘରୋଇ ପରିବେଶ ଏବଂ ଦର୍ଶକଙ୍କ କୋଳାହଳ ମଧ୍ୟରେ ପଡ଼ିଆକୁ ଓହ୍ଲାଇବ 'ମେନ୍ ଇନ୍ ବ୍ଲୁ'। ସମ୍ମୁଖରେ ଟକ୍କର ଦେବାକୁ ଅଷ୍ଟ୍ରେଲିଆ ପ୍ରସ୍ତୁତ। ପେସାଦାର ଖେଳପାଇଁ ଖ୍ୟାତ ଅଷ୍ଟ୍ରେଲିଆ ଦଳ ଲିଗ୍ ପର୍ଯ୍ୟାୟରେ ଭାରତ ନିକଟରୁ ପରାସ୍ତ ହୋଇଥିଲା। ତେଣୁ ପ୍ରତିଶୋଧ ମନୋଭାବ ମନରେ ରହିବା ସ୍ୱାଭାବିକ। ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ୧୦ ମ୍ୟାଚରେ ଅପରାଜେୟ ରହିଛି। ମାତ୍ର ଗୋଟିଏ ଭୁଲ୍ ଦଳର ସ୍ୱପ୍ନକୁ ଚୂର୍‌ମାର କରିପାରେ। ତେଣୁ ଏଥିପ୍ରତି ସତର୍କ ରହିବ ରୋହିତ ଶର୍ମାଙ୍କ ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ୨ଟି ପରାଜୟ ପରେ ଆଉ ପଛକୁ ଫେରି ଚାହିଁନାହିଁ ଅଷ୍ଟ୍ରେଲିଆ। ଉତ୍ସାହୀ ପ୍ରଦର୍ଶନ କରି କ୍ରମାଗତ ୮ ବିଜୟ ହାସଲ କରିଛି ପ୍ୟାଟ୍ କୁମିନ୍ସଙ୍କ ଦଳ। ତେଣୁ ଟାଇଟଲ ପାଇଁ ହେବ ମହା ଟକ୍କର। ଏଥିରେ ଯେଉଁ ଦଳ ଉତ୍ତୀର୍ଣ୍ଣ ହେବ ସେ ପିନ୍ଧିବ ବିଜୟ ମୁକୁଟ।



ପୁରୀ ବେଳାଭୂମିରେ ବାଲୁକା କଳା ଜରିଆରେ ଭାରତୀୟ ଦଳର ସଫଳତା କାମନା କରିଛନ୍ତି ସୁଦର୍ଶନ ପଟ୍ଟନାୟକ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଫାଇନାଲ)**

**ଭାରତ ବନାମ ଅଷ୍ଟ୍ରେଲିଆ**

**ସ୍ଥାନ: ଅହମଦାବାଦ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଭାରତୀୟ ଦଳ

ରୋହିତ ଶର୍ମା(ଅଧିନାୟକ), ଲୋକେଶ ରାହୁଲ(ଉଇକେଟ କିପର),ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ, ରବୀନ୍ଦ୍ର ଜାଡେଜା, ମହମ୍ମଦ ଶାମି, ଯଶପ୍ରୀତ୍ ବୁମରା, କୁଲଦୀପ ଯାଦବ, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶନ(ଉଇକେଟ କିପର), ପ୍ରସିଦ୍ଧ କ୍ରିଷ୍ଣା।

### ଅଷ୍ଟ୍ରେଲିଆ ଦଳ

ପ୍ୟାଟ କୁମିନ୍ସ(ଅଧିନାୟକ), ଜୋଶ ଇଂଲିଶ(ଉଇକେଟ କିପର), ଟ୍ରାଭିସ୍ ହେଡ୍, ଡେଭିଡ୍ ୱାର୍ନର, ମିଚେଲ ମାର୍ଶ, ଷ୍ଟିଭ୍ ସ୍ମିଥ୍, ମାର୍ନସ ଲାବୁଶେନ୍, ଗ୍ଲେନ୍ ମ୍ୟାକ୍ସୱେଲ, ମିଚେଲ୍ ଷ୍ଟାର୍କ, ଆଡାମ ଜାମ୍ପା, ଜୋଶ ହାଜେଲଉଡ୍, ସନ୍ ଆବୋଟ୍, ମାର୍କୁସ୍ ଷ୍ଟୋଇନିସ୍, ଆଲେକ୍ସ କାରେ (ଉଇକେଟ କିପର), ଆଡାମ ଜାମ୍ପା।

## ପରିସଂଖ୍ୟାନ (ସେମିଫାଇନାଲ ଶେଷସୁଦ୍ଧା)

### ସର୍ବାଧିକ ରନ୍

| ରନ | ଖେଳାଳି | ଇନିଂସ | ସର୍ବାଧିକ | ଆଭରେଜ | ଶତକ | ଅର୍ଦ୍ଧଶତକ |
|---|---|---|---|---|---|---|
| ୭୧୧ | ବିରାଟ କୋହଲି | ୧୦ | ୧୧୭ | ୧୦୧.୫୭ | ୩ | ୫ |
| ୫୯୪ | କ୍ୱିଣ୍ଟନ ଡି'କକ୍ | ୧୦ | ୧୭୪ | ୫୯.୪୦ | ୪ | ୦ |
| ୫୭୮ | ରାଚିନ ରବୀନ୍ଦ୍ର | ୧୦ | ୧୨୩* | ୬୪.୨୨ | ୩ | ୨ |
| ୫୫୨ | ଡାରିଲ ମିଚେଲ | ୧୦ | ୧୩୪ | ୬୯.୦୦ | ୨ | ୨ |
| ୫୫୦ | ରୋହିତ ଶର୍ମା | ୧୦ | ୧୩୧ | ୫୫.୦୦ | ୧ | ୩ |

### ସର୍ବାଧିକ ଉଇକେଟ

| ଉଇକେଟ | ଖେଳାଳି | ଇନିଂସ | ଆଭରେଜ | ଇକୋନୋମି | ଶ୍ରେଷ୍ଠ | ୫ ଉଇକେଟ |
|---|---|---|---|---|---|---|
| ୨୩ | ମହମ୍ମଦ ଶାମି | ୬ | ୯.୧୩ | ୫.୦୧ | ୭/୫୭ | ୩ |
| ୨୨ | ଆଡାମ ଜାମ୍ପା | ୧୦ | ୨୧.୪୦ | ୫.୪୭ | ୪/୮ | ୦ |
| ୨୧ | ଦିଲସାନ ମଦୁଶଙ୍କା | ୯ | ୨୫.୦୦ | ୬.୭୦ | ୫/୮୦ | ୧ |
| ୨୦ | ଗେରାଲ୍ଡ କୋଜି | ୮ | ୧୯.୮୦ | ୬.୨୩ | ୪/୪୪ | ୦ |
| ୧୮ | ଯଶପ୍ରୀତ୍ ବୁମ୍‌ରା | ୧୦ | ୧୮.୩୩ | ୩.୯୮ | ୪.୩୯ | ୦ |
| ୧୮ | ଶାହିନ ଆଫ୍ରିଦୀ | ୯ | ୨୬.୭୨ | ୫.୯୩ | ୫/୫୪ | ୧ |


ଭାରତୀୟ ଦଳର ନେଟ୍ସ ଅବସରରେ ଶନିବାର ବଲ୍ ଥ୍ରୋ କରୁଛନ୍ତି ଶୁବମନ ଗିଲ୍।


ଅଧିନାୟକ ରୋହିତ ଶର୍ମାଙ୍କ କ୍ୟାଚ୍ ଅଭ୍ୟାସ।


ବ୍ୟାଟିଂ ଅବସରରେ ରବୀନ୍ଦ୍ର ଜାଡେଜା।

## ପିଚ୍‌ର ଫଟୋ ଉଠାଇଲେ କୁମିନ୍ସ

**ଅହମଦାବାଦ,୧୮।୧୧(ପି.ଟି.)**

ମ୍ୟାଚ୍ ପୂର୍ବରୁ ପିଚ୍ ପରୀକ୍ଷା କରିବା ଏକ ରୀତିମତ ପ୍ରକ୍ରିୟା। ତେବେ ଅଷ୍ଟ୍ରେଲିଆର ଅଧିନାୟକ ପ୍ୟାଟ୍ କୁମିନ୍ସ ଫାଇନାଲ ମ୍ୟାଚ୍ ପୂର୍ବରୁ ପିଚ୍‌ର ଫଟୋ ଉଠାଇ ଚର୍ଚ୍ଚାରେ ରହିଛନ୍ତି। ଫାଇନାଲ ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ଅଷ୍ଟ୍ରେଲିଆ ଦଳର ଅଭ୍ୟାସ ସେସନ୍ ସମୟରେ କୁମିନ୍ସ ପିଚ୍‌ର ଫଟୋ ଉଠାଉଥିବା ନଜର ଆସିଥିଲେ। ଦଳୀୟ ମ୍ୟାନେଜମେଣ୍ଟ ସହିତ ପିଚ୍‌କୁ ନେଇ ଆଲୋଚନା ଲାଗି ସେ ଏହି ଫଟୋ ଉଠାଇଥିବା ଆକଳନ କରାଯାଉଛି। ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ପ୍ରଶ୍ନ କରାଯିବା ବେଳେ କୁମିନ୍ସ କହିଥିଲେ, ମୋତେ ଭଲରେ ପିଚ୍‌କୁ ପଢି ଆସେ ନାହିଁ। ତେଣୁ ଫଟୋ ଉଠାଇଛି। ଅନ୍ୟ ପକ୍ଷରେ ଏହି ପିଚ୍‌ଟି ବ୍ୟାଟିଂ ସହାୟକ ହେବା ନେଇ ସେ ପୂର୍ବାନୁମାନ କରୁଥିବା କହିଥିଲେ। ଅଷ୍ଟ୍ରେଲିଆର ଅଭ୍ୟାସ ସେସନ୍ ପୂର୍ବରୁ ଷ୍ଟିଭ୍ ସ୍ମିଥ୍, ଟ୍ରାଭିସ୍ ହେଡ୍ ଓ ମୁଖ୍ୟ କୋଚ୍ ଆଣ୍ଡ୍ର୍ୟୁ ମ୍ୟାକଡୋନାଲ୍ଡ ମଧ୍ୟ ପିଚ୍‌କୁ କିଛି ସମୟ ପରୀକ୍ଷଣ କରିଥିଲେ। ଏହି ପିଚ୍‌ରେ ଟସ୍‌ର ଭୂମିକା ଗୌଣ ରହିବ ବୋଲି କହିବା ସହିତ କାକର ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରିପାରେ ବୋଲି କୁମିନ୍ସ କହିଛନ୍ତି।

## ଫାଇନାଲ ମ୍ୟାଚ୍ ଦେଖିବେ ଅଷ୍ଟ୍ରେଲିଆ ଉପ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୮।୧୧(ପି.ଟି.)**

ରବିବାର ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ଦେଖିବେ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ରିଚାର୍ଡ ମାର୍ଲେସ୍। ଅଷ୍ଟ୍ରେଲିଆର ପ୍ରତିରକ୍ଷା ଓ ବୈଦେଶିକ ମନ୍ତ୍ରୀ ପେନି ଓଙ୍ଗଙ୍କ ସହ ସେ ଏହି ମ୍ୟାଚ୍ ଦେଖିବାକୁ ପହଞ୍ଚିବେ। ସୋମବାର ଉଭୟ ନେତା ନିଜ ଭାରତୀୟ ପ୍ରତିପକ୍ଷଙ୍କ ସହିତ ୨+୨ ଆଲୋଚନା କରିବା ପୂର୍ବରୁ ଫାଇନାଲ ମ୍ୟାଚର ମଜା ନେବେ।


ପିଚ୍ ନିରୀକ୍ଷଣ କରୁଛନ୍ତି ଅଷ୍ଟ୍ରେଲିଆ କୋଚ୍ ଆଣ୍ଡ୍ର୍ୟୁ ମ୍ୟାକ୍‌ଡୋନାଲ୍ଡ।

## ବିରାଟ-ଜାମ୍ପା, ରୋହିତ-ଷ୍ଟାର୍କଙ୍କ ଉପରେ ନଜର

### ଲଢ଼େଇ ଭିତର ଲଢ଼େଇ

**ଅହମଦାବାଦ,୧୮।୧୧**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଲଢ଼େଇ ହେବ। ଭାରତ ଅପରାଜେୟ ଭାବରେ ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ନିକଟରୁ ହାରି ଯାଇଥିଲା। ତେବେ ବିଜୟଧାରାକୁ ଫେରିବା ସହିତ ଦଳ ଫାଇନାଲରେ ପ୍ରବେଶ କରିଛି। ରବିବାରର ଏହି ମ୍ୟାଚ୍‌କୁ ବିଗତ ଦଶନ୍ଧିର ମହାମୁକାବିଲା ଭାବରେ ଅଭିହିତ କରାଯାଉଥିବା ବେଳେ ଏହା ମଧ୍ୟରେ ହେବାକୁ ଥିବା କିଛି ଛୋଟ ଲଢେଇ ଉପରେ ସଭିଙ୍କ ନଜର ରହିଛି। ବିରାଟ କୋହଲି ଓ ଆଡାମ ଜାମ୍ପାଙ୍କ ଲଢେଇ ସହିତ ରୋହିତ ଶର୍ମା ଓ ମିଚେଲ ଷ୍ଟାର୍କଙ୍କ ବ୍ୟକ୍ତିଗତ ମୁକାବିଲା ଉପରେ ରହିବ ବିଶ୍ୱର ସମସ୍ତ କ୍ରୀଡାପ୍ରେମୀଙ୍କ ନଜର।

**ବିରାଟ କୋହଲି ବନାମ ଆଡାମ ଜାମ୍ପା:** ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ରନ୍ ସ୍କୋରର ରହିଛନ୍ତି ବିରାଟ କୋହଲି। ବିଶ୍ୱର ପ୍ରଥମ ଖେଳାଳି ଭାବରେ ବିଶ୍ୱକପ୍ ଇତିହାସରେ ୭୦୦ରୁ ଅଧିକ ରନ୍ ସ୍କୋର କରିବାର ଗୌରବ ହାସଲ କରିଛନ୍ତି କୋହଲି। ତେବେ ଅଷ୍ଟ୍ରେଲୀୟ ସ୍ପିନର ଆଡାମ ଜାମ୍ପାଙ୍କ ବିପକ୍ଷରେ ତାଙ୍କର ବ୍ୟାଟିଂ ଦେଖିବାରେ ଫ୍ୟାନଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଚଳିତ ବିଶ୍ୱକପ୍‌ରେ କୋହଲିଙ୍କ ଷ୍ଟ୍ରାଇକ ରେଟ୍ ୯୦.୬୯ ରହିଥିବା ବେଳେ ଆଭରେଜ ୧୦୧.୫୭ ରହିଛି। କୋହଲିଙ୍କ ବ୍ୟାଟିଂରେ ସାମାନ୍ୟତମ ଦୁର୍ବଳତା ମଧ୍ୟ ବାରି ହେଉନାହିଁ। ତେବେ ଅତୀତରେ କୋହଲି ଅନେକ ଥର ଜାମ୍ପାଙ୍କ ବଲ୍‌ରେ ଆଉଟ ହୋଇଛନ୍ତି। ତେବେ ଚଳିତ ବିଶ୍ୱକପ୍‌ର ଫାଇନାଲ ମ୍ୟାଚରେ କୋହଲି ନିଜର ପ୍ରତିଶୋଧ ପୂରା କରିବାକୁ ଚାହିଁବେ। ୧୨ ବର୍ଷ ପରେ ଭାରତ ଏହାର ତୃତୀୟ ବିଶ୍ୱକପ୍ ଟାଇଟଲ ହାସଲ କରିବାକୁ ହେଲେ କୋହଲିଙ୍କ ବ୍ୟାଟରୁ ରନ୍ ଆସିବା ନିହାତି ଆବଶ୍ୟକ। ଚଳିତ ବିଶ୍ୱକପ୍‌ର ଫର୍ମକୁ ଦେଖିଲେ ରବିବାରର ମ୍ୟାଚରେ କୋହଲିଙ୍କୁ ଫେଭରିଟ୍ ବୋଲି ବିବେଚନା କରାଯିବ।

**ରୋହିତ ବନାମ ଷ୍ଟାର୍କ:** ଫାଇନାଲ ମ୍ୟାଚ୍‌ର ମିନି ଲଢେଇ ମଧ୍ୟରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ମିଚେଲ୍ ଷ୍ଟାର୍କଙ୍କ ମୁକାବିଲା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଚଳିତ ବିଶ୍ୱକପ୍‌ରେ ୫୫୦ରୁ ଅଧିକ ରନ୍ ସ୍କୋର କରି ସାରିଥିବା ରୋହିତ ଶର୍ମା ସମସ୍ତ ମ୍ୟାଚ୍‌ରେ ପ୍ରଥମ ବଲରୁ ହିଁ ଆକ୍ରମଣାତ୍ମକ କ୍ରିକେଟ ଖେଳୁଛନ୍ତି। ପାୱାର ପ୍ଲେ ଓଭରରେ ଭାରତୀୟ ଦଳକୁ ଏକ ଦୃଢ ଆରମ୍ଭ ପ୍ରଦାନ କରିବା ସହ ରୋହିତ ଦଳକୁ ଆଗକୁ ବଢାଉଛନ୍ତି। ରୋହିତଙ୍କ ଆକ୍ରମଣାତ୍ମକ ବ୍ୟାଟିଂ କାରଣରୁ କୋହଲି ଓ ଗିଲ୍‌ଙ୍କୁ ଇନିଂସ ଗଢିବା ପାଇଁ ସମୟ ମଧ୍ୟ ମିଳୁଛି। ମାତ୍ର ବାମହାତୀ ଦ୍ରୁତ ବୋଲରଙ୍କ ବିରୋଧରେ ରୋହିତଙ୍କ ରେକର୍ଡ ଏତେ ଭଲ ନ ଥିବାରୁ ଷ୍ଟାର୍କ ଏହାର ଫାଇଦା ଉଠାଇବାକୁ ପ୍ରୟାସ କରିବେ। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଷ୍ଟାର୍କଙ୍କ ବଲ୍‌ରେ ଆଉଟ ହୋଇଥିଲେ ରୋହିତ।

**କୁଲ୍‌ଦୀପ ବନାମ ମ୍ୟାକ୍ସୱେଲ:** ସ୍ପିନରଙ୍କୁ ବଡ ଶଟ୍ ମାରିବାରେ ସିଦ୍ଧହସ୍ତ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲ। ତେବେ ମ୍ୟାକ୍ସୱେଲଙ୍କ ବିପକ୍ଷରେ ଭାରତୀୟ ଚାଇନାମ୍ୟାନ କୁଲ୍‌ଦୀପ ଯାଦବଙ୍କ ଉପରେ ନଜର ରହିବ। କୁଲ୍‌ଦୀପ ପ୍ରଥମ ମ୍ୟାଚରେ ମ୍ୟାକ୍ସୱେଲଙ୍କୁ ବୋଲ୍ଡ କରିଥିବା ବେଳେ ସେ ଏହାର ପ୍ରତିଶୋଧ ନେବାକୁ ପ୍ରୟାସ କରିବେ। ରବିବାର ଭାରତର ସଫଳତା ଅନେକାଂଶରେ କୁଲ୍‌ଦୀପଙ୍କ ଉପରେ ନିର୍ଭରଶୀଳ ରହିବ।

**ବୁମ୍‌ରା ବନାମ ୱାର୍ନର:** ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ଓ ଭାରତୀୟ ସ୍ପିଡ୍‌ଷ୍ଟର ଯଶପ୍ରୀତ୍ ବୁମ୍‌ରାଙ୍କ ମଧ୍ୟରେ ଲଢେଇ ଉପରେ ସମସ୍ତଙ୍କ ନଜର ରହିବ। ୧୪ ମ୍ୟାଚ୍‌ରେ ଉଭୟ ଖେଳାଳି ମୁହାଁମୁହିଁ ହୋଇଥିବା ବେଳେ ବୁମ୍‌ରା ଥରେ ମଧ୍ୟ ତାଙ୍କୁ ଆଉଟ କରିବାରେ ସଫଳ ହୋଇନାହାନ୍ତି। ଚଳିତ ବିଶ୍ୱକପ୍‌ର ୧୦ ମ୍ୟାଚ୍‌ରୁ ବୁମ୍‌ରା ୩.୯୮ର ଇକୋନୋମି ସହ ୧୮ ଉଇକେଟ ନେବାରେ ସଫଳ ହୋଇଛନ୍ତି। ତେବେ ୱାର୍ନର ତାଙ୍କ ବିପକ୍ଷରେ ୧୩୦ ବଲ୍ ଖେଳି ୧୧୭ ରନ୍ ସଂଗ୍ରହ କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ୱାର୍ନର ୫୨୮ ରନ୍ ସହିତ ଅଷ୍ଟ୍ରେଲିଆର ଟପ୍ ସ୍କୋରର ରହିଛନ୍ତି।



RUCHI FOODLINE
Since 1976
Karlo Dosti Sehat Se...
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
ବମ୍ପର ପୁରସ୍କାର
3ଟି କାର୍ | 30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ଫେଷ୍ଟିଭାଲ୍ ବୋନାଞ୍ଜା ଅଫର୍
ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-1
ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" କୁ ଖୋଜନ୍ତୁ
ଷ୍ଟେପ୍-2
STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
www.ruchifoodline.com

# ଉତ୍ସାହ, ଉଦ୍ଦିପନା, ପୂଜାର୍ଚ୍ଚନା

କ୍ରିକେଟ ଉଷ୍ମତା ବଢ଼ିଛି। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ଦେଶର ଅନେକ ସ୍ଥାନରେ ଏବେ କେବଳ କ୍ରିକେଟକୁ ନେଇ ଚର୍ଚ୍ଚା। ଦିନିକିଆ କ୍ରିକେଟ ବିଶ୍ୱକପର ମେଗା ଫାଇନାଲ ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୧୯୮୩ ଓ ୨୦୧୧ରେ ଚାମ୍ପିୟନ ଏବଂ ୨୦୦୩ରେ ରନରଅପ୍ ଭାରତପାଇଁ ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଟାଇଟଲ ଜିତିବାର ସୁଯୋଗ ଆସିଛି। ଏଥିପାଇଁ ସାରା ଦେଶରେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଓ ଉଦ୍ଦିପନା ପ୍ରକାଶ ପାଇଛି। କେଉଁଠି ଟ୍ରଫି ଆକୃତିର ମାନବ ଶୃଙ୍ଖଳ କରି ତ ଆଉ କେଉଁଠି ରଙ୍ଗୋଲି ପକାଇ ହାତରେ ଜାତୀୟ ପତାକାଧରି ବିଭିନ୍ନ ସ୍କୁଲର ପିଲାମାନେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି। ଫାଇନାଲର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଅନେକ ସ୍ଥାନରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। ଅନେକ ସ୍ଥାନରେ ଭାରତୀୟ ଖେଳାଳିଙ୍କ ବଡ଼ ହୋର୍ଡିଂ ଲଗାଯାଇଛି। ଭାରତୀୟ ଦଳର ଶୁଭ ମନାସି ଓଡ଼ିଶା ସମେତ ଦେଶର କେତେକ ସ୍ଥାନରେ ଶନିବାର ପୂଜାର୍ଚ୍ଚନା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଅହମଦାବାଦ ସମେତ ଭାରତର ବିଭିନ୍ନ ସ୍ଥାନରେ ଏବେ ମେନ୍ ଇନ୍ ବ୍ଲୁର ଜର୍ସି ଏବଂ କ୍ୟାପ୍‌ର ଅନେକ ଚାହିଦା। ଅପେକ୍ଷା କେବଳ ସେହି ପ୍ରତୀକ୍ଷିତ ମୁହୂର୍ତ୍ତକୁ...



ଭାରତୀୟ ଦଳର ବିଜୟ ମନାସି ଲକ୍ଷ୍ନୌର ମଙ୍କମେଶ୍ୱର ମନ୍ଦିରରେ ମହନ୍ତ ଦିବ୍ୟଗିରି ପୂଜାର୍ଚ୍ଚନା କରୁଛନ୍ତି।



ମୋରାଦାବାଦର ଏକ ସ୍କୁଲରେ ପିଲାମାନେ ଆଇସିସି ବିଶ୍ୱକପ ଟ୍ରଫି ଆକୃତିରେ ସଜେଇ ହୋଇଛନ୍ତି।

# ଉପଭୋଗ୍ୟ ମ୍ୟାଚ ଅପେକ୍ଷାରେ

**ରିଚାର୍ଡ ହାଡଲୀ**

ଇଡେନ ଗାର୍ଡେନ୍ସରେ ଏକ ରୋମାଞ୍ଚକ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ୬ଷ୍ଠ ଥର ବିଶ୍ୱକପ୍ ଟାଇଟଲ ହାସଲ କରିବା ଆଶା ରଖିଛି। ଅଷ୍ଟ୍ରେଲିଆର ଏହା ହେଉଛି ୯ମ ବିଶ୍ୱକପ୍ ଫାଇନାଲ। ଏହି ଦଳ ଫେଭରାଇଟ ଭାରତ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ବର୍ତ୍ତମାନର ବିଶ୍ୱ ଟେଷ୍ଟ ଓ ଟି୨୦ ଚାମ୍ପିୟନ। ସଙ୍କଟରୁ କିପରି ଉଦ୍ଧାର ପାଇବା ଏବଂ ମ୍ୟାଚକୁ ଜିତିବା ଏହି କୌଶଳ ସେମାନଙ୍କୁ ଭଲରୂପେ ଜଣା। ଫେଭରାଇଟ ଭାରତୀୟ ଦଳକୁ ସେମାନେ ପରାସ୍ତ କରିପାରିବେ ବୋଲି ସେମାନଙ୍କ ମନରେ ଦୃଢ ବିଶ୍ୱାସ ରହିଛି। ଫଳତଃ ଅହମଦାବାଦରେ ଏକ ଐତିହାସିକ ମୁକାବିଲା ଦେଖିବାକୁ ମିଳିବ ବୋଲି ଆଶା କରାଯାଏ। ଟୁର୍ନାମେଣ୍ଟରେ ଦୁଇ ଦଳର ପ୍ରଦର୍ଶନ ଭଲ ରହିଛି। ଭାରତ କ୍ରମାଗତ ୧୦ଟି ଗେମ୍‌ରେ ବିଜୟ ହାସଲ କରିଥିବାବେଳେ ପ୍ରଥମ ଦୁଇଟି ମ୍ୟାଚରେ ପରାଜୟ ବରଣ କରିବା ପରେ ଅଷ୍ଟ୍ରେଲିଆ ଦୃଢ ପ୍ରତ୍ୟାବର୍ତ୍ତନ କରି ଲଗାତର ୮ଟି ମ୍ୟାଚ ଜିତିଛି। ଟୁର୍ନାମେଣ୍ଟରେ ବହୁ ନିର୍ଣ୍ଣାୟକ ଓ ପ୍ରଭାବୀ ବିଜୟ ସହ ଅପରାଜେୟ ରହିଥିବା ଭାରତ ପାଇଁ ତୃତୀୟ ଥର ବିଶ୍ୱକପ୍ ଜିତିବା ଲାଗି ଏଥର ବଡ଼ ସୁଯୋଗ ରହିଛି। ସେମିଫାଇନାଲରେ ଦଳ ପ୍ରଥମେ ନ୍ୟୁଜିଲାଣ୍ଡର ବୋଲିଂ ଏବଂ ପରେ ବ୍ୟାଟିଂ ୟୁନିଟ୍‌କୁ ନିୟନ୍ତ୍ରଣରେ ରଖିପାରିଥିଲା। ଅଷ୍ଟ୍ରେଲିଆ ଏହାର ମ୍ୟାଚଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରିଛି। ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ପରାଜୟ ପରିସ୍ଥିତିରୁ ମ୍ୟାଚ ଛଡ଼ାଇ ନେବାରେ ଦଳ ସଫଳ ହୋଇଥିଲା। ୨୯୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବାବେଳେ ଦଳ ଏକଦା ମାତ୍ର ୯୧ ରନରେ ଏହାର ୭ ବ୍ୟାଟରଙ୍କୁ ହରାଇ ସାରିଥିଲା। ମାତ୍ର ଗ୍ଲେନ ମାକ୍ସୱେଲଙ୍କ ମ୍ୟାଚ ବିଜୟୀ ଦ୍ୱିଶତକରେ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ମୋ ଦେଖିବାରେ ମାକ୍ସୱେଲଙ୍କ ଅପରାଜିତ ୨୦୧ ଇନିଂସ ସର୍ବଶ୍ରେଷ୍ଠ। ଇଞ୍ଜୁରୀ ସତ୍ତ୍ୱେ ସେ ଇନିଂସକୁ ଆଗେଇ ନେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଓ ଅଷ୍ଟ୍ରେଲିଆ ସେମାନଙ୍କ ପ୍ରଥମ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ଏଥିରେ ଅଷ୍ଟ୍ରେଲିଆକୁ ୨୮୬ରେ ଅଲଆଉଟ କରିଦେବା ପରେ ଭାରତ ଏକଦା ମାତ୍ର ୨ ରନରେ ୩ ଉଇକେଟ ହରାଇ ବସିଥିଲା। କିନ୍ତୁ ବିରାଟ କୋହଲି ଓ କେ.ଏଲ୍. ରାହୁଲ ଆକର୍ଷଣୀୟ ବ୍ୟାଟିଂ କରି ଭାରତ ପାଇଁ ଏକ ସ୍ମରଣୀୟ ବିଜୟ ଆଣି ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ଅହମଦାବାଦରେ ଅଷ୍ଟ୍ରେଲିଆ ସର୍ବାଧିକ ସ୍କୋର ୨୮୬ ରନ କରିଥିଲା। ପାକିସ୍ତାନକୁ ୧୯୧ରନରେ ଅଲ୍‌ଆଉଟ କରି ଭାରତ ନିର୍ଦ୍ଧାରିତ ଓଭର ଶେଷ ହେବାକୁ ବହୁ ବଲ୍ ବାକି ଥାଇ ମ୍ୟାଚକୁ ସହଜରେ ଜିତି ନେଇଥିଲା। ଅହମଦାବାଦ ପିଚ୍ ଏ ପର୍ଯ୍ୟନ୍ତ ବ୍ୟାଟରମାନଙ୍କ ଲାଗି ଅନୁକୂଳ ରହିଛି। ଉଭୟ ପେସ୍ ଓ ସ୍ପିନ ବୋଲରମାନେ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। କହିବାକୁ ଗଲେ ସମସ୍ତ ପ୍ରକାର ଖେଳାଳିଙ୍କ ଲାଗି ଏହା ଉପଯୋଗୀ। ତେଣୁ ମ୍ୟାଚ ଉପଭୋଗ୍ୟ ହେବ ବୋଲି ଆଶା କରାଯାଉଛି। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଁ ମଧ୍ୟ ଏଥିରେ ଲଢେଇ ହେବ। ଏହି ଦୌଡ଼ରେ ସର୍ବାଗ୍ରେ ରହିଥିବା କୋହଲି ୩ ଶତକ ସହ ମୋଟ ୭୧୧ ରନ ସଂଗ୍ରହ କରି ସାରିଛନ୍ତି। ବୋଲିଂରେ ମହମ୍ମଦ ଶାମି ତିନି ଥର ୫ଉଇକେଟ ସଫଳତା ସହ ୨୩ ଉଇକେଟ ନେଇ ସବୁଠାରୁ ଆଗରେ ରହିଛନ୍ତି। ଯୁଗ୍ମ ବିଜେତା ଘୋଷଣାର ସମ୍ଭାବନା ଦେଖାଦେଇଛି। ଅଷ୍ଟ୍ରେଲିଆ ଯଦି ଫାଇନାଲ ଜିତେ ତେବେ ଆଡାମ ଜାମ୍ପା (୨୨ଉଇକେଟ) ଡାର୍କ ହର୍ସ ସାବ୍ୟସ୍ତ ହୋଇପାରନ୍ତି।

**(ଟିଭାକ ସ୍ପୋର୍ଟ୍ସ)**





ଜମ୍ମୁରେ ବିଶ୍ୱକପ ଟ୍ରଫି ରଙ୍ଗୋଲି ଚାରିପାଖରେ ସ୍କୁଲ ପିଲାମାନେ ଜାତୀୟ ପତାକା ସହ।

# ଟିମ୍ ଇଣ୍ଡିଆ ହରିବୋଲରେ କମ୍ପିଲା ମନ୍ଦିର

**କଟକ,୧୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**

ଚାରିବର୍ଷର ଅପେକ୍ଷା ଏବେ ଶେଷ ପାହଚରେ। ରବିବାର ହେବ ବିଗ ଫାଇଟ। ଭାରତ ମାଟିରେ କଙ୍ଗାରୁଙ୍କୁ ଚକମା ଦେବାକୁ ଭାରତୀୟ ଟିମ ଏକଦମ ପ୍ରସ୍ତୁତ। ଏଥିପାଇଁ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା। ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ବିଶ୍ୱକପ ୨୦୨୩ ମହାଯୁଦ୍ଧର ସାକ୍ଷୀ ରହିବ। ମ୍ୟାଚ ପୂର୍ବରୁ ଚଳଚଞ୍ଚଳ ସମଗ୍ର ଭାରତ ବର୍ଷ। ଇଣ୍ଡିଆ ବିଜୟକୁ ଚାତକ ପରି ଚାହିଁବସିଛି ସାରା ଦେଶ। କେଉଁଠି ଚାଲିଛି ପୂଜାର୍ଚ୍ଚନା କେଉଁଠି ମନ୍ଦିରରେ କରାଯାଉଛି ସ୍ୱତନ୍ତ୍ର ପୂଜା ପାଠ। ଟିମ୍ ଇଣ୍ଡିଆର ବିଜୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୁହାରୀ କରିଛନ୍ତି ଟିମ ଇଣ୍ଡିଆର ପ୍ରଶଂସକ। ଜୟଜଗନ୍ନାଥ ସେବା ସମିତିର ଟ୍ରଷ୍ଟ ପକ୍ଷରୁ ମଙ୍ଗଳାବଗ ମଲାସହିରେ ପୂଜା କରାଯାଇଛି। ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ରହି ଏହି ପୂଜା କରିଛନ୍ତି। ଟିମ୍ ଇଣ୍ଡିଆ ପାଇଁ ହରିବୋଲରେ କମ୍ପିଥିଲା ମନ୍ଦିର। ବ୍ୟାଟର ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଏବଂ ବୋଲିଂ ବାହିନୀ ଏହି ମ୍ୟାଚରେ ଜବରଦସ୍ତ ପ୍ରଦର୍ଶନ କରିବେ ବୋଲି ଆଶା ରଖୁଛନ୍ତି କଟକର କ୍ରିକେଟ ପ୍ରେମୀ। ପ୍ରଶଂସକଙ୍କ ବିଶ୍ୱାସ, ଭାରତ ହେଉଛି ଜଗନ୍ନାଥଙ୍କ ଦେଶ। ଆଉ ପ୍ରଭୁଙ୍କୁ ଜଣାଇବା ପରେ ନିଶ୍ଚୟ ଆମ ଦେଶକୁ ଫାଇନାଲରେ ଠାକୁର ଜିତାଇବେ ବୋଲି କହିଛନ୍ତି କଟକବାସୀ। ଏହି ଅବସରରେ ମନୋଜ ପଣ୍ଡା, ଶସାଙ୍କ ଶେଖର ଦାସ, ସଞ୍ଜିତ ଶୁକ୍ଳା, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ କ୍ଲବ ଗୁଡିକରେ ରବିବାର ମ୍ୟାଚ ଦେଖିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବଜାରରେ ପ୍ରୋଜେକ୍ଟର ପାଇଁ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି।

## ଭୁବନେଶ୍ୱରରେ ବଡ଼ ସ୍କ୍ରିନ୍‌ରେ ଫାଇନାଲର ମଜା

ଭାରତ-ଅଷ୍ଟ୍ରେଲିଆ ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲକୁ ନେଇ ସାରା ଦେଶରେ ଅହେତୁକ ଉତ୍ସାହ ସୃଷ୍ଟି ହୋଇଥିବାବେଳେ ଓଡ଼ିଶା ମଧ୍ୟ ପଛରେ ପଡ଼ିନାହିଁ। ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଶନିବାର ରାଜ୍ୟର ଅନେକ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିବା ସୂଚନା ମିଳିଛି। ମେଗା ଫାଇନାଲର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। 'ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା', ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀସ୍ଥିତ ୟୁପି ସ୍କୁଲ ପରିସର ଏବଂ ୟୁନିଟ-୯ସ୍ଥିତ ଭୁବନେଶ୍ୱର ଫ୍ରେଣ୍ଡ୍ସ କ୍ଲବ ପଡ଼ିଆରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା ରହିଛି।

# ଅଷ୍ଟ୍ରେଲିଆର ବଳ ଫାଷ୍ଟବୋଲର

**ଗୌତମ ଗମ୍ଭୀର**

କ୍ଳାନ୍ତହୀନ, ଅପରାଜେୟ ଏବଂ ଶିକାର ଲକ୍ଷ୍ୟରେ ଥିବା ସମ୍ପୂର୍ଣ୍ଣ ଭିନ୍ନ ଭାରତୀୟ ଦଳ ଅପେକ୍ଷାରେ ରହିଛି। ସହଜରେ କାର୍ଯ୍ୟ ସମ୍ପାଦନ ଦ୍ୱାରା ସେମାନେ ଅଟୋ ମୋଡ୍‌ରେ ଥିବାଭଳି ମନେହୋଇଥାନ୍ତି। ରୋହିତ ଶର୍ମାଙ୍କ ଶାନ୍ତ ଚିତ୍ତ ନେତୃତ୍ୱ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଫାଇନାଲ ମ୍ୟାଚରେ ତାଙ୍କ ଭୂମିକାକୁ ଦେଖିବା ଲାଗି ମୁଁ ଅପେକ୍ଷା କରି ରହିଛି। ଅଷ୍ଟ୍ରେଲିଆ ଏହାର ବିଜୟ ପଥ ଖୋଜି ପାଇଛି। ଡେଙ୍ଗା ଫାଷ୍ଟ ବୋଲରମାନେ ହେଉଛନ୍ତି ସେମାନଙ୍କର ସବୁଠାରୁ ବଡ଼ ବଳ। ଶୁଖିଲା ପିଚ୍‌ରେ ବଲ୍‌କୁ ବାଉନ୍ସ କରିବାର ସାମର୍ଥ୍ୟ ସେମାନଙ୍କ ପାଖରେ ରହିଛି। ଅହମଦାବାଦର ସ୍ଲୋ ଉଇକେଟରେ ସେମାନେ ଏକ୍ସଟ୍ରା ବାଉନ୍ସ କରି ବ୍ୟାଟରମାନଙ୍କୁ ଅଡୁଆରେ ପକାଇ ପାରନ୍ତି। ସେମାନଙ୍କର ମୁଖ୍ୟ ବୋଲର ହେଉଛନ୍ତି ଆଡାମ ଜାମ୍ପା। ଏପରିକି ଉଇକେଟରେ ଲାଇନ ଲେନ୍ଥ୍ ଆଣିବା ଲାଗି ତାଙ୍କୁ ହୁଏତ କିଛି ସମୟ ଲାଗିପାରେ। ଏଭଳି ପିଚ୍‌ଗୁଡ଼ିକରେ ବଲ୍‌ର ସ୍ପିଡ୍ ଗୁରୁତ୍ୱପୂର୍ଣ୍ଣ। ମୋ ଦୃଷ୍ଟିରେ ଅଷ୍ଟ୍ରେଲିଆ ଯଦି ନାଥନ ଲିଅନଙ୍କୁ ଖେଳାଏ ତେବେ ସେ ଓ ଜାମ୍ପା ଏବଂ ଡେଙ୍ଗା ଫାଷ୍ଟ ବୋଲରମାନଙ୍କୁ ନେଇ ଅଷ୍ଟ୍ରେଲିଆ ବୋଲିଂ ୟୁନିଟ ଅଧିକ ଶକ୍ତିଶାଳୀ ହେବ। ସେମାନଙ୍କୁ ସାମ୍ନା କରିବା କଠିନ ବ୍ୟାପାର ହେବ। ଗ୍ଲେନ ମାକ୍ସୱେଲ ଜଣେ ପାର୍ଟ ଟାଇମ୍ ଅଫ୍-ସ୍ପିନର। ସେ ଲିଅନଙ୍କ ଭଳି ବୋଲିଂ କରିପାରିବେ ନାହିଁ। କିନ୍ତୁ ଅଷ୍ଟ୍ରେଲୀୟ ଆଟାକ୍ ପାଇଁ ସେ ତଥାପି ଗୁରୁତ୍ୱପୂର୍ଣ୍ଣ। ଜୋସ୍ ହାଜେଲଉଡ୍‌ଙ୍କ ପ୍ରଥମ ସ୍ପେଲ୍‌କୁ ଭାରତୀୟ ଖେଳାଳି କିଭଳି ସାମ୍ନା କରୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ଗ୍ଲେନ ମ୍ୟାକ୍‌ଗ୍ରାଥ୍‌ଙ୍କ ଭଳି ସେ ଲକ୍ଷ୍ୟଭେଦୀ ବୋଲିଂ କରିପାରନ୍ତି। ସେ ଜଣେ ଉତ୍ତମ ବାଉନ୍ସର ବୋଲର। ଭାରତ ଏହାର ବ୍ୟାଟିଂ ସଫଳତା ଦୋହରାଇବ ବୋଲି ମୋର ଆଶା। ଏହା ଫାଇନାଲ ମ୍ୟାଚ ହୋଇପାରେ, ହେଲେ ପୂର୍ବଭଳି ପ୍ରଦର୍ଶନ ବଜାୟ ରଖିବା ଜରୁରୀ। ୨୦୦୩ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଦଳର ଖରାପ ପ୍ରଦର୍ଶନ ଏପର୍ଯ୍ୟନ୍ତ ମନରୁ ଲିଭି ନାହିଁ। ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମ୍ୟାଚର ପ୍ରଥମ ୧୫ ମିନିଟ ଖେଳରେ ମ୍ୟାଚ ହାତଛଡ଼ା କରିସାରିଥିଲା। ଏହାର ଯେପରି ପୁନରାବୃତ୍ତି ନ ଘଟେ କୋଚ୍ ରାହୁଲ ଦ୍ରାବିଡ ସେଥିପ୍ରତି ଯତ୍ନବାନ ଥିବେ। ବର୍ତ୍ତମାନ ପିଢ଼ିର ଖେଳାଳିମାନେ ଭିନ୍ନ ପରିବେଶରେ ଖେଳିଆସିଛନ୍ତି। ଜାକଜକମ, ହୋହଲ୍ଲା ସହ ଦର୍ଶକଭରା ଷ୍ଟାଡିୟମରେ ସେମାନେ ଆଇପିଏଲ୍ ଖେଳିଛନ୍ତି। ତେଣୁ ନିର୍ଭୟ ଖେଳ ଦେଖିବାକୁ ମିଳିବ ବୋଲି ଆଶା। ମ୍ୟାଚ ବିଜୟୀ କମ୍ବିନେଶନକୁ ଦୃଷ୍ଟିରେ ରଖି ଦଳ ମନୋନୟନ ବେଳେ ଟିମ୍ ମ୍ୟାନେଜମେଣ୍ଟ କଠୋର ହେବା ଆବଶ୍ୟକ। ଏହି ପର୍ଯ୍ୟାୟରେ ଟ୍ରଫି ହାସଲ କରିବାକୁ ହେଲେ କିଭଳି ଖେଳିବାକୁ ହୁଏ ତାହା କେବଳ ବିରାଟ କୋହଲି ଓ ଆର୍. ଅଶ୍ୱିନଙ୍କୁ ଜଣା। ୨୦୧୧ରେ ମୁନାଫା ପଟେଲଙ୍କ ଏକ ଉକ୍ତି ମୋର ମନେପଡୁଛି। ବିଶ୍ୱକପ୍ ଜିତିବା ଅର୍ଥ ଏକ ଫିକ୍ସଡ ଡିପୋଜିଟ୍ ସୃଷ୍ଟି କରିବା। ଆଗାମୀ ପିଢ଼ି ପାଇଁ ଏହା ପ୍ରେରଣାଦାୟକ ହୋଇ ରହିବ। ଖେଳାଳିମାନେ ଏଥିପ୍ରତି ସଚେତନ ଥିବେ ବୋଲି ମୁଁ ଦୃଢ ନିଶ୍ଚିତ।

**(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)**

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S ROYAL STAG
PACKAGED DRINKING WATER
#LargeHumaaraHai

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ୧୯ ନଭେମ୍ବର, ୨୦୨୩ | Bhubaneswar, Sunday, 19 November, 2023



କାତାର ବିପକ୍ଷ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ପୂର୍ବରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ଫୁଟବଲ ଏକାଡେମୀରେ ଶନିବାର ଭାରତୀୟ ଫୁଟବଲ ଦଳର ଅଭ୍ୟାସ।

**ସର୍ବଭାରତୀୟ କୁଚ୍‌ବିହାର ଟ୍ରଫି**

# ଦୃଢ଼ ସ୍ଥିତିରେ ଓଡ଼ିଶା

**ସମ୍ବଲପୁର, ୧୮।୧୧ (ବି.ଶଙ୍କର)**

ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ଓଡ଼ିଶା ବନାମ ପଣ୍ଡିଚେରୀ କ୍ରିକେଟ ମ୍ୟାଚରେ ଓଡ଼ିଶା ଦଳ ଦୃଢ଼ ସ୍ଥିତିରେ ରହିଛି। ଶନିବାର ଦ୍ୱିତୀୟ ଦିନ ଷ୍ଟମ୍ପ୍ ଅପସାରଣ ବେଳକୁ ଘରୋଇ ଓଡ଼ିଶା ଦଳ ୯୬ ଓଭରରେ ୫ ଉଇକେଟ ହରାଇ ୩୦୧ରନ କରିଛି। ଭ୍ରମଣକାରୀ ପଣ୍ଡିଚେରୀ ଦଳଠାରୁ ୭୬ରନ ଆଗରେ ରହିଛି। ଓଡ଼ିଶା ବ୍ୟାଟ୍ସମ୍ୟାନ ଆଶୀର୍ବାଦ ସ୍ୱାଇଁ ୧୮୧ ବଲର ସମ୍ମୁଖୀନ ହୋଇ ୧୦୫ ରନରେ ଅପରାଜିତ ରହିଛନ୍ତି। ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ ଶ୍ରେୟାଂଶ ଭରଦ୍ୱାଜ ୧୦୩ ବଲରେ ୬୨ ରନ ଓ ମହମ୍ମଦ ସୋହେଲ ଖାନ ୯୨ ବଲର ସମ୍ମୁଖୀନ ହୋଇ ୬୨ ରନ ସଂଗ୍ରହ କରିଛନ୍ତି। ଭ୍ରମଣକାରୀ ପଣ୍ଡିଚେରୀ ଦଳର ୫ଜଣ ବୋଲରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ବୋଲର ରାହୁଲ ରାଜୀବ ଯାଦବ ୧୯ ଓଭରରେ ୬୩ ରନ ଦେଇ ୧ଟି, ଏଲ୍‌ଭି ଅର୍ଜୁନ ୨୧ ଓଭରରେ ୫୯ ରନ ଦେଇ ୧ଟି, କେଜି ଶ୍ରୀଭରଶନ ୧୬ ଓଭରରେ ୩୭ରନ ଦେଇ ୧ଟି, କେ. ସାଇ ହରିରାମ ୧୩ ଓଭରରେ ୪୭ରନ ଦେଇ ୧ଟି, ଖୁସୱାନ୍ତ ସିଲୋରା ୧୧ ଓଭରରେ ୪୪ ରନ ଦେଇ ୧ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ଦଳର

- **ଷ୍ଟମ୍ପ୍ ଅପସାରଣ ବେଳକୁ ୫ ଉଇକେଟରେ ୩୦୧ ରନ**
- **ଆଶୀର୍ବାଦ ସ୍ୱାଇଁଙ୍କ ଅପରାଜିତ ଶତକ**

ସ୍କୋର ୩୩ ଥିବାବେଳେ ପ୍ରଥମ ଉଇକେଟର ପତନ ହୋଇଥିଲା। ସେହିପରି ୬୨ ରନରେ ଦ୍ୱିତୀୟ, ୮୪ ରନରେ ତୃତୀୟ, ୧୭୬ ରନରେ ଚତୁର୍ଥ ଓ ୨୯୩ ରନ ଥିବାବେଳେ ୫ମ ଉଇକେଟର ପତନ ହୋଇଥିଲା। ଅମ୍ପାୟାର କ୍ରିଷ୍ଣେନ୍ଦୁ ପାଲ ଓ ଅମିତ ରଣା ମ୍ୟାଚ ପରିଚାଳନା କରିଥିଲେ। ସିଡି ସୁନୀଲ ଓ ବୀରବର ନାୟକ ସ୍କୋରର ଥିଲେ। ଗଣେଶ କର ଓ ସାୱାନ ପାଢ଼ୀ ଭିଡିଓ ଆନାଲିଷ୍ଟ ଥିବାବେଳେ କର୍ନେଲ ସୀତାଂଶୁ ଚନ୍ଦ୍ର ଷଡଙ୍ଗୀ ମ୍ୟାଚ ରେଫରି ରହିଛନ୍ତି। ସୂଚନାଯୋଗ୍ୟ, ଟସ୍ ଜିଣି ଭ୍ରମଣକାରୀ ପଣ୍ଡିଚେରୀ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୮୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲା।





ଶତକ ହାସଲପରେ ଆଶୀର୍ବାଦ ସ୍ୱାଇଁ।

# ଗଞ୍ଜାମ ଚାମ୍ପିୟନ, କେନ୍ଦୁଝର ରନର୍‌ଅପ୍





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ଗଞ୍ଜାମ ଦଳର ଖେଳାଳି।

**କେନ୍ଦୁଝର, ୧୮।୧୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

**୨୮ତମ ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ**

ଜିଲା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ୨୮ ତମ ଜୁନିୟର ବାଳିକା ଚାମ୍ପିୟନଶିପ ଶନିବାର ଉଦ୍‌ଯାପିତ ହୋଇଛି। ଦୁଇ ଦିନିଆ ଏହି ଟୁର୍ନାମେଣ୍ଟରେ ୧୩ଟି ଜିଲା ଭାଗ ନେଇଥିଲେ। ଜଗତସିଂହପୁର, କେନ୍ଦୁଝର, ଗଞ୍ଜାମ ଓ ଯାଜପୁର ସେମି ଫାଇନାଲକୁ ଯାଇଥିଲେ। ପ୍ରଥମ ସେମିଫାଇନାଲରେ କେନ୍ଦୁଝର ୧୧-୭ ଗୋଲରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଅନ୍ୟ ସେମି ମୁକାବିଲାରେ ଗଞ୍ଜାମ ୧୭ – ୪ ଗୋଲରେ ଯାଜପୁରକୁ ପରାସ୍ତ କରିଥିଲା। ଫାଇନାଲରେ ଗଞ୍ଜାମ ୯-୬ ଗୋଲରେ କେନ୍ଦୁଝରକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ସମାରୋହରେ କେନ୍ଦୁଝରଗଡ଼ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସ୍ପୋର୍ଟ୍ସ ସାଇନସ ଇଣ୍ଡିଆର ପ୍ରତିଷ୍ଠାତା ଶାଶ୍ୱତ ପଟ୍ଟନାୟକ, ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ପିଏସ୍‌ପିବି ଇଣ୍ଟର ୟୁନିଟ୍ ଚେସ୍

**ଭୁବନେଶ୍ୱର, ୧୮।୧୧ (ବିଜୟ ରଣା)**

ସ୍ଥାନୀୟ 'ଲେମନ ଟ୍ରି ପ୍ରିମିୟର' ପରିସରରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ଦ୍ୱାରା ଆୟୋଜିତ ୩୩ତମ ପିଏସ୍‌ପିବି (ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ) ଇଣ୍ଟର ୟୁନିଟ୍ ଚେସ୍ ପ୍ରତିଯୋଗିତାର ୭ମ ରାଉଣ୍ଡ ଖେଳ ଶେଷ ହୋଇଛି। ପୁଲ୍-୧ରେ ଆଇଓସି (ଇଣ୍ଡିଆନ ଅଏଲ କର୍ପୋରେଶନ) 'ଏ' ଦଳ ୧୩ ପଏଣ୍ଟ ଏବଂ ପୁଲ୍-୨ ରେ ଓଏନ୍‌ଜିସି (ଅଏଲ ଆଣ୍ଡ୍ ନ୍ୟାଚୁରାଲ ଗ୍ୟାସ୍ କର୍ପୋରେଶନ) ସମାନ ୧୩ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଆଇଓସି 'ବି' ଦଳ ଏବଂ ବିପିସିଏଲ ଦଳ ପ୍ରତ୍ୟେକ ୧୧ ମ୍ୟାଚ ପଏଣ୍ଟ ସହ ଯଥାକ୍ରମେ ପୁଲ୍-୧ ଓ ପୁଲ୍-୨ରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପୁଲ୍-୧ରେ ଅଏଲ ଇଣ୍ଡିଆ 'ଏ' ଦଳ ୪-୦ରେ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍‌କୁ, ଇଣ୍ଡିଆନ ଅଏଲ୍ 'ବି' ଦଳ ୪-୦ରେ ଇନ୍ଦ୍ରପ୍ରସ୍ଥ ଗ୍ୟାସ ଲିମିଟେଡ୍ ଏବଂ ଇଣ୍ଡିଆନ ଅଏଲ କର୍ପୋରେଶନ 'ଏ' ଦଳ ୪-୦ ଗେମ୍‌ରେ ଏନ୍.ଆର୍. ଏଲ୍ ଦଳକୁ ପରାସ୍ତ କରିଥିଲା। ସେହିପରି ପୁଲ୍-୨ରେ ଭାରତ ପେଟ୍ରୋଲିୟମ ୪-୦ ଗେମ୍‌ରେ ହିନ୍ଦୁସ୍ଥାନ ପେଟ୍ରୋଲିଅମକୁ ଓଏନ୍‌ଜିସି ଦଳ ୪-୦ ଗେମ୍‌ରେ ପେଟ୍ରୋନେଟ୍ ଏଲ୍‌ଏନ୍‌ଜିକୁ ହରାଇ ଦେଇଛି। ଅନ୍ୟପକ୍ଷରେ ଏଚ୍‌ପିସିଏଲ୍ ମିତ୍ତଲ ଏନର୍ଜି ଦଳ ଓ ମାଙ୍ଗାଲୋର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର ରହିଥିଲା। ରାଉଣ୍ଡ ରବିନ ପଦ୍ଧତିର ଶେଷ ପର୍ଯ୍ୟାୟ ପରେ ରବିବାର ସେମିଫାଇନାଲ ଓ ଫାଇନାଲ ପର୍ଯ୍ୟାୟ ଅନୁଷ୍ଠିତ ହେବ।

# ଡୋପ୍ ଟେଷ୍ଟରେ ଧରାପଡ଼ିଲେ ପାରା ଆଥ୍‌ଲେଟ ନୀରଜ ଯାଦବ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ଭାରତୀୟ ପାରା ଆଥ୍‌ଲେଟ ନୀରଜ ଯାଦବ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ନିକଟରେ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସରେ ସେ ଜିତିଥିବା ଦୁଇ ସ୍ୱର୍ଣ୍ଣ ପଦକ ହରାଇ ପାରନ୍ତି। ମହାଦେଶୀୟ କ୍ରୀଡ଼ା ସମାରୋହର କିଛିଦିନ ତରଫରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା କରାଯାଇଥିବା ଏକ ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଛନ୍ତି। ହାଙ୍ଗ୍‌ଝୋ ଗସ୍ତ କରିବାର ୬ ଦିନ ପୂର୍ବରୁ ପ୍ରତିଯୋଗିତା ବାହାରେ ଡୋପ୍ ଟେଷ୍ଟ ହୋଇଥିଲା। ଖବର ଅନୁସାରେ ଯାଦବ ଆନାବୋଲିକ ଷ୍ଟେରଏଡ୍ ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ନାଡା ପ୍ୟାନେଲ ଦ୍ୱାରା ଯଦି ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଭାରତ ୨ ସ୍ୱର୍ଣ୍ଣ ପଦକ ହରାଇବ। ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଇଭେଣ୍ଟରେ ଏହି ପଦକ ଦୁଇଟି ଯାଦବ ଏଫ୍-୫୫ ଜାଭେଲିନ୍ ଏବଂ ଡିସ୍‌କସ୍ ଥ୍ରୋ ଇଭେଣ୍ଟରେ ଜିତିଥିଲେ। ପଦକ ଦୁଇଟି ହରାଇ ଲେ ଭାରତ ପଦକ ତାଲିକାରେ ୫ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଖସି ଆସିବ। ଅନ୍ୟପକ୍ଷରେ ୨୯ ସ୍ୱର୍ଣ୍ଣ, ୩୦ ରୌପ୍ୟ ଓ ୩୬ ବ୍ରୋଞ୍ଜ ଜିତିଥିବା ଇଣ୍ଡୋନେସିଆ ୫ମ ସ୍ଥାନ ଅକ୍ତିଆର କରିନେବ। ଭାରତ ୨୯ସ୍ୱର୍ଣ୍ଣ, ୩୧ରୌପ୍ୟ ଓ ୫୧ବ୍ରୋଞ୍ଜ ହାସଲ କରିଥିଲା। ଯାଦବ ଯଦି ଡୋପିଙ୍ଗରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୨୭କୁ ହ୍ରାସ ପାଇବ।

**ସର୍ବଭାରତୀୟ ବେସାମରିକ ହକି**

# ଓଡ଼ିଶା ସଚିବାଳୟ ବିଜୟୀ



ଓଡ଼ିଶା ସଚିବାଳୟ ମହିଳା ହକି ଦଳ।

**ଭୁବନେଶ୍ୱର, ୧୮।୧୧**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବାଭାରତୀୟ ବେସାମରିକ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ସଚିବାଳୟର ପୁରୁଷ ଓ ମହିଳା ଦଳ ବିଜୟୀ ହୋଇଛି। ପୁରୁଷ ଦଳ ୨-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଜନସନ୍ ବାର୍ଲା ଓ ପିଟର ସୋରେଙ୍ଗ ଓଡ଼ିଶା ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଓଡ଼ିଶା ସଚିବାଳୟ ମହିଳା ଦଳ ୩-୧ ଗୋଲରେ କେନ୍ଦ୍ରୀୟ ସଚିବାଳୟକୁ ପରାସ୍ତ କରିଛି। ମହିଳା ଦଳ ପକ୍ଷରୁ ଦୀପ୍ତି ଲାକ୍ରା ଦୁଇଟି ଗୋଲ ଦେଇଥିବା ବେଳେ ଖୁସବୁ କୁଜୁର ଗୋଟିଏ ଗୋଲ ଦେଇଥିଲେ। ପୁରୁଷ ହକି ଦଳର ପ୍ରଶିକ୍ଷକ ନିରଞ୍ଜନ ରଣା, ପ୍ରବନ୍ଧକ ମହେନ୍ଦ୍ର କୁମାର ସାହୁ ଓ ମହିଳା ହକି ଦଳର ପ୍ରଶିକ୍ଷକ ରବି ରୋଶନ ଲାକ୍ରା ଓ ପ୍ରବନ୍ଧକ ପ୍ରୀତି ଡୁଙ୍ଗଡୁଙ୍ଗ ଉଭୟ ଦଳର ମାର୍ଗଦର୍ଶନ କରିଥିଲେ।

## ହାଡ଼ିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ ୩ରୁ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ଆସନ୍ତା ଡିସେମ୍ବର ୩ରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ୧୫ଶ ହାଡ଼ିବନ୍ଧୁ-ସତ୍ୟବାଦୀ ସ୍ମାରକୀ ଟେନିସ ବଲ୍ କ୍ରିକେଟ ଟର୍ନାମେଣ୍ଟ। ପୁରୁଣା ଭୁବନେଶ୍ୱର ନିକଟ କପିଳପ୍ରସାଦର ସାକ୍ସ ଗ୍ରାଉଣ୍ଡରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ଆଗ୍ରହୀ ଦଳଗୁଡ଼ିକ ଆୟୋଜକ 'ସାକ୍ସ' କ୍ଲବ ସହ ଯୋଗାଯୋଗ କରିପାରିବେ।

# ପ୍ରଥମ ଦିବସରେ ଓଡ଼ିଶାକୁ ୧୪ ପଦକ

**ଜାତୀୟ ସବ୍‌ଜୁନିୟର କରାଟେ**

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା କରାଟେକାମାନେ ୧୪ଟି ପଦକ ହାସଲ କରଛନ୍ତି। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା କରାଟେକା ହେଲେ ଆକାଂକ୍ଷା ମହାନ୍ତି, ଲିପ୍ସି ସିଂ, ଶ୍ରେୟା କାନୁନ୍‌ଗୋ, ଈଶାନୀ ପଣ୍ଡା, ଓରଜା ସାମନ୍ତ ଓ ଆନନ୍ଦି ଭଞ୍ଜ। ସେହିପରି ଆନନ୍ଦି ପ୍ରିୟଦର୍ଶିନୀ ପଣ୍ଡା, ଦେବାନ୍ସି ପଟ୍ଟନାୟକ ଓ ତୃପ୍ତିରାଣୀ ମହାନ୍ତି ରୌପ୍ୟ ଜିତିଥିବାବେଳେ ବୈଷ୍ଣବୀ ବେହେରା, ଜିଜ୍ଞାସା ମହାନ୍ତି, ଆର୍ଯ୍ୟା ବଂଶିକା, ଦିବ୍ୟାଙ୍ଗନା ସାମନ୍ତ ଓ ସାନ୍‌ଭି ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରବିବାର ବାଳକ ବିଭାଗରେ ପ୍ରତିଯୋଗିତା ହେବ।



ପ୍ରଥମ ଦିବସରେ ପଦକ ବିଜୟୀ ଓଡ଼ିଶା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ